# ଧରିତ୍ରୀ
DHARITRI

ଭୁବନେଶ୍ୱର, ସୋମବାର, ଜୁଲାଇ ୪/୨୦୨୨ (୧୪ ପୃଷ୍ଠା) | Bhubaneswar, Monday, July 4/2022 | Page 14 | ₹ 7.00 | ★★★★

୪୮ଶ ଭାଗ ୨୧୯ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୭/-




**ନୂଆ ଜାତୀୟ୍ ରେକର୍ଡ କଲେ ପାରୁଲ**
ପାରୁଲ ଚୌଧାରୀ ମହିଳା ୩୦୦୦ ମିଟର ଇଭେଣ୍ଟରେ ନୂଆ ଜାତୀୟ୍ ରେକର୍ଡ କରିଛନ୍ତି। ୧୪

୧୨ **ଅନ୍‌ହାପି ମ୍ୟାରେଜ୍‌ର କାରଣ କରନ**
ଅନ୍‌ହାପି ମ୍ୟାରେଜ୍‌ର କାରଣ କରନ ଜୋହର ବୋଲି ଲୋକପ୍ରିୟ ଟକ୍ ଶୋ' 'କଫି ୱିଥ୍ କରନ'ରେ ଡେବ୍ୟୁ କରିଥିବା ନାୟିକା ସାମନ୍ତା ରୁଥ୍ ପ୍ରଭୁ କହିଛନ୍ତି।





ବିଜେବି କଲେଜ ଛାତ୍ରୀ ରୁଚିକା ମହାନ୍ତି ଆତ୍ମହତ୍ୟା ଘଟଣାରେ ସମ୍ପୃକ୍ତ ଅଭିଯୁକ୍ତଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବିରେ ଭୁବନେଶ୍ୱର ମାଷ୍ଟରକ୍ୟାଣ୍ଟିନ୍‌ଠାରେ ଏଆଇଏସ୍‌ଏଫ୍ ସଂଗଠନ ସଦସ୍ୟମାନେ 'ସେ ନୋ ଟୁ ର୍‍ୟାଗିଂ' ପ୍ଲାକାର୍ଡ ଧରି ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

# ର୍‍ୟାଗିଂ: ୩ୟ ସ୍ଥାନରେ ଓଡ଼ିଶା

**ଓଡ଼ିଶାର ଶିକ୍ଷାନୁଷ୍ଠାନଗୁଡ଼ିକ ର୍‍ୟାଗିଂ ମୁକ୍ତ ହୋଇପାରୁନାହିଁ। ସିନିୟରଙ୍କ ନିର୍ଯାତନାରେ ବହୁ ଛାତ୍ରୀଛାତ୍ରଙ୍କ କେବଳ ଭବିଷ୍ୟତ ନଷ୍ଟ ହେଉନି, ବରଂ ଅକାଳରେ ଜୀବନ ମଧ୍ୟ ଯାଉଛି। ର୍‍ୟାଗିଂ ରୋକିବା ନିମନ୍ତେ ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ (ୟୁଜିସି) ରେଗୁଲେଶନ ଏବଂ ସରକାରୀ ନିର୍ଦ୍ଦେଶନାମା ପାଳନ ପାଇଁ ଶିକ୍ଷାନୁଷ୍ଠାନଗୁଡ଼ିକରେ ଆନ୍ତରିକତା ନ ଥିବାରୁ ଜୁନିୟରଙ୍କ ପ୍ରତି ସିନିୟରଙ୍କ ନିର୍ଯାତନା ସୀମା ଟପୁଛି। ତେଣୁ ଗତ ୨ ବର୍ଷ ମଧ୍ୟରେ ଶିକ୍ଷାନୁଷ୍ଠାନ ର୍‍ୟାଗିଂ କ୍ଷେତ୍ରରେ ଓଡ଼ିଶା ଦେଶରେ ତୃତୀୟ ସ୍ଥାନରେ ରହିଛି। ୟୁଜିସିର ଆଣ୍ଟି-ର୍‍ୟାଗିଂ ହେଲ୍‌ପଲାଇନ ସୂତ୍ରରୁ ଏହା ଜଣାପଡ଼ିଛି।**

ଭୁବନେଶ୍ୱର, ୩।୭(ବ୍ୟୁରୋ)

ଦେଶରେ ଉଚ୍ଚ ଶିକ୍ଷାନୁଷ୍ଠାନ ବିଶେଷକରି ମେଡିକାଲ ଏବଂ ଇଞ୍ଜିନିୟରିଂ କଲେଜଗୁଡ଼ିକରେ ର୍‍ୟାଗିଂ ଘଟଣା ଅଧିକ। ୟୁଜିସି ଆଣ୍ଟି-ର୍‍ୟାଗିଂ ହେଲ୍‌ପଲାଇନ ଅନୁଯାୟୀ ଗତ ଦୁଇ ଶିକ୍ଷାବର୍ଷ ଅର୍ଥାତ୍ ୨୦୨୦-୨୧ ଏବଂ ୨୦୨୧-୨୨ରେ ଓଡ଼ିଶାର ଶିକ୍ଷାନୁଷ୍ଠାନଗୁଡ଼ିକରେ ମୋଟ ୬୦ଟି ର୍‍ୟାଗିଂ ଅଭିଯୋଗ ହୋଇଛି। ସେଥିମଧ୍ୟରୁ ୨୦୨୧-୨୨ରେ ୨୧ଟି ଘଟଣା ରହିଛି। ଏହି ଦୁଇ ବର୍ଷର ର୍‍ୟାଗିଂକୁ ନେଇ ଓଡ଼ିଶା ସାରା ଦେଶରେ ୩ୟ ସ୍ଥାନରେ ରହିଛି। ଏ କ୍ଷେତ୍ରରେ ଉତ୍ତରପ୍ରଦେଶ ଏବଂ ବିହାର ଯଥାକ୍ରମେ ପ୍ରଥମ ଓ ଦ୍ୱିତୀୟ ସ୍ଥାନରେ ରହିଛନ୍ତି। ଉତ୍ତରପ୍ରଦେଶରେ ସର୍ବାଧିକ ୧୪୧ ଏବଂ ବିହାରରେ ୬୮ ର୍‍ୟାଗିଂ ଅଭିଯୋଗ ହୋଇଛି। ଓଡ଼ିଶା ପଛକୁ ୪ର୍ଥ ସ୍ଥାନରେ ମଧ୍ୟପ୍ରଦେଶ ଥିବାବେଳେ ସେଠାରେ ୫୦ ଘଟଣା ଘଟିଛି।

ଓଡ଼ିଶାର ର୍‍ୟାଗିଂ କଥା ଦେଖିଲେ, ଭୁବନେଶ୍ୱର ବିଜେବି ସ୍ୱୟଂଶାସିତ ମହାବିଦ୍ୟାଳୟର କାରୁବାକୀ ଛାତ୍ରୀନିବାସ ଅନ୍ତେବାସୀ ରୁଚିକା ମହାନ୍ତି ୩ ସିନିୟର ଛାତ୍ରୀଙ୍କ ନିର୍ଯାତନାରେ ଅତିଷ୍ଠ ହୋଇ ଶନିବାର ଆତ୍ମହତ୍ୟା କରିଛନ୍ତି। ଏହାକୁ ନେଇ ରାଜ୍ୟର ବିଭିନ୍ନ ମହଲରେ କ୍ଷୋଭ ପ୍ରକାଶ ପାଇଛି। ନିକଟରେ ବଲାଙ୍ଗୀର ଭୀମଭୋଇ ମେଡିକାଲ କଲେଜର ଛାତ୍ର ନିଶାନ୍ତ କୁମାରଙ୍କ ମୃତ୍ୟୁ ର୍‍ୟାଗିଂ ଯୋଗୁ ଘଟିଥିବା ଅଭିଯୋଗ ହୋଇଥିଲା। ଏହାକୁ ନେଇ ଦେଶରେ ଚହଳ ସୃଷ୍ଟି ହେବା ସହ ଜାତୀୟ ମାନବାଧିକାର କମିଶନ ପକ୍ଷରୁ ତଦନ୍ତ କରାଯାଉଛି। ଏହି ଘଟଣା ସମସ୍ତଙ୍କ ମନରେ ସତେଜ ଥିବାବେଳେ ଶନିବାର ଆଉ ଏକ ର୍‍ୟାଗିଂଜନିତ ମୃତ୍ୟୁ ରାଜ୍ୟରେ ଆଲୋଡ଼ନ ସୃଷ୍ଟି କରିଛି। ୨୦୨୧-୨୨ରେ ୧୬ଜଣ ଛାତ୍ର ଏବଂ ୫ଜଣ ଛାତ୍ରୀଙ୍କ ଅଭିଯୋଗ ଆଧାରରେ ମୋଟ ୨୧ ମାମଲା ପଞ୍ଜୀକୃତ ହୋଇଥିବା ଜଣାପଡ଼ିଛି।

ସେଥିମଧ୍ୟରେ ବ୍ରହ୍ମପୁର ଏମ୍‌କେସିଜି ମେଡିକାଲ କଲେଜରେ ସର୍ବାଧିକ ୯ ର୍‍ୟାଗିଂ ଘଟଣା ଘଟିଥିବାବେଳେ ଢେଙ୍କାନାଳ ସରାଙ୍ଗସ୍ଥିତ ଇନ୍ଦିରା ଗାନ୍ଧୀ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜିରେ ୮ ଏବଂ ବୁର୍ଲା ବୀର ସୁରେନ୍ଦ୍ର ସାଏ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ ସାଇନ୍ସ ଆଣ୍ଡ ରିସର୍ଚ୍ଚରେ ୫ଟି ଘଟଣା ଘଟିଛି।

ର୍‍ୟାଗିଂ ନିୟନ୍ତ୍ରଣ ପାଇଁ ୨୦୦୯ରୁ ଉଚ୍ଚ ଶିକ୍ଷାନୁଷ୍ଠାନଗୁଡ଼ିକରେ ୟୁଜିସି ରେଗୁଲେଶନ କାର୍ଯ୍ୟକାରୀ ହୋଇଛି। ଏହା ସତ୍ତ୍ୱେ ରାଜ୍ୟରେ ର୍‍ୟାଗିଂ ଭୟ ହଟିପାରିନାହିଁ। ଫଳରେ ଓଡ଼ିଶା ଦେଶର ଟପ୍-୫ ରାଜ୍ୟ ମଧ୍ୟରେ ରହିଛି, ଯେଉଁଠି ଗତ ୧୩ ବର୍ଷ (୨୦୦୯ରୁ ୨୦୨୨)ରେ ୬୦୨ଟି ର୍‍ୟାଗିଂ ଘଟଣା ପଞ୍ଜୀକୃତ ହୋଇଛି। ଅଭିଯୋଗ ଅନୁଯାୟୀ ଆହୁରି ଅନେକ କ୍ୟାମ୍ପସ୍ ନିର୍ଯାତନା ଯେପରି କି ସେକ୍ସୁଆଲ ହାରାସମେଣ୍ଟ ଘଟଣା ଚାପି ହୋଇ ରହିଯାଉଛି। ଏପରି କି ବହୁ ଘଟଣାକୁ ପ୍ରଭାବଶାଳୀ ଶିକ୍ଷାନୁଷ୍ଠାନ କର୍ତ୍ତୃପକ୍ଷ ଚାପି ଦେବାରେ ସଫଳ ହେଉଛନ୍ତି।

ରାଜ୍ୟର ପ୍ରତ୍ୟେକ ଉଚ୍ଚ ଶିକ୍ଷାନୁଷ୍ଠାନରେ ୪/୫ ସଦସ୍ୟ ବିଶିଷ୍ଟ ଆଣ୍ଟି-ର୍‍ୟାଗିଂ ସେଲ୍ ରହିଛି। କେତେକ ଶିକ୍ଷାନୁଷ୍ଠାନରେ ଶିକ୍ଷକ ଏବଂ କର୍ମଚାରୀଙ୍କ ସଂଖ୍ୟାକୁ ଦୃଷ୍ଟିରେ ରଖି ଆଣ୍ଟି-ର୍‍ୟାଗିଂ ସେଲ୍‌ରେ ଅଧିକ ସଦସ୍ୟ ରହୁଛନ୍ତି। ସେମାନଙ୍କ କାର୍ଯ୍ୟ ହେଉଛି କ୍ୟାମ୍ପସରେ ୟୁଜିସି ରେଗୁଲେଶନ କାର୍ଯ୍ୟକାରୀ କରି ର୍‍ୟାଗିଂକୁ ରୋକିବା। ଶିକ୍ଷାନୁଷ୍ଠାନଗୁଡ଼ିକ ସିସିଟିଭି କ୍ୟାମେରା ଲଗାଇ ଛାତ୍ରୀଛାତ୍ରଙ୍କ ଉପରେ ନଜର ରଖିବେ ଏବଂ କ୍ୟାମ୍ପସର ପ୍ରମୁଖ ସ୍ଥାନଗୁଡ଼ିକରେ ଆଲାର୍ମ ବେଲ୍ ଲଗାଇବାକୁ ନିର୍ଦ୍ଦେଶ ରହିଛି। ସେହିପରି ନାମଲେଖାବେଳେ ଛାତ୍ରୀଛାତ୍ରଙ୍କଠାରୁ ର୍‍ୟାଗିଂରେ ସମ୍ପୃକ୍ତ ନ ହେବା ପାଇଁ ଅଣ୍ଡରଟେକିଂ ଲେଟର ଲୋଡ଼ାଯାଉଛି। କିନ୍ତୁ ଆଣ୍ଟି-ର୍‍ୟାଗିଂ ସେଲ୍‌ର ନିଷ୍କ୍ରିୟତା ଏବଂ କଲେଜ କର୍ତ୍ତୃପକ୍ଷଙ୍କ ଦାୟିତ୍ୱହୀନତାରୁ ସବୁ ବ୍ୟବସ୍ଥା ଫସର ଫାଟିଯାଉଛି।

## ସିବିଆଇ ତଦନ୍ତ ଦାବି
### ବିଜେବି ଛାତ୍ରୀ ରୁଚିକା ଆତ୍ମହତ୍ୟା ମାମଲା

- ତଦନ୍ତ ପାଇଁ ୪ ଜଣିଆ ଟିମ୍ ଗଠନ
- ବୟାନ ରେକର୍ଡ କରୁଛି ପୋଲିସ
- ସ୍ଥିତି ଅନୁଧ୍ୟାନ କଲେ ମହିଳା କମିଶନ

ଭୁବନେଶ୍ୱର,୩।୭(ବ୍ୟୁରୋ)

ରାଜ୍ୟର ପ୍ରମୁଖ ଶିକ୍ଷାନୁଷ୍ଠାନ ଭୁବନେଶ୍ୱର ବିଜେବି ସ୍ୱୟଂଶାସିତ ମହାବିଦ୍ୟାଳୟର କାରୁବାକୀ ଛାତ୍ରୀନିବାସ ଅନ୍ତେବାସୀ ରୁଚିକା ମହାନ୍ତି ସିନିୟର ଛାତ୍ରୀମାନଙ୍କ ର୍‍ୟାଗିଂ ସହି ନ ପାରି ଶନିବାର ଆତ୍ମହତ୍ୟା କରିବା ଘଟଣା ସମସ୍ତଙ୍କୁ ଦୋହଲାଇ ଦେଇଛି। ଆଇଏଏସ୍ ଅଫିସର ହେବାର ସ୍ୱପ୍ନ ଦେଖୁଥିବା ମେଧାବୀ ଛାତ୍ରୀ ରୁଚିକା ଯୁକ୍ତ୩ (ଇତିହାସ ସମ୍ମାନ) ପ୍ରଥମ ବର୍ଷ ଛାତ୍ରୀ। ତାଙ୍କ ଘର କଟକ ଜିଲା ଆଠଗଡ଼ ଅଞ୍ଚଳରେ। ସେ ଏଭଳି ଚରମ ନିଷ୍ପତ୍ତି ନେବା ଘଟଣାକୁ କେହି ସହଜରେ ଗ୍ରହଣ କରିପାରୁନାହାନ୍ତି। ରୁଚିକାଙ୍କ ପକେଟରୁ ଜବତ ସୁଇସାଇଡ୍ ନୋଟ୍‌ରେ ୩ଜଣ ସିନିୟର ନିର୍ଯାତନା ଦେଇଥିବା ଉଲ୍ଲେଖ ରହିଛି। ତେଣୁ ଉକ୍ତ ୩ ସିନିୟର୍ ଛାତ୍ରୀଙ୍କ ସହ ଘଟଣାରେ ସମ୍ପୃକ୍ତ ଥିବା ଅନ୍ୟମାନଙ୍କୁ ଉଚିତ ଦଣ୍ଡ ଦିଆଯାଉ ବୋଲି ଦାବି ହେଉଛି। ରୁଚିକାଙ୍କ ବାପା ଗଣେଶ୍ୱର ମହାନ୍ତି ☞ପୃଷ୍ଠା-୪


ରୁଚିକା ମହାନ୍ତି

## ଆଜିଠୁ ଓଜେଇଇ

ଭୁବନେଶ୍ୱର, ୩।୭(ବ୍ୟୁରୋ)

ଓଡ଼ିଶା ଯୁଗ୍ମ ପ୍ରବେଶିକା ପରୀକ୍ଷା (ଓଜେଇଇ) ସୋମବାରଠାରୁ ଆରମ୍ଭ ହେବ। ଆସନ୍ତା ୮ ତାରିଖ ପର୍ଯ୍ୟନ୍ତ ଦୈନିକ ତିନୋଟି ଶିଫ୍ଟରେ ଏହି ପରୀକ୍ଷା ଚାଲିବ। ପ୍ରଥମ ଶିଫ୍ଟ ପୂର୍ବାହ୍ନ ୯ଟାରୁ ୧୧ଟା, ଦ୍ୱିତୀୟ ଶିଫ୍ଟ ମଧ୍ୟାହ୍ନ ୧୨ଟା ୩୦ରୁ ଅପରାହ୍ନ ୨ଟା ୩୦ ଏବଂ ତୃତୀୟ ଶିଫ୍ଟ ପରୀକ୍ଷା ଅପରାହ୍ନ ୪ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। କାର୍ଯ୍ୟସୂଚୀ ଅନୁସାରେ, ୪ ତାରିଖରେ ପ୍ରଥମ, ଦ୍ୱିତୀୟ ଏବଂ ତୃତୀୟ ଶିଫ୍ଟରେ ଲାଟେରାଲ ଏଣ୍ଟ୍ରି (ଡିପ୍ଲୋମା) ଲାଗି ପ୍ରବେଶିକା ପରୀକ୍ଷା ହେବ। ସେହିପରି ୫ ତାରିଖରେ ପ୍ରଥମ ଏବଂ ଦ୍ୱିତୀୟ ଶିଫ୍ଟରେ ଏମ୍‌ସିଏ/ଏମ୍‌ଏସ୍‌ସି ଲାଗି ପରୀକ୍ଷା ହେବାକୁ ଥିବା ବେଳେ ତୃତୀୟ ଶିଫ୍ଟରେ ଏମ୍.ଟେକ୍ (୧୧ ବିଷୟ), ଏମ୍.ଆର୍କିଟେକ୍ଟ, ଏମ୍.ପ୍ଲାନ, ଏମ୍.ଫାର୍ମା, ବି.କ୍ୟାଟ୍ ପରୀକ୍ଷା ହେବ। ୬ତାରିଖରେ ପ୍ରଥମ ୨ଟି ଶିଫ୍ଟରେ ଏମ୍‌ବିଏ ଲାଗି ପ୍ରବେଶିକା ପରୀକ୍ଷା ହେବାକୁ ଥିବା ବେଳେ ତୃତୀୟ ଶିଫ୍ଟରେ ଲାଟେରାଲ ଏଣ୍ଟ୍ରି ଫାର୍ମା, ଲାଟେରାଲ ଏଣ୍ଟ୍ରି (ବିଏସ୍‌ସି) ବି. କ୍ୟାଟ୍ (ଫିଲ୍ମ ଏଡିଟିଂ) ଲାଗି ପ୍ରବେଶିକା ପରୀକ୍ଷା ଅନୁଷ୍ଠିତ ହେବ। ୭ ତାରିଖରେ କେବଳ ପ୍ରଥମ ଶିଫ୍ଟରେ ଇଣ୍ଟିଗ୍ରେଟେଡ୍ ଏମ୍‌ବିଏ ଏବଂ ଡିପ୍ଲୋମା ଲାଟେରାଲ ଏଣ୍ଟ୍ରି ପରୀକ୍ଷା ହେବାକୁ ଥିବାବେଳେ ୮ ତାରିଖରେ ୩ଟି ଯାକ ଶିଫ୍ଟରେ ବି.ଫାର୍ମା ଲାଗି ପ୍ରବେଶିକା ପରୀକ୍ଷା କରାଯିବ ବୋଲି ଓଜେଇଇ କାର୍ଯ୍ୟାଳୟ ପକ୍ଷରୁ ସୂଚନା ମିଳିଛି।

- ୮ ତାରିଖ ଯାଏ ଦୈନିକ ୩ ଶିଫ୍ଟରେ ହେବ ପରୀକ୍ଷା

**ଆଜିର ସମ୍ପାଦକୀୟ**
ଉତ୍ସାହର ପ୍ରତିଫଳନ

## ପ୍ରଥମ ପରୀକ୍ଷାରେ ସିନ୍ଦେ ପାସ୍

- ଭାଜପାର ରାହୁଲ ନରୱେକର ବାଚସ୍ପତି
- ଆଜି ନୂଆ ମୁଖ୍ୟମନ୍ତ୍ରୀଙ୍କ ଆସ୍ଥାଭୋଟ

ମୁମ୍ବାଇ,୩।୭

ମହାରାଷ୍ଟ୍ର ବିଧାନସଭାରେ ମୁଖ୍ୟମନ୍ତ୍ରୀ ଏକନାଥ ସିନ୍ଦେ ଆସ୍ଥାଭୋଟର ସମ୍ମୁଖୀନ ହେବାର ଦିନକ ପୂର୍ବରୁ ତାଙ୍କ ଶିବିରକୁ ବଡ଼ ସଫଳତା ମିଳିଛି। ସିନ୍ଦେ ଗୋଷ୍ଠୀ ସମର୍ଥିତ ଭାଜପା ପ୍ରାର୍ଥୀ ରାହୁଲ ନରୱେକର ରବିବାର ଗୁରୁତ୍ୱପୂର୍ଣ୍ଣ ବାଚସ୍ପତି ନିର୍ବାଚନରେ ବିଜୟୀ ହୋଇଛନ୍ତି। ଶିବସେନା ନେତୃତ୍ୱାଧୀନ ମହା ବିକାଶ ଅଘାଡ଼ି (ଏମ୍‌ଭିଏ)ର ରାଜନ ସାଲ୍‌ଭିଙ୍କୁ ପରାଜୟର ମୁହଁ ଦେଖିବାକୁ ମିଳିଛି। ମୁମ୍ବାଇର କୋଲାବା ନିର୍ବାଚନମଣ୍ଡଳୀରୁ ବିଧାନସଭାରେ ପ୍ରଥମ ଥର ପାଇଁ ପ୍ରତିନିଧିତ୍ୱର ସୁଯୋଗ ପାଇଥିବା ରାହୁଲଙ୍କୁ ୧୬୪ ଭୋଟ ମିଳିଥିବାବେଳେ ରାଜାପୁର ବିଧାୟକ ରାଜନ ୧୦୭ ଭୋଟରେ ସୀମିତ ରହିଛନ୍ତି। ୪୫ ବର୍ଷୀୟ ନରୱେକର ଦେଶର ସର୍ବକନିଷ୍ଠ ବାଚସ୍ପତି ବୋଲି ଉପମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡ଼୍‌ନବିସ ସୂଚନା ଦେଇଛନ୍ତି।

୨୦୨୧ ଫେବୃୟାରୀରେ କଂଗ୍ରେସ ବିଧାୟକ ନାନା ପାଟୋଲେଙ୍କୁ ଦଳର ମହାରାଷ୍ଟ୍ର ସଭାପତି ରୂପେ ନିଯୁକ୍ତ କରାଯିବା ପରେ ସେ ବାଚସ୍ପତି ପଦରୁ ଇସ୍ତଫା ଦେଇଥିଲେ। ପରବର୍ତ୍ତୀ ସମୟରେ ଜାତୀୟତାବାଦୀ କଂଗ୍ରେସ ପାର୍ଟି (ଏନ୍‌ସିପି) ବିଧାୟକ ନରହରି ଜିର୍‌ୱାଲଙ୍କୁ ଉପବାଚସ୍ପତି ନିର୍ବାଚିତ କରାଯାଇଥିଲା, ଯିଏକି କାର୍ଯ୍ୟକାରୀ ବାଚସ୍ପତି ରୂପେ ଦାୟିତ୍ୱ ତୁଲାଉଥିଲେ। ପ୍ରାୟ ଦୁଇ ସପ୍ତାହ ତଳେ ଶିବସେନା ନେତା ତଥା କ୍ୟାବିନେଟ ମନ୍ତ୍ରୀ ଏକନାଥ ସିନ୍ଦେ ନିଜ ସମର୍ଥକ ବିଧାୟକମାନଙ୍କୁ ନେଇ ବିଦ୍ରୋହ କରିଥିଲେ। ଗତ ବୁଧବାର ସୁପ୍ରିମକୋର୍ଟ ଉଦ୍ଧବଙ୍କୁ ବିଧାନସଭାରେ ☞ପୃଷ୍ଠା-୪


ଭାଜପା ବିଧାୟକ ରାହୁଲ ନରୱେକର ବାଚସ୍ପତି ଭାବେ ନିର୍ବାଚିତ ହେବା ପରେ ମୁଖ୍ୟମନ୍ତ୍ରୀ ଏବଂ ଉପମୁଖ୍ୟମନ୍ତ୍ରୀଙ୍କ ସହ ।

**ମହାରାଷ୍ଟ୍ର ବିଧାନସଭା**

| | |
|---|---|
| ମୋଟ ଆସନ ସଂଖ୍ୟା | ୨୮୮ |
| ଜଣେ ବିଧାୟକ ମୃତ୍ୟୁ ପରେ | ୨୮୭ |
| ମ୍ୟାଜିକ୍ ନମ୍ବର | ୧୪୪ |
| ରାହୁଲ ନରୱେକର (ସିନ୍ଦେ ଗୋଷ୍ଠୀ+ଭାଜପା) | ୧୬୪ |
| ରାଜନ ସାଲ୍‌ଭି(ଶିବସେନା ନେତୃତ୍ୱାଧୀନ ଏମ୍‌ଭିଏ) | ୧୦୭ |






## ବନ୍ୟପ୍ରାଣୀ ସୁରକ୍ଷା ପାଇଁ କର୍ମଚାରୀ ଅଭାବ

ଭୁବନେଶ୍ୱର, ୩।୭(ବ୍ୟୁରୋ)

- ରାଜ୍ୟରେ ୪୦୦ ଫରେଷ୍ଟର, ୧୭୦୦ ଗାର୍ଡ ପଦବୀ ଖାଲି
- ଘୋଷଣାରେ ସୀମିତ ସ୍ପେଶାଲ୍ ଷ୍ଟ୍ରାଇକିଂ ଫୋର୍ସ ଗଠନ
- ଆଠଗଡ଼ ହାତୀ କଙ୍କାଳ ଜବତ ଘଟଣାରେ ନାର୍କୋଟିକ୍ ଟେଷ୍ଟ ଦାବି

ରାଜ୍ୟରେ ଏବେ ବନ୍ୟପ୍ରାଣୀ ଅସୁରକ୍ଷିତ ହୋଇପଡ଼ିଛନ୍ତି। ପ୍ରତିଦିନ କେଉଁଠି ନା କେଉଁଠି ବନ୍ୟପ୍ରାଣୀଙ୍କୁ ଶିକାର ଖବର ହେଉ କିମ୍ବା ବନ୍ୟପ୍ରାଣୀ ଅଙ୍ଗପ୍ରତ୍ୟଙ୍ଗ ଚୋରା କାରବାର ଘଟଣା ନଜରକୁ ଆସୁଛି। ଏସବୁ ଦେଖିଲେ ବନ ବିଭାଗ ଜଙ୍ଗଲ ଓ ବଣ୍ୟପ୍ରାଣୀଙ୍କ ସୁରକ୍ଷା କ୍ଷେତ୍ରରେ ଗୁରୁତର ଅବହେଳା କରୁଥିବା ଜଣାପଡୁଛି। ଆବଶ୍ୟକ ସଂଖ୍ୟକ ଫିଲ୍ଡ ଷ୍ଟାଫ୍ ବା ଗାର୍ଡ ଏବଂ ଫରେଷ୍ଟରଙ୍କ ଅଭାବ ସାଙ୍ଗକୁ ପଦବୀ ପୂରଣ ପାଇଁ ବନ ବିଭାଗର ଉଦାସୀନତା ଅନେକାଂଶରେ ରାଜ୍ୟରେ ବନ୍ୟପ୍ରାଣୀ ଓ ଜଙ୍ଗଲ ସୁରକ୍ଷା କ୍ଷେତ୍ରରେ ଅନ୍ତରାୟ ସାଜିଛି।

ରାଜ୍ୟରେ ଅନେକ ଫରେଷ୍ଟର ଓ ଗାର୍ଡ ପଦବୀ ଖାଲି ପଡ଼ିବା, ୱାଚରଙ୍କୁ ଅଧିକାରୀଙ୍କ ଘରେ କାମ କରାଇବା ଯୋଗୁ ରାଜ୍ୟରେ ଜଙ୍ଗଲ ଓ ବନ୍ୟପ୍ରାଣୀ ସୁରକ୍ଷା କାର୍ଯ୍ୟ ପ୍ରଭାବିତ ହେଉଛି ବୋଲି ରାଜ୍ୟ ଅଣଗେଜେଟେଡ ବନ କର୍ମଚାରୀ ସଂଘ ସଭାପତି ଜଗବନ୍ଧୁ ପାତ୍ର ଅଭିଯୋଗ ଆଣିଛନ୍ତି। ସେ କହିଛନ୍ତି, ରାଜ୍ୟରେ ପ୍ରାୟ ୪୦୦ ଫରେଷ୍ଟର ଓ ୧୭୦୦ ଗାର୍ଡ ପଦବୀ ଖାଲିପଡ଼ିଛି। ଫଳରେ ସ୍ୱାଭାବିକ ଭାବେ କାର୍ଯ୍ୟ ସମ୍ପନ୍ନ ନେଇ ଗୁରୁତର ବାଧା ଉପୁଜୁଛି। କୌଣସି ଡିଭିଜନରେ ସ୍ୱତନ୍ତ୍ର ମୋବାଇଲ ସ୍କ୍ୱାଡ୍ ମଧ୍ୟ ନାହିଁ। ଏଭଳି ଅଭାବୀ ପରିସ୍ଥିତିରେ ମଧ୍ୟ ରେଲୱେ ଭିଜିଲାନ୍ସ, ଇଣ୍ଟର୍ନାଲ ଭିଜିଲାନ୍ସ ସ୍କ୍ୱାଡ୍‌କୁ ବନ କର୍ମଚାରୀଙ୍କୁ ଡେପୁଟେଶନରେ ପଠାଯାଉଛି। ସେହିଭଳି ବିଭାଗୀୟ ଉଚ୍ଚ ଅଧିକାରୀଙ୍କ ଘରେ ଗଜସାଥୀ ଓ ସୁରକ୍ଷା ୱାଚରଙ୍କ ମଧ୍ୟରୁ ଅର୍ଦ୍ଧାଧିକ କର୍ମଚାରୀଙ୍କୁ ରୋଷେଇ, ମାଳୀ, ଗେଟ୍‌କିପର ଆଦି କାମରେ ନିୟୋଜିତ କରାଯାଉଛି। ସେପଟେ କେଉଁ କର୍ମଚାରୀ ଆରାମ ☞ପୃଷ୍ଠା-୪


KISS
Kalinga Institute of Social Sciences
Deemed to be University
(Established U/S 3 of UGC Act, 1956), Bhubaneswar, Odisha, India

2nd Annual Convocation
Date : 4th July 2022 (Monday)

Convocation Address by
His Holiness Gyetrul Jigme Rinpoche
Master of Tibetan Buddhism and Spiritual Director of the Ripa International Center

Conferment of Honoris Causa Degrees on:
Dr. Rajiv Kumar – Chancellor, Gokhale Institute of Politics and Economics, Pune
Dr. Ricky G. Kej – Internationally Renowned Indian Music Composer and 2 Times Grammy Award Winner
Mr. Pavan Sukhdev – UNEP Goodwill Ambassador, Founder and CEO of GIST Advisory Switzerland SA
Mr. Erik Solheim – President, Green Belt and Road Institute

Mr. Satya S. Tripathi
Chancellor, KISS-DU
will preside over the ceremony

Venue: KISS Convention Centre, Campus - 6, Bhubaneswar
Watch live on Kalinga TV from 10.30 a.m. to 11.30 a.m.
Only University in the World Exclusively for Tribal Students

**ମଣିପୁର ଭୂସ୍ଖଳନ: ୩୭ରେ ପହଞ୍ଚିଲା ମୃତକଙ୍କ ସଂଖ୍ୟା**

ମଣିପୁର ନୋନି ଜିଲାରେ ଭୂସ୍ଖଳନ ଘଟଣାକୁ ରବିବାର ୫ ଦିନ ପରେ ବି ଉଦ୍ଧାର କାର୍ଯ୍ୟ ଜାରି ରହିଛି। ମୃତକଙ୍କ ସଂଖ୍ୟା ୩୭ରେ ପହଞ୍ଚିଛି। ମୋଟ ୨୫ ଜଣ ଏବେସୁଦ୍ଧା ନିଖୋଜ ଥିବା ଉଦ୍ଧାରକାରୀ ଦଳ ପକ୍ଷରୁ କୁହାଯାଇଛି। ଭୂସ୍ଖଳନରେ ୮୦ ନିଖୋଜ ଥିବାବେଳେ ୧୮ ଜଣଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରାଯାଇଥିଲା। ଭାରତୀୟ ସେନା, ଆସାମ ରାଇଫଲ୍ସ, ଏନ୍‌ଡିଆର୍‌ଏଫ୍,ଏସ୍‌ଡିଆର୍‌ଏଫର ଉଦ୍ଧାରକାରୀ ଦଳ ସାଙ୍ଗକୁ ରେସ୍କ୍ୟୁ ଡଗ୍‌ର ଏକ ସ୍ୱତନ୍ତ୍ର ଟିମ୍ ମଧ ଅପରେଶନ୍‌ରେ ସାମିଲ ଅଛିନ୍ତି।

## ସଂକ୍ଷେପରେ

### ୟୁପିରେ ଯୁବକଙ୍କ ପାଟିଚିରି ହତ୍ୟା

**ଲକ୍ଷ୍ନୌ ୩।୭:** ଉତ୍ତର ପ୍ରଦେଶର ଅଯୋଧାରେ ଏକ ବୀଭତ୍ସ ହତ୍ୟା ଘଟଣା ସାମ୍ନାକୁ ଆସିଛି। ୩୫ ବର୍ଷୀୟ ପଙ୍କଜ ଶୁକ୍ଳା ଏକ ମନ୍ଦିରରେ ଶୋଇଥିବାବେଳେ ସମ୍ପର୍କୀୟ ଭାଇ ଗୁଲୁ ମିଶ୍ରା ତାଙ୍କ ପାଟି ଚିରି ହତ୍ୟା କରିଥିବା ସ୍ଥାନୀୟ ପୋଲିସ କହିଛି। ପଙ୍କଜ ତାଙ୍କ ଅଜାଘର ଗାଁକୁ ବୁଲିବା ପାଇଁ ଆସିଥିଲେ। ଦୁଇମାସ ଧରି ପଙ୍କଜ ସେଠାରେ ରହୁଥିବାବେଳେ କୌଣସି କାରଣରୁ ଗୁଲୁ ଓ ତାଙ୍କ ମଧରେ ଝଗଡ଼ା ହୋଇଥିଲା, ଯାହାକୁ କେନ୍ଦ୍ର କରି ଏହି ହତ୍ୟାକାଣ୍ଡ ହୋଇଥିବା ଥାନା ଅଧିକାରୀ ସତ୍ୟେନ୍ଦ୍ର ଭୂଷଣ ତିୱାରୀ କହିଛନ୍ତି। ରବିବାର ସକାଳେ ମନ୍ଦିରରେ ମୃତଦେହ ପଡ଼ିଥିବା ଦେଖି ସ୍ଥାନୀୟଲୋକେ ପୋଲିସକୁ ସୂଚନା ଦେଇଥିଲେ। ତେବେ ହତ୍ୟାକାରୀ ଗୁଲୁଙ୍କୁ ପୋଲିସ ଗିରଫ କରି ନେଇଛି।

### ଗୋଧ୍ରା ଟ୍ରେନ୍ ପୋଡ଼ି: ମୁଖ୍ୟ ଅଭିଯୁକ୍ତଙ୍କୁ ଆଜୀବନ ଜେଲ

**ଗାନ୍ଧୀନଗର, ୩।୭:** ଗୋଧ୍ରା ଟ୍ରେନ୍‌ପୋଡ଼ି ଘଟଣାର ମୁଖ୍ୟ ଅଭିଯୁକ୍ତ ରଫିକ ହୁସେନ୍ ଭାତୁକଙ୍କୁ ଗୁଜରାଟ ଆଡିସନାଲ ସେସନ୍ସ କୋର୍ଟ ଆଜୀବନ ଜେଲ ଦଣ୍ଡାଦେଶ ଶୁଣାଇଛନ୍ତି। ୨୦୨୧ରେ ରଫିକଙ୍କୁ ଗିରଫ କରାଯାଇଥିଲା। ୨୦୦୨ ଫେବୃୟାରୀ ୨୭ରେ ଅଯୋଧାରୁ ଆସୁଥିବା ଏକ ଟ୍ରେନ୍‌ରେ ଲଘୁ ସମ୍ପ୍ରଦାୟର କିଛି ଲୋକ ନିଆଁ ଲଗାଇଥିଲେ । ଦୁର୍ଘଟଣାରେ ୫୯ କାରସେବକ ଜଳିଯାଇଥିଲେ। ଏ ନେଇ ଗୁଜରାଟରେ ବଡ଼ ଧରଣର ସାମ୍ପ୍ରଦାୟିକ ଦଙ୍ଗା ହୋଇଥିଲା। ବର୍ତ୍ତମାନ ସୁଦ୍ଧା ଏ ଘଟଣାରେ ୩୫ ଜଣ ଦୋଷୀ ସାବ୍ୟସ୍ତ ହୋଇସାରିଛନ୍ତି।


ରଫିକ ହୁସେନ୍ ଭାତୁକ

### ନେପାଳକୁ ୭୫ ଆମ୍ବୁଲାନ୍ସ, ୧୭ ସ୍କୁଲ ବସ୍ ଉପହାର

**ନୂଆଦିଲ୍ଲୀ,୩।୭:** ଭାରତ ସରକାରଙ୍କ ପକ୍ଷରୁ ୭୫ଟି ଆମ୍ବୁଲାନ୍ସ ଏବଂ ୧୭ଟି ସ୍କୁଲ ବସ୍ ପଡ଼ୋଶୀ ଦେଶ ନେପାଳକୁ ଉପହାର ସ୍ୱରୂପ ପ୍ରଦାନ କରାଯାଇଛି। ନେପାଳରେ ନବନିଯୁକ୍ତ ଭାରତର ରାଷ୍ଟ୍ରଦୂତ ନବୀନ ଶ୍ରୀବାସ୍ତବ ରବିବାର ଆମ୍ବୁଲାନ୍ସ ଏବଂ ବସ୍‌ର ଚାବି ନେପାଳର ଶିକ୍ଷାମନ୍ତ୍ରୀ ଦେବେନ୍ଦ୍ର ପଉଦେଲଙ୍କୁ ହସ୍ତାନ୍ତର କରିଛନ୍ତି। ଭାରତ ପକ୍ଷରୁ ଦିଆଯାଇଥିବା ଉପହାର ନେପାଳର ଶିକ୍ଷା ଓ ସ୍ୱାସ୍ଥ୍ୟ କ୍ଷେତ୍ରରେ ସହଯୋଗ କରିବ। ଭାରତ ନିଜର ୭୫ତମ ସ୍ୱାଧୀନତା ଦିବସ ପାଳନ ଅବସରରେ ଏହି ଉପହାର ପ୍ରଦାନ କରିଥିବା ନେପାଳରେ ଥିବା ଭାରତୀୟ ଦୂତାବାସ ପକ୍ଷରୁ କୁହାଯାଇଛି। ତେବେ ଏହି ଉପହାର ଦୁଇ ରାଷ୍ଟ୍ରର ସମ୍ପର୍କକୁ ମଜଭୁତ କରିବ ବୋଲି ନବୀନ କହିଛନ୍ତି। ଗତବର୍ଷ କରୋନା ମହାମାରୀ ସମୟରେ ଭାରତ ନେପାଳକୁ ୩୯ ଆମ୍ବୁଲାନ୍ସ ସାଙ୍ଗକୁ ଭେଣ୍ଟିଲେଟର ସହଯୋଗ କରିଥିଲା ଭାରତ।




# ଜୁଲିଆନ୍ ଆସେଞ୍ଜଙ୍କୁ ମୁକ୍ତ କର



ଅଷ୍ଟ୍ରେଲିଆ ଜନ୍ମିତ ୱିକିଲିକ୍ସ ପ୍ରତିଷ୍ଠାତା ଜୁଲିଆନ୍ ଆସେଞ୍ଜ ରବିବାର ୫୦ ବର୍ଷରେ ପଦାର୍ପଣ କରିଛନ୍ତି। ଏହି ଅବସରରେ ଲଣ୍ଡନରେ ଆସେଞ୍ଜଙ୍କ ଜନ୍ମଦିନ ପାଳନ ବେଳେ ସମର୍ଥକମାନେ ଏକ ବସ୍‌ରେ ବିକ୍ଷୋଭ କରି ତାଙ୍କ ମୁକ୍ତି ଦାବି କରିଛନ୍ତି। ବ୍ରିଟେନ୍ ପକ୍ଷରୁ ଆମେରିକାକୁ ପ୍ରତ୍ୟର୍ପଣ କରା ନ ଯାଉ ବୋଲି ଆସେଞ୍ଜଙ୍କ ଲିଗାଲ୍ ଟିମ୍ ଲଣ୍ଡନ ହାଇକୋର୍ଟଙ୍କୁ ନିବେଦନ କରିଛନ୍ତି। ଗୁପ୍ତଚରଗିରି ଓ ଆମେରିକା ସେନାର ଗୁପ୍ତ ଦସ୍ତାବିଜ ପ୍ରଘଟ ଭଳି ସଙ୍ଗିନ ମାମଲାର ଅଭିଯୁକ୍ତ ଆସେଞ୍ଜଙ୍କ ପ୍ରତ୍ୟର୍ପଣକୁ ଗତମାସରେ ବ୍ରିଟେନ୍ ଗୃହ ସଚିବ ପ୍ରୀତି ପଟେଲ ମଞ୍ଜୁରୀ ଦେଇଥିଲେ।

# ଲଷ୍କର ଆତଙ୍କବାଦୀ ଭାଜପା କର୍ମୀ

**ଶ୍ରୀନଗର,୩।୭**

ଜମ୍ମୁ-କଶ୍ମୀରର ରେଆସି ଅଞ୍ଚଳରେ ଧରାପଡ଼ିଥିବା ଜଣେ ଆତଙ୍କବାଦୀ ଭାଜପାର ଆଇଟି ସେଲ୍ ମୁଖ୍ୟ ଥିଲେ ବୋଲି ଜଣାପଡ଼ିଛି। ଅଲିବ୍ ହୁସେନ୍ ଶାହଙ୍କୁ ଗ୍ରାମବାସୀ ରବିବାର ସକାଳେ କାବୁ କରିଥିଲେ। ଅନ୍‌ଲାଇନ୍ ସଦସ୍ୟତା ପ୍ରଦାନ ବେଳେ ସମ୍ପୃକ୍ତ ବ୍ୟକ୍ତିଙ୍କ ପୃଷ୍ଠଭୂମି ଯାଞ୍ଚ କରାଯାଇ ନ ଥିବାରୁ ଏପରି ହୋଇଥିବା ଭାଜପା ପକ୍ଷରୁ କୁହାଯାଇଛି।

ଅଲିବ୍ ହୁସେନ୍ ଶାହ ହେଉଛନ୍ତି ପାକିସ୍ତାନୀ ଆତଙ୍କବାଦୀ ସଙ୍ଗଠନ ଲଷ୍କର-ଇ-ତୋଇବା (ଏଲ୍‌ଇଟି)ର ଜଣେ ସକ୍ରିୟ ସଦସ୍ୟ। ଏହି ୱାଣ୍ଟେଡ୍ ଆତଙ୍କବାଦୀ ଜଣକ ଭାଜପାର ମଧ ସକ୍ରିୟ ସଦସ୍ୟ। ଭାଜପା ତାଙ୍କୁ ଜମ୍ମୁ ଅଞ୍ଚଳର ଦଳୀୟ ସଂଖ୍ୟାଲଘୁ ମୋର୍ଚ୍ଚା ସୋସିଆଲ ମିଡିଆ ଇନ୍‌ଚାର୍ଜ କରିଥିଲା। ତଲିବ ହୁସେନ ଓ ତାଙ୍କର ଜଣେ ସହଯୋଗୀଙ୍କୁ ରେଆସି ଅଞ୍ଚଳରେ ଗ୍ରାମବାସୀ ଧରିଛନ୍ତି। ଉଭୟଙ୍କଠାରୁ ଦୁଇଟି ଏକେ ରାଇଫଲ, ଅନେକ ଗ୍ରେନେଡ୍ ଓ ଅନ୍ୟ ଅସ୍ତ୍ରଶସ୍ତ୍ର ଜବତ କରାଯାଇଛି। ସ୍ଥାନୀୟ ଲୋକେ ଦୁହିଁଙ୍କୁ କାବୁ କରିବା ପରେ ପୋଲିସ ଜିମା ଦେଇଛନ୍ତି। ଏନେଇ ଭାଜପା ମୁଖପାତ୍ର ଆର୍‌ଏସ୍ ପଠାନିଆ କହିଛନ୍ତି, ଏହି ଗିରଫଦାରି ସହ ଏକ ନୂଆ ପ୍ରସଙ୍ଗ ସାମ୍ନାକୁ ଆସିଛି। ଭାଜପାରେ ସାମିଲ ହୋଇ ସାଙ୍ଗଠନିକ ସ୍ଥିତି ଓ ନେତାମାନଙ୍କ ସମ୍ପର୍କରେ ଜାଣିବା ପାଇଁ ଏହା ଏକ ନୂଆ ନମୁନା। ଏପରି କି ଭାଜପାର ଶୀର୍ଷ ନେତାମାନଙ୍କୁ ହତ୍ୟା କରିବା ପାଇଁ ମଧ ଆତଙ୍କବାଦୀ ଅଲିବ୍ ଷଡ଼ଯନ୍ତ୍ର କରିଥିବା ପୋଲିସ ଜାଣିବାକୁ ପାଇଛି। ସୀମା ସେପଟୁ କଶ୍ମୀରକୁ ଆସି ଆତଙ୍କବାଦ ବିସ୍ତାର କରିବାକୁ ଚାହୁଁଥିବା ଲୋକେ ଜଗିବସିଛନ୍ତି। ବର୍ତ୍ତମାନ ଅନ୍‌ଲାଇନ୍ ଜରିଆରେ ଯେକେହି ବି ଭାଜପା ସଦସ୍ୟ ହୋଇପାରୁଛନ୍ତି। ସଦସ୍ୟତା ପ୍ରଦାନ ପୂର୍ବରୁ ଲୋକଙ୍କ ଆପରାଧିକ ପୃଷ୍ଠଭୂମି ଯାଞ୍ଚ କରିବା ପାଇଁ ବ୍ୟବସ୍ଥା ନ ରହିବା ଅତ୍ୟନ୍ତ ତ୍ରୁଟିପୂର୍ଣ୍ଣ ବୋଲି ପଠାନିଆ କହିଛନ୍ତି।

ପ୍ରକାଶ ଯେ, ରାଜୌରି ଜିଲା ଦ୍ରାଜ୍ କୋଟ୍ରାନ୍‌କା ନିବାସୀ ଅଲିବ୍ ହୁସେନ୍ ଶାହଙ୍କୁ ଗତ ମେ' ୯ରେ ଜମ୍ମୁ-କଶ୍ମୀର ଭାଜପା ସଂଖ୍ୟାଲଘୁ ମୋର୍ଚ୍ଚା ପକ୍ଷରୁ ଜମ୍ମୁର ଆଇଟି ଏବଂ ସୋସିଆଲ ମିଡିଆ ମୁଖ୍ୟ ଭାବେ ନିଯୁକ୍ତି ଦିଆଯାଇଥିଲା। ଜମ୍ମୁ-କଶ୍ମୀର ଭାଜପା ସଭାପତି ରବୀନ୍ଦ୍ର ରୈନାଙ୍କ ସମେତ ଦଳର ଅନେକ ବରିଷ୍ଠ ନେତାଙ୍କ ସହ ଅଲିବ୍‌ଙ୍କ ଫଟୋ ରହିଛି। ଉପରାଜ୍ୟପାଳ ମନୋଜ ସିହ୍ନା ତାଙ୍କୁ ଧରିଥିବା ଗ୍ରାମବାସୀଙ୍କ ସାହସକୁ ପ୍ରଶଂସା କରିବା ସହ ୫ ଲକ୍ଷ ଟଙ୍କା ପୁରସ୍କାର ଦେଇଛନ୍ତି। ପୋଲିସ ସୂତ୍ରରୁ ଜଣାପଡ଼ିଛି ଯେ, ରାଜୌରି ଜିଲାରେ ଘଟିଥିବା ଦୁଇଟି ବିସ୍ଫୋରଣ ଓ ଜଣେ ନାଗରିକଙ୍କ ହତ୍ୟାରେ ସମ୍ପୃକ୍ତିକୁ ନେଇ ଅଲିବ୍ ମାସେ ହେଲା ପୋଲିସ ରାଡାରରେ ଥିଲେ।



ଆତଙ୍କବାଦୀ ଅଲିବ୍ ହୁସେନ୍ ଶାହ ଓ ତାଙ୍କ ସହଯୋଗୀ। ଆତଙ୍କବାଦୀଙ୍କଠାରୁ ଜବତ ଅସ୍ତ୍ରଶସ୍ତ୍ର।

- ଅଲିବ୍ ହୁସେନ ଶାହ ବିସ୍ଫୋରଣ, ହତ୍ୟା ଅଭିଯୁକ୍ତ
- ଟାର୍ଗେଟରେ ଥିଲେ ଅନେକ ଭାଜପା ନେତା
- ଗାଁ ଲୋକେ କାବୁ କରି ପୋଲିସ ଜିମା ଦେଲେ
- ଗ୍ରାମବାସୀଙ୍କୁ ୫ ଲକ୍ଷ ଟଙ୍କା ପୁରସ୍କାର ଦେଲେ ରାଜ୍ୟପାଳ

## ଉଦୟପୁର ହତ୍ୟା ଅଭିଯୁକ୍ତଙ୍କ ପାକ୍ ଲିଙ୍କ୍ ନେଇ ଅନୁଧାନ କରାଯିବ

**ନୂଆଦିଲ୍ଲୀ,୩।୭**

ରାଜସ୍ଥାନର ଉଦୟପୁରରେ ଟେଲର କହ୍ନେୟା ଲାଲ ତେଲିଙ୍କ ହତ୍ୟା ଅଭିଯୁକ୍ତମାନଙ୍କ ପାକିସ୍ତାନ ଲିଙ୍କ୍‌କୁ ନେଇ ତଦନ୍ତ କରାଯିବ ବୋଲି ରବିବାର ଜଣେ ବରିଷ୍ଠ ଅଧିକାରୀ ସୂଚନା ଦେଇଛନ୍ତି। ଭାଜପାର ପୂର୍ବତନ ମୁଖପାତ୍ର ନୂପୁର ଶର୍ମାଙ୍କୁ ସମର୍ଥନ କରିବାରୁ ଧାନମଣ୍ଡି ଅଞ୍ଚଳରେ ଗତ ୨୮ ତାରିଖ ଅପରାହ୍ନରେ କହ୍ନେୟାଙ୍କୁ ତାଙ୍କ ଦରଜି ଦୋକାନରେ ତଣ୍ଟି କାଟି ହତ୍ୟା କରାଯାଇଥିଲା। ଗୋସ୍ ମହମ୍ମଦ ଏବଂ ରିୟାଜଙ୍କ ସମେତ ୪ ଅଭିଯୁକ୍ତଙ୍କୁ ଏନେଇ ଗିରଫ କରାଯାଇଛି। ସେମାନଙ୍କ ମଧରୁ ଜଣଙ୍କ ସମ୍ପର୍କ ପାକିସ୍ତାନର ଆତଙ୍କବାଦୀ ସଙ୍ଗଠନ ଦାୱତ୍-ଇ-ଇସ୍‌ଲାମି ସହିତ ରହିଥିବା ପୋଲିସ ଓ ତଦନ୍ତକାରୀ ସଂସ୍ଥାଗୁଡ଼ିକ ଜାଣିବାକୁ ପାଇଛନ୍ତି। ତେଣୁ ଅଭିଯୁକ୍ତମାନଙ୍କ ଫୋନ୍‌ର ଇଣ୍ଟରନେଟ୍ ପ୍ରଟୋକଲ ଡିଟେଲ ରେକର୍ଡ (ଆଇପିଡିଆର୍) ଯାଞ୍ଚ କରାଯିବ ବୋଲି ଅଧିକାରୀ ଜଣକ ସୂଚନା ଦେଇଛନ୍ତ।


ଗିରଫ ୨ ଅଭିଯୁକ୍ତ।

## ମୃତକ, ଅଭିଯୁକ୍ତ ସମାନ ହ୍ୱାଟ୍ସଆପ୍ ଗ୍ରୁପ୍‌ରେ ଥିଲେ

**ଅମରାବତୀ ହତ୍ୟାକାଣ୍ଡ**

**ମୁମ୍ବାଇ,୩।୭**

ରାଜସ୍ଥାନର ଉଦୟପୁର ଶୈଳୀରେ ମହାରାଷ୍ଟ୍ରର ଅମରାବତୀରେ ଔଷଧ ଦୋକାନୀ ଉମେଶ କୋହ୍ଲେଙ୍କୁ ଗତ ୨୧ତାରିଖରେ ଛୁରି ଭୁସି ହତ୍ୟା କରାଯିବା ଘଟଣାରେ ନୂଆ ତଥ୍ୟ ଆସିଛି। ଗିରଫ ହୋଇଥିବା ହତ୍ୟା ଅଭିଯୁକ୍ତ ୟୁସୁଫ୍ ଖାନ୍ ମୃତ ଉମେଶଙ୍କ ଜଣେ ଭଲ ବନ୍ଧୁ ଥିଲେ। ଉଭୟେ ପରସ୍ପରକୁ ୨୦୦୬ ମସିହାରୁ ଜାଣିଥିଲେ। ଏପରି କି ଉମେଶ ତାଙ୍କୁ ଅନେକ ସମୟରେ ଆର୍ଥିକ ସହଯୋଗ ମଧ କରିଥିଲେ। ଫେରାର ଥିବା ମୁଖ୍ୟ ଅଭିଯୁକ୍ତ ଇରଫାନ୍ ଖାନ୍‌ଙ୍କୁ ଶନିବାର ନାଗପୁରରୁ ଗିରଫ କରାଯାଇଛି। ପୋଲିସ ଜେରା ବେଳେ ଜାଣିବାକୁ ପାଇଛି ଯେ, ଅମରାବତୀ ନିବାସୀ ଶାହରୁଖ୍ ପଠାନ୍ (୨୫), ଅବ୍‌ଦୁଲ୍ ଥୋଉଫିକ୍ (୨୪), ସୋହେବ୍ ଖାନ୍ (୨୨), ଆତିବ୍ ରସିଦ୍ (୨୨) ଦିନ ମଜୁରିଆ ଭାବେ କାମ କରୁଥିବାବେଳେ ମୁଦାସିର ଅହମ୍ମଦ (୨୨) ଜଣେ ମୌଲାନା। ୟୁସୁଫ୍ ଖାନ୍ (୪୪) ଜଣେ ପ୍ରାଣୀ ଚିକିତ୍ସକ। ଅମରାବତୀରେ ତାଙ୍କର ଏକ କ୍ଲିନିକ୍ ରହିଛି। ଉମେଶଙ୍କୁ ହତ୍ୟା ପାଇଁ ଇରଫାନ ଷଡ଼ଯନ୍ତ୍ର ରଚିବା ସହ ଏହି ଅଭିଯୁକ୍ତମାନଙ୍କୁ ଏଥିରେ ସାମିଲ କରିଥିଲେ। ହତ୍ୟା ପାଇଁ ଟଙ୍କା ଦେବା ଓ କାଣ୍ଡ ଭିଆଇବା ପରେ କାର୍‌ରେ ସୁରକ୍ଷିତ ଭାବେ ଅନ୍ୟତ୍ର ନେଇଯିବେ ବୋଲି ସେମାନଙ୍କୁ ପ୍ରତିଶ୍ରୁତି ଦେଇଥିଲେ। ଅଭିଯୁକ୍ତମାନଙ୍କ ମଧରୁ କାହାରି ଆପରାଧିକ ପୃଷ୍ଠଭୂମି ନ ଥିଲା। ଉମେଶଙ୍କ ଔଷଧ ଦୋକାନରେ ୟୁସୁଫ୍ କାମ କରୁଥିଲେ। ଉଭୟେ ଗୋଟିଏ ହ୍ୱାଟ୍ସଆପ୍ ଗ୍ରୁପ୍‌ରେ ଥିଲେ। ଭାଜପାର ନିଲମ୍ବିତ ମୁଖପାତ୍ର ନୂପୁର ଶର୍ମାଙ୍କ ସମର୍ଥନରେ ଏକ ପୋଷ୍ଟକୁ ଉମେଶ ଉକ୍ତ ଗ୍ରୁପ୍‌ରେ ଶେୟାର କରିଥିଲେ। ୟୁସୁଫ୍ ଏଥିରେ କ୍ଷୁବ୍ଧ ହୋଇ ତାଙ୍କୁ ହତ୍ୟା କରିବା ପାଇଁ ଯୋଜନା କରିଥିବା ଉମେଶଙ୍କ ଭାଇ ମହେଶ କୋହ୍ଲେ ରବିବାର କହିଛନ୍ତି।


ମୃତକ ଉମେଶ କୋହ୍ଲେ

## ୨୦୦ ଫୁଟ୍ ଖସିଲା ବସ୍: ୧୯ ମୃତ

**ଇସ୍‌ଲାମାବାଦ୍, ୩।୭**

ପାକିସ୍ତାନର ବେଲୁଚିସ୍ତାନର ଶିରାନୀ ଜିଲାରେ ରବିବାର ଏକ ବଡ଼ ସଡ଼କ ଦୁର୍ଘଟଣା ଘଟିଯାଇଛି। କାଦୁଅ ସଡ଼କରେ ଯାଉଥିବା ସମୟରେ ଯାତ୍ରୀବାହୀ ବସ୍ ନିୟନ୍ତ୍ରଣ ହରାଇ ୨୦୦ ଫୁଟ୍ ତଳକୁ ଖସି ପଡିଛି। ଦୁର୍ଘଟଣାରେ ୧୯ଜଣଙ୍କ ମୃତ୍ୟୁ ହୋଇଥିବାବେଳେ ୧୨ରୁ ଊର୍ଦ୍ଧ୍ୱ ଯାତ୍ରୀ ଆହତ ହୋଇଥିବା ପ୍ରଶାସନିକ ଅଧିକାରୀ ମହତାବ ଶାହ କହିଛନ୍ତି। ବସ୍‌ରେ ମୋଟ ୩୫ ଜଣ ଯାତ୍ରୀ ଥିବା ଜଣାପଡ଼ିଛି। ଘଟଣାସ୍ଥଳରେ ସ୍ଥାନୀୟ ପୋଲିସ ପ୍ରଶାସନ ପକ୍ଷରୁ ଉଦ୍ଧାର କାର୍ଯ୍ୟ ଜାରି ରହିଛି। ପ୍ରବଳ ବର୍ଷା କାରଣରୁ ଓଦା ସଡ଼କରେ ବସ୍ ନିୟନ୍ତ୍ରଣ ହରାଇ ତଳକୁ ଖସି ପଡିଥିବା କୁହାଯାଉଛି। ପାକିସ୍ତାନରେ ସଡ଼କ ଦୁର୍ଘଟଣା ନିୟମିତ ଭାବେ ଘଟୁଥିବା ଦେଖିବାକୁ ମିଳୁଛି। ନିମ୍ନମାନର ସଡ଼କ ଏବଂ ଟ୍ରାଫିକ୍ ନିୟମ ପାଳନ କରାଯାଉ ନ ଥିବାରୁ ଏଭଳି ଦୁର୍ଘଟଣା ବାରମ୍ବାର ଘଟିବାରେ ଲାଗିଛି।

# ଏଲନ ମସ୍କଙ୍କ ବେଳା ଖରାପ

**ୱାଶିଂଟନ୍, ୩।୭**

କୋଭିଡ୍-୧୯ ମହାମାରୀ ନ ଯାଉଣୁ ୟୁକ୍ରେନ୍ ଉପରେ ରୁଷିଆର ଆକ୍ରମଣ ସାରା ବିଶ୍ୱର ଅର୍ଥନୀତିକୁ ପ୍ରଭାବିତ କରିଥିବାବେଳେ ଏହାର ଦୁଷ୍ପରିଣାମରୁ ବାଦ୍ ପଡ଼ିନାହାନ୍ତି ସବୁଠୁ ଧନୀ ବ୍ୟକ୍ତି ଏଲନ ମସ୍କ। କିଛି ମାସ ତଳେ ସୋସିଆଲ ମିଡିଆ ପ୍ଲାଟଫର୍ମ ଟୁଇଟର ଅଧିଗ୍ରହଣ ଯୋଜନା ସମ୍ପର୍କରେ ଘୋଷଣା କରି ବହୁଚର୍ଚ୍ଚିତ ହୋଇଥିବା ଟେସ୍‌ଲା ସିଇଓ ମସ୍କ କେବଳ ଆର୍ଥିକ ଦୃଷ୍ଟିରୁ କ୍ଷତିଗ୍ରସ୍ତ ହୋଇଛନ୍ତି ତାହା ନୁହେଁ, ବରଂ ନିଜର କେତେକ ବ୍ୟକ୍ତିଗତ ଭୁଲ୍ ପାଇଁ ଜନମାନସରେ ମଧ ନିନ୍ଦିତ ହୋଇଛନ୍ତି। ଏପରି କି ଦକ୍ଷିଣ ଆମେରିକାରେ ଜନ୍ମିତ ଏହି ୫୧ ବର୍ଷୀୟ ପ୍ରଭାବଶାଳୀ ଆମେରିକୀୟଙ୍କଠାରୁ ତାଙ୍କ ଟ୍ରାନ୍ସଜେଣ୍ଡର ଝିଅ ମଧ ଦୂରେଇ ଯାଇଛନ୍ତି। ଏଥିପାଇଁ ମସ୍କ କ୍ୟାଥୋଲିକ୍ ଧର୍ମଗୁରୁ ପୋପ୍ ଫ୍ରାନ୍ସିସ୍‌ଙ୍କ ଶରଣାପନ୍ନ ହୋଇଛନ୍ତି।

ମହାକାଶ ପର୍ଯ୍ୟଟନର ବ୍ୟବସାୟୀକରଣକୁ ନୂଆ ଦିଗ ଦେଖାଇଥିବା ସ୍ପେସ୍‌ଏକ୍ସ ମାଲିକ ଏଲନ ମସ୍କଙ୍କ ସାମାନ୍ୟ ଗୋଟିଏ ଟୁଇଟ୍ ନ୍ୟୁୟର୍କର ୱାଲ୍‌ଷ୍ଟ୍ରିଟ୍‌ଠାରୁ ନେଇ ମୁମ୍ବାଇସ୍ଥିତ ଦଲାଲ ଷ୍ଟ୍ରିଟ୍ ପର୍ଯ୍ୟନ୍ତ କମ୍ପାନୀଗୁଡ଼ିକର ଶେୟାର ମୂଲ୍ୟକୁ ତଳଉପର କରିଥାଏ। ଖାସ୍ ଏଇଥିପାଇଁ ମସ୍କଙ୍କ ମନ୍ତବ୍ୟ ଉପରେ ସମସ୍ତଙ୍କ ନଜର ରହିଥାଏ। ସେ କ'ଣ କହୁଛନ୍ତି ଓ କ'ଣ କରୁଛନ୍ତି ତାହା ଜାଣିବା ପାଇଁ ଟ୍ରେଡର୍ସଙ୍କ ମଧରେ ଉତ୍ସୁକତା ଲାଗି ରହିଥାଏ। ମସ୍କଙ୍କ ଟିପ୍ପଣୀକୁ ଅନେକେ ଶେୟାର ବଜାର ବଢ଼ିବା ଖସିବାର ସଙ୍କେତ ରୂପେ ଧରି ନେଇ ଅନୁରୂପ ଟ୍ରେଡିଂ କରିଥାନ୍ତି। ତାଙ୍କ ପ୍ରଖର ବୁଦ୍ଧିକୁ ଦେଖି କେହି କେହି କହନ୍ତି 'ମସ୍କ ଜଣେ ଏଲିଅନ୍'। ଏହା ସତ୍ତ୍ୱେ ପୃଥିବୀବାସୀଙ୍କ ପାଇଁ ଯେଉଁ ନିୟମ ଲାଗୁ ହୋଇଥାଏ ସେଥିରୁ ମସ୍କ ବର୍ତ୍ତିବା ଅସମ୍ଭବ।



୨୦୨୨ ଫେବୃୟାରୀ ୨୪ରେ ୟୁକ୍ରେନ୍ ଉପରେ ରୁଷିଆ ଆକ୍ରମଣ କରିବା ପରଠୁ ବିଶ୍ୱ ବଜାର ଅନେକ ପ୍ରତିକୂଳ ପରିସ୍ଥିତି ଦେଇ ଗତିକରୁଛି। ସେମିକଣ୍ଡକ୍ଟର-ଗ୍ରେଡ୍ ନିଅନ୍ ଓ ଲିଥିୟମ ଭଳି ମୂଲ୍ୟବାନ ଧାତବ ପଦାର୍ଥର ସର୍ବାଧିକ ରପ୍ତାନିକାରୀ ରାଷ୍ଟ୍ର ହେଉଛି ୟୁକ୍ରେନ୍। ଏସବୁ ଧାତୁ କମ୍ପ୍ୟୁଟର ସମେତ ଅତ୍ୟାଧୁନିକ ଇଲେକ୍ଟ୍ରୋନିକ୍ସ ଭେହିକିଲ (ଇଭି)ର ଚିପ୍ସରେ ବ୍ୟବହୃତ ହୋଇଥାଏ। ଯୁଦ୍ଧ ପରେ ଏହାର ଯୋଗାଣ ବାଧାପ୍ରାପ୍ତ ହୋଇଥିବାରୁ ଟେସ୍‌ଲା କାର୍ ଉତ୍ପାଦନ ଧିମେଇ ଯାଇଛି। ସେହିପରି କରୋନା ମହାମାରୀ ମଧ ନିର୍ମାଣ ଓ ଯୋଗାଣ ଶୃଙ୍ଖଳକୁ ଦୁର୍ବଳ କରିଦେଇଛି। ବିଶେଷକରି ଚାଇନାରେ କୋଭିଡ୍ କଟକଣା ଯୋଗୁ ମସ୍କଙ୍କ ଇଭି ନିର୍ମାଣ ପ୍ରଭାବିତ ହୋଇଛି। ଏଥିଯୋଗୁ ମସ୍କ ନିକଟରେ ନିରାଶା ବ୍ୟକ୍ତ କରିଥିଲେ। ଜୁନ୍ ୨ରେ ଆସିଥିବା କାର ବିକ୍ରି ସମ୍ପର୍କିତ ରିପୋର୍ଟରୁ ଜଣାପଡ଼ିଛି ଯେ, ଟେସ୍‌ଲାର ଇଭି ରପ୍ତାନି ଦ୍ୱିତୀୟ ତ୍ରୈମାସରେ ୧୭.୯% ହ୍ରାସ ପାଇଛି। ବିଶ୍ୱର ସର୍ବବୃହତ୍ ଇଭି ନିର୍ମାତା ଗତ ଏପ୍ରିଲରୁ ଜୁନ୍ ମଧରେ ୨ ଲକ୍ଷ ୫୪ ହଜାର ୬୯୫ କାର୍ ବିକ୍ରି କରିଛି। ପୂର୍ବ କ୍ୱାର୍ଟରରେ ଏହି ସଂଖ୍ୟା ୩ ଲକ୍ଷ ୧୦ ହଜାର ୪୮ ଥିଲା। ମସ୍କଙ୍କ କାର୍ ଫ୍ୟାକ୍ଟ୍ରିରେ ବର୍ଣ୍ଣବୈଷମ୍ୟ ଶିକାର ହୋଇଥିବା ଅନ୍ୟୂନ ୧୫ ଜଣ କର୍ମଚାରୀ ଅଭିଯୋଗ ଆଣିଛନ୍ତି। ନିଜ ସହକର୍ମୀ, ମ୍ୟାନେଜର ଏବଂ ମାନବସମ୍ବଳ କର୍ମଚାରୀଙ୍କ ଦ୍ୱାରା ନିର୍ଯାତିତ ହୋଇଥିବା ନେଇ ଏହି କୃଷ୍ଣକାୟମାନେ କାଲିଫର୍ନିଆ ସମେତ ଅନ୍ୟ କେତେକ ରାଜ୍ୟର କୋର୍ଟରେ ଟେସ୍‌ଲା ବିରୋଧରେ ଏତଲା ଦେଇଛନ୍ତି। ବ୍ଲୁମବର୍ଗରେ ପ୍ରକାଶିତ ରିପୋର୍ଟ ଅନୁଯାୟୀ, ଗତ ୬ ମାସ ମଧରେ ମସ୍କଙ୍କ ସମ୍ପତ୍ତିର ପରିମାଣ ୬୨ ବିଲିୟନ ଡଲାର ହ୍ରାସ ପାଇଛି। ନିକଟ ଭବିଷ୍ୟତରେ ଯୁଦ୍ଧ ଅବସାନର ଆଶା ଦିଶୁ ନ ଥିବାରୁ ସେମିକଣ୍ଡକ୍ଟର ସଙ୍କଟ ମସ୍କଙ୍କୁ ଆହୁରି କ୍ଷତିଗ୍ରସ୍ତ କରିପାରେ ବୋଲି ବାଣିଜ୍ୟ ବିଶେଷଜ୍ଞମାନେ କହିଲେଣି।

ଏହାଛଡ଼ା ଏଲନ ମସ୍କଙ୍କ ବିରୋଧରେ ଅନ୍ୟ କେତେକ ସଙ୍ଗିନ ଅଭିଯୋଗ ମଧ ଆସିଛି। ୨୦୧୬ରେ ସ୍ପେସ୍‌ଏକ୍ସ ମାଲିକ ମସ୍କ ନିଜ କମ୍ପାନୀର ଏକ ପ୍ରାଇଭେଟ ଜେଟ୍‌ରେ ଲଣ୍ଡନ ଯାତ୍ରା କରୁଥିବାବେଳେ ଫ୍ଲାଇଟ୍‌ର ମହିଳା ଆଟେଣ୍ଡାଣ୍ଟଙ୍କୁ ଯୌନ ଉତ୍ପୀଡ଼ନ କରିଥିବା ଅଭିଯୋଗ ସମ୍ପର୍କିତ ଏକ ରିପୋର୍ଟ ଗତ ମେ ୧୯ରେ 'ବିଜ୍‌ନେସ୍ ଇନ୍‌ସାଇଡର'ରେ ପ୍ରକାଶ ପାଇଥିଲା। ମସ୍କ କୁଆଡ଼େ ସମ୍ପୃକ୍ତ କର୍ମଚାରୀଙ୍କଠାରୁ ଯୌନ ଅନୁଗ୍ରହ ଆଶା କରି ତାଙ୍କ ପାଇଁ ଘୋଡ଼ା କିଣିଦେବେ ବୋଲି କହିଥିଲେ। ଚାକିରିରୁ ବିଦା ହେବା ଆଶଙ୍କାରେ ମହିଳା ଜଣକ ସେତେବେଳେ ମୁହଁ ଖୋଲି ନ ଥିଲେ। ମାମଲା ରଫାଦଫା କରି ୨୦୧୮ରେ ମସ୍କ ତାଙ୍କୁ ୨ ଲକ୍ଷ ୫୦ ହଜାର ଡଲାର ଦେଇଥିବା ଉକ୍ତ ମାଗାଜିନ୍‌କୁ ପୀଡ଼ିତାଙ୍କ ଜଣେ ବାନ୍ଧବୀ କହିଥିଲେ। ଗତ ଜୁନ ୨୦ରେ ଟେସ୍‌ଲା ପ୍ରତିଷ୍ଠାତାଙ୍କ ବିରୋଧରେ ଆଉ ଏକ ମାମଲା ରୁଜୁ ହୋଇଥିଲା। ଏଥର ବାହାର ଲୋକ ନୁହନ୍ତି, ବରଂ ଯାହାଙ୍କୁ ସେ ୧୮ ବର୍ଷ ଧରି ପୁଅ ଭାବେ ଲାଳନ ପାଳନ କରୁଥିଲେ ସିଏ ହିଁ ମସ୍କଙ୍କୁ ଆଇନର କାଠଗଡ଼ାକୁ ଟାଣିଥିଲେ। ମସ୍କ ତାଙ୍କ ନାଁ ଜାଭିୟର ରଖିଥିବାବେଳେ ସେ ନିଜକୁ ଜଣେ କିନ୍ନର ଦାବି କରି ଭିଭିଆନ୍ ଜେନା ୱିଲ୍‌ସନ୍ ରୂପେ ପରିଚିତ ହେବାକୁ ପସନ୍ଦ କରିଥିଲେ। ଏଥିସହ ନିଜ ଜୈବିକ ପିତା ମସ୍କଙ୍କ ସହ ସବୁ ସମ୍ପର୍କ ଛିନ୍ନ କରିଥିଲେ। ଇତିମଧରେ ମସ୍କ ଗତ ଶୁକ୍ରବାର ପୋପ୍‌ଙ୍କୁ ଭେଟି ଆଶୀର୍ବାଦ ଭିକ୍ଷା କରିଥିଲେ। ସାକ୍ଷାତବେଳର ଫଟୋକୁ ସେ ଟୁଇଟ ମଧ କରିଥିଲେ। ଏଥିରେ ତାଙ୍କ ପୂର୍ବତନ ସ୍ତ୍ରୀ ଓ ୪ ସନ୍ତାନଙ୍କୁ ଦେଖିବାକୁ ମିଳିଥିବାବେଳେ ଫିମେଲ୍ ଟ୍ରାନ୍ସଜେଣ୍ଡର ଭିଭିଆନ ସେଠାରେ ନ ଥିଲେ।

**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୫୫,୪୨,୫୮,୨୯୫ | ୬୩,୬୧,୧୮୮ | ୫୨,୮୯,୭୬,୫୪୧ |
| ଭାରତ | ୪,୩୫,୦୨,୪୨୯ | ୫,୨୫,୧୯୯ | ୪,୨୮,୬୫,୫୧୯ |
| ଓଡ଼ିଶା | ୧୨,୯୦,୫୩୮ | ୯୧୨୬(+୫୩) | ୧୨,୮୦,୦୪୯ |

ରବିବାର ରାତି ୯ଟା ୩୦ ସୁଦ୍ଧା
(+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ)
ତଥ୍ୟ: https://www.worldometers.info/coronavirus/ ଏବଂ ଓଡ଼ିଶା ସରକାର

# ୯ ମାସରେ ୧୧ କୋଟି ଖର୍ଚ୍ଚ, ଦୁର୍ଘଟଣା କମୁନି

## ସୁପ୍ରିମକୋର୍ଟ ସଡ଼କ ସୁରକ୍ଷା କମିଟି

- ଦିଶା ପ୍ରକଳ୍ପରେ ୩ରୁ ଊର୍ଦ୍ଧ୍ୱ କୋଟି ବିନିଯୋଗ
- ରାଜପଥରେ ନିୟୋଜିତ ଗାଡି ମରାମତିରେ ୧.୪୧ କୋଟି
- ୧୬ନଂ.ଏନ୍ଏଚ୍‌ରେ ଆମ୍ବୁଲାନ୍ସ ଦୁର୍ଘଟଣା ତଦନ୍ତ ମନ୍ଥର



**ଯାଜପୁର ଅଫିସ,୩।୭**

ପ୍ରତିବର୍ଷ ମୋଟରଯାନ(ଏମ୍‌ଭି) ମାମଲାରେ ଆଦାୟ ହେଉଥିବା ଜରିମାନାରୁ ୨୦% ଅର୍ଥ ବିଭିନ୍ନ ସଡ଼କ ସୁରକ୍ଷା କାର୍ଯ୍ୟକ୍ରମରେ ବିନିଯୋଗ କରାଯାଉଛି। ଏହି କ୍ରମରେ ୨୦୨୧ ସେପ୍ଟେମ୍ବର ୧ରୁ ୨୦୨୨ ମେ ୩୧ ପର୍ଯ୍ୟନ୍ତ ୧୧ କୋଟି ୪ ଲକ୍ଷ ୬୬ ହଜାର ୧୩୯ ଟଙ୍କା ଖର୍ଚ୍ଚ କରାଯାଇଛି। ଏହି ବିନିଯୋଗ ଅର୍ଥକୁ ଫଣ୍ଡ ମ୍ୟାନେଜମେଣ୍ଟ କମିଟି ପକ୍ଷରୁ ମଞ୍ଜୁର କରାଯାଇଛି। ହେଲେ ଓଡ଼ିଶାର ସିଆଇଡି ଓ କ୍ରାଇମବ୍ରାଞ୍ଚର ରିପୋର୍ଟ ଅନୁଯାୟୀ ରାଜ୍ୟରେ ୨୦୨୦ ଅପେକ୍ଷା ୨୦୨୧ରେ ଦୁର୍ଘଟଣା ଜନିତ ମୃତ୍ୟୁହାର ୭.୨୪% ବୃଦ୍ଧି ପାଇଛି। ୨୦୨୦ରେ ଦୁର୍ଘଟଣାଜନିତ ମୃତ୍ୟୁସଂଖ୍ୟା ୪୭୩୮ ରହିଥିଲାବେଳେ ୨୦୨୧ରେ ତାହା ୫୦୮୧ରେ ପହଞ୍ଚିଛି। ତେଣୁ ବାଣିଜ୍ୟ ଓ ପରିବହନ ବିଭାଗ ପକ୍ଷରୁ ସମସ୍ତ ଜିଲାପାଳଙ୍କୁ କାହିଁକି ଦୁର୍ଘଟଣାଜନିତ ମୃତ୍ୟୁ ସଂଖ୍ୟା ବୃଦ୍ଧି ପାଉଛି ସେ ନେଇ ଗତ ଏପ୍ରିଲରେ ଜବାବ ତଲବ ହୋଇଥିଲା। ସୁପ୍ରିମକୋର୍ଟ ସଡ଼କ ସୁରକ୍ଷା କମିଟି ଓଡ଼ିଶାରେ ୨୦୨୦ ସୁଦ୍ଧା ସଡ଼କ ଦୁର୍ଘଟଣାର ମୃତ୍ୟୁହାରକୁ ୫୦ପ୍ରତିଶତ ହ୍ରାସ କରିବାକୁ ନିର୍ଦ୍ଦେଶ ଦେଇଥିଲେ। କିନ୍ତୁ ଦୁର୍ଭାଗ୍ୟବଶତଃ ଓଡ଼ିଶାରେ ୨୦୧୪ରୁ ଦୁର୍ଘଟଣାଜନିତ ମୃତ୍ୟୁ ସଂଖ୍ୟା ୨୯%କୁ ବୃଦ୍ଧି ଘଟିଛି। ଏଥିରୁ ଉପରୋକ୍ତ ବିପୁଳ ଅର୍ଥର ଠିକ ବିନିଯୋଗ ଏବଂ ପରିଚାଳନା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି।

ପରିବହନ ବିଭାଗ ପକ୍ଷରୁ ଆରଟିଓ ଏବଂ ପୋଲିସ ବିଭାଗକୁ ୩୧।୧।୨୦୨୨ରେ ୧ ମାସ ପାଇଁ ସ୍ପେଶାଲ ଏନ୍‌ଫୋର୍ସମେଣ୍ଟ ଚଢାଉ କରି ଟ୍ରାଫିକ ନିୟମ ଉଲ୍ଲଂଘନକାରୀଙ୍କୁ ଚିହ୍ନଟ କରିବାକୁ ନିର୍ଦ୍ଦେଶ ହୋଇଥିଲା। କିନ୍ତୁ ପଞ୍ଚାୟତ ଓ ପୌର ନିର୍ବାଚନ ପାଇଁ ଚଢାଉ ସୁଚାରୁରୂପେ ସମ୍ପାଦନ ହୋଇ ପାରି ନ ଥିଲା। ତେଣୁ ଏପ୍ରିଲ ୧ରୁ ଚଢାଉ ଅଭିଯାନରେ ତତ୍ପରତା ପ୍ରକାଶ କରିବାକୁ ପରିବହନ ବିଭାଗର ପ୍ରିନ୍ସିପାଲ ସେକ୍ରେଟାରୀ ବିଷ୍ଣୁପଦ ସେଠୀ ନିର୍ଦ୍ଦେଶ ଦେଇଥିଲେ, ଯାହାକି ଏଯାଏ ମନ୍ଥର ଗତିରେ ଚାଲିଥିବା ଦେଖିବାକୁ ମିଳିଛି। ଅନ୍ୟପକ୍ଷେ ସଡ଼କ ସୁରକ୍ଷା ବାବଦ ବିଭିନ୍ନ ସାମଗ୍ରୀ କିଣିବାକୁ ପୁରୀ ଜିଲା ପାଇଁ ୩୦ ଲକ୍ଷ, ରାୟଗଡ଼ା ପାଇଁ ୩୨.୨୨ ଲକ୍ଷ, ଝାରସୁଗୁଡ଼ା ୮.୯୩ ଲକ୍ଷ, ନବରଙ୍ଗପୁର ୧୦ ଲକ୍ଷ, କମିଶନରେଟ ପୋଲିସ ପାଇଁ ୮୯.୭୧ ଲକ୍ଷ, ସୁବର୍ଣ୍ଣପୁର ଜିଲା ପାଇଁ ୧୦ ଲକ୍ଷ ଟଙ୍କା ମଞ୍ଜୁର ହୋଇଛି। ସେହିପରି ଅନୁଗୋଳ ଜିଲାରେ ହାଇମାକ୍ସ ଲାଇନ ସ୍ଥାପନ, ଟ୍ରାଫିକ ସିଗ୍‌ନାଲ, ବ୍ୟାରିକେଡ ଇତ୍ୟାଦି ପାଇଁ ୧ କୋଟି ୯୯ ଲକ୍ଷ ୫୩ ହଜାର ୫୨୦ ଟଙ୍କା ମଞ୍ଜୁର କରିବାକୁ ପ୍ରସ୍ତାବ ଦିଆଯାଇଛି। ପରିବହନ ସଚିବଙ୍କୁ ଏହି ଅର୍ଥ ରିଲିଜ କରିବା ପୂର୍ବରୁ ଆବଶ୍ୟକ ସ୍ପଷ୍ଟୀକରଣ ମାଗିବାକୁ ନିର୍ଦ୍ଦେଶ ହୋଇଛି। କ୍ରାଇମବ୍ରାଞ୍ଚ ଆଇଜି ପକ୍ଷରୁ ୯୨ଟି ସ୍ପୀଡ୍ ଲେଜର ଗନ, ୪୦୪ଟି ବ୍ରେଥ୍ ଆନାଲାଇଜର, ୪୪୩ଟି ଇ-ଚାଲାଣ ଡିଭାଇସ୍, ୫୬୧ଟି ବଡି ୱର୍ନ କ୍ୟାମେରା ଆଦି କିଣିବାକୁ ୧୬.୨୦ କୋଟି ଟଙ୍କାର ପ୍ରସ୍ତାବ ଦିଆଯାଇଛି। ଏହାସହ ଡିଏମ୍‌ଇଟି, ଅଗ୍ନିଶମ ବିଭାଗ ଆଦି ପକ୍ଷରୁ ମଧ୍ୟ ପ୍ରସ୍ତାବ ଗୃହୀତ ହୋଇଛି। ୨୦୨୧ ସେପ୍ଟେମ୍ବରରୁ ୨୦୨୨ ମେ ପର୍ଯ୍ୟନ୍ତ ସଚେତନତା ପାଇଁ ଖବରକାଗଜ ବିଜ୍ଞାପନରେ ୯.୮୭ ଲକ୍ଷ ଟଙ୍କା, ସଡ଼କ ସୁରକ୍ଷାରେ ନିୟୋଜିତ ଗାଡ଼ି ପାଇଁ ୩.୪୬ ଲକ୍ଷ ଟଙ୍କା, ଦୁର୍ଘଟଣା ତଦନ୍ତରେ ୭ ଲକ୍ଷ, ଦିଶା ପ୍ରକଳ୍ପ ବିକାଶରେ ୩.୪୧ କୋଟି, ଦିଶା ପ୍ରକଳ୍ପରେ ବିଦ୍ୟୁତ୍ ସଂଯୋଗ ୬୭.୭୭ ଲକ୍ଷ, ଆଇଟି ସାମଗ୍ରୀ ୩.୪ ଲକ୍ଷ, ୩୫ ଆରଟିଓ ପାଇଁ ରାଜପଥରେ ନିୟୋଜିତ ଗାଡ଼ି ମରାମତି ଖର୍ଚ୍ଚରେ ୧.୪୧ କୋଟି, ସିକ୍ୟୁରିଟି ଗାର୍ଡ ବାବଦକୁ ୧.୨୦ କୋଟି, ପ୍ରଥମ ରେସପଣ୍ଡର ତାଲିମ କାର୍ଯ୍ୟକ୍ରମରେ ୪୪.୭୪ ଲକ୍ଷ, ପୁରୀ, କୋରାପୁଟ ଓ ଅନୁଗୋଳ ଜିଲାରେ ଟ୍ରାଫିକ ସାମଗ୍ରୀ କିଣା ବାବଦକୁ ୧୩.୬ ଲକ୍ଷ, ଭୁବନେଶ୍ୱର କମିଶନର ପୋଲିସ ଅଧୀନରେ ଛାତ୍ର ଟ୍ରାଫିକ ସ୍ୱେଚ୍ଛାସେବୀ ଓ ଟ୍ରାଫିକ ଟ୍ରେନିଂ ପାର୍କ ବାବଦକୁ ୫୯.୭୮ ଲକ୍ଷ, ସଡ଼କ ସୁରକ୍ଷା ସାମଗ୍ରୀ କିଣାରେ ୪୫.୪୫ ଲକ୍ଷ, ୨୩ ଇଣ୍ଟରସେପ୍ଟର ଭେହିକିଲ ନିମନ୍ତେ ୧.୪୬ କୋଟି ଟଙ୍କା ଏପରିଭାବେ ୧୧.୪ କୋଟି ଖର୍ଚ୍ଚ କରାଯାଇଛି। ତଥାପି ଦୁର୍ଘଟଣା କମିବା ପରିବର୍ତ୍ତେ ବୃଦ୍ଧି ପାଉଥିବା ବିଡମ୍ବନା ବୋଲି ମତପ୍ରକାଶ ପାଇଛି। ରାଜ୍ୟର ୧୬ ନଂ, ୫୩ ନଂ., ୨୦ ନଂ. ଆଦି ଜାତୀୟ ରାଜପଥ କଡ଼ରେ ବେଆଇନ ଭାବେ ପାର୍କିଂ ଏବଂ ଓଭରଲୋଡିଂ ଦୁର୍ଘଟଣାର ପ୍ରମୁଖ କାରଣ ହୋଇଛି। ଗତ ମେ ୩୧ରେ ୧୬ ନଂ. ଜାତୀୟ ରାଜପଥ ବଡ଼ଚଣା ନିକଟରେ ବେଆଇନ ପାର୍କିଂ କରିଥିବା ଏକ ସିମେଣ୍ଟ ବୋଝେଇ ଓଭରଲୋଡିଂ ଗାଡି ପଛରେ ପିଟି ହୋଇ ଆମ୍ବୁଲାନ୍ସରେ ଥିବା ୩ ଜଣଙ୍କ ଅକାଳ ମୃତ୍ୟୁ ହୋଇଥିଲା। ଏହାର ତଦନ୍ତ କରି ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବା ପରିବର୍ତ୍ତେ ମାମଲାକୁ ଚପାଇ ଦେବାକୁ ଉଦ୍ୟମ କରାଯାଉଛି। ସମ୍ପୃକ୍ତ ସିମେଣ୍ଟ କମ୍ପାନୀକୁ ତଦନ୍ତରୁ ବାଦ ଦିଆଯାଇଛି। ଏଭଳି ପ୍ରିୟାପ୍ରୀତି ଚାଲିଥିଲେ ଯେତେ ଟଙ୍କା ବିନିଯୋଗ ହେଲେ ବି ଦୁର୍ଘଟଣା ହ୍ରାସ ଅସମ୍ଭବ ବୋଲି ମତପ୍ରକାଶ ପାଇଛି। ତେବେ ଏହିକ୍ରମରେ ରାଜ୍ୟ ପରିବହନ ବିଭାଗର ଯୁଗ୍ମ ସଚିବ କିଶୋର ଚନ୍ଦ୍ର ଦାସ ୯।୬।୨୦୨୨ରେ ଅନୁଷ୍ଠିତ ସଡ଼କ ସୁରକ୍ଷା ପାଣ୍ଠି ପରିଚାଳନା ବୈଠକର ନିଷ୍ପତ୍ତିଗୁଡିକର କାର୍ଯ୍ୟାନ୍ୱୟନ ପାଇଁ ବୁଧବାର ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନଙ୍କୁ ସୂଚନା ଦେଇଛନ୍ତି।

# ଆସନ୍ତା ସପ୍ତାହରେ ମାଟ୍ରିକ୍ ପରୀକ୍ଷାଫଳ

**ଆଜି ତାରିଖ ଘୋଷଣା**

**ଭୁବନେଶ୍ୱର, ୩।୭(ବ୍ୟୁରୋ)**

ଚଳିତ ବର୍ଷର ମାଟ୍ରିକ୍ ପରୀକ୍ଷାଫଳ ପ୍ରକାଶ ନେଇ ସୋମବାର ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ତାରିଖ ଘୋଷଣା କରିବେ। ମାଧ୍ୟମିକ ଶିକ୍ଷା ପରିଷଦ (ବିଏସ୍‌ଇ) ଜୁନ୍ ଶେଷ ସୁଦ୍ଧା ପରୀକ୍ଷାଫଳ ପ୍ରକାଶ କରିବାକୁ ଲକ୍ଷ୍ୟ ରଖିଥିଲା। କିନ୍ତୁ ଏ ପର୍ଯ୍ୟନ୍ତ ପରୀକ୍ଷାଫଳ ପ୍ରକାଶ ପାଇପାରିନାହିଁ। ଏ ସମ୍ପର୍କରେ ମନ୍ତ୍ରୀ ଦାଶ କହିଛନ୍ତି, ବୋର୍ଡ ଆସନ୍ତା ସପ୍ତାହରେ ପରୀକ୍ଷାଫଳ ଘୋଷଣା କରିବ। କେବେ ପରୀକ୍ଷାଫଳ ପ୍ରକାଶ ପାଇବ ସେ ନେଇ ସୋମବାର ତାରିଖ ଘୋଷଣା କରାଯିବ। ପରୀକ୍ଷାଫଳ ପ୍ରକାଶନ ପରେ ଛାତ୍ରୀଛାତ୍ରମାନେ ବୋର୍ଡ ୱେବ୍‌ସାଇଟ bseodisha.ac.in ଏବଂ orissaresults.nic.inରେ ନିଜ ପରୀକ୍ଷାଫଳ ଦେଖିପାରିବେ। ସୂଚନାଯୋଗ୍ୟ, ଗତ ଦୁଇବର୍ଷ ହେବ କରୋନା ପାଇଁ ମାଟ୍ରିକ୍ ପରୀକ୍ଷା ହୋଇ ନ ଥିଲା। ବିକଳ୍ପ ପଦ୍ଧତିରେ ମୂଲ୍ୟାୟନ କରାଯାଇ ଫଳ ପ୍ରକାଶ କରାଯାଇଥିଲା। କିନ୍ତୁ ଏଥର କରୋନା ସଂକ୍ରମଣ କମିଯାଇଥିବାରୁ ଅଫ୍‌ଲାଇନ ପରୀକ୍ଷା କରିବା ଲାଗି ସରକାର ନିଷ୍ପତ୍ତି ନେଇଥିଲେ। ଗତ ଏପ୍ରିଲ ୨୯ରୁ ମେ' ୧୦ ତାରିଖ ପର୍ଯ୍ୟନ୍ତ ମାଟ୍ରିକ୍ ପରୀକ୍ଷା ଅନୁଷ୍ଠିତ ହୋଇଥିଲା। ମେ' ୨୧ରୁ ପରୀକ୍ଷା ଖାତା ମୂଲ୍ୟାୟନ ଆରମ୍ଭ ହୋଇଥିଲା। ଚଳିତବର୍ଷ ପ୍ରାୟ ୫ଲକ୍ଷ ଛାତ୍ରୀଛାତ୍ର ମାଟ୍ରିକ୍ ପରୀକ୍ଷା ଦେଇଛନ୍ତି।

# ଆଜି ୪ ଘଣ୍ଟା ମହାପ୍ରଭୁଙ୍କ ଦର୍ଶନ ବନ୍ଦ

**ପୁରୀ ଅଫିସ,୩।୭:** ମହାପ୍ରଭୁଙ୍କ ହେରା ପଞ୍ଚମୀ ନୀତି ମଙ୍ଗଳବାର ଅନୁଷ୍ଠିତ ହେବ। ପରମ୍ପରା ଅନୁଯାୟୀ ହେରା ପଞ୍ଚମୀ ପୂର୍ବଦିନ ଅର୍ଥାତ ଆଷାଢ଼ ଶୁକ୍ଳ ପଞ୍ଚମୀ ତିଥି(ସୋମବାର)ରେ ଶ୍ରୀବିଗ୍ରହଙ୍କ ବନକ ଲାଗି ନୀତି ଅନୁଷ୍ଠିତ ହେବ। ଦତ୍ତ ମହାପାତ୍ର ସେବାୟତମାନେ ମହାପ୍ରଭୁଙ୍କୁ ବନକ ଲାଗି ନୀତି କରିବେ। ଏହି ନୀତି ସମୟରେ ଗୁଣ୍ଡିଚା ମନ୍ଦିରର ଦ୍ୱାର ବନ୍ଦ ସହ ୪ ଘଣ୍ଟା (୭ଟାରୁ ରାତି ୧୧ଟା ପର୍ଯ୍ୟନ୍ତ) ପାଇଁ ମହାପ୍ରଭୁଙ୍କ ଦର୍ଶନ ବନ୍ଦ ରହିବ। ଗୁଣ୍ଡିଚା ମନ୍ଦିରରେ ମହାପ୍ରଭୁଙ୍କ ମଧ୍ୟାହ୍ନ ଧୂପ ସରି ପଛ ଭୋଗ ମଣ୍ଡପ ନୀତି ସରିବା ପରେ ବନକ ଲାଗି ନୀତି ଆରମ୍ଭ ହେବ। ଭୋଗ ସରିବା ପରେ ଦତ୍ତମହାପାତ୍ର ସେବକମାନେ ଶ୍ରୀଗୁଣ୍ଡିଚା ମନ୍ଦିର ଗର୍ଭଗୃହକୁ ପ୍ରବେଶ କରିବେ। ପରେ ଆଡ଼ପ ମଣ୍ଡପକୁ ଉଠି ନୀତି ସମ୍ପାଦନ କରିବେ।

**ADMISSION OPEN**
Admission open into Class-XI of HS School of Sri Aurobindo Institute of Integral Education
Matru Vihar, Khandagiri, Bhubaneswar
● Own Campus ● Affordable Fees
● Spiritual Environment in the presence of Sacred relics of Sri Aurobindo
● Experienced and Expert Teaching Faculties
● Separate Hostel facilities for Boys and Girls
Contact: 9437211720 & 6371897069
Email: principalsaiie@gmail.com Sd/- Secretary







E-book today at www.marutisuzuki.com or visit your nearest Maruti Suzuki dealership | All Maruti Suzuki vehicles now available under CSD & CPC | For bulk orders, mail at: Pradosh.Jena@maruti.co.in.

**TUSHI MOTORS**
CUTTACK: 9078076450. PANIKOILI: 9078076450.

**JYOTE MOTORS**
BHUBANESWAR: LEWIS ROAD: 9798190190.
NAYAPALLI: 9798190190. KEONJHAR: 9798190190. NAYAGARH: 9798190190.
BALUGAON: 9798190190. ANANDPUR: 9798190190. KENDRAPARA: 9798190190.
BALASORE: 9798190190. BHADRAK: 9798190190. BARIPADA: 9798190190.
UDALA: 7064499950. RAIRANGPUR: 9853446906.
JALESWAR: 7064499950. BASUDEVPUR: 9798190190.

**NARAYANI MOTORS**
BHUBENESHWAR: RASULGARH: 9583022019, 7440019592, 9583022013.
JAGATSINGHPUR: 9583022090. PURI: 9583022035.
NIMPARA: 7381094851. PARADEEP: 9583022034/ 48.

**SKY AUTOMOBILES**
BHUBANESWAR: PATIA: 7381045356.
CUTTACK: 9776677771, 7381873818,
DHENKANAL: 8093027882. NARSINGHPUR: 8093027882.
KAMAKHYANAGAR: 8093027882. JAJPUR: 9776900777.
SALEPUR: 9583544555. CHANDIKHOL : 9583544555.
TANGI: 7381045356.

**ODYSSEY MOTORS**
ANGUL: 7752076136, 9776901481.
PALLAHARA: 7873565435, 9437831123.

*Offer includes consumer offer, exchange bonus and institutional offer (wherever applicable) on selected models/ variants. Above mentioned savings amount is the value of maximum savings on selected models. **Terms and conditions apply. Finance scheme details mentioned in the advertisement are at the sole discretion of the financier and terms and conditions as specified by the financier shall apply. Credit at the sole discretion of the Bank. Up To 100% on-road funding is provided by select financiers only. Terms and conditions are subject to change without any prior notice. For more details, please contact your nearest ARENA dealership. Features and accessories shown may not be part of standard fitment. Black Glass Shade on the vehicle is due to the lighting effect. Images used are for illustration purposes only. Car color may vary due to printing on paper. Offers vary across variants. Maruti Suzuki India Limited reserves the right to discontinue offers without notice. Above offers are valid till 31st July, 2022.

**ଆଜିର ମନ୍ତବ୍ୟ**
ଗୋଧ୍ରା ଦଙ୍ଗା ମାମଲାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସମ୍ବିଧାନ ଉପରେ ଆସ୍ଥା ରଖି ଏସ୍‌ଆଇଟି ତଦନ୍ତକୁ ସାମ୍ନା କରିଥିଲେ। କିନ୍ତୁ ଆଜି ବିରୋଧୀ ଦୁର୍ନୀତି ମାମଲାକୁ ସାମ୍ନା କରି ନ ପାରି ଅରାଜକତା ସୃଷ୍ଟି କରୁଛନ୍ତି। **–ଅମିତ୍ ଶାହା, ସ୍ୱରାଷ୍ଟ୍ରମନ୍ତ୍ରୀ**



**ଜନ୍ମଦିନର ଶୁଭେଚ୍ଛା**
ନାମ: ..........................................
ବୟସ:..........................................
ଜନ୍ମ ତାରିଖ: ..................................



ଡିକୁ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି–୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# ୩୦୦ ଟପିଲା ଦୈନିକ ସଂକ୍ରମଣ

**ଭୁବନେଶ୍ୱର, ୩।୭(ବ୍ୟୁରୋ)**

**■ ସକ୍ରିୟ ରୋଗୀଙ୍କ ସଂଖ୍ୟା ୧,୩୧୦**



ରାଜ୍ୟରେ କରୋନା ସଂକ୍ରମଣ ଏବେ ପୁଣି ଉପରମୁହାଁ ହେବାରେ ଲାଗିଛି। ରବିବାର ସଂକ୍ରମଣ ଲମ୍ଫଡିଆଁ ମାରିଛି। ଶନିବାର ସଂକ୍ରମିତଙ୍କ ସଂଖ୍ୟା ୨୩୧ ଥିବା ବେଳେ ଗତ ୨୪ ଘଣ୍ଟା ମଧ୍ୟରେ ୩୪୬ ଜଣ କରୋନା ପଜିଟିଭ ଚିହ୍ନଟ ହୋଇଥିବା ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ସୂଚନା ମିଳିଛି। ଫଳରେ ରାଜ୍ୟରେ ମୋଟ କରୋନା ସଂକ୍ରମିତଙ୍କ ସଂଖ୍ୟା ୧୨,୯୦,୫୩୮ରେ ପହଞ୍ଚିଛି। ଅନ୍ୟପକ୍ଷରେ ସକ୍ରିୟ ରୋଗୀଙ୍କ ସଂଖ୍ୟା ବି ବଢ଼ିଚାଲିଛି। ଏବେ ରାଜ୍ୟରେ ସକ୍ରିୟ ରୋଗୀଙ୍କ ସଂଖ୍ୟା ଏକ ହଜାର ଟପିଛି। ଏହି ସଂଖ୍ୟା ୧,୩୧୦ରେ ପହଞ୍ଚିଥିବା ବେଳେ ଖୋର୍ଦ୍ଧାରେ ସର୍ବାଧିକ ୫୯୩ ଜଣ ରହିଛନ୍ତି। ରାଜ୍ୟର ୨୭ଟି ଜିଲା କରୋନା ସଂକ୍ରମଣର ଗ୍ରୀନ ଜୋନ୍‌ରେ ଥିବାବେଳେ ଅନୁଗୋଳ, ଗଜପତି ଓ ନବରଙ୍ଗପୁରରେ ଜଣେ ବି କରୋନା ସଂକ୍ରମିତ ନ ଥିବା ରାଜ୍ୟ କୋଭିଡ୍ ଡ୍ୟାସ୍‌ବୋର୍ଡର ତଥ୍ୟରୁ ଜଣାପଡ଼ିଛି। ସୂଚନା ଓ ଲୋକସମ୍ପର୍କ ବିଭାଗ ସୂଚନାନୁସାରେ, ନୂଆ ଆକ୍ରାନ୍ତଙ୍କ ମଧ୍ୟରୁ ୨୦୨ ଜଣ ସଙ୍ଗରୋଧ କେନ୍ଦ୍ରରୁ ଚିହ୍ନଟ ହୋଇଥିବା ବେଳେ ୧୪୪ ଜଣ ସ୍ଥାନୀୟ ସଂକ୍ରମିତ। ସେହିଭଳି ୧୮ ବର୍ଷରୁ କମ୍ ବୟସର ୪୯ ଜଣ ରହିଛନ୍ତି। ଏମାନେ ସମସ୍ତେ ୧୮ ଜିଲାରୁ ଚିହ୍ନଟ ହୋଇଥିବାବେଳେ ଅବଶିଷ୍ଟ ୧୨ଟି ଜିଲାରେ କରୋନା ସଂକ୍ରମଣର ସୂଚନା ନାହିଁ। ବାଲେଶ୍ୱର ଜିଲାରୁ ୭, ଭଦ୍ରକ ୪, ଢେଙ୍କାନାଳ ୧, ଗଞ୍ଜାମ ୧, ଜଗତ୍‌ସିଂହପୁର ୭, ଯାଜପୁର ୪, ଝାରସୁଗୁଡ଼ା ୨, କଳାହାଣ୍ଡି ୧, କେନ୍ଦୁଝର ୧, ମୟୂରଭଞ୍ଜ ୨, ନୟାଗଡ଼ ୧, ନୂଆପଡ଼ା ୭, ପୁରୀ ୪, ରାୟଗଡ଼ା ୫, ସମ୍ବଲପୁର ୫, ସୁନ୍ଦରଗଡ଼ରୁ ୧୩ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି।

# ଦିନେ ବିତିଲା, ଘୁଞ୍ଚାଇ ପାରିଲେ ନାହିଁ ବ୍ରହ୍ମ ତାଳଧ୍ୱଜ

**କେନ୍ଦ୍ରାପଡ଼ା ଅଫିସ, ୩।୭**



ରଥର ବାମପାର୍ଶ୍ୱ ଫୁଟ୍‌ପାଥରେ ଲାଗି ରହିଛି।

**■ ହାଇଡ୍ରୋ ଟ୍ରୋଚର ମେଶିନର ନିଆଗଲା ସହାୟତା**

**■ ଠାକୁରଙ୍କ ଇଚ୍ଛା କହି ହାତ ଟେକି ଦେଲେ ପ୍ରଶାସକ**

କେନ୍ଦ୍ରାପଡ଼ା ଜିଲା ଇଚ୍ଛାପୁରସ୍ଥ ତୁଳସୀ କ୍ଷେତ୍ରାଧିପତି ଶ୍ରୀବଳଦେବ ଜୀଉଙ୍କ ବ୍ରହ୍ମ ତାଳଧ୍ୱଜ ରଥ ଘୁଞ୍ଚୁନାହିଁ। ସମସ୍ତ କଳ, ବଳ ଓ କୌଶଳ ରବିବାର ଫେଲ୍ ମାରିଛି। ଦୁଇଦିନରେ ମାଉସୀ ମା' ମନ୍ଦିରରେ ପହଞ୍ଚିବାକୁ ଥିବା ରଥ ଶନିବାରଠାରୁ ମନ୍ଦିର ନିକଟରୁ ମାତ୍ର ୧୫୦ ମିଟର ଦୂରରେ ଅଟକିଛି। ଶ୍ରଦ୍ଧାଳୁମାନେ ପ୍ରଶାସନ, ରଥ ନିର୍ମାଣ, ରୀତିନୀତିରେ ବିଭ୍ରାଟକୁ ଦାୟୀ କରୁଥିବାବେଳେ ସବୁ ଠାକୁରଙ୍କ ଇଚ୍ଛା କହି ପ୍ରଶାସକ ହାତ ଟେକି ଦେଇଛନ୍ତି।

ଅପରପକ୍ଷରେ ୩ ଦିନ ମଧ୍ୟରେ ଜିଲାର ୪ ଲକ୍ଷରୁ ଊର୍ଦ୍ଧ୍ୱ ଶ୍ରଦ୍ଧାଳୁ ଶ୍ରୀଜୀଉଙ୍କ ଦର୍ଶନ ସହ ରଥଟଣାକୁ ନେଇ ବ୍ୟସ୍ତବିବ୍ରତ ହୋଇପଡିଛନ୍ତି। ହେଲେ ଜିଲାର ୫ ବିଧାୟକ, ଜଣେ ଏମ୍‌ପିଙ୍କ ଦେଖାନାହିଁ। ଏହାକୁ ନେଇ ଆଲୋଚନା ଚାଲିଛି। ପାରମ୍ପରିକ ରୀତିନୀତି ଅନୁଯାୟୀ, ଶ୍ରୀଗୁଣ୍ଡିଚା ପରଦିନ ଶ୍ରୀଜୀଉଙ୍କ ବ୍ରହ୍ମ ତାଳଧ୍ୱଜ ରଥ ମାଉସୀ ମା' ମନ୍ଦିରରେ ପହଞ୍ଚ ଥାଏ। ସନ୍ଧ୍ୟାରେ ଆଳତି ପରେ ଚାରମାଳ ଲଗାଯାଇ ରାତିରେ ମାଉସୀ ମା' ମନ୍ଦିରକୁ ପହଣ୍ଡିରେ ଯାଇଥାନ୍ତି। ତେବେ ଶ୍ରୀଗୁଣ୍ଡିଚା ଦିନ ମାତ୍ର ୧୦୦ ମିଟର ଗଡ଼ି ଦେବୋତ୍ତର କାର୍ଯ୍ୟାଳୟ ନିକଟରେ ଶୁକ୍ରବାର ରଥ ଅଟକି ଥିଲା। ଶନିବାର ଅପରାହ୍ନରେ ମାତ୍ର ୫୦ ମିଟର ବ୍ରହ୍ମ ତାଳଧ୍ୱଜ ରଥ ଗଡ଼ି ବାମପାର୍ଶ୍ୱ ଫୁଟ୍‌ପାଥରେ ଲାଗିଯାଇଥିଲା। ଶନିବାର ସକାଳୁ ହାଇଡ୍ରା ଓ ଅପରାହ୍ନରେ ହାଇଡ୍ରୋ ଟ୍ରୋଚର ମେଶିନ ଅଣାଯାଇ ରଥକୁ ସିଧା ବ୍ୟବସ୍ଥା ହୋଇଛି। ରିପୋର୍ଟ ଲେଖାହେବା ପର୍ଯ୍ୟନ୍ତ ରଥ ଯେଉଁଠାରେ ଥିଲା ସେହିଠାରେ ରହିଛି। ଏ ସମ୍ପର୍କରେ ଶ୍ରଦ୍ଧାଳୁଙ୍କ କହିବା କଥା, ଚଳିତବର୍ଷ ରଥର ଡାହୁକଙ୍କ ମୃତ୍ୟୁ ହୋଇଛି। ଏଥିପାଇଁ ଦୁଇଭାଇଙ୍କ ମଧ୍ୟରେ ରଥ ଚାଳନାକୁ ନେଇ କିଛି ଚୁକ୍ତି ହୋଇଥିଲେ ମଧ୍ୟ ଜଣେ ଡାହୁକ ଅପରଙ୍କୁ ରଥରେ ଚଢ଼ିବାକୁ ଦେଇ ନ ଥିଲେ। ସେହିପରି ଶନିବାର ଦ୍ୱିପ୍ରହର ନୀତି ହେଉଥିବା ବେଳେ ରଥଟଣା ଆରମ୍ଭ ହୋଇଥିଲା। ସେହିପରି ଜିଲା ପ୍ରଶାସନ ରଥ ପରିଚାଳନା ନେଇ ବୈଠକ କରିଥିଲେ ମଧ୍ୟ କୌଣସି ସମୀକ୍ଷା କରିନାହାନ୍ତି। ଏପରି କି ରଥଟଣା ଆରମ୍ଭ ହୋଇଥିଲେ ମଧ୍ୟ ଉପଜିଲାପାଳଙ୍କ ବ୍ୟତୀତ ଅନ୍ୟ ପ୍ରଶାସନିକ ଅଧିକାରୀ ଏଥିରେ ସାମିଲ ହୋଇ ନ ଥିଲେ। ରଥଟଣା ବିଭ୍ରାଟ ନେଇ ସ୍ଥାନୀୟ ଶ୍ରଦ୍ଧାଳୁଙ୍କ ମନରେ ଆଶଙ୍କା ପ୍ରକାଶ ପାଇଛି। ଜିଲାର ଜଣେ ହେଲେ ବିଧାୟକ ଏଥିରେ ସାମିଲ ନ ହେବାରୁ ଶ୍ରଦ୍ଧାଳୁମାନେ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ଏ ନେଇ ସେବାୟତ ଗଗନ ପତ୍ରୀ କୁହନ୍ତି, ରଥ ରୀତିନୀତି ନୁହେଁ ରଥ ନିର୍ମାଣ ଶୈଳୀରେ ତ୍ରୁଟି ଅଛି। ଏଥିପାଇଁ ରଥ ଗୋଟିଏ ଆଡ଼କୁ ମାଡ଼ିଯାଇଛି। ରଥର ମୁଖ୍ୟ କାରିଗର ତ୍ରିଲୋଚନ ମହାରଣା କହିଛନ୍ତି, ରଥ ନିର୍ମାଣରେ କୌଣସି ତ୍ରୁଟି ନାହିଁ। ରଥ ଚାଳନାରେ ଅନଭିଜ୍ଞତା ପ୍ରକାଶ ପାଇଛି। ଏ ସମ୍ପର୍କରେ ଜିଲାପାଳ ଅମୃତ ଋତୁରାଜଙ୍କୁ ପଚାରିବାରେ ଦୁଇବର୍ଷ ଧରି ଭକ୍ତ ଓ ଭଗବାନଙ୍କ ମଧ୍ୟରେ ମିଳନ ହୋଇ ନ ଥିଲା। ଏଥିପାଇଁ ଠାକୁରଙ୍କ ଇଚ୍ଛାରେ ରଥ ଅଟକିଛି। ତେବେ ରଥ ଚାଳନା ପାଇଁ ହାଇଡ୍ରୋ ଟ୍ରୋଚର ମେଶିନ ଅଣାଯାଇ କାର୍ଯ୍ୟରେ ଲଗାଯାଇଛି ବୋଲି ସେ କହିଛନ୍ତି।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email–pkmahapatro@gmail.com

**ମେଷ**
କୃତ୍ତିକା ନକ୍ଷତ୍ରର ପ୍ରତ୍ୟେକ କ୍ଷେତ୍ରରେ ଖର୍ଚ୍ଚାନ୍ତ ହୋଇ କାମ ହାସଲ କରିବେ। ବନ୍ଧୁମାନଙ୍କ ସହ ଶୁଭକାର୍ଯ୍ୟ ପରିପ୍ରେକ୍ଷୀରେ ସୁମଧୁର ଅନୁଭୂତିକୁ ନେଇ ଦିନଟିକୁ ବିତାଇବେ। ଗୃହ, ଭୂମି, ଗାଡ଼ି, ବନ୍ଧୁବାନ୍ଧବ, ସହକର୍ମୀଙ୍କ ମଧ୍ୟରେ କଳହର ସୂଚନା ରହିଛି। ସ୍ୱାସ୍ଥ୍ୟ ଓ ପିଲାମାନଙ୍କ ବିବାହ ସମ୍ପର୍କିତ ଚିନ୍ତା ନେଇ ବନ୍ଧୁଙ୍କ ସହ ଆଲୋଚନା କରିପାରନ୍ତି।

**ବୃଷ**
ରୋହିଣୀ ନକ୍ଷତ୍ର ଦୀର୍ଘ ଦିନର ସୁଚିନ୍ତିତ ନୂତନ ଗୃହ, ଅନୁଷ୍ଠାନ, ବାଣିଜ୍ୟାରମ୍ଭ କରିପାରନ୍ତି। ଆଜି ଜଣେ ଅନ୍ତରଙ୍ଗ ବନ୍ଧୁଙ୍କ କଥା ବାରମ୍ବାର ମନରେ ଆଲୋଡ଼ନ ସୃଷ୍ଟି କରିବ। ଘରେ କିମ୍ବା ଅଫିସ୍‌ରେ ମୂଲ୍ୟବାନ ଦ୍ରବ୍ୟ ନଷ୍ଟ ହୋଇପାରେ। ହଠାତ୍ ବାହାରକୁ ଯିବା ସମୟରେ କୌଣସି ଦରକାରୀ କାଗଜପତ୍ର ନ ପାଇ ବ୍ୟସ୍ତ ହୋଇପାରନ୍ତି।

**ମିଥୁନ**
ତୃତୀୟସ୍ଥାନ ଶନି ଦୃଷ୍ଟ ହେତୁ ପାରିବାରିକ ଅସ୍ଥିରତା ଓ ଅଶାନ୍ତିରୁ ମନ ଭଲ ରହିବ ନାହିଁ। ବ୍ୟବସାୟିକ କ୍ଷେତ୍ରରେ ଅର୍ଥଲାଭ କରିବେ। ନୂତନ ବନ୍ଧୁ ସମ୍ପର୍କ ଯୋଡ଼ିବା ପାଇଁ ଚେଷ୍ଟା କଲେ ଉପକୃତ ହେବେ। କଳା, ସାହିତ୍ୟ, ସାମ୍ବାଦିକତା କ୍ଷେତ୍ରରେ କୌଣସି ପ୍ରକାର ଅସୁବିଧା ନ ହେଲେ ମଧ୍ୟ ପ୍ରତିଦ୍ୱନ୍ଦ୍ୱିତା ବୃଦ୍ଧି ହେତୁ ମନ ଅସ୍ଥିର ରହିପାରେ।

**କର୍କଟ**
କେତୁଙ୍କ କୁପ୍ରଭାବରୁ ସାମାଜିକ ସ୍ତରରେ ଯେଉଁ ଆଶା ନେଇ କାହା ପାଇଁ କିଛି କରିବେ ପ୍ରତିବଦଳରେ କିଛି ପାଇବେ ନାହିଁ। ଜଣେ ପଦସ୍ଥ ବ୍ୟକ୍ତିଙ୍କ ସାନିଧ୍ୟରୁ ଉପକୃତ ହେବେ। ଚେଷ୍ଟା ସଫଳ ହେବାରେ ଜଣେ ଅଜଣା ବ୍ୟକ୍ତି ସାହାଯ୍ୟ କରିବେ। ବାଣିଜ୍ୟ, ବ୍ୟବସାୟ, ପରିବହନ, ସଭାସମିତି, ଆଇନ ଅଦାଲତ କ୍ଷେତ୍ରରୁ ସୁଫଳ ପାଇବେ।

**ସିଂହ**
କର୍ମକ୍ଷେତ୍ରର ବିଭିନ୍ନ ସମସ୍ୟା ବିଷୟରେ ଚିନ୍ତା କରି ମନରେ ସରସତା ରହିବ ନାହିଁ। ଶୁକ୍ରଜନିତ ଶୁଭ ଖବର ସାଙ୍ଗକୁ ଅର୍ଥଲାଭରୁ ମନ ଖୁସି ହୋଇଯିବ। ନିକଟସ୍ଥ ବ୍ୟକ୍ତି ବିଶେଷମାନେ ପରୋକ୍ଷ ସମାଲୋଚନା କରିପାରନ୍ତି। ତରବରିଆ ଯାତ୍ରାରୁ ଦୂରେଇ ରହିଲେ ଭଲ, ସତର୍କ ନ ରହିଲେ ସାଧାରଣ ଆଘାତ ଲାଗିପାରେ।

**କନ୍ୟା**
ଆଜି କର୍ମକ୍ଷେତ୍ରରେ ଅନ୍ୟମାନଙ୍କ କଥାକୁ ସହଜରେ ଗ୍ରହଣ କରିପାରିବେ ନାହିଁ। ଅନ୍ୟ ଦ୍ୱାରା ସମ୍ପନ୍ନ କରାଯାଇଥିବା କାମଗୁଡ଼ିକର ସମୀକ୍ଷା କରି ବ୍ୟସ୍ତତା ଅନୁଭବ କରିବେ। ରାଶ୍ୟାଧିପତି ବକ୍ରିଥିବାରୁ ପିଲାଙ୍କ କାର୍ଯ୍ୟକଳାପ ନିଜ ପାଇଁ ଅସନ୍ତୋଷ ସୃଷ୍ଟି କରିବ। ଅବଶ୍ୟ ପାରିବାରିକ ସମସ୍ୟାକୁ ସମାଧାନ କରିବାରେ ସମର୍ଥ ହେବେ।

**ତୁଳା**
ପାରିବାରିକ ସମସ୍ୟାର ସରଳ ସମାଧାନ କ୍ଷେତ୍ରରେ ବନ୍ଧୁ ସାହାଯ୍ୟ କରିବେ। ଚିତ୍ରା ନକ୍ଷତ୍ର ସକାଶେ କର୍ମକ୍ଷେତ୍ରରେ ସହକର୍ମୀଙ୍କ ହସ୍ତକ୍ଷେପ ଫଳରେ ବାଧାବିଘ୍ନ ଘଟିପାରେ। ଜମିଜମା, କଚେରି ମାମଲା ସକାଶେ ଚିନ୍ତା ବଢ଼ିପାରେ। କଳା, ସାହିତ୍ୟ, ସଙ୍ଗୀତ, ଚଳଚ୍ଚିତ୍ର କ୍ଷେତ୍ରରେ ଦ୍ରୁତୋନ୍ନତି ପରିଲକ୍ଷିତ ହେବ।

**ବିଛା**
ଆଜି ସପ୍ତମଭାବସ୍ଥ ଶୁକ୍ର ହେତୁ ସକାଳୁ ଖୁସି ମନରେ ଦୂରଯାତ୍ରା କରିବାକୁ ପଡ଼ିବ। ବ୍ୟବସାୟ ଓ ଶିଳ୍ପ, ବାଣିଜ୍ୟ କ୍ଷେତ୍ରରେ ସହଜରେ ଲକ୍ଷ୍ୟ ହାସଲ କରିବେ। ଉପକାର କରିଥିବା ବ୍ୟକ୍ତିଙ୍କଠାରୁ ପ୍ରତିଦାନ ପାଇବା ଦୁର୍ଲଭ ହେବ। ପାରିବାରିକ କ୍ଷେତ୍ରରେ ଉଚ୍ଚବର୍ଗଙ୍କ ସହାୟତା ପାଇବେ ନାହିଁ ତଥାପି ଏକପ୍ରକାର ଆଶ୍ୱସ୍ତି ଲାଭ କରିବେ।

**ଧନୁ**
ବୃହସ୍ପତିଙ୍କ କେନ୍ଦ୍ରାବସ୍ଥାନ କାରଣରୁ ବନ୍ଧୁଙ୍କ ସଦ୍‌ଭାବ ଓ ସହକର୍ମୀଙ୍କ ସହଯୋଗ କର୍ମକ୍ଷେତ୍ରକୁ ତ୍ୱରାନ୍ୱିତ କରିବ। ପ୍ରତୀକ୍ଷିତ କାର୍ଯ୍ୟ ସକାଶେ ଆତ୍ମୀୟଙ୍କ ଉପସ୍ଥିତି ଯୋଗୁ ଖୁସି ହେବେ। ଆଲୋଚନା ପରିସରରେ ବନ୍ଧୁଙ୍କ ଯୁକ୍ତିକୁ ଗ୍ରହଣ କରିବାକୁ ବାଧ୍ୟ ହେବେ। ପାରିବାରିକ ଭୁଲ୍ ବୁଝାମଣା ହେତୁ ଅଭାବ ନ ଥିଲେ ମଧ୍ୟ ମାନସିକ ଅସ୍ଥିରତା ଲାଗି ରହିବ।

**ମକର**
ନୀରବ ସମର୍ଥନଜନିତ ବନ୍ଧୁଙ୍କୁ ଆପ୍ୟାୟିତ କରି କାମ ହାସଲ କରିବେ। ସାମାନ୍ୟ ପ୍ରତିବନ୍ଧକ ରହିଲେ ମଧ୍ୟ ବ୍ୟବସାୟ,ବାଣିଜ୍ୟ ଓ ପରିବହନରେ ଉନ୍ନତି ଘଟିବ। ସମସ୍ୟାର ସମ୍ମୁଖୀନ ହୋଇ ନିର୍ମାଣାଧୀନ କାମଟି ଆଜି ସମ୍ପୂର୍ଣ୍ଣ କରିପାରିବେ ନାହିଁ। ମିଥ୍ୟା ଗୁଜବ ଶୁଣିବା ପରେ ମନରେ ବିଭିନ୍ନ ପ୍ରକାର ସମସ୍ୟା ସୃଷ୍ଟି ହେବାର ସୂଚନା ରହିଛି।

**କୁମ୍ଭ**
ସମସ୍ୟା ବିଜଡ଼ିତ ହେବା କାରଣରୁ ମାନସିକ ସ୍ଥିରତା କ୍ଷୁଣ୍ଣ ହେବ। ତଥାପି କେନ୍ଦ୍ରସ୍ଥ ଶୁକ୍ରଜନିତ ପରିବାରରୁ ପୂର୍ଣ୍ଣ ସହଯୋଗ ପାଇ କେତେକ କାମ ହାସଲ କରିବେ। ଭାବପ୍ରବଣତାରେ ହଜି ନ ଯାଇ ନିଜକୁ ନିୟନ୍ତ୍ରଣ ମଧ୍ୟରେ ରଖିବା ପାଇଁ ଚେଷ୍ଟା କରନ୍ତୁ। ଯାତ୍ରା, ବାଣିଜ୍ୟ ଓ ବ୍ୟବସାୟ ତଥା ପରିବହନ ସକାଶେ ଦିନଟି ବିଶେଷ ଭାବରେ ଅନୁକୂଳ।

**ମୀନ**
ଆଜି ଯେତେ ଭଲ କାମ କଲେ ମଧ୍ୟ ଅନ୍ୟମାନେ ଦୋଷ ଖୋଜି ବୁଲିବେ। ବ୍ୟବସାୟ, ବାଣିଜ୍ୟ, ନିର୍ମାଣ କ୍ଷେତ୍ରରେ ତରବରିଆ ପଦକ୍ଷେପ ନିଅନ୍ତୁ ନାହିଁ। ଅତି ଭଲ ସମ୍ପର୍କ ରହିଥିବା ନିଜ ଲୋକମାନଙ୍କ ଈର୍ଷାପରାୟଣତା ହେତୁ ବ୍ୟସ୍ତବିବ୍ରତ ହୋଇପାରନ୍ତି। ସଭାସମିତି, କଳା, ସାହିତ୍ୟ, ବନ୍ଧୁ ସମ୍ପର୍କରେ କିଛିଟା ସମସ୍ୟା ସୃଷ୍ଟି ହେବ।

**classifieds Everyday**
0674-2580101, 2549302



**SALE**

**ନନ୍ଦନକାନନ Backside ଚନ୍ଦକା-ତ୍ରିଶୂଳିଆ ବାଇପାସ୍ Road ପାଖରେ well developed ସ୍ଥିତିବାନ plots sqft. 900/- ରେ କିଣନ୍ତୁ- 9348767829, 8018603523.** D-73272

ଭୁବନେଶ୍ୱର ହଂସପାଳ ଛକ ପାଖରେ ମୋର ଘର ବିକ୍ରି କରାଯିବ। Contact: 9178660666. D-73831

**Duplex sale at Bhubaneswar @ 45 lakhs and apartment @ 42lakhs. 9439206202.** D-73275

**ଭୁବନେଶ୍ୱର ପିତାପଲ୍ଲୀ ଛକରୁ 200mtr ଦୂରତାରେ 30' ରାସ୍ତା ଥାଇ ପ୍ଲଟ୍ ମିଳୁଛି। 9994968742.** D-73267

ଭୁବନେଶ୍ୱର ଜଟଣୀଗେଟ୍ କିଛି ଦୂରତାରେ 1200sqft. plotକୁ 3,60,000- (outright). 9348232008. D-73266

**ଭୁବନେଶ୍ୱର ହଂସପାଳ ନିକଟବର୍ତ୍ତୀ Sudhananda Schoolକୁ ଲାଗି 30' road, electricity ସୁବିଧା ଥାଇ gated society ଘରବାରି plot @9,00,000/- ଘର କରନ୍ତୁ। (Bank loan available). 9437691481.** D-73260

**Gharabari advance boundarywall plot sale Gudiapokhari Omvihar with 30'road, electricity, plantetion, Patta limited plot available. 8763887357, 8144730854.** D-73274

ଭୁବନେଶ୍ୱର ସୁନ୍ଦରପଦା, କାଟେଣୀ, ଚନ୍ଦକାରେ 6,00,000/- 12,00,000/-ରେ ପ୍ଲଟ୍ ଦିଆଯାଉଛି। Sasmita- 9853150290. D-73271

**1414sqft. 3BHK New Flat 4th Floor with Covered Parking in Acropolis Apartment, Gothapatna near IIIT & Gurukul 55 lacs. Contact- 9437020530.** D-894

Khordha Municipalityରେ PN College- Collectorate Office ମଧ୍ୟରେ boundary, electricity, Water ସହିତ plot ମିଳୁଅଛି। 9439101373, 7735888421. D-718

**ଭୁବନେଶ୍ୱର ଗଙ୍ଗପଡ଼ା ଛକରୁ 700mtr ଦୂରତାରେ Adyanta କଲେଜ backsideରେ yellowzone ପ୍ଲଟ୍ ମିଳୁଛି। 9556368377.** D-73270

**Immediate ଘରକରି ରହିବା ପାଇଁ ଭିଙ୍ଗାରପୁରଠାରେ sqft. 500/ ବାଲକାଟିରେ sqft. 1000/-. 8114929186.** D-73929



**Relax, refresh your body, mind at Saikrupa Spa with best therapies. 8984068077.** D-805

Newly open full body massage ladies and gents. 8327740003, 8093860513. D-73926

Refreshing your mind and body with the best therapy, 7873794731. D-872

Refreshments rejuvenation body massage therapy with experienced therapists, Bhubaneswar. 7854099233. D-73836

**ପାଠକଙ୍କ ପାଇଁ ସୂଚନା**
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।



**ଢଗଢମାଳି**

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା–ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**କାଉ ଖାଏ ଧାନ;**
**ବଗ ପଡ଼େ ବନ୍ଧନ।**

ଧୂର୍ତ୍ତ ବ୍ୟକ୍ତିଙ୍କ କାର୍ଯ୍ୟକଳାପକୁ କେହି ସହଜରେ ଜାଣିପାରି ନ ଥାନ୍ତି। ଲୁଟି ମାରି ଖାଇ ସବୁ ଦୋଷ ନିରୀହ ବ୍ୟକ୍ତି ମୁଣ୍ଡରେ ଲଦି ଦେଇଥାନ୍ତି। ଫଳସ୍ୱରୂପ କିଛି ନ କରି ମଧ୍ୟ ସରଳ ନିଷ୍ପାପ ବ୍ୟକ୍ତି ଅଯଥାରେ ଦଣ୍ଡିତ ହୋଇଥାନ୍ତି। ନେବା ଲୋକର ପତ୍ତା ନ ଥିବା ସ୍ଥଳେ ନିରୀହ ଲୋକକୁ ଦଣ୍ଡ ଦିଆଯିବା ଅମାନବିକତାର ପରିଚୟ ହୋଇଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

କାହାର ପୁଷମାସ,
କାହାର ସର୍ବନାଶ।

ସଂସାରରେ ସୁଖ ଏବଂ ଦୁଃଖର ପରିଧି ମଧ୍ୟରେ କେତେବେଳେ କିଏ ଦୁଃଖ ଭୋଗ କରେ ତ ଅନ୍ୟ କେହି ସୁଖ ଭୋଗ କରୁଥିବା ଦେଖିବାକୁ ମିଳିଥାଏ। ଜଣକର ଭଲ ହେଲାବେଳେ ଆଉ ଜଣକର କିଛି ନା କିଛି ମନ୍ଦ ଘଟିଥାଏ। ଅବସ୍ଥାର ତାରତମ୍ୟ ପ୍ରତି ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ – ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

# ବଟି ଆଦାୟକୁ କେନ୍ଦ୍ରକରି ୨ କିନ୍ନର ଗୋଷ୍ଠୀ ମୁହାଁମୁହିଁ

**ଭଦ୍ରକ ଅଫିସ,୩।୭**

**ଆକ୍ରମଣରେ ୫ ଗୁରୁତର, ୬ ଗିରଫ**

ଭଦ୍ରକ ଚରମ୍ପାସ୍ଥିତ ଏକ ହୋଟେଲରେ ଶନିବାର ବିଳମ୍ବିତ ରାତିରେ ଦୁଇ କିନ୍ନର ଗୋଷ୍ଠୀ ମୁହାଁମୁହିଁ ହୋଇଛନ୍ତି। ମାରପିଟ୍ ଯୋଗୁ ଉଭୟ ପକ୍ଷରୁ ୧୦ଜଣ ଆହତ ହୋଇଥିବା ବେଳେ ସେମାନଙ୍କ ମଧ୍ୟରୁ ୫ଜଣ ଗୁରୁତର ଅଛନ୍ତି। ସେମାନଙ୍କୁ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ଏହି ଘଟଣାରେ ଭଦ୍ରକ ଟାଉନ ଥାନା ପୋଲିସ ୬ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ଭଦ୍ରକ ଚରମ୍ପାର ସୀମା ଚୁଙ୍ଗୁରୁ, ରଞ୍ଜିତା ସେଠୀ, ଅଞ୍ଜଳି ପଟ୍ଟନାୟକ, ରଚନା ବେହେରା, ବୁଲ୍‌ବୁଲି ଜେନା ଓ ବିଜୁଳି ଦାସ। ଜିଲା ମୁଖ୍ୟ ଚିକିତ୍ସାଳୟରେ ସେମାନଙ୍କର କୋଭିଡ୍ ପରୀକ୍ଷା ପରେ କୋର୍ଟ ଚାଲାଣ କରାଯାଇଛି। ଉଭୟ ପକ୍ଷରୁ ଅଭିଯୋଗ କ୍ରମେ ଥାନାରେ ୨ଟି ମାମଲା ରୁଜୁ ହୋଇଛି। ପୋଲିସ ସୂଚନା ଅନୁଯାୟୀ, ଭଦ୍ରକ ଓ ଯାଜପୁର ଦୁଇ ଜିଲାର କିନ୍ନରମାନଙ୍କ ମଧ୍ୟରେ ମୁଖ୍ୟତଃ ସୀମା, ଟ୍ରେନ୍‌ରେ ଓ ଟୋଲ୍ ଗେଟରେ ବଟି ଆଦାୟକୁ ନେଇ ବିବାଦ ଲାଗି ରହିଥିଲା। ଏହି ବିବାଦ ଶନିବାର ରାତିରେ ଉଗ୍ରରୂପ ନେଇଥିଲା। ଗୋଟିଏ ଗୋଷ୍ଠୀର ସମର୍ଥକମାନେ ଭଦ୍ରକ ଚରମ୍ପାର ଏକ ହୋଟେଲରେ ରହିଥିବା ଅନ୍ୟ ଗୋଷ୍ଠୀର କିନ୍ନରଙ୍କୁ ଆକ୍ରମଣ କରିଥିଲେ। ଏହି ଗଣ୍ଡଗୋଳରେ ହୋଟେଲରେ ବ୍ୟାପକ ଭଙ୍ଗାରୁଜା କରାଯାଇଛି। ଏଥିସହ ହୋଟେଲରେ ଥିବା କିନ୍ନରଙ୍କ ମଧ୍ୟରୁ କେତେଜଣଙ୍କ ଚୁଟି କାଟି ଦିଆଯାଇଥିବା ଦେଖିବାକୁ ମିଳିଥିଲା। ହୋଟେଲର ଗେଟ୍, ଆସବାବପତ୍ର ଭାଙ୍ଗିବା ସହ କିନ୍ନରଙ୍କ ଜୋତା, ଡ୍ରେସ୍ ସହ କଟା ହୋଇଥିବା ଚୁଟି ଏଣେତେଣେ ପଡ଼ିଥିଲା। ଆକ୍ରମଣ ଓ ପ୍ରତି ଆକ୍ରମଣରେ ଗୁରୁତର ଶିବାନୀ କିନ୍ନର, ରୁବି କିନ୍ନର, ମହାମାୟା କିନ୍ନର, ପିଙ୍କି ସାହୁ, ଶିବାନୀ କିନ୍ନରଙ୍କୁ ପ୍ରଥମେ ଭଦ୍ରକ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ପରେ କଟକ ବଡ଼ ମେଡିକାଲକୁ ପଠାଯାଇଛି। ତେବେ ଏହି ଗଣ୍ଡଗୋଳକୁ ନେଇ ରାତିରେ ଭଦ୍ରକର କିନ୍ନରମାନେ ଟାଉନ ଥାନା ଆଗରେ ଧାରଣା ଦେଇ ହୋହଲ୍ଲା କରିଥିଲେ। ପୋଲିସ ଉକ୍ତ ହୋଟେଲକୁ ଯାଇ ତଦନ୍ତ କରି ୪ ଆକ୍ରମଣକାରୀଙ୍କୁ ଆଣି ଥାନାରେ ଅଟକ ରଖିଥିଲା। ରବିବାର ସକାଳେ ଅପରପକ୍ଷର ୨ ଜଣଙ୍କୁ ମିଶାଇ ୬ଜଣଙ୍କୁ ପୋଲିସ ଗିରଫ କରିଛି।

**ପ୍ରଥମ ପୃଷ୍ଠାରୁ...**

## ପ୍ରଥମ ପରୀକ୍ଷାରେ ...

ସଂଖ୍ୟାଗରିଷ୍ଠତାର ପ୍ରମାଣ ଦେବାକୁ ନିର୍ଦ୍ଦେଶ ଦେବା ପରେ ସେ ମୁଖ୍ୟମନ୍ତ୍ରୀ ପଦରୁ ଇସ୍ତଫା ଦେଇଥିଲେ। ପରେ ଗୁରୁବାର ରାତିରେ ସିନ୍ଦେ ମୁଖ୍ୟମନ୍ତ୍ରୀ ଓ ଭାଜପାର ପୂର୍ବତନ ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡ଼ନବିସ ଉପମୁଖ୍ୟମନ୍ତ୍ରୀ ଭାବେ ଶପଥ ନେଇଥିଲେ। ରାଜ୍ୟପାଳଙ୍କ ନିର୍ଦ୍ଦେଶକ୍ରମେ ରବିବାର ବାଚସ୍ପତି ନିର୍ବାଚନ କରାଯାଇଛି। ବିଧାନସଭା ଅଧ୍ୟକ୍ଷ ପଦ ନିର୍ବାଚନ ପୂର୍ବରୁ ଶିବସେନାର ଦୁଇଗୋଷ୍ଠୀଙ୍କ ପକ୍ଷରୁ ବିଧାୟକମାନଙ୍କ ପାଇଁ ହ୍ୱିପ୍ ଜାରି କରାଯାଇଥିଲା। ପୂର୍ବତନ ମୁଖ୍ୟମନ୍ତ୍ରୀ ଉଦ୍ଧବ ଠାକ୍‌ରେ ଓ ବର୍ତ୍ତମାନର ମୁଖ୍ୟମନ୍ତ୍ରୀ ଏକନାଥ ସିନ୍ଦେ ନିଜ ନିଜ ପକ୍ଷର ବାଚସ୍ପତି ପ୍ରାର୍ଥୀଙ୍କୁ ଭୋଟ ଦେବା ପାଇଁ ସୁନିଶ୍ଚିତ କରାଇଥିଲେ। ବିଧାନସଭାର ମୋଟ ଆସନ ସଂଖ୍ୟା ୨୮୮। ଶିବସେନାର ଜଣେ ବିଧାୟକଙ୍କ ମୃତ୍ୟୁ ପରେ ଏହି ସଂଖ୍ୟା ୨୮୭କୁ ଖସିଥିବାବେଳେ ସଂଖ୍ୟାଗରିଷ୍ଠତା ପାଇଁ ମ୍ୟାଜିକ୍ ନମ୍ବର ହେଉଛି ୧୪୪। ଉପବାଚସ୍ପତି ନରହରି ଜିରୱାଲ ପୂର୍ବାହ୍ନ ୧୧ଟାରେ ନିର୍ବାଚନ ପରିଚାଳନା କରି ମୁଣ୍ଡଗଣତି କରାଇଥିଲେ। ବିଧାୟକମାନେ ନିଜ ପକ୍ଷର ପ୍ରାର୍ଥୀଙ୍କୁ ସମର୍ଥନ ଘୋଷଣା ବେଳେ ଗୋଟି ଗୋଟିକରି ସଂଖ୍ୟା କହିଥିଲେ। ମୋଟ ୨୭୧ ଖଣ୍ଡ ଭୋଟ ପଡ଼ିଥିଲା। ଆଇନରେ ସ୍ନାତକ ଡିଗ୍ରୀ ହାସଲ କରିଥିବା ଭାଜପାର ରାହୁଲ ନରୱେକରଙ୍କୁ ସିନ୍ଦେ ଗୋଷ୍ଠୀର ପୂର୍ଣ୍ଣ ସମର୍ଥନ ମିଳିଥିବାରୁ ତାଙ୍କ ସପକ୍ଷରେ ମୋଟ ୧୬୪ ବିଧାୟକ ଭୋଟ ଦେଇଥିଲେ। ଅନ୍ୟପକ୍ଷେ ଉଦ୍ଧବଙ୍କ ନେତୃତ୍ୱାଧୀନ ଶିବସେନା ବିଧାୟକ ରାଜନ ସାଲ୍‌ଭିଙ୍କୁ ୧୦୭ ସଦସ୍ୟଙ୍କ ସମର୍ଥନ ମିଳିଥିଲା। ମୁଣ୍ଡଗଣତି ଜରିଆରେ ଭୋଟିଂ ବେଳେ ମୋଟ ୩ ଜଣ ବିଧାୟକ ମତଦାନରୁ ବିରତ ରହିଥିଲେ। ସେମାନେ ହେଲେ ସମାଜବାଦୀ ପାର୍ଟି (ଏସ୍‌ପି)ର ଅବୁ ଆଜ୍‌ମି ଓ ରଇସ୍ ଶେଖ୍ ଏବଂ ଏଆଇଏମ୍‌ଆଇଏମ୍ ବିଧାୟକ ଶେଖ୍ ଫାରୁକ୍ ଅନୱର। ସୋମବାର ନୂଆ ମୁଖ୍ୟମନ୍ତ୍ରୀ ସିନ୍ଦେ ଆସ୍ଥାଭୋଟର ସମ୍ମୁଖୀନ ହେବେ। ତେଣୁ ବାଚସ୍ପତି ନିର୍ବାଚନ ଉପରେ ସାରା ଦେଶର ନଜର ରହିଥିଲା। ବିଶେଷଜ୍ଞଙ୍କ ମତରେ ନୂଆ ବାଚସ୍ପତି ସିନ୍ଦେଙ୍କ ସମେତ ତାଙ୍କ ଶିବିରର ୧୬ ଶିବସେନା ବିଧାୟକଙ୍କ ବିରୋଧରେ ଅଯୋଗ୍ୟ ଘୋଷଣା ପ୍ରକ୍ରିୟାକୁ ରଦ୍ଦ କରିପାରନ୍ତି, ଯାହାକୁ ଗତମାସରେ ଉପବାଚସ୍ପତି ନରହରି ଜିରୱାଲ ନୋଟିସ ପଠାଇଥିଲେ। ସେହିପରି ବାଚସ୍ପତି ଯଦି ସିନ୍ଦେ ଗୋଷ୍ଠୀକୁ 'ପ୍ରକୃତ ଶିବସେନା' ମାନ୍ୟତା ଦିଅନ୍ତି, ତେବେ ଏହି ଗୋଷ୍ଠୀକୁ କୌଣସି ରାଜନୈତିକ ଦଳ ସହ ମିଶ୍ରଣ ହେବାକୁ ପଡ଼ିବ ନାହିଁ। ବିଧାନସଭାରେ ଦୁଇ ତୃତୀୟାଂଶ ସଂଖ୍ୟାଗରିଷ୍ଠତା ରହିଛି ବୋଲି ଦାବି କରୁଥିବା ସିନ୍ଦେ ରବିବାର ରାତିରେ ୩୯ ଶିବସେନା ବିଦ୍ରୋହୀଙ୍କ ସମେତ ୫୦ ବିଧାୟକଙ୍କୁ ନେଇ ଗୋଆରୁ ମୁମ୍ବାଇ ଫେରିଥିଲେ। ବାଚସ୍ପତି ନିର୍ବାଚନ ପୂର୍ବରୁ ଦୁଇଗୋଷ୍ଠୀ ମଧ୍ୟରେ ବିଧାନସଭାରେ ଥିବା ଶିବସେନା ଅଫିସକୁ ନେଇ ଟଣାଓଟରା ହେବାରୁ ତାକୁ ସିଲ୍ କରାଯାଇଛି।

## ବନ୍ୟପ୍ରାଣୀ ସୁରକ୍ଷା ...

କରୁଛନ୍ତି ତ ଆଉ କାହାକୁ ବିଶ୍ରାମ ନାହିଁ। ବନ ବିଭାଗର ଡ୍ୟୁଟି ବଣ୍ଟନ ବ୍ୟବସ୍ଥା ଆଦୌ ପାରଦର୍ଶୀ ନୁହେଁ। ବ୍ୟବସ୍ଥା ଏମିତି ଯେ, ସିଲଭିକଲଚର, ୱାର୍କିଙ୍ଗପ୍ଲାନ, କେନ୍ଦୁପତ୍ର, ଟ୍ରେନିଂ ସର୍କଲ ପ୍ରଭୃତିରେ କାର୍ଯ୍ୟରତ ସହସ୍ରାଧିକ କର୍ମଚାରୀ ବନ୍ୟଜନ୍ତୁ/ନିଆଁ ସୁରକ୍ଷାରେ ନିୟୋଜିତ ହୁଅନ୍ତି ନାହିଁ। ତେଣୁ ସିଙ୍ଗିଲ ଉଇଣ୍ଡୋ ପରିଚାଳନା ନିମିତ୍ତ, ଇଣ୍ଟିଗ୍ରେଟେଡ ସର୍କଲ ରି–ଅର୍ଗାନାଇଜେଶନ ପାଇଁ ଅନେକ ଦିନରୁ ବାରମ୍ବାର ଦାବି କରୁଥିଲେ ମଧ୍ୟ ବିଭାଗ ଶୁଣୁନାହିଁ ବୋଲି ଜଗବନ୍ଧୁ ଅଭିଯୋଗ କରିଛନ୍ତି। ସବୁଠାରୁ ବଡ଼ କଥା ହେଲା, ବନ୍ୟପ୍ରାଣୀ ସୁରକ୍ଷା ପାଇଁ ୨୦୦୮ ମସିହାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସ୍ପେଶାଲ୍ ଷ୍ଟ୍ରାଇକିଂ ଫୋର୍ସ (ଏସ୍‌ଏସ୍‌ଏଫ୍) ଗଠନ କରିବା ପାଇଁ ଘୋଷଣା କରିଥିଲେ। ରାଜ୍ୟର ୫୦ଟି ସ୍ଥାନରେ ଏସ୍‌ଏସ୍‌ଏଫ୍‌ର ସ୍ୱତନ୍ତ୍ର ଟିମ୍ ମୁତୟନ ହୋଇ ବନ୍ୟପ୍ରାଣୀ ସୁରକ୍ଷା ପାଇଁ କାର୍ଯ୍ୟ କରିଥାଆନ୍ତେ। କିନ୍ତୁ ଦୀର୍ଘ ୧୪ ବର୍ଷ ପରେ ମଧ୍ୟ ଏସ୍‌ଏସ୍‌ଏଫ୍ ଗଠନ ହୋଇପାରିଲା ନାହିଁ। ଏଥିପାଇଁ କେବଳ ପିସିସିଏଫ୍‌ମାନେ ଦାୟୀ ବୋଲି ଜଗବନ୍ଧୁ କହିଛନ୍ତି। ସେହିପରି ଆଠଗଡ଼ରେ ହାତୀ କଙ୍କାଳ ଉଦ୍ଧାର ଘଟଣାରେ ଜଗବନ୍ଧୁ ପ୍ରତିକ୍ରିୟା ରଖି କହିଛନ୍ତି, ହାତୀର ମୃତ୍ୟୁ ଯେମିତି ବି ହେଉ (ସ୍ୱାଭାବିକ, ବିଦ୍ୟୁତ୍ ଆଘାତ, ରେଳ/ଯାନ ଦୁର୍ଘଟଣା କିମ୍ବା ଶିକାର) ପଛେ ଗାର୍ଡ କିମ୍ବା ଫରେଷ୍ଟରଙ୍କୁ ବଳି ଦେଇ ସମସ୍ତେ ସୁରକ୍ଷିତ ରହିଯାଉଛନ୍ତି। ଆଠଗଡ଼ରେ ଯେଉଁଭଳି ଭାବେ ହାତୀ କଙ୍କାଳ ଜବତ ହେଲା, ସେହିଭଳି କିଛି ଉଦାହରଣ ଅଛି ଯେଉଁଥିରେ ଆର୍‌ସିସିଏଫ୍, ଡିଏଫ୍‌ଓ ଏବଂ ଏସିଏଫ୍ ସମସ୍ତେ ଜାଣି ମଧ୍ୟ ବିନା ମାମଲାରେ ପୋତା ହେଇଛି। ଏଭଳି ୪୦ ଉଦାହରଣ ସେ ଦେଇପାରିବେ ବୋଲି ଜଗବନ୍ଧୁ କହିଛନ୍ତି। ଆଠଗଡ଼ ଘଟଣାର ତଦନ୍ତରେ ସମସ୍ତଙ୍କ ନାର୍କୋଟିକ ଟେଷ୍ଟ ପାଇଁ ଜଗବନ୍ଧୁ ଦାବି କରିଛନ୍ତି। ଏ ସମ୍ପର୍କରେ ଖୋର୍ଦ୍ଧା ଜିଲା ଅବୈତନିକ ବନ୍ୟପ୍ରାଣୀ ତତ୍ତ୍ୱାବଧାରକ ଶୁଭେନ୍ଦୁ ମଲ୍ଲିକ କହିଛନ୍ତି, ରାଜ୍ୟ ସରକାର ଯଥାଶୀଘ୍ର ବନ ଅଧିକାରୀଙ୍କର ଏସବୁ ବେଆଇନ କାମ ବନ୍ଦ କରିବା ସହ ସ୍ପେଶାଲ୍ ଷ୍ଟ୍ରାଇକିଂ ଫୋର୍ସ ଗଠନ ଲାଗି ପଦକ୍ଷେପ ନିଅନ୍ତୁ, ତା'ହେଲେ ଆଠଗଡ଼ ବନଖଣ୍ଡ ଭଳି ଘଟଣା ରୋକାଯାଇପାରିବ। ଅନ୍ୟପକ୍ଷରେ ଏ ନେଇ ପିସିସିଏଫ୍ (ବନ୍ୟପ୍ରାଣୀ) ଶଶୀ ପଲ୍‌ଙ୍କୁ ଯୋଗାଯୋଗ କରାଯାଇଥିଲେ ମଧ୍ୟ ତାଙ୍କ ପ୍ରତିକ୍ରିୟା ମିଳିପାରିନାହିଁ।

## ସିବିଆଇ ତଦନ୍ତ...

ସିବିଆଇ ଦ୍ୱାରା ଘଟଣାର ତଦନ୍ତ କରି ସମସ୍ତ ଦୋଷୀଙ୍କୁ କଠୋର ଦଣ୍ଡ ଦେବାକୁ ଦାବି କରିଛନ୍ତି। ଘଟଣାକୁ ନେଇ ବଡ଼ଗଡ଼ ଥାନା ପୋଲିସ ଏକ ମାମଲା (ନଂ.୨୨୬/୨୦୨୨) ରୁଜୁ କରି ତଦନ୍ତ କରୁଛି। ତଦନ୍ତ ପାଇଁ କମିଶନରେଟ ପୋଲିସର ଜଣେ ଅତିରିକ୍ତ ଡିସିପିଙ୍କ ନେତୃତ୍ୱରେ ୪ ଜଣିଆ ଟିମ୍ ଗଠନ ହୋଇଛି। ଉକ୍ତ ଟିମ୍‌ରେ ଜୋନ ୪ ଏସିପି ପରେଶ କୁମାର ରାଉତ, ଥାନାଧିକାରୀ ବିଶ୍ୱରଞ୍ଜନ ନାୟକ ଏବଂ ଜଣେ ଏସ୍‌ଆଇ ରହିଛନ୍ତି। ତଦନ୍ତକାରୀ ଟିମ୍‌ର ଅଧିକାରୀମାନେ ହଷ୍ଟେଲ ସୁପରିଣ୍ଟେଣ୍ଡେଣ୍ଟ, ୱାର୍ଡେନ ଓ ଅନ୍ତେବାସୀଙ୍କୁ ପଚରାଉଚରା କରି ବୟାନ ରେକର୍ଡ କରୁଛନ୍ତି। ଜୋନ୍–୪ ଏସିପି ରାଉତ କହିଛନ୍ତି, ଏଯାବତ୍ କୌଣସି ସ୍ପଷ୍ଟ ଚିତ୍ର ଆସିନାହିଁ। ସମସ୍ତଙ୍କ ବୟାନ ରେକର୍ଡ କରାଯାଉଛି, ଯାହା ନିଷ୍କର୍ଷ ବାହାରିବ ଜଣାଇ ଦିଆଯିବ। ରୁଚିକାଙ୍କୁ ଆତ୍ମହତ୍ୟା ପାଇଁ ଯେଉଁମାନେ ପ୍ରବର୍ତ୍ତାଇଛନ୍ତି, ସେମାନେ ନିଶ୍ଚୟ ଦଣ୍ଡ ପାଇବେ ବୋଲି ଏସିପି ରାଉତ କହିଛନ୍ତି। ଘଟଣାର ବିଭିନ୍ନ ଦିଗକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ରୁଚିକାଙ୍କୁ ର୍‌ୟାଗିଂ କରୁଥିବା ୩ ସିନିୟର୍ କିଏ, ହଷ୍ଟେଲ କର୍ତ୍ତୃପକ୍ଷଙ୍କୁ ର୍‌ୟାଗିଂ ବିଷୟରେ ଜଣାଥିଲା କି ନାହିଁ, ୱାର୍ଡେନ୍ କାହିଁକି ଏ ବିଷୟରେ ଜାଣିପାରିଲେନାହିଁ, କେବଳ ରୁଚିକା ର୍‌ୟାଗିଂର ଶିକାର ହୋଇଥିଲେ ନା ଆଉ କିଏ ? ଏଭଳିବିଭିନ୍ନ ଦିଗକୁନେଇ ସାଧାରଣରେ ଆଲୋଚନା ହେଉଛି। ସେପଟେ ରାଜ୍ୟ ମହିଳା କମିଶନ ପକ୍ଷରୁ ମଧ୍ୟ ତଦନ୍ତ ଆରମ୍ଭ କରାଯାଇଛି। ରବିବାର ସନ୍ଧ୍ୟାରେ ମହିଳା କମିଶନ ଅଧ୍ୟକ୍ଷା ମିନତି ବେହେରା ବିଜେବି ସ୍ୱୟଂଶାସିତ କଲେଜ ଅଧ୍ୟକ୍ଷ, ହଷ୍ଟେଲ ସୁପରିଣ୍ଟେଣ୍ଡେଣ୍ଟଙ୍କ ସହ କଥା ହୋଇଛନ୍ତି। ଏହା ସହ ପୋଲିସ ତଦନ୍ତ ସମ୍ପର୍କରେ ସେ ଅନୁଧ୍ୟାନ କରିଛନ୍ତି। ଏନେଇ ସୋମବାର ସରକାରଙ୍କୁ ଏକ ରିପୋର୍ଟ ପ୍ରଦାନ କରାଯିବ ବୋଲି ସେ କହିଛନ୍ତି। ଅନ୍ୟପକ୍ଷରେ ରୁଚିକାଙ୍କୁ ନ୍ୟାୟ ଦେବା ପାଇଁ ବିଭିନ୍ନ ସଂଗଠନ ପକ୍ଷରୁ ବିକ୍ଷୋଭ କରାଯାଇଛି। ନବ ନିର୍ମାଣ ଯୁବଛାତ୍ର ସଂଗଠନ (ଏନ୍‌ୱାଇସିଏସ୍), ଅଖିଳ ଭାରତ ଛାତ୍ରସଂଘ ପକ୍ଷରୁ ବିଜେବି କଲେଜ ପରିସରରେ ରାଲି କରାଯିବା ସହ ଧାରଣା ଦିଆଯାଇଥିଲା। ବିକ୍ଷୋଭରେ ରୁଚିକାଙ୍କ ପରିବାରଲୋକ ମଧ୍ୟ ସାମିଲ ହୋଇଥିଲେ। ବିଜେବି କଲେଜ ଛାତ୍ରୀଛାତ୍ରଙ୍କ ପକ୍ଷରୁ ମହମବତି ଶୋଭାଯାତ୍ରା କ୍ୟାମ୍ପସ ପରିସରରୁ ରାଜ୍ୟ ସଂଗ୍ରହାଳୟ ପର୍ଯ୍ୟନ୍ତ କରାଯାଇ ଘଟଣାର ପ୍ରତିବାଦ କରାଯାଇଛି। ରୁଚିକାଙ୍କ ବାପା ଗଣେଶ୍ୱର ସିବିଆଇ ତଦନ୍ତ ଦାବି କରି କହିଛନ୍ତି, ଦୋଷୀଙ୍କୁ ଚିହ୍ନଟ କରାଯାଇ ଦୃଷ୍ଟାନ୍ତମୂଳକ ଦଣ୍ଡ ଦିଆଯାଉ ଏବଂ ଭବିଷ୍ୟତରେ ମୋ ପରି ଆଉ କୌଣସି ଅଭିଭାବକ ଏପରି ସ୍ଥିତି ନ ଭୋଗନ୍ତୁ ବୋଲି ସେ କହିଛନ୍ତି। ଅନ୍ୟପକ୍ଷରେ ଦୌଡ଼ରାଣୀ ଦୁତୀ ଚାନ୍ଦ ମଧ୍ୟ ର୍‌ୟାଗିଂର ଶିକାର ହୋଇଥିବା କହିଛନ୍ତି। ସେ ଏନେଇ ସାମାଜିକ ଗଣମାଧ୍ୟମରେ ଏକ ପୋଷ୍ଟ କରିଛନ୍ତି।

# ଆଜି ଗୃହରେ ସରକାରଙ୍କୁ ଘେରିବେ ବିରୋଧୀ

## ବିଜେବି କଲେଜ ଛାତ୍ରୀଙ୍କ ଆତ୍ମହତ୍ୟା ଘଟଣା

- ବିଧାନସଭାରେ ଆକ୍ରମଣାତ୍ମକ ଆଭିମୁଖ୍ୟ ରଖିବୁ: ମୋହନ
- ଦୀର୍ଘଦିନ ହେବ ସରକାରଙ୍କ ବିରୋଧରେ ଆନ୍ଦୋଳନ କରିବା ଛାଡ଼ିଦେଲାଣି ଭାଜପା: ମୋକିମ
- ପୋଲିସ ରିପୋର୍ଟ ଆସିଲେ ନିଆଯିବ ଉପଯୁକ୍ତ ପଦକ୍ଷେପ: ମନ୍ତ୍ରୀ

ଭୁବନେଶ୍ୱର,୩।୭(ବ୍ୟୁରୋ)

ବିଧାନସଭା ମୌସୁମୀ ଅଧିବେଶନ ଶନିବାରଠାରୁ ଆରମ୍ଭ ହୋଇଛି। ଅଧିବେଶନ ଆରମ୍ଭ ହେବା ପୂର୍ବରୁ ବିରୋଧୀ ଭାଜପା ଏବଂ କଂଗ୍ରେସର ବିଧାୟକ ଦଳ ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ଉଭୟ ବିରୋଧୀ ବିଭିନ୍ନ ପ୍ରସଙ୍ଗରେ ସରକାରଙ୍କୁ ଘେରିବାକୁ ରଣନୀତି ପ୍ରସ୍ତୁତ କରିଥିଲେ। ଏହି ପ୍ରସଙ୍ଗ ଭିତରେ ଏବେ ବିଜେବି କଲେଜର ଯୁକ୍ତ ୩ କଳା ବିଭାଗର ଛାତ୍ରୀ ରୁଚିକା ମହାନ୍ତିଙ୍କ ର୍ୟାଗିଂ ଅଭିଯୋଗ ଆଣି ଆତ୍ମହତ୍ୟା ଘଟଣା ଯୋଡ଼ି ହୋଇଯାଇଛି। ଏହି ଘଟଣାକୁ ନେଇ ବିଧାନସଭାରେ ଭାଜପା ଆକ୍ରମଣାତ୍ମକ ଆଭିମୁଖ୍ୟ ଗ୍ରହଣ କରିବା ସଙ୍ଗେସଙ୍ଗେ ରାଜ୍ୟ ସରକାରଙ୍କୁ ଘେରିବ ବୋଲି ଚେତାବନୀ ଦେଇଛି। ଅନ୍ୟପଟେ କଂଗ୍ରେସ ମଧ୍ୟ ସମାନ ପ୍ରସଙ୍ଗରେ ସରକାରଙ୍କୁ ଘେରିବ ବୋଲି କହିଥିବା ବେଳେ ଗତ କିଛିଦିନ ହେବ ସରକାରଙ୍କ ବିରୋଧରେ ଭାଜପାର ରାଜନୈତିକ ଆଭିମୁଖ୍ୟ ନେଇ ମଧ୍ୟ ପ୍ରଶ୍ନ ଉଠାଇଛି। ମୁଖ୍ୟତଃ ଭାଜପା ଏବଂ ବିଜେଡି ମଧ୍ୟରେ ଏକ ଭିତିରି ବୁଝାମଣା ସରିଥିବା କାରଣରୁ ଅନେକ ଦିନ ହେବ ସରକାର ବିରୋଧୀ ଆଭିମୁଖ୍ୟ ପୋଷଣ କରି ଭାଜପା ରାସ୍ତାକୁ ଓହ୍ଲାଉ ନାହିଁ ବୋଲି କଂଗ୍ରେସ ଅଭିଯୋଗ କରିଛି। ସେପଟେ ଘଟଣାର ତଦନ୍ତ ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ମନ୍ତ୍ରୀ କହିଛନ୍ତି।

ଭାଜପା ବିଧାୟକ ମୋହନ ଚରଣ ମାଝି କହିଛନ୍ତି, ବିଜେବି ଛାତ୍ରୀଙ୍କ ଆତ୍ମହତ୍ୟା ଘଟଣା ବିଧାନସଭାରେ ଉଠାଯିବ। ଭାଜପା ଏହି ପ୍ରସଙ୍ଗରେ ନିଜ ଆଭିମୁଖ୍ୟ ଆକ୍ରମଣାତ୍ମକ ରଖିବ। ଏହି ଘଟଣାକୁ ସେମାନେ ନିନ୍ଦା କରୁଛନ୍ତି। ବାରମ୍ବାର ରାଜ୍ୟରେ ଏଭଳି ଘଟଣା ଘଟୁଛି। ହେଲେ ସରକାର ଏହା ବିରୋଧରେ କୌଣସି ଠୋସ୍ ପଦକ୍ଷେପ ନେବାରେ ବିଫଳ ହେଉଛନ୍ତି। ସ୍କୁଲ, କଲେଜ ଛାତ୍ରୀଛାତ୍ରଙ୍କୁ ସୁରକ୍ଷା ଦେବାରେ ସରକାର ଫେଲ୍ ମାରିଛନ୍ତି। ଘରୋଇ କଲେଜ ଗୁଡ଼ିକରେ ଏପରି ଘଟଣା ହେବା କଥା ଜଣାଥିଲା, ହେଲେ ସରକାରୀ କଲେଜ ପିଲାଙ୍କୁ ଏଭଳି ପରିସ୍ଥିତିର ସାମ୍ନା କରିବାକୁ ପଡ଼ିବା କଥା ଜଣା ନ ଥିଲା ବୋଲି ମୋହନ କହିଛନ୍ତି। ଅନ୍ୟପଟେ ଭାଜପା ଏହି ଘଟଣାରେ ରାସ୍ତାକୁ ଓହ୍ଲାଇବ କି ବୋଲି ମୋହନଙ୍କୁ ପଚାରିବାରୁ ସେଏନେଇ କିଛି କହିପାରିବେ ନାହିଁ, ଦଳର ନେତୃତ୍ୱ କହିପାରିବେ ବୋଲି କହିଛନ୍ତି।

ଅନ୍ୟପଟେ କଂଗ୍ରେସ ବିଧାୟକ ମହମ୍ମଦ ମୋକିମ କହିଛନ୍ତି, ବିଜେବି ଛାତ୍ରୀଙ୍କ ଆତ୍ମହତ୍ୟା ଘଟଣା ଓଡ଼ିଶା ପାଇଁ ନୂଆ ନୁହେଁ। ଏମିତି ଅନେକ ସମୟରେ ଛାତ୍ରୀଛାତ୍ରମାନେ ର୍ୟାଗିଂର ଶିକାର ହେବା ସହିତ ଆତ୍ମହତ୍ୟା ଭଳି ଚରମ ପଦକ୍ଷେପ ନେବାକୁ ପଛାଇ ନାହାନ୍ତି। ତଥାପି ପୂର୍ବ ଘଟଣାକ୍ରମରୁ ରାଜ୍ୟ ସରକାର ଏ ପର୍ଯ୍ୟନ୍ତ କିଛି ଶିଖିଲେ ନାହିଁ। ଏକ ପ୍ରତିଷ୍ଠିତ ସରକାରୀ ମହାବିଦ୍ୟାଳୟରେ ଏପରି ଘଟଣା ନିନ୍ଦନୀୟ। ଏଥିଲାଗି ରାଜ୍ୟ ସରକାର ସମ୍ପୂର୍ଣ୍ଣ ଦାୟୀ। ଏହି ପ୍ରସଙ୍ଗ ଉଠାଇ କଂଗ୍ରେସ ଗୃହରେ ଜୋରଦାର ଆନ୍ଦୋଳନ କରିବ। ଯଦି ସରକାର ତୁରନ୍ତ ଦୋଷୀଙ୍କୁ ଖୋଜି କାଢ଼ିବା ସହ ଦୃଢ଼ କାର୍ଯ୍ୟାନୁଷ୍ଠାନ ନ ନିଅନ୍ତି ତେବେ କଂଗ୍ରେସ ରାସ୍ତା ଉପରେ ଆନ୍ଦୋଳନ କରିବାକୁ ପଛେଇବ ନାହିଁ। ଅନ୍ୟପଟେ ବିଜେଡି ଓ ଭାଜପା ଏକ ମୁଦ୍ରାର ଦୁଇ ପାର୍ଶ୍ୱ ସଦୃଶ। ତେଣୁ ଭାଜପା ଦୀର୍ଘଦିନ ହେଲା ସରକାରଙ୍କ ବିରୋଧରେ ଯେମିତି କଥା କଥାରେ ରାସ୍ତାକୁ ଓହ୍ଲାଇ ପଡୁଥିଲା ଆଉ ସେମିତି କରୁଥିବାର ଦେଖିବାକୁ ମିଳୁନି। ଭାଜପା ଓ ବିଜେଡି ଏକ ବୋଲି ରାଜ୍ୟର ଜନସାଧାରଣ ମଧ୍ୟ ଜାଣିସାରିଲେଣି। କଂଗ୍ରେସ ଆଗାମୀ ଦିନରେ ଲୋକଙ୍କ ନିକଟତର ହୋଇ ଆସ୍ଥାଭାଜନ ହେବାକୁ ଚେଷ୍ଟା କରିବ ବୋଲି ମୋକିମ କହିଛନ୍ତି।

ବିଜେବି ସ୍ୱୟଂଶାସିତ ମହାବିଦ୍ୟାଳୟର ଯୁକ୍ତ ୩ କଳା ଛାତ୍ରୀ ରୁଚିକା ମହାନ୍ତିଙ୍କ ଅକାଳ ବିୟୋଗରେ ଉଚ୍ଚଶିକ୍ଷା ମନ୍ତ୍ରୀ ରୋହିତ ପୂଜାରୀ ଗଭୀର ଶୋକ ପ୍ରକାଶ କରିଛନ୍ତି। ମନ୍ତ୍ରୀ ପୂଜାରୀ କହିଛନ୍ତି ଯେ, ବିଜେବି ସ୍ୱୟଂଶାସିତ ମହାବିଦ୍ୟାଳୟର ଯୁକ୍ତ ୩ କଳାର ପ୍ରଥମ ବର୍ଷ ଛାତ୍ରୀ ରୁଚିକା ମହାନ୍ତି ଜଣେ ମେଧାବୀ ଛାତ୍ରୀ ଥିଲେ। ସେ ମହାବିଦ୍ୟାଳୟର ଛାତ୍ରୀନିବାସରେ ରହୁଥିଲେ। ତାଙ୍କ ଅକାଳ ବିୟୋଗରେ ସେ ଅତ୍ୟନ୍ତ ଦୁଃଖିତ ଓ ମର୍ମାହତ। ଏହା ଏକ ସମ୍ବେଦନଶୀଳ ଘଟଣା ଏବଂ ଏହାର ପୋଲିସ ତଦନ୍ତ ରିପୋର୍ଟ ହସ୍ତଗତ ହେବା ପରେ ସରକାର ଉପଯୁକ୍ତ ପଦକ୍ଷେପ ଗ୍ରହଣ କରିବେ ବୋଲି ପୂଜାରୀ ଜଣାଇଛନ୍ତି।

## ଉଚ୍ଚଶିକ୍ଷା ମନ୍ତ୍ରୀଙ୍କୁ କରୋନା

ଭୁବନେଶ୍ୱର,୩।୭(ବ୍ୟୁରୋ): ଉଚ୍ଚଶିକ୍ଷା ମନ୍ତ୍ରୀ ରୋହିତ ପୂଜାରୀ ଶନିବାର କୋଭିଡ-୧୯(କରୋନା)ରେ ସଂକ୍ରମିତ ହୋଇଛନ୍ତି। ଏନେଇ ସେ ଟୁଇଟ୍ ଯୋଗେ ସୂଚନା ଦେଇଛନ୍ତି। ସେ ତାଙ୍କ ଟୁଇଟ୍‌ରେ ଉଲ୍ଲେଖ କରିଛନ୍ତି ଯେ, ସେ କରୋନାରେ ସଂକ୍ରମିତ। ସେ ଏବେ ନିଜକୁ ଆଇସୋଲେସନ କରି ରଖିଛନ୍ତି। ଗତ ୨ ଦିନ ମଧ୍ୟରେ ଯେଉଁମାନେ ତାଙ୍କ ସଂସ୍ପର୍ଶରେ ଆସିଛନ୍ତି ସେମାନେ ନିଜର କରୋନା ପରୀକ୍ଷା କରାଇନେବାକୁ ରୋହିତ ସୂଚାଇଦେଇଛନ୍ତି।




ରାହୁଲ ଗାନ୍ଧୀଙ୍କ ସମ୍ବନ୍ଧରେ ଏକ ନିର୍ଦ୍ଦିଷ୍ଟ ଗଣମାଧ୍ୟମରେ ଭୁଲ ଖବର ପ୍ରସାରଣକୁ ବିରୋଧ କରି ଭୁବନେଶ୍ୱର ନୂଆପଲ୍ଲୀ ବେହେରାସାହିସ୍ଥିତ ସମ୍ପୃକ୍ତ ଗଣମାଧ୍ୟମର ରାଜ୍ୟ ଆଞ୍ଚଳିକ କାର୍ଯ୍ୟାଳୟ ସମ୍ମୁଖରେ ମହିଳା କଂଗ୍ରେସ ପକ୍ଷରୁ ବିକ୍ଷୋଭ।

## ରୁଦ୍ର ପାଣି ମେଡିକାଲରେ ଭର୍ତ୍ତି

ତାଳଚେର,୩।୭(ନି.ପ୍ର.)

ରାଜ୍ୟ ଭାଜପାର ବରିଷ୍ଠ ନେତା ରୁଦ୍ର ନାରାୟଣ ପାଣି ରବିବାର ଅସୁସ୍ଥ ହୋଇପଡ଼ିଛନ୍ତି। ତାଙ୍କୁ ତାଳଚେର ସେଣ୍ଟ୍ରାଲ ହସ୍ପିଟାଲରେ ଭର୍ତ୍ତି କରାଯାଇଛି।



ଖବର ପାଇ ରାଜ୍ୟ ଭାଜପା ସମ୍ପାଦକ କାଳନ୍ଦୀ ସାମଲ ତାଙ୍କୁ ହସ୍ପିଟାଲରେ ଭେଟି ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିବା ସହ ଚିକିତ୍ସା ସମ୍ପର୍କରେ ଡାକ୍ତରଙ୍କ ସହିତ ଆଲୋଚନା କରିଛନ୍ତି। ସେହିପରି ବରିଷ୍ଠ ନେତା ଯଯାତି ପଟ୍ଟନାୟକ, ଜିଲା ମିଡିଆ ସେଲ୍ ଅଧ୍ୟକ୍ଷ ପର୍ଶୁରାମ ବାରିକ, ରତ୍ନାକର ସାହୁଙ୍କ ସମେତ ବହୁ କାର୍ଯ୍ୟକର୍ତ୍ତା ତାଙ୍କୁ ମେଡିକାଲରେ ଭେଟିବା ସହ ଆଶୁ ଆରୋଗ୍ୟ କାମନା କରିଛନ୍ତି।

# ୬ରେ ଯଶବନ୍ତ ସିହ୍ନା, ୮ରେ ଦ୍ରୌପଦୀ ମୁର୍ମୁଙ୍କ ଓଡ଼ିଶା ଗସ୍ତ

ଭୁବନେଶ୍ୱର,୩।୭(ବ୍ୟୁରୋ)

ରାଷ୍ଟ୍ରପତି ନିର୍ବାଚନ ଆଉ କମ୍ ଦିନ ରହିଲା। ଏହାରି ଭିତରେ ଏନ୍‌ଡିଏ ସମର୍ଥିତ ରାଷ୍ଟ୍ରପତି ପ୍ରାର୍ଥୀ ଦ୍ରୌପଦୀ ମୁର୍ମୁ ଏବଂ ବିରୋଧୀ ମେଣ୍ଟର ପ୍ରାର୍ଥୀ ଯଶବନ୍ତ ସିହ୍ନା ସବୁ ରାଜ୍ୟ ଗସ୍ତରେ ଯାଇ ସମର୍ଥନ ଲୋଡିବା ଆରମ୍ଭ କରିସାରିଛନ୍ତି। ଏହି କ୍ରମରେ ଶାସକ ବିଜେଡି ସମର୍ଥନ ନେବାକୁ ସମସ୍ତେ ଉଦ୍ୟମ ଆରମ୍ଭ କରିଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଦ୍ରୌପଦୀ ମୁର୍ମୁ ଓଡ଼ିଆ ଝିଅ ହୋଇଥିବାରୁ ତାଙ୍କୁ ସମର୍ଥନ ଦେବା ଲାଗି ଘୋଷଣା କରିସାରିଥିବା ବେଳେ ବିରୋଧୀଙ୍କୁ ମଧ୍ୟ ଏଥିପାଇଁ ବୁଝାଇବେ ବୋଲି କହିଥିଲେ। ଏହାସତ୍ତ୍ୱେ ଉଭୟ ପ୍ରାର୍ଥୀ ଓଡ଼ିଶା ଗସ୍ତରେ ଆସିବେ ବୋଲି ଜଣାପଡ଼ିଛି। ବିରୋଧୀ ମେଣ୍ଟରୁ ପ୍ରାର୍ଥୀ ହୋଇଥିବା ଯଶବନ୍ତ ସିହ୍ନା ଆସନ୍ତା ୬ ତାରିଖ ଦିନ ଓଡ଼ିଶା ଗସ୍ତରେ ଆସି ନିର୍ବାଚନ ପାଇଁ ସମସ୍ତଙ୍କ ସମର୍ଥନ ଲୋଡ଼ିବେ। ଏହି ଗସ୍ତ ଅବସରରେ କଂଗ୍ରେସ ଯଶବନ୍ତଙ୍କୁ ସ୍ୱାଗତ କରିବାକୁ ରଣନୀତି ପ୍ରସ୍ତୁତ କରୁଥିବା ବେଳେ ସିହ୍ନା ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କୁ ଭେଟି ମଧ୍ୟ ତାଙ୍କ ସମର୍ଥନ ଲୋଡିବେ। ଏହାର ଦିନକ ପରେ ଅର୍ଥାତ୍ ଆସନ୍ତା ୮ ତାରିଖରେ ଦ୍ରୌପଦୀ ମୁର୍ମୁଙ୍କ ଓଡ଼ିଶା ଗସ୍ତ କାର୍ଯ୍ୟକ୍ରମ ସ୍ଥିର ହୋଇଛି। ମୁର୍ମୁଙ୍କ ସହ ଭାଜପା ବରିଷ୍ଠ ନେତା ବିନୋଦ ତାଓଡେ ଏବଂ କେନ୍ଦ୍ର ରାଷ୍ଟ୍ରମନ୍ତ୍ରୀ ଗଜେନ୍ଦ୍ର ସିଂ ଶେଖାୱତ ମଧ୍ୟ ଓଡ଼ିଶା ଆସିବେ। ଏହି ଅବସରରେ ଓଡ଼ିଆ ଝିଅ ଭାବେ ମୁର୍ମୁ ଦଳମତ ନିର୍ବିଶେଷରେ କଂଗ୍ରେସ, ଭାଜପା ଓ ବିଜେଡି ସମସ୍ତଙ୍କ ସମର୍ଥନ ଲାଗି ନିବେଦନ କରିବେ। ଏହି ଅବସରରେ ତାଙ୍କର ମୁଖ୍ୟମନ୍ତ୍ରୀଙ୍କୁ ଭେଟିବା କାର୍ଯ୍ୟକ୍ରମ ମଧ୍ୟ ରହିଛି। ମୁର୍ମୁ ଏନ୍‌ଡିଏ ରାଷ୍ଟ୍ରପତି ଭାବେ ମନୋନୀତ ହେବାପରେ ନବୀନ ବିଦେଶ ଗସ୍ତରେ ଥିବାରୁ ଉଭୟଙ୍କ ମଧ୍ୟରେ ଭେଟଘାଟ ହୋଇପାରି ନାହିଁ। ହେଲେ ବିଦେଶରେ ଥିବା ସମୟରେ ହିଁ ନବୀନ ମୁର୍ମୁଙ୍କ ସମର୍ଥନ ଘୋଷଣା କରିବା ସହ ତାଙ୍କ ନାମାଙ୍କନ ସମୟରେ ଓଡ଼ିଶାର ଦୁଇ କ୍ୟାବିନେଟ୍ ମନ୍ତ୍ରୀ ଟୁକୁନି ସାହୁ ଏବଂ ଜଗନ୍ନାଥ ସାରକାଙ୍କୁ ମଧ୍ୟ ପ୍ରସ୍ତାବକ ରହିବାକୁ ପଠାଇଥିଲେ।

# ହରିୟାଣାରେ ମୁସଲିମ୍ ବ୍ୟବସାୟୀଙ୍କୁ ଟାର୍ଗେଟ୍

## ଅର୍ଥନୈତିକ ବାସନ୍ଦ ପାଇଁ ଅଭିଯାନ

ନୂଆଦିଲ୍ଲୀ, ୩।୭

ପ୍ରଫେଟ୍ ମହମ୍ମଦଙ୍କ ଉପରେ ପୂର୍ବତନ ଭାଜପା ପ୍ରବକ୍ତା ନୂପୁର ଶର୍ମାଙ୍କ ବିବାଦୀୟ ମନ୍ତବ୍ୟ ପରେ ଦେଶର ବିଭିନ୍ନ ସ୍ଥାନରେ ଅଶାନ୍ତକର ପରିବେଶ ରହିଛି। ଏହାଦ୍ୱାରା ହିନ୍ଦୁ-ମୁସଲିମ୍ ସମ୍ପର୍କ ଅନେକାଂଶରେ ପ୍ରଭାବିତ ହୋଇଛି। ରାଜସ୍ଥାନର ଉଦୟପୁରରେ ଜଣେ ଦରଜି ଏବଂ ମହାରାଷ୍ଟ୍ରର ଅମରାବତୀରେ ଔଷଧ ଦୋକାନୀଙ୍କୁ ନୂପୁରଙ୍କୁ ସମର୍ଥନ ପାଇଁ କେତେଜଣ ମୁସଲମାନ ହତ୍ୟା କରିଛନ୍ତି। ଏଭଳିସ୍ଥଳେ ହରିୟାଣାର ମାନେସରଠାରେ 'ହିନ୍ଦୁ ସୋସାଇଟି' ଦ୍ୱାରା ଆୟୋଜିତ ଏକ ପଞ୍ଚାୟତ(ବୈଠକ)ରେ ମୁସଲମାନ ବ୍ୟବସାୟୀଙ୍କୁ ଅର୍ଥନୈତିକ ବାସନ୍ଦ କରିବା ନିମନ୍ତେ ଆହ୍ୱାନ ଦିଆଯାଇଛି। ଏଥିପାଇଁ ଗ୍ରାମ ସ୍ତରରେ କମିଟି ଗଠନ କରାଯାଇ ମୁସଲମାନ ଦୋକାନୀ ଏବଂ ବେପାରୀଙ୍କଠାରୁ କୌଣସି ସାମଗ୍ରୀ ନ କିଣିବା ପାଇଁ ଅଭିଯାନ ଚଳାଇବାକୁ ପଞ୍ଚାୟତରେ ନିଷ୍ପତ୍ତି ନିଆଯାଇଛି।

ମାନେସରର ଏକ ମନ୍ଦିରରେ ରବିବାର ଆୟୋଜିତ ଉକ୍ତ ପଞ୍ଚାୟତରେ ୨୦୦ରୁ ଊର୍ଦ୍ଧ୍ୱ ଲୋକ ଉପସ୍ଥିତ ଥିଲେ। ସେଥିମଧ୍ୟରେ ବଜରଙ୍ଗ ଦଳ, ବିଶ୍ୱହିନ୍ଦୁ ପରିଷଦର କାର୍ଯ୍ୟକର୍ତ୍ତାଙ୍କ ସମେତ ମାନେସର, ଧରୁହେରା, ଗୁରୁଗ୍ରାମ ଆଖପାଖ ଗ୍ରାମରୁ ଲୋକ ଥିଲେ। ବେଆଇନ ଭାବେ ଅନୁପ୍ରବେଶ କରିଥିବା ବ୍ୟକ୍ତିଙ୍କୁ ତୁରନ୍ତ ଚିହ୍ନଟ କରି ବିତାଡ଼ିତ କରିବା ପାଇଁ ପଞ୍ଚାୟତ ସଦସ୍ୟମାନେ ଏକ ସ୍ମାରକପତ୍ର ମାଧ୍ୟମରେ ସ୍ଥାନୀୟ ମାଜିଷ୍ଟ୍ରେଟ୍‌ଙ୍କ ନିକଟରେ ଦାବି କରିଛନ୍ତି। ଅନୁପ୍ରବେଶକାରୀମାନେ ଧର୍ମାନ୍ତରୀକରଣରେ ନିୟୋଜିତ ଥିବାରୁ ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ସ୍ମାରକପତ୍ରରେ ଦର୍ଶାଯାଇଛି।

ମାନେସରର ବିଶ୍ୱହିନ୍ଦୁ ପରିଷଦ ସାଧାରଣ ସମ୍ପାଦକ ଦେବେନ୍ଦ୍ର ସିଂ କହିଛନ୍ତି ଯେ, ହିନ୍ଦୁମାନଙ୍କୁ ହତ୍ୟା କରାଯାଉଛି। ଅନେକ ରୋହିଙ୍ଗ୍ୟା, ବାଂଲାଦେଶୀ, ପାକିସ୍ତାନୀ ନିଜ ଅସଲ ପରିଚୟ ଲୁଚାଇ ବେଆଇନ ଭାବେ ମାନେସର ଏବଂ ଗୁରୁଗ୍ରାମରେ ରହି ବିଭିନ୍ନ କ୍ଷେତ୍ରରେ ବ୍ୟବସାୟ କରୁଛନ୍ତି। ସେମାନଙ୍କୁ ଚିହ୍ନଟ କରିବାକୁ ପ୍ରଶାସନକୁ ଏକ ସପ୍ତାହ ସମୟ ଦିଆଯାଇଛି। ପଦକ୍ଷେପ ନିଆ ନ ଗଲେ ହିନ୍ଦୁ ସୋସାଇଟି ପଦକ୍ଷେପ ନେବ ବୋଲି ସିଂ କହିଛନ୍ତି। ମୁସଲମାନ ବ୍ୟବସାୟୀମାନେ ଜୁସ୍, ସାଲୁନ ଭଳି କେତେକ ଦୋକାନ ହିନ୍ଦୁ ଦେବଦେବୀଙ୍କ ନାଁରେ ଚଳାଉଛନ୍ତି। ଏହା ଏକ ଷଡ଼ଯନ୍ତ୍ର। ତେଣୁ ଅର୍ଥନୈତିକ ବାସନ୍ଦ ହିଁ ଏକମାତ୍ର ସମାଧାନ ବୋଲି ପଞ୍ଚାୟତରେ ଅନେକ ବକ୍ତା କହିଛନ୍ତି।

ସୂଚନାଥାଉ କି, ଉଦୟପୁରର ଦରଜି କହ୍ନେୟାଲାଲ ତେଲିଙ୍କୁ ହତ୍ୟା ଘଟଣାର ଅଭିଯୁକ୍ତଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବିରେ ଗତ ବୁଧବାର ବଜରଙ୍ଗ ଦଳ ଏବଂ ବିଶ୍ୱହିନ୍ଦୁ ପରିଷଦ ସଦସ୍ୟମାନେ ଏକ ଶୋଭାଯାତ୍ରା ବାହାର କରିଥିଲେ। ସମ୍ପ୍ରଦାୟ ମଧ୍ୟରେ ଶତ୍ରୁତା ବଢ଼ାଇବା ଭଳି ଅପମାନଜନକ ଭାଷାରେ ସ୍ଲୋଗାନ ଦିଆଯାଇଥିବାରୁ ଗୁରୁଗ୍ରାମ ପୋଲିସ ଶୋଭାଯାତ୍ରା ଆୟୋଜନକାରୀଙ୍କ ବିରୋଧରେ ମାମଲା ରୁଜୁ କରିଛି। ଜାମା ମସ୍‌ଜିଦ୍ ନିକଟରେ ମୁସଲିମ୍ ସମ୍ପ୍ରଦାୟ ବିରୋଧରେ ଉତ୍ତେଜକ ସ୍ଲୋଗାନ ଦିଆଯାଉଥିବା ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେବା ପରେ ପୋଲିସ ନିଜଆଡୁ ମାମଲା ରୁଜୁ କରିଛି।


## ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ଓଡ଼ିଶା ସରକାର
## ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟ, +୨ ନାମଲେଖା ବିଜ୍ଞାପନ
### Student Academic Management System

No. RR-12: ଚଳିତ ୨୦୨୨-୨୩ ଶିକ୍ଷା ବର୍ଷରେ, SAMS ମାଧ୍ୟମରେ ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟ +୨ ପ୍ରଥମ ବର୍ଷ (ଧନ୍ଦାମୂଳକ) ପାଠ୍ୟକ୍ରମରେ ନାମଲେଖା ନିମନ୍ତେ ନିର୍ଦ୍ଧାରିତ ତାରିଖ:

| | | |
|---|---|---|
| ୧. | ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଅଧୀନସ୍ଥ ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟ, ଭୁବନେଶ୍ୱର +୨ ପାଠ୍ୟକ୍ରମରେ ନାମଲେଖା ନିମନ୍ତେ www.samsodisha.gov.in ୱେବ୍‌ସାଇଟ୍ ମାଧ୍ୟମରେ ଅନ୍‌ଲାଇନ CAF ଉପଲବ୍ଧ ହେବାର ତାରିଖ | ତା୬।୦୫।୨୦୨୨ରିଖ (ପୂର୍ବାହ୍ନ ୧୧.୩୦ ଘଟିକା) |
| ୨. | www.samsodisha.gov.in ୱେବସାଇଟ୍ ମାଧ୍ୟମରେ ଅନ୍‌ଲାଇନ CAF ଆବେଦନ କରିବାର ଶେଷ ତାରିଖ | ତା୧୪।୦୭।୨୦୨୨ରିଖ (ରାତ୍ର ୧୧.୫୯ ଘଟିକା) |
| ୩. | ସାଧାରଣ ଦକ୍ଷତା ପରୀକ୍ଷା (Common Aptitude Test) ଦେବା ନିମନ୍ତେ www.samsodisha.gov.in ୱେବ୍‌ସାଇଟ୍ ମାଧ୍ୟମରେ ଅନ୍‌ଲାଇନ ଆଡ୍‌ମିଟ୍ କାର୍ଡ଼ ଡାଉନ୍‌ଲୋଡ୍ ପାଇଁ ଉପଲବ୍ଧ ହେବାର ତାରିଖ | ତା୨୦।୦୭।୨୦୨୨ରିଖ |
| ୪. | ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟରେ ସାଧାରଣ ଦକ୍ଷତା ପରୀକ୍ଷା (Common Aptitude Test) ଅନୁଷ୍ଠିତ ହେବାର ତାରିଖ | ତା୨୧।୦୭।୨୦୨୨ରିଖରୁ ତା୦୪।୦୮।୨୦୨୨ରିଖ ପର୍ଯ୍ୟନ୍ତ (ତା୩୧.୦୭.୨୦୨୨ ବ୍ୟତୀତ) |
| ୫. | ସାଧାରଣ ଦକ୍ଷତା ପରୀକ୍ଷା (Common Aptitude Test) ଅନୁଷ୍ଠିତ ହେବା ପରେ, ନାମଲେଖା ପାଇଁ ମେରିଟ୍ ତାଲିକା ପ୍ରକାଶନ ହେବାର ତାରିଖ | ତା୧୦।୦୮।୨୦୨୨ରିଖ |

ପରବର୍ତ୍ତୀ ସମୟରେ, ଅନ୍ୟ କୌଣସି +୨ ଇ-ଆଡମିଶନ କାର୍ଯ୍ୟକଳାପ ସମ୍ବନ୍ଧରେ ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟ ଦ୍ୱାରା SAMS ୱେବ୍‌ସାଇଟ www.samsodisha.gov.in ମାଧ୍ୟମରେ ପ୍ରକାଶନ କରାଯିବ।

ଦୟାକରି ଧ୍ୟାନ ଦିଅନ୍ତୁ ଯେ, ଯେଉଁ ପ୍ରାର୍ଥୀ ଦଶମ ବୋର୍ଡ଼ ପରୀକ୍ଷାରେ ଉତ୍ତୀର୍ଣ୍ଣ ହେବେ ନାହିଁ, ସେ ମହାବିଦ୍ୟାଳୟ ଦ୍ୱାରା ପରିଚାଳିତ ସାଧାରଣ ଦକ୍ଷତା ପରୀକ୍ଷା (Common Aptitude Test)ରେ ଯୋଗ୍ୟତା ହାସଲ କରିଥିଲେ ମଧ୍ୟ +୨ ପାଠ୍ୟକ୍ରମରେ ନାମଲେଖା ପାଇଁ ଯୋଗ୍ୟ ବିବେଚିତ ହେବେ ନାହିଁ।

ବି.ଦ୍ର.:(କ)ଯେଉଁ ପ୍ରାର୍ଥୀ ଦଶମ ବୋର୍ଡ଼ ଫଳାଫଳକୁ ଅପେକ୍ଷା କରିଥିବେ (ପ୍ରକାଶିତ ହୋଇନଥିବ) କିମ୍ବା ଦଶମ ବୋର୍ଡ଼ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିବେ ତଥା ପ୍ରାର୍ଥୀଙ୍କ ବୟସ ତା୦୧।୦୭।୨୦୨୨ରିଖ ସୁଦ୍ଧା ୨୦ ବର୍ଷରୁ ଊର୍ଦ୍ଧ୍ୱ ହୋଇ ନ ଥିବ, ସେ ସାଧାରଣ ଦକ୍ଷତା ପରୀକ୍ଷା-୨୦୨୨ ଦେବା ନିମନ୍ତେ ଅନ୍‌ଲାଇନ୍ ମାଧ୍ୟମରେ CAF ଆବେଦନ କରିପାରିବେ।
(ଖ)ସାଧାରଣ ଦକ୍ଷତା ପରୀକ୍ଷା (Common Aptitude Test) ନିମ୍ନଲିଖିତ ବିଷୟରେ ଅନୁଷ୍ଠିତ ହେବ:-
ଓଡ଼ିଶୀ କଣ୍ଠ ସଙ୍ଗୀତ, ହିନ୍ଦୁସ୍ତାନୀ କଣ୍ଠ ସଙ୍ଗୀତ, ଓଡ଼ିଶୀ ନୃତ୍ୟ, ଛଉ ନୃତ୍ୟ, ଓଡ଼ିଶୀ ପଖାଉଜ (ମର୍ଦ୍ଦଳ), ତବଲା, ବଂଶୀ, ସିତାର, ବେହେଲା ଓ ନାଟକ।

ସ୍ୱା./- ଅଧ୍ୟକ୍ଷ, ଉ.ସ.ମ.

ଅଧିକ ବିବରଣୀ ନିମନ୍ତେ ଦୟାକରି ଇ-ଆଡମିଶନ ହେଲ୍ପଲାଇନ (ଟୋଲ୍ ଫ୍ରି ନମ୍ବର) ସହିତ ଯୋଗାଯୋଗ କରନ୍ତୁ - ୧୫୫୩୩୫/୧୮୦୦-୩୪୫-୬୭୭୦ କିମ୍ବା ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟ, ଭୁବନେଶ୍ୱର (Help Desk)।

OIPR-03011/11/0015/2223



## SBI ଭାରତୀୟ ଷ୍ଟେଟ୍ ବ୍ୟାଙ୍କ — ଇ-ନିଲାମ ବିକ୍ରୟ ବିଜ୍ଞପ୍ତି

ଚାପଗ୍ରସ୍ତ ସମ୍ପତ୍ତି ଆଦାୟ ଶାଖା (SARB), ପ୍ଲଟ୍ ନଂ.: ୬୭୮, ପ୍ରଥମ ମହଲା, ସହୀଦ ନଗର, ମହର୍ଷି କଲେଜ ରୋଡ, ଭୁବନେଶ୍ୱର, ଫୋନ୍ ନଂ.: ୦୬୭୪-୨୫୪୯୬୬୩, ୨୫୪୯୬୨୧ ଫ୍ୟାକ୍ସ ନଂ.: ୦୬୭୪-୨୫୪୯୭୧୩, ଇ-ମେଲ ଆଇଡି: sbi.05174@sbi.co.in

ସିକ୍ୟୁରିଟାଇଜେସନ ଆଣ୍ଡ ରିକନଷ୍ଟ୍ରକ୍ସନ ଅଫ୍ ଫାଇନାନ୍ସିଆଲ ଆସେଟ୍ସ ଆଣ୍ଡ ଏନଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ଅନୁଯାୟୀ ବ୍ୟାଙ୍କକୁ ବନ୍ଧକ ଦିଆଯାଇଥିବା ସ୍ଥାବର/ଅସ୍ଥାବର ସମ୍ପତ୍ତିର ବିକ୍ରୟ।

ଭାରତୀୟ ଷ୍ଟେଟ୍ ବ୍ୟାଙ୍କର କ୍ଷମତାପ୍ରାପ୍ତ ଅଧିକାରୀ ସିକ୍ୟୁରିଟାଇଜେସନ ଆଣ୍ଡ ରିକନଷ୍ଟ୍ରକସନ ଅଫ୍ ଫାଇନାନ୍ସିଆଲ ଆସେଟସ୍ ଆଣ୍ଡ ଏନଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ (ସରଫେଶୀ) ଆକ୍ଟର ୨୦୦୨ର ଧାରା ୧୩(୪) ଅନୁଯାୟୀ ନୋଟିସ ଜାରିକରି ବ୍ୟାଙ୍କର ବକେୟା ଦେୟ ବାବଦ ନିମ୍ନରେ ପ୍ରଦତ୍ତ ସମ୍ପତ୍ତିଗୁଡ଼ିକୁ ଦଖଲକୁ ନେଇଛନ୍ତି ଏବଂ ନିମ୍ନ ସ୍ୱାକ୍ଷରକାରୀ ଋଣ/ଅଗ୍ରୀମଧାରୀ ଆକାଉଣ୍ଟ ବ୍ୟାଙ୍କ ଦେୟ ଆଦାୟକରଣ ନିମନ୍ତେ ନିମ୍ନରେ ଦର୍ଶିତ ସମ୍ପତ୍ତିଗୁଡ଼ିକୁ "ଯେଉଁଠାରେ ଯେପରି ଅଛି", "ଯାହା ଯେପରି ଅଛି" ଏବଂ "ସେଠାରେ ଯାହା ଅଛି" ଭିତ୍ତିରେ ତା.୧୯.୦୭.୨୦୨୨ରିଖ ଦିନ ଇ-ନିଲାମ ମାଧ୍ୟମରେ ବିକ୍ରୟ କରିବା ପାଇଁ ସ୍ଥିର କରିଛନ୍ତି, ଯାହାର ନିୟମ ଓ ସର୍ତ୍ତାବଳୀ ନିମ୍ନରେ ପ୍ରଦତ୍ତ।

ଇ-ନିଲାମ ତାରିଖ ଏବଂ ସମୟ: ତା.୧୯.୦୭.୨୦୨୨ରିଖ ଅପରାହ୍ନ ୦୨.୦୦ ଘଟିକାରୁ ଅପରାହ୍ନ ୦୪.୦୦ ଘଟିକା ପର୍ଯ୍ୟନ୍ତ ପ୍ରତ୍ୟେକଙ୍କ ନିମନ୍ତେ ୧୦ ମିନିଟ୍ ଅସୀମିତ ବର୍ଦ୍ଧିତ ସମୟ ସହିତ

| କ୍ର. ନଂ. | ଋଣଗ୍ରହୀତା/ଗ୍ୟାରେଣ୍ଟିଦାତାମାନଙ୍କ ନାମ ଏବଂ ଠିକଣା | ସମ୍ପତ୍ତିର ବିବରଣୀ ଏବଂ ସମ୍ପତ୍ତି ମାଲିକଙ୍କ ନାମ / ପ୍ରକାର | ବକେୟା ପରିମାଣ ଯାହାର ଆଦାୟ ନିମନ୍ତେ ସମ୍ପତ୍ତିର ବିକ୍ରୟ / ଡିମାଣ୍ଡ ନୋଟିସ୍ ତାରିଖ | ସଂରକ୍ଷିତ ମୂଲ୍ୟ / ଅମାନତ ଜମା / ବିଡ୍ ବୃଦ୍ଧି ପରିମାଣ |
|---|---|---|---|---|
| ୧. | ଋଣଗ୍ରହୀତା: ଶ୍ରୀ ପୂର୍ଣ୍ଣଚନ୍ଦ୍ର ବରାଳ, ପିତା: ୰ ମୂଳି ବରାଳ / ଗ୍ୟାରେଣ୍ଟିଦାତା: ଶ୍ରୀମତୀ ପ୍ରତିଭା ବରାଳ, ସ୍ୱାମୀ: ଶ୍ରୀ ପୂର୍ଣ୍ଣଚନ୍ଦ୍ର ବରାଳ, ଉଭୟଙ୍କ ଠିକଣା- ସା: ଅତିବଡ଼ି ନଗର, ଲୋକନାଥ ରୋଡ଼, ବଳଦେବ ସାହି, ଜିଲ୍ଲା: ପୁରୀ, ପିନ୍-୭୫୨୦୦୧ | ଶ୍ରୀ ପୂର୍ଣ୍ଣ ଚନ୍ଦ୍ର ବରାଳଙ୍କ ନାମରେ ଥିବା ଜମି ଏବଂ ଗୃହ ଆଦି ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ମୌଜା: ପୁରୀ ସହର, ୟୁନିଟ୍ ନଂ.: ୪, ଲୋକନାଥଘାଟ, ଖାତା ନଂ.: ୧୩୧/୮୫, ପ୍ଲଟ୍ ନଂ.: ୪୦୧/୭୨୨, କ୍ଷେତ୍ର: ଏକର୦.୦୮୦ଡିସିମିଲି, ଥାନା: ପୁରୀ ଟାଉନ, ଜିଲ୍ଲା: ପୁରୀ / ସାଙ୍କେତିକ ଦଖଲ | ୧୦.୦୧.୨୦୧୫ ସୁଦ୍ଧା ସୁଧ ଅନ୍ତର୍ଭୁକ୍ତ ସହିତ ଟ.୨୦,୦୩,୫୬୯/- ସହିତ ତତ୍‌ପରବର୍ତ୍ତୀ ସୁଧ ଏବଂ ଆନୁସଙ୍ଗିକ ଖର୍ଚ୍ଚ, ଆଇନଗତ ଖର୍ଚ୍ଚ ଓ ଦେୟ ଇତ୍ୟାଦି / ୧୦.୦୧.୨୦୧୫ | ଟ.୭୧,୦୨,୦୦୦/-<br>ଟ. ୭,୧୦,୨୦୦/-<br>ଟ. ୫୦,୦୦୦/- |
| ୨. | ଋଣଗ୍ରହୀତା: ମେସର୍ସ ମା କନକ ଦୁର୍ଗା ପ୍ୟାଡ୍ଡୀ ପ୍ରୋସେସିଙ୍ଗ ୟୁନିଟ୍, ସତ୍ତ୍ୱାଧିକାରୀ: ଶ୍ରୀ ମହେଶ୍ୱର ସାହୁ, ସା/ପୋ: ଫାସି, ବେଗୁନିଆପଡ଼ା, ଭାୟା: କୋଦଳା, ଜିଲ୍ଲା: ଗଞ୍ଜାମ-୭୬୧୦୩୨ | ସମ୍ପତ୍ତି-୧: ଶ୍ରୀ ମହେଶ୍ୱର ସାହୁଙ୍କ ନାମରେ ଥିବା ଜମି ଏବଂ ଗୃହ ଆଦି ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ଜିଲ୍ଲା: ଗଞ୍ଜାମ, ତହସିଲ: କୋଦଳା, ମୌଜା: ଫାସି, ଖାତା ନଂ.: ୭୯୭/୨୨୩, ପ୍ଲଟ୍ ନଂ.: ୨୦୬୩, କ୍ଷେତ୍ର: ଏକର୦.୩୭୦ଡିସିମିଲି ଏବଂ ପ୍ଲଟ୍ ନଂ.:୨୦୬୪, କ୍ଷେତ୍ର: ଏକର୦.୩୧୦ ଡ଼ିସିମିଲି, ମୋଟ କ୍ଷେତ୍ର: ଏକର୦.୬୮୦ ଡ଼ିସିମିଲି ଏବଂ ଖାତା ନଂ.: ୭୯୭/୨୨୪, ପ୍ଲଟ ନଂ.: ୨୦୬୨, କ୍ଷେତ୍ର: ଏକର୦.୬୨୫ ଡ଼ିସିମିଲି, ସମୁଦାୟ ମୋଟ୍ କ୍ଷେତ୍ର: ଏକର୧.୩୦୫ ଡ଼ିସିମିଲି / ସବୁଗୁଡ଼ିକର କିସମ: ଘରବାରୀ, ଭୌତିକ ଦଖଲ<br>ସମ୍ପତ୍ତି-୨: ଶ୍ରୀ ମହେଶ୍ୱର ସାହୁଙ୍କ ନାମରେ ଥିବା କଳକବ୍ଜା ଏବଂ ଯନ୍ତ୍ରପାତି ଆଦି ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ଖାତା ନଂ.: ୭୯୭/୨୨୩ ଏବଂ ୭୯୭/୨୨୪, ଜିଲ୍ଲା: ଗଞ୍ଜାମ, ତହସିଲ/ଥାନା: କୋଦଳା, ମୌଜା: ଫାସି / ଭୌତିକ ଦଖଲ | ୦୩.୦୪.୨୦୧୮ ସୁଦ୍ଧା ସୁଧ ଅନ୍ତର୍ଭୁକ୍ତ ସହିତ ଟ.୫୫,୧୪,୩୪୫.୫୬ ସହିତ ତତ୍‌ପରବର୍ତ୍ତୀ ସୁଧ ଏବଂ ଆନୁସଙ୍ଗିକ ଖର୍ଚ୍ଚ, ଆଇନଗତ ଖର୍ଚ୍ଚ ଓ ଦେୟ ଇତ୍ୟାଦି / ୦୭.୦୪.୨୦୧୮ | ସମ୍ପତ୍ତି-୧:<br>ଟ.୬୧,୯୦,୦୦୦/-<br>ଟ. ୬,୧୯,୦୦୦/-<br>ଟ. ୫୦,୦୦୦/-<br>ସମ୍ପତ୍ତି-୨:<br>ଟ.୮,୪୫,୦୦୦/-<br>ଟ. ୮୪,୫୦୦/-<br>ଟ. ୫୦,୦୦୦/- |
| ୩. | ଋଣଗ୍ରହୀତା: ଏସ୍‌ଆର୍‌ଏମ୍ ରିଟେଲ୍ ଆଣ୍ଡ ହସ୍ପିଟାଲିଟି ସର୍ଭିସେସ୍ ଲିଃ., ପ୍ଲଟ୍ ନଂ.: ୫୮, ବାପୁଜୀ ନଗର, ଭୁବନେଶ୍ୱର-୭୫୧୦୦୯, ନିର୍ଦ୍ଦେଶକ ଏବଂ ଗ୍ୟାରେଣ୍ଟିଦାତାମନେ: ୧) ଶ୍ରୀ ହିମାଂଶୁ ରାଉତରାଏ, ପିତା: ସଂଗ୍ରାମ କେଶରୀ ରାଉତରାଏ, ୨) ଶ୍ରୀମତୀ ଗୀତା ପ୍ରିୟଦର୍ଶିନୀ, ସ୍ୱାମୀ: ଉମାକାନ୍ତ ପ୍ରିୟଦର୍ଶୀ, ୩) ଶ୍ରୀ ଦୀପାଂଶୁ ଶେଖର ମହାନ୍ତି, ପିତା: ରବିନ୍ଦ୍ର କୁମାର ମହାନ୍ତି, ସମସ୍ତଙ୍କ ଠିକଣା- ଏସ୍‌ଆରଏମ୍ ରିଟେଲ୍ ଆଣ୍ଡ ହସ୍ପିଟାଲିଟି ସର୍ଭିସେସ୍ ଲିଃ., ପ୍ଲଟ୍ ନଂ.: ୫୮, ବାପୁଜୀ ନଗର, ଭୁବନେଶ୍ୱର-୭୫୧୦୦୯ / କର୍ପୋରେଟ ଗ୍ୟାରେଣ୍ଟିଦାତା: ମେସର୍ସ ଏସ୍‌ଆର୍‌ଏମ୍ ଗ୍ଲୋବାଲ ଇନ୍‌ଫ୍ରା ଲିଃ., ପ୍ଲଟ୍ ନଂ.: ୫୮, ବାପୁଜୀ ନଗର, ଭୁବନେଶ୍ୱର-୭୫୧୦୦୯ | ଏସ୍‌ଆର୍‌ଏମ୍ ଆର୍କିଟେକ୍‌ଚର ଆଣ୍ଡ ଇନଷ୍ଟ୍ରକସନ ଲିଃ. ପରିବର୍ତ୍ତି ସମୟରେ ଏହି କମ୍ପାନୀର ନାମ ପରିବର୍ତ୍ତିତ ହୋଇ ଏସ୍‌ଆରଏମ୍ ଗ୍ଲୋବାଲ ଇନ୍‌ଫ୍ରାଷ୍ଟ୍ରକ୍‌ଚର ଲିଃ. ହେଲା ଏବଂ ପୁନଶ୍ଚ ଉକ୍ତ କମ୍ପାନୀର ନାମ ପରିବର୍ତ୍ତୀତ ହୋଇ ଏସ୍‌ଆରଏମ୍ ଗ୍ଲୋବାଲ ଇନ୍‌ଫ୍ରା ଲିଃ. ନାମରେ ଥିବା ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ମୌଜା: ରଘୁନାଥପୁର, ତହସିଲ: ଭୁବନେଶ୍ୱର, ପ୍ଲଟ ନଂ.:୩/୬୯୬ ଏବଂ ଖାତା ନଂ.: ୫୭୯, କ୍ଷେତ୍ର: ଏକର.୦.୦୯୫ଡ଼ିସିମିଲି ଏବଂ ପ୍ଲଟ ନଂ.: ୪/୩୩୬/୭୪୮, ଖାତା ନଂ.: ୧୭୧/୧୦୩, କ୍ଷେତ୍ର: ଏକର.୦.୦୧୬ ଡ଼ିସିମିଲି / କିସମ: ଘରବାରୀ, ସାଙ୍କେତିକ ଦଖଲ | ୧୫.୦୧.୨୦୧୯ ପର୍ଯ୍ୟନ୍ତ ସୁଧ ଅନ୍ତର୍ଭୁକ୍ତ ସହିତ ଟ.୧,୨୫,୫୫,୩୬୨/- ସହିତ ତତ୍‌ପରବର୍ତ୍ତୀ ସୁଧ ଏବଂ ଆନୁସଙ୍ଗିକ ଖର୍ଚ୍ଚ, ଆଇନଗତ ଖର୍ଚ୍ଚ ଓ ଦେୟ ଇତ୍ୟାଦି / ୧୧.୦୨.୨୦୧୯ | ଟ.୨,୯୯,୩୫,୦୦୦/-<br>ଟ. ୨୯,୯୩,୫୦୦/-<br>ଟ. ୧,୦୦,୦୦୦/- |
| ୪. | ଋଣଗ୍ରହୀତା: ଶ୍ରୀମତୀ ରୁପାଲି ମାଇତି, ସ୍ୱାମୀ: ନନ୍ଦ କିଶୋର ଗୁଜର, ଫ୍ଲାଟ୍ ନଂ.: ୨୦୯, ୨ୟ ମହଲା, ବ୍ଲକ୍ -ବି, ବୈଷ୍ଣୋଦେବୀ ଏନକ୍ଲେଭ, ସା: ପାଞ୍ଚଗାଁ, ଭୁବନେଶ୍ୱର - ୭୫୧୦୦୨ | "ବୈଷ୍ଣୋଦେବୀ ଏନ୍‌କ୍ଲେଭ୍" ନାମକ ଆପାର୍ଟମେଣ୍ଟରେ ଶ୍ରୀମତୀ ରୁପାଲି ମାଇତିଙ୍କ ନାମରେ ଥିବା ଫ୍ଲାଟ୍‌ର ସମସ୍ତ ଅଂଶବିଶେଷ ଯାହାର ଫ୍ଲାଟ୍ ନଂ.: ୨୦୯, ୨ୟ ମହଲା, ବ୍ଲକ-ବି, ପ୍ରକାର- ୨ବିଆର, ପରିମିତ କାର୍ପେଟ ଏରିଆ: ୮୫୭ ବର୍ଗଫୁଟ / ବିଲ୍ଟ ଅପ୍ ଏରିଆ: ୧୦୧୦ ବର୍ଗଫୁଟ, ସୁପର ବିଲ୍ଟ ଅପ୍ ଏରିଆ: ୧୩୦୦ ବର୍ଗଫୁଟ, ଜିଲ୍ଲା: ଖୋର୍ଦ୍ଧା, ଏସ୍‌ଆରଓ: ଜଟଣୀ, ମୌଜା: ପାଞ୍ଚଗାଁ, ଖାତା ନଂ.: ୪୬୯/୪୦୯, ପ୍ଲଟ୍ ନଂ.: ୩୯୦, କ୍ଷେତ୍ର: ଏକର୦.୫୫୫ଡିସିମିଲି, ସମ୍ପୂର୍ଣ୍ଣ ପ୍ଲଟ୍ ଏବଂ ଖାତା ନଂ.: ୪୬୯/୪୦୮, ପ୍ଲଟ୍ ନଂ.: ୩୯୨, କ୍ଷେତ୍ର: ଏକର୦.୧୧୫ଡିସିମିଲି, ସମୁଦାୟ ଗୋଟିଏ ମୌଜା, ୨ଟି ଖାତା, ୨ଟି ପ୍ଲଟ୍ ଏବଂ ସମୁଦାୟ କ୍ଷେତ୍ର: ଏକର୦.୬୭୦ଡିସିମିଲି, କ୍ରେତାଙ୍କ ସପକ୍ଷରେ ଟ୍ରାନ୍ସଫର ହୋଇଥିବା କ୍ଷେତ୍ର ଯାହାକି ଅବିଭକ୍ତ ମୋଟ୍ ଏକର୦.୬୭୦ଡିସିମିଲିରୁ ଏକର୦.୦୧୦.୧୦ଡିସିମିଲି ଅର୍ଥାତ୍ ୪୪୦ ବର୍ଗଫୁଟ ସହିତ ସେଠାରେ ଥିବା ଗୃହ / କିସମ: ଘରବାରୀ, ସାଙ୍କେତିକ ଦଖଲ | ୨୮.୦୭.୨୦୨୧ ସୁଦ୍ଧା ସୁଧ ଅନ୍ତର୍ଭୁକ୍ତ ସହିତ ଟ.୩୧,୨୩,୦୮୧/- ସହିତ ଭବିଷ୍ୟତ ସୁଧ ଏବଂ ଆନୁସଙ୍ଗିକ ଖର୍ଚ୍ଚ, ଦେୟ ଇତ୍ୟାଦି / ୨୮.୦୭.୨୦୨୧ | ଟ. ୨୫,୦୦,୦୦୦/-<br>ଟ. ୨,୫୦,୦୦୦/-<br>ଟ. ୫୦,୦୦୦/- |
| ୫. | ଋଣଗ୍ରହୀତା: ଶ୍ରୀ ଭି. ବିକାଶ ରାଜୁ, ମାର୍ଫତ: ଶ୍ରୀ କେ. ନାଗେଶ୍ୱର ପାତ୍ର, ସା: ଓଲ୍ଡ ମାର୍କେଟ ଷ୍ଟ୍ରିଟ୍, ୱାର୍ଡ ନଂ: ୦୪, ପୋ: ଭଞ୍ଜନଗର, ଜିଲ୍ଲା: ଗଞ୍ଜାମ ଓଡିଶା, ପିନ୍: ୭୬୧୧୨୬ / ଗ୍ୟାରେଣ୍ଟିଦାତା: ଶ୍ରୀ ଭି. ସୋମେଶ୍ୱର ରାଜୁ, ସା: ମାଝିଦେରା ଷ୍ଟ୍ରିଟ୍, ପୋ: ପାତ୍ରପୁର, ଭାୟା: ଜରଡ଼, ଜିଲ୍ଲା: ଗଞ୍ଜାମ, ଓଡ଼ିଶା, ପିନ: ୭୬୧୦୦୪ | ଶ୍ରୀ ଭି. ସୋମେଶ୍ୱର ରାଜୁଙ୍କ ନାମରେ ଥିବା ସମ୍ପତ୍ତି (ଜମି ଏବଂ ଗୃହ)ର ସମସ୍ତ ଅଂଶବିଶେଷ ଯାହାର ମୌଜା: ପାତ୍ରପୁର, ତହସିଲ: ପାତ୍ରପୁର, ଜିଲ୍ଲା: ଗଞ୍ଜାମ, ଓଡ଼ିଶା, ଖାତା ନଂ.: ୩୫୪/୮୫୬ ପ୍ଲଟ୍ ନଂ.: ୧୬୯୬, କ୍ଷେତ୍ର: ଏକର୦.୦୨୨ଡିସିମିଲି / ଭୌତିକ ଦଖଲ | ୩୧.୦୩.୨୦୧୯ ସୁଦ୍ଧା ସୁଧ ଅନ୍ତର୍ଭୁକ୍ତ ସହିତ ଟ.୬୯,୭୦,୭୦୯/- ସହିତ ଭବିଷ୍ୟତ ସୁଧ ଏବଂ ଆନୁସଙ୍ଗିକ ଖର୍ଚ୍ଚ, ଦେୟ ଇତ୍ୟାଦି / ୦୩.୦୪.୦୨୦୧୯ | ଟ. ୨୫,୦୨,୦୦୦/-<br>ଟ. ୨,୫୦,୨୦୦/-<br>ଟ. ୫୦,୦୦୦/- |
| ୬. | ଋଣଗ୍ରହୀତା: ମେସର୍ସ ପ୍ରଧାନ କନଷ୍ଟ୍ରକ୍ସନ, ସ୍ୱତ୍ତ୍ୱାଧିକାରୀ: ଶ୍ରୀ ରଞ୍ଜନ କୁମାର ପ୍ରଧାନ, ପିତା: ଲଡୁ ପ୍ରଧାନ / ଗ୍ୟାରେଣ୍ଟିଦାତା: ଶ୍ରୀମତୀ ମମତା ପ୍ରଧାନ, ସ୍ୱାମୀ: : ଶ୍ରୀ ରଞ୍ଜନ କୁମାର ପ୍ରଧାନ, ଉଭୟଙ୍କ ଠିକଣା: ପ୍ଲଟ୍ ନଂ.: ୨୫୨/୧୪୧୪, ଫରେଷ୍ଟ ଗେଟ୍ ରୋଡ୍, ମା ସନ୍ତୋଷୀ ମନ୍ଦିର ନିକଟ, ପୋଷ୍ଟ/ଥାନା: ପାରଳାଖେମୁଣ୍ଡି, ଜିଲ୍ଲା: ଗଜପତି, ପିନ୍: ୭୬୧୨୦୦, ଓଡ଼ିଶା | ଶ୍ରୀମତୀ ମମତା ପ୍ରଧାନ, ସ୍ୱାମୀ: ଶ୍ରୀ ରଞ୍ଜନ କୁମାର ପ୍ରଧାନଙ୍କ ନାମରେ ଥିବା ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ମୌଜା: ରାମସ୍ୱାମୀପୁର, ସବ୍ ଡିଷ୍ଟ୍ରିକ୍ଟ: ପାରଳାଖେମୁଣ୍ଡି, ଜିଲ୍ଲା: ଗଜପତି, ଓଡିଶା, ହାଲ୍ ଖାତା ନଂ.: ୯୨/୭୫୭, ପ୍ଲଟ୍ ନଂ.: ୨୫୨/୧୪୧୪, କ୍ଷେତ୍ର: ଏକର୦.୦୧୮ ଡିସିମିଲି /କିସମ: ଘରବାରୀ ସାଙ୍କେତିକ ଦଖଲ | ୨୨.୦୮.୨୦୧୮ ସୁଦ୍ଧା ସୁଧ ଅନ୍ତର୍ଭୁକ୍ତ ସହିତ ଟ.୨୫,୮୪,୪୭୯/- ସହିତ ଭବିଷ୍ୟତ ସୁଧ ଏବଂ ଆନୁସଙ୍ଗିକ ଖର୍ଚ୍ଚ, ଦେୟ ଇତ୍ୟାଦି / ୨୩.୦୮.୨୦୧୮ | ଟ. ୩୨,୧୦,୦୦୦/-<br>ଟ. ୩,୨୧,୦୦୦/-<br>ଟ. ୫୦,୦୦୦/- |
| ୭. | ଋଣଗ୍ରହୀତା: ମେସର୍ସ ବିଶ୍ୱକର୍ମା ଟ୍ରେଡର୍ସ, ସ୍ୱତ୍ତ୍ୱାଧିକାରୀ: ଶ୍ରୀ ନିମାଇଁ ଚରଣ ପାତ୍ର, ପିତା: ଶ୍ରୀ ସିମାଞ୍ଚଳ ପାତ୍ର / ଗ୍ୟାରେଣ୍ଟିଦାତା: ଶ୍ରୀ ସିମାଞ୍ଚଳ ପାତ୍ର, ପିତା: ଶ୍ରୀ ହରିହର ପାତ୍ର, ଉଭୟଙ୍କ ଠିକଣା- ସା/ପୋ.: ଖାଜିପଲ୍ଲୀ, ପୁରୁଷୋତ୍ତମପୁର, ଗଞ୍ଜାମ | ସମ୍ପତ୍ତି-୧) ନିମାଇଁ ଚରଣ ପାତ୍ରଙ୍କ ନାମରେ ଥିବା ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ମୌଜା: ଖାଜିପଲ୍ଲୀ, ଖାତା ନଂ.: ୩୨୧, ପ୍ଲଟ୍ ନଂ.: ୭୨୬, କ୍ଷେତ୍ର: ଏକର୦.୦୨୫ଡିସିମିଲି, କିସମ: ଘରବାରୀ / ସାଙ୍କେତିକ ଦଖଲ<br>ସମ୍ପତ୍ତି-୨) ସିମାଞ୍ଚଳ ପାତ୍ରଙ୍କ ନାମରେ ଥିବା ଜମି ଏବଂ ଗୃହ ଆଦି ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ମୌଜା: ଖାଜିପଲ୍ଲୀ, ଖାତା ନଂ.: ୩୯୪, ପ୍ଲଟ୍ ନଂ.: ୬୯୪, କ୍ଷେତ୍ର: ଏକର୦.୦୫୧ଡିସିମିଲି / କିସମ: ଘରବାରୀ, ସାଙ୍କେତିକ ଦଖଲ | ୧୨.୧୦.୨୦୨୧ ସୁଦ୍ଧା ସୁଧ ଅନ୍ତର୍ଭୁକ୍ତ ସହିତ ଟ.୨୩,୯୬,୮୩୮/- ସହିତ ଭବିଷ୍ୟତ ସୁଧ ଏବଂ ଆନୁସଙ୍ଗିକ ଖର୍ଚ୍ଚ, ଦେୟ ଇତ୍ୟାଦି / ୧୨.୧୦.୨୦୨୧ | ସମ୍ପତ୍ତି-୧:<br>ଟ. ୩,୪୩,୦୦୦/-<br>ଟ. ୩୪,୩୦୦/-<br>ଟ. ୫୦,୦୦୦/-<br>ସମ୍ପତ୍ତି-୨:<br>ଟ. ୧୨,୪୫,୦୦୦/-<br>ଟ. ୧,୨୪,୫୦୦/-<br>ଟ. ୫୦,୦୦୦/- |
| ୮. | ଋଣଗ୍ରହୀତା: ମେସର୍ସ ଲକ୍ଷ୍ମୀ ନୃସିଂହ ବ୍ରିକ ଇଣ୍ଡଷ୍ଟ୍ରି, ଅଂଶୀଦାରମାନେ: ୧) ଶ୍ରୀ ପ୍ରଶାନ୍ତ କୁମାର ମହାପାତ୍ର, ୨) ଶ୍ରୀ ପ୍ରଦ୍ୟୁମ୍ନ କୁମାର ପଣ୍ଡା, ଉଭୟଙ୍କ ଠିକଣା- ସା: ରାଣୀଗାଁ, ପୁରୁଷୋତ୍ତମପୁର, ଗଞ୍ଜାମ, ଓଡ଼ିଶା-୭୬୧୦୧୮ | ୧) ପ୍ରଶାନ୍ତ କୁମାର ମହାପାତ୍ରଙ୍କ ନାମରେ ଥିବା ଜମି ଏବଂ ଗୃହ ଆଦି ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ମୌଜା: ରାଣୀଗାଁ, ଖାତା ନଂ.: ୬୯୬/୧୨୫, ପ୍ଲଟ୍ ନଂ.: ୬୮୩, କ୍ଷେତ୍ର: ଏକର୦.୪୬୦ଡିସିମିଲି, କିସମ: ଘରବାରୀ, ଏସ୍‌ଆରଓ/ତହସିଲ: ପୁରୁଷୋତ୍ତମପୁର, ଜିଲ୍ଲା: ଗଞ୍ଜାମ ସହିତ ଏଠାରେ ନିର୍ମିତ ହୋଇଥିବା ଚିମିନି, ୨) ପ୍ରଶାନ୍ତ କୁମାର ମହାପାତ୍ରଙ୍କ ନାମରେ ଥିବା ଜମି ଏବଂ ଗୃହ ଆଦି ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ମୌଜା: ରାଣୀଗାଁ, ଖାତା ନଂ.: ୬୯୬/୧୩୮, ପ୍ଲଟ୍ ନଂ.: ୬୮୪ ଏବଂ ୬୮୫, କ୍ଷେତ୍ର: ଏକର୦.୫୮୮ଡିସିମିଲି ଏବଂ ଏକର୦.୨୫୦ଡିସିମିଲି, ଏସ୍‌ଆରଓ/ତହସିଲ: ପୁରୁଷୋତ୍ତମପୁର, ଜିଲ୍ଲା: ଗଞ୍ଜାମ / କିସମ: ଘରବାରୀ, ସାଙ୍କେତିକ ଦଖଲ | ୨୩.୦୯.୨୦୨୧ ସୁଦ୍ଧା ସୁଧ ଅନ୍ତର୍ଭୁକ୍ତ ସହିତ ଟ.୪୯,୬୬,୯୦୪/- ସହିତ ଭବିଷ୍ୟତ ସୁଧ ଏବଂ ଆନୁସଙ୍ଗିକ ଖର୍ଚ୍ଚ, ଦେୟ ଇତ୍ୟାଦି / ୨୩.୦୯.୨୦୨୧ | ଟ. ୨୮,୯୪,୦୦୦/-<br>ଟ. ୨,୮୯,୪୦୦/-<br>ଟ. ୫୦,୦୦୦/- |
| ୯. | ଋଣଗ୍ରହୀତା: ମେସର୍ସ ବୈଭବ ଲକ୍ଷ୍ମୀ ରାଇସ୍ ଆଣ୍ଡ ଫ୍ଲୋର ମିଲ୍ସ, ସ୍ୱତ୍ତ୍ୱାଧିକାରୀ: ଚୌଧୁରୀ ଶୁଭ ନାରାୟଣ ଦାଶ / ଗ୍ୟାରେଣ୍ଟିଦାତା: ଚୌଧୁରୀ ନିରୂପମା ଦାଶ, ଉଭୟଙ୍କ ଠିକଣା- ପ୍ଲଟ୍ ନଂ.: ୧୨୬୫, ଭାତପାଟଣା, ଭିଙ୍ଗାରପୁର, ବାଲିଅନ୍ତା, ଭୁବନେଶ୍ୱର, ଓଡ଼ିଶା, ପିନ୍-୭୫୨୧୧୫ | ୧) ଚୌଧୁରୀ ଶୁଭ ନାରାୟଣ ଦାଶଙ୍କ ନାମରେ ଥିବା ଜମି ଏବଂ ଗୃହ ଆଦି ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ଜିଲ୍ଲା: ଖୋର୍ଦ୍ଧା, ତହସିଲ: ବାଲିଅନ୍ତା, ମୌଜା: ଜିଡିକାରସୁଆଁଲୋ, ଖାତା ନଂ.: ୫୭୦/୦୨, ପ୍ଲଟ୍ ନଂ.: ୧୨୬୫, କ୍ଷେତ୍ର: ଏକର୦.୦୫୦ଡିସିମିଲି, କିସମ: ଘରବାରୀ, ଏହାର ଚାରିପାର୍ଶ୍ୱରେ ଉତ୍ତର: ପ୍ଲଟ୍ ନଂ.: ୧୨୫୯ ଏବଂ ୧୨୬୬, ଦକ୍ଷିଣ: ରାସ୍ତା, ପୂର୍ବ: ପ୍ଲଟ୍ ନଂ.: ୧୨୬୬, ପଶ୍ଚିମ: ପ୍ଲଟ୍ ନଂ.: ୧୨୫୯, ୨) ଚୌଧୁରୀ ଶୁଭ ନାରାୟଣ ଦାଶଙ୍କ ନାମରେ ଥିବା ଜମି ଏବଂ ଗୃହ ଆଦି ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ଜିଲ୍ଲା: ଖୋର୍ଦ୍ଧା, ତହସିଲ: ବାଲିଅନ୍ତା, ମୌଜା: ଜିଡିକାରସୁଆଁଲୋ, ଖାତା ନଂ.: ୫୭୦/୦୩, ପ୍ଲଟ୍ ନଂ.: ୧୨୬୬, କ୍ଷେତ୍ର: ଏକର୦.୩୨୦ଡିସିମିଲି, କିସମ: ଘରବାରୀ, ଏହାର ଚାରିପାର୍ଶ୍ୱରେ ଉତ୍ତର: ପ୍ଲଟ୍ ନଂ.: ୧୨୬୪ ଏବଂ ୧୨୮୪, ଦକ୍ଷିଣ: ରାସ୍ତା ଏବଂ ପ୍ଲଟ୍ ନଂ.: ୧୨୬୫, ପୂର୍ବ: ପ୍ଲଟ୍ ନଂ.: ୧୨୬୭, ପଶ୍ଚିମ: ପ୍ଲଟ୍ ନଂ.: ୧୨୬୬/୧୫୫୩ ଏବଂ ୧୨୫୯ / ସାଙ୍କେତିକ ଦଖଲ | ୨୪.୦୯.୨୦୨୧ ସୁଦ୍ଧା ସୁଧ ଅନ୍ତର୍ଭୁକ୍ତ ସହିତ ଟ.୪୦,୧୯,୨୧୮/- ସହିତ ଭବିଷ୍ୟତ ସୁଧ ଏବଂ ଆନୁସଙ୍ଗିକ ଖର୍ଚ୍ଚ, ଦେୟ ଇତ୍ୟାଦି / ୨୪.୦୯.୨୦୨୧ | ଟ. ୫୮,୨୮,୦୦୦/-<br>ଟ. ୫,୮୨,୮୦୦/-<br>ଟ. ୫୦,୦୦୦/- |

ସମ୍ପତ୍ତି ତନଖି କରିବାର ତାରିଖ ଓ ସମୟ: ୧୫.୦୭.୨୦୨୨, ପୂର୍ବାହ୍ନ ୧୧.୦୦ ଘଟିକା ରୁ ଅପରାହ୍ନ ୪.୦୦ ଘଟିକା ମଧ୍ୟରେ

ସରଫେଶୀ ଆକ୍ଟ ୨୦୦୨ର ସଂଶୋଧନ ଦ୍ୱାରା ରୁଲ ୯(୧) ଅନୁଯାୟୀ ପରବର୍ତ୍ତୀ ବିକ୍ରୟ ପାଇଁ ଋଣଗ୍ରହୀତା ଏବଂ ଗ୍ୟାରେଣ୍ଟିଦାତାମାନଙ୍କ ନିମନ୍ତେ ୧୫ ଦିନିଆ ବୈଧାନିକ ବିକ୍ରୟ ନୋଟିସ୍ ଅଟେ।

ବିକ୍ରୟର ସବିଶେଷ ନିୟମ ଏବଂ ସର୍ତ୍ତାବଳୀ ପାଇଁ ଭାରତୀୟ ଷ୍ଟେଟ୍ ବ୍ୟାଙ୍କ, ସୁରକ୍ଷିତ ଋଣଦାତାଙ୍କ ପ୍ରଦତ୍ତ ୱେବସାଇଟ୍ ଲିଙ୍କ୍ ଦେଖନ୍ତୁ: www.sbi.co.in, https://bank.sbi/web/sbi-in-the-news/auction-notices/sarfaesi-and-others, https://ibapi.in, ଏବଂ ନିଲାମ ପାଇଁ ଲଗ୍‌ଇନ୍ କରନ୍ତୁ: https://www.mstcecommerce.com/auctionhome/ibapi/index.jsp
ପରବର୍ତ୍ତୀ ସବିଶେଷ ଅନୁସନ୍ଧାନ ପାଇଁ ଯୋଗାଯୋଗ କରନ୍ତୁ : ଶ୍ରୀ ଆଶିଷ କୁମାର ମହାନ୍ତି (କ୍ଷମତାପ୍ରାପ୍ତ ଅଧିକାରୀ), ମୋ.: ୯୪୩୭୫୫୨୫୩୫, ସିସିଓ- ଏସ୍.କେ ନାଏକ, ମୋ.: ୮୦୧୮୭୬୪୨୯୧, ସିସିଓ- ଡି.କେ ବିଶ୍ୱାଳ, ମୋ.: ୮୮୦୦୯୦୧୦୦୫

ସ୍ଥାନ : ଭୁବନେଶ୍ୱର, ତାରିଖ : ୦୨.୦୭.୨୦୨୨ — ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ, ଭାରତୀୟ ଷ୍ଟେଟ୍ ବ୍ୟାଙ୍କ

ଭଗବତ୍ ପ୍ରେମର ଅବ୍ୟବହିତ ନିମ୍ନ ଦେଶରେ ରହିଛି ମଣିଷ ଭିତରେ ଭଗବାନଙ୍କୁ ଭଲ ପାଇବା। ଏଠାରେ ହିଁ ଲାଭ ହୁଏ ବହୁତ୍ୱର ଆନନ୍ଦ। ... ଭଗବତ ପ୍ରେମ ଓ ସର୍ବଭୂତରେ ଦୟାଭାବ ହେଲା ପୂର୍ଣ୍ଣଜ୍ଞାନର ପ୍ରଥମ ସୋପାନ। **-ଶ୍ରୀଅରବିନ୍ଦ**



# ଉତ୍ସାହର ପ୍ରତିଫଳନ

ଭାଜପାର ପୂର୍ବତନ ମୁଖପାତ୍ର ନୂପୁର ଶର୍ମାଙ୍କ ପ୍ରଫେଟ ବିରୋଧୀ ମତକୁ ସମର୍ଥନ କରିଥିବାରୁ ରାଜସ୍ଥାନର ଉଦୟପୁରରେ ୨୮ ଜୁନ୍‌ରେ ଦରଜି କହ୍ନେୟାଲାଲ ତେଲିଙ୍କ ମୁଣ୍ଡକାଟ କରିଥିଲେ ଦୁଇ ଜଣ ମୁସଲମାନ। ଅଭିଯୁକ୍ତଦ୍ୱୟଙ୍କୁ ୨୪ ଘଣ୍ଟା ମଧ୍ୟରେ ଗିରଫ କରାଯାଇଛି। ଜାତୀୟ ତଦନ୍ତକାରୀ ସଂସ୍ଥା (ଏନ୍‌ଆଇଏ) ଉକ୍ତ ଘଟଣାର ତଦନ୍ତ କରୁଛି। ଏବେ ଖବର ମିଳିଛି ସମାନ ଢଙ୍ଗରେ ୨୧ ଜୁନ୍‌ରେ ମହାରାଷ୍ଟ୍ରର ଅମରାବତୀରେ ଉମେଶ ପ୍ରହ୍ଲାଦରାଓ କୋହ୍ଲେ ନାମକ ଔଷଧ ଦୋକାନୀଙ୍କୁ ଅନ୍ୟ ଜଣେ ମୁସଲମାନ ଇର୍ଫାନ୍ ଖାନ୍‌ଙ୍କ ଷଡ଼ଯନ୍ତ୍ର କ୍ରମେ ହତ୍ୟା କରାଯାଇଛି। ଏହି ଦୁଇଟି ଘଟଣାରେ ଅଭିଯୁକ୍ତମାନେ ଛୁରି ବ୍ୟବହାର କରି କହ୍ନେୟାଲାଲ ଓ ଉମେଶଙ୍କୁ ମଧ୍ୟ ହତ୍ୟା କରିଛନ୍ତି। ଦ୍ୱିତୀୟ ଘଟଣାଟି ପୂର୍ବରୁ ଘଟିଥିଲେ ମଧ୍ୟ ତାହାକୁ ଡକାୟତିଜନିତ ମାମଲା ଭାବେ ଗଣାଯାଇଥିଲା। ଯେତେବେଳେ ଏନ୍‌ଆଇଏ ତାହା ଉପରେ ତଦନ୍ତ କଲା ସେତେବେଳେ ଘଟଣା ପଦାକୁ ଆସିଛି। ଏମିତି ବି ଶୁଣିବାକୁ ମିଳୁଛି, ଉମେଶ ଓ ତାଙ୍କ ହତ୍ୟାର ମୁଖ୍ୟ ଷଡ଼ଯନ୍ତ୍ରକାରୀ ଇର୍ଫାନ୍ ଦୁଇ ବନ୍ଧୁ। ସେମାନେ ଗୋଟେ ହ୍ୱାଟ୍ସଆପ୍ ଗ୍ରୁପ୍‌ରେ ଥିଲେ। ନୂପୁର ଶର୍ମା ପ୍ରଫେଟ ବିରୋଧୀ ମତ ଦେବା ପରେ ଉମେଶ ସେହି ସଂକ୍ରାନ୍ତ ବାର୍ତ୍ତାକୁ ସେହି ଗ୍ରୁପ୍‌ରେ ଶେୟାର କରିଥିଲେ। ଏତିକିରେ ସ୍ଥିତି ଭୟଙ୍କର ହୋଇଥିଲା। ଗଣମାଧ୍ୟମରେ ହେଉଥିବା ଚର୍ଚ୍ଚା ଅନୁଯାୟୀ ଇର୍ଫାନ୍ ଜାଣିଶୁଣି ଉମେଶଙ୍କ ବାର୍ତ୍ତାକୁ ବିଭିନ୍ନ ଗ୍ରୁପ୍‌ରେ ଶେୟାର କରିଥିଲେ ଓ ତାହାର ପରିଣତି ଔଷଧ ଦୋକାନୀଙ୍କ ହତ୍ୟାରେ ଶେଷ ହୋଇଥିଲା।

> **ଆଜିର ଅନେକ ଟେଲିଭିଜନ୍ ଚ୍ୟାନେଲ ବ୍ୟବସାୟିକ ସଫଳତା ହାସଲ ଲାଗି ଟେଲିଭିଜନ୍ ରେଟିଂ ପଏଣ୍ଟ (ଟିଆର୍‌ପି)କୁ ଗୁରୁତ୍ୱ ଦେଉଛନ୍ତି। ସେଥିଲାଗି ଚ୍ୟାନେଲର କଣ୍ଟେଣ୍ଟ୍ ବା ବିଷୟବସ୍ତୁକୁ ବିବାଦୀୟ କରିଦେବାକୁ ଅନେକେ ଚାହୁଁଛନ୍ତି। ନୂପୁରଙ୍କ ମନ୍ତବ୍ୟ ସେହି ଉତ୍ସାହର ପ୍ରତିଫଳନ ବୋଲି କୁହାଯାଇପାରିବ।**

୧ ଜୁଲାଇରେ ସୁପ୍ରିମକୋର୍ଟ କହିଥିଲେ, ଭାରତରେ ଏବେ ଯାହାସବୁ ଘଟୁଛି ସେଥିପାଇଁ ନୂପୁର ଶର୍ମା ଦାୟୀ। ତେଣୁ ସେ ସାରା ଦେଶକୁ କ୍ଷମା ମାଗିବା ଉଚିତ। ଏହା କୁହାଯାଇପାରେ ଯଦି ନୂପୁର ପ୍ରଫେଟ ବିରୋଧୀ ମତ ଦେଇ ନ ଥାଆନ୍ତେ, ତାହା ହେଲେ କହ୍ନେୟାଲାଲ କିମ୍ବା ଉମେଶଙ୍କ ମୃତ୍ୟୁ ଘଟି ନ ଥାଆନ୍ତା। ଏହାକୁ ମଧ୍ୟ ସ୍ୱୀକାର କରାଯିବା ଦରକାର। ଭାରତ ଏକ ଧର୍ମନିରପେକ୍ଷ ରାଷ୍ଟ୍ର ହୋଇଥିବାରୁ ସବୁ ଧର୍ମାବଲମ୍ବୀ ପ୍ରତ୍ୟେକଙ୍କ ଧର୍ମ ଓ ବିଶ୍ୱାସକୁ ସମ୍ମାନ ଦେବା କଥା। ତେଣୁ କୌଣସି ସ୍ଥିତିରେ କାହାରି ଧର୍ମକୁ କୁଠାରାଘାତ କରାଯିବା ଠିକ୍ ନୁହେଁ। ଦେଖାଯାଉଛି ଶସ୍ତା ଲୋକପ୍ରିୟତା ଅର୍ଜନ କିମ୍ବା ରାଜନୈତିକ ସୁବିଧା ସକାଶେ ଏବେ ଭାରତରେ ଅନେକ ଲୋକ ଅନ୍ୟସବୁ ଧର୍ମ ପ୍ରତି ଘୃଣାଭାବଜନିତ ମନ୍ତବ୍ୟ ଦେଉଛନ୍ତି। ଏହାଦ୍ୱାରା ଭାରତୀୟ ସମାଜ ପାଇଁ ଦୀର୍ଘମିଆଦୀ ଘଟୁଥିବା କ୍ଷତିର ଆକଳନ ଏବେ କରାଯାଇପାରୁ ନାହିଁ। ସ୍ୱୀକାର କରିବାକୁ ହେବ ଯେ, ସବୁ ଧର୍ମରେ ଉଗ୍ର ଚିନ୍ତାଧାରା ସାମ୍ନାକୁ ଆସୁଛି। ସାଧାରଣ ବ୍ୟକ୍ତି କୌଣସି ଭାବେ ସମ୍ପୃକ୍ତ ନ ଥିଲେ ମଧ୍ୟ ପ୍ରଭାବ ସମସ୍ତଙ୍କ ଉପରେ ପଡୁଛି। ବିଶ୍ୱ ପ୍ରେକ୍ଷାପଟରେ ଦେଖିଲେ ଇସ୍‌ଲାମୀୟ ଗୋଷ୍ଠୀଗୁଡ଼ିକ ସେମାନଙ୍କ ଧର୍ମ ମଧ୍ୟରେ ପୃଥକ୍ ମତ ପ୍ରକାଶକୁ ସହ୍ୟ କରିପାରୁ ନ ଥିବାରୁ ଅନେକ ସ୍ଥାନରେ ହିଂସା ଘଟୁଛି। ସେସବୁକୁ ଦୃଷ୍ଟିରେ ରଖି ଚିନ୍ତା କରାଗଲେ ଅନ୍ୟ ଧର୍ମର ବ୍ୟକ୍ତି ସେମାନଙ୍କ ପ୍ରଫେଟଙ୍କୁ ସମାଲୋଚନା କରିବାର ଆବଶ୍ୟକତା ନ ଥିଲା। ଫ୍ରାନ୍ସର ବ୍ୟଙ୍ଗଚିତ୍ର ପତ୍ରିକା 'ଶାର୍ଲି ହେବ୍‌ଦୋ'ରେ ଇସ୍‌ଲାମ ଧର୍ମ ସଂକ୍ରାନ୍ତ କାର୍ଟୁନ ପ୍ରକାଶ ପାଇବା ପରେ ସେଠାକାର କାର୍ଟୁନିଷ୍ଟଙ୍କୁ ହତ୍ୟା କରାଯାଇଥିଲା। ତେଣୁ ଭାରତରେ ସୌହାର୍ଦ୍ଦ୍ୟପୂର୍ଣ୍ଣ ବାତାବରଣ ରଖିବାକୁ ହେଲେ ପ୍ରତ୍ୟେକ ଧର୍ମର ବିଶ୍ୱାସକୁ ସମ୍ମାନ ଦିଆଯିବା ଦରକାର।

ଏଠାରେ ଆଉ ଏକ ଦିଗ ପ୍ରତି ଗୁରୁତ୍ୱ ଦିଆଯିବା ଉଚିତ। ସାମାଜିକ ଗଣମାଧ୍ୟମ କ୍ଷିପ୍ର ଓ ସର୍ବବ୍ୟାପୀ ହୋଇଯାଇଥିବାରୁ ସାଧାରଣ ଜୀବନରେ ପରିଚିତ ବ୍ୟକ୍ତିମାନେ ସେମାନଙ୍କ ଉଚ୍ଚାରଣ ଓ ଆଚରଣରେ ସଂଯମ ରକ୍ଷା କରିବା ଉଚିତ। ଆଜିର ଅନେକ ଟେଲିଭିଜନ୍ ଚ୍ୟାନେଲ ବ୍ୟବସାୟିକ ସଫଳତା ହାସଲ ଲାଗି ଟେଲିଭିଜନ୍ ରେଟିଂ ପଏଣ୍ଟ (ଟିଆର୍‌ପି)କୁ ଗୁରୁତ୍ୱ ଦେଉଛନ୍ତି। ସେଥିଲାଗି ଚ୍ୟାନେଲର କଣ୍ଟେଣ୍ଟ୍ ବା ବିଷୟବସ୍ତୁକୁ ବିବାଦୀୟ କରିଦେବାକୁ ଅନେକେ ଚାହୁଁଛନ୍ତି। ନୂପୁରଙ୍କ ମନ୍ତବ୍ୟ ସେହି ଉତ୍ସାହର ପ୍ରତିଫଳନ ବୋଲି କୁହାଯାଇପାରିବ।

## su|do|ku
Puzzles by Srikant Ghosh

## ସୁ-ଡୋ-କୁ

| | | | | | | | | |
|---|---|---|---|---|---|---|---|---|
| | 6 | | | | | | | 1 |
| | | | | | 1 | | 4 | |
| 5 | | | | | 9 | 2 | | |
| 4 | 3 | | | 1 | | | | |
| | | 9 | | | | | | 3 |
| | 8 | | | | 4 | 9 | 2 | |
| 6 | | | | | | 3 | | |
| | | | | 7 | 6 | | | |
| | | 1 | | 3 | | | 9 | 5 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 2 | 1 | 5 | 7 | 4 | 9 | 3 | 6 | 8 |
| 8 | 4 | 6 | 1 | 5 | 3 | 9 | 2 | 7 |
| 9 | 7 | 3 | 6 | 8 | 2 | 1 | 5 | 4 |
| 7 | 5 | 1 | 3 | 2 | 6 | 4 | 8 | 9 |
| 6 | 9 | 8 | 4 | 1 | 5 | 7 | 3 | 2 |
| 3 | 2 | 4 | 9 | 7 | 8 | 6 | 1 | 5 |
| 5 | 3 | 7 | 8 | 9 | 1 | 2 | 4 | 6 |
| 1 | 8 | 9 | 2 | 6 | 4 | 5 | 7 | 3 |
| 4 | 6 | 2 | 5 | 3 | 7 | 8 | 9 | 1 |

ଗତକାଲିର ଉତ୍ତର

# ଜାତୀୟତାବାଦ ବନାମ ଜାତୀୟତାବୋଧ



ଡ. ଛାୟାକାନ୍ତ ଷଡ଼ଙ୍ଗୀ

ବିଶିଷ୍ଟ ଲେଖକ ଜର୍ଜ ଅରୱେଲ୍‌ଙ୍କ ମତରେ ନିଜକୁ ଏକ ନିର୍ଦ୍ଦିଷ୍ଟ ଜାତି ଭାବରେ ଚିହ୍ନିତ କରିବା ଓ କେବଳ ସେହି ଜାତିର ସ୍ୱାର୍ଥକୁ ଉନ୍ନୀତ କରିବା ହିଁ ଏକମାତ୍ର କର୍ତ୍ତବ୍ୟ ବୋଲି ସ୍ୱୀକାର କରିବା ହେଉଛି ଜାତୀୟତାବାଦ। ଦେଶପ୍ରେମ ଓ ଜାତୀୟତାବାଦ ମଧ୍ୟରେ ପାର୍ଥକ୍ୟ ଦର୍ଶାଇବାକୁ ଯାଇ ସେ କହିଛନ୍ତି, ନିଜ ଦେଶ ପ୍ରତି ଓ ସେହି ଦେଶର ଜୀବନଶୈଳୀ ପ୍ରତି ଅନୁରକ୍ତ ହେବା ଓ ତାକୁ ଶ୍ରେଷ୍ଠ ମନେକଲେ ମଧ୍ୟ ତାକୁ ଅନ୍ୟ ଉପରେ ଲଦିଦେବା ପାଇଁ ଇଚ୍ଛା ନ କରିବା ହେଉଛି ଦେଶପ୍ରେମ। ଉଭୟ ସାମରିକ ଓ ସାଂସ୍କୃତିକ ଦୃଷ୍ଟିକୋଣରୁ ଏହା ପ୍ରତିରକ୍ଷାଧର୍ମୀ। ଅପରପକ୍ଷରେ ଜାତୀୟତାବାଦ କ୍ଷମତାଲିପ୍‌ସାଠାରୁ ବିଚ୍ଛିନ୍ନ ନୁହେଁ। ପ୍ରତ୍ୟେକ ଜାତୀୟତାବାଦୀର ଲକ୍ଷ୍ୟ ହେଉଛି ନିଜ ଜାତି ପାଇଁ ଅଧିକରୁ ଅଧିକ କ୍ଷମତା ଓ ସମ୍ମାନପ୍ରାପ୍ତ କରିବା। ମାତ୍ର ଯେଉଁ ଦେଶରେ ଆମେ ଜନ୍ମ ହୋଇଛୁ ଓ ପ୍ରତିପାଳିତ ହୋଇଛୁ ସେହି ଦେଶକୁ ଭଲପାଇବା ଏକ ସ୍ୱାଭାବିକ ପ୍ରବୃତ୍ତି। ଏହା ହେଉଛି ଦେଶପ୍ରେମ, ମାତ୍ର କ୍ଷମତାଲିପ୍‌ସା ଏହାର ଲକ୍ଷ୍ୟ ନୁହେଁ। ଏହି ପ୍ରସଙ୍ଗରେ ମନେପଡ଼େ ରୋମର ନାଗରିକ ସିନ୍‌ସିନାଟାସ୍‌ଙ୍କ କଥା।

ଅଢ଼େଇ ହଜାର ବର୍ଷ ତଳର କଥା। ସେତେବେଳେ ରୋମ୍ ଥିଲା ଏକ ସାଧାରଣତନ୍ତ୍ର। ସ୍ୱାଭାବିକ ପରିସ୍ଥିତିରେ ରୋମବାସୀମାନେ କୃଷି କର୍ମରେ ମନ ନିବେଶ କରୁଥିଲେ। ମାତ୍ର ଦୈବାତ୍ ଯଦି କେତେବେଳେ ନିଜ ଦେଶ ଉପରେ ଆକ୍ରମଣ ହୁଏ, ସେମାନେ ବନି ଯାଉଥିଲେ ସୈନିକ। ଦେଶର ପ୍ରତିରକ୍ଷା ପାଇଁ ସେମାନେ ସୀମାନ୍ତ ଉପରେ ଦୃଷ୍ଟି ରଖୁଥିଲେ। ଦିନେ ଗୋଟିଏ ଉପତ୍ୟକା ଭିତରେ ଦେଶର ସୈନ୍ୟବାହିନୀ ବିଶ୍ରାମ ନେଉଥିଲା ବେଳେ ଏକ ଶତ୍ରୁଦେଶର ଆକ୍ରମଣକାରୀ ସୈନ୍ୟ ଦଳ ତାଙ୍କୁ ଘେରିଗଲେ। ସେତେବେଳେ ସନ୍ଧ୍ୟା। ଦୂର ବିଲରେ ହଳ ବୁଲାଉଥାନ୍ତି କୃଷକ ସିନ୍‌ସିନାଟାସ୍। ସେ ଥିଲେ ସାହସୀ ଓ ବୁଦ୍ଧିମାନ୍। ଆକ୍ରମଣର ଖବର ପାଇ ସେ ଚାଲିଆସିଲେ ନଗର ଭିତରକୁ। ସମର୍ଥ ନାଗରିକମାନଙ୍କୁ ଖଣ୍ଡିଏ ଲେଖାଏ କାଠପଟା ଧରି ଗୋଟିଏ ସ୍ଥାନରେ ଏକତ୍ର ହେବାପାଇଁ ନିର୍ଦ୍ଦେଶ ଦେଲେ। ସେମାନଙ୍କୁ ନେଇ ଶତ୍ରୁବଳୟର ଚତୁର୍ଦ୍ଦିଗରେ ଅନ୍ୟ ଏକ ବଳୟ ସୃଷ୍ଟି କଲେ। ପ୍ରତ୍ୟେକ ନାଗରିକ ନିଜ ଆଗରେ ବର୍ମ ଭଳି କାଠପଟାମାନ ପୋତି ପଛରେ ଛିଡ଼ା ହୋଇଗଲେ। ସକାଳ ହେବା ବେଳକୁ ଶତ୍ରୁବାହିନୀ ଦେଖିଲେ ରୋମର ଜନତା ସେମାନଙ୍କୁ ବେଷ୍ଟନ କରି କାବୁ କରି ନେଇଛନ୍ତି। ଆତ୍ମସମର୍ପଣ ବ୍ୟତୀତ ସେମାନଙ୍କ ଗତ୍ୟନ୍ତ ନ ଥିଲା। ସମସ୍ତେ ବନ୍ଦୀ ହେଲେ। ରୋମ୍ ବିଜୟୀ ହେଲା। ରୋମବାସୀ ସିନ୍‌ସିନାଟାସ୍‌ଙ୍କୁ ଅନୁରୋଧ କଲେ ଯେ, ସେ ରୋମର ସର୍ବୋଚ୍ଚ ଶାସକ ହୁଅନ୍ତୁ। ମାତ୍ର ସେ ନୀରବରେ ତାଙ୍କ ବିଲକୁ ଫେରିଯାଇ ପୁଣି ହଳ ବୁଲାଇବା ଆରମ୍ଭ କଲେ। ରୋମବାସୀଙ୍କ ଅନୁରୋଧକୁ କର୍ଣ୍ଣପାତ କଲେ ନାହିଁ। ନିଜ ଜନ୍ମଭୂମିକୁ ଶତ୍ରୁ କବଳରୁ ରକ୍ଷା କରିବା ଥିଲା ତାଙ୍କର କର୍ତ୍ତବ୍ୟ। କ୍ଷମତା ତାଙ୍କ ପଛରେ ଦୌଡ଼ିଥିଲା। ମାତ୍ର ସେ କ୍ଷମତା ପଛରେ ଦୌଡ଼ି ନ ଥିଲେ। ଏହାକୁ କୁହାଯାଏ ଦେଶପ୍ରେମ। ଅନୁରୂପ ଭାବରେ ଗାନ୍ଧିଜୀ ଭାରତର ସ୍ୱାଧୀନତା ଆନ୍ଦୋଳନର ନେତୃତ୍ୱ ନେଇଥିଲେ। ମାତ୍ର ସେ ଚାହିଁଥିଲେ ଭାରତର ପ୍ରଧାନମନ୍ତ୍ରୀ ହୋଇପାରିଥା'ନ୍ତେ। ମାତ୍ର ତାଙ୍କର ସେଭଳି କ୍ଷମତାଲିପ୍‌ସା ନ ଥିଲା। ଏହା ଦେଶପ୍ରେମର ଆଉ ଏକ ବଳିଷ୍ଠ ଉଦାହରଣ।



ଇଂଲିଶ୍‌ରେ ଦେଶପ୍ରେମକୁ 'ପେଟ୍ରିଓଟିଜମ୍' କୁହାଯାଏ। ଏହା ପେଟ୍ରିଅଟ୍ ଶବ୍ଦରୁ ସୃଷ୍ଟି ହୋଇଛି। ଏହି ଶବ୍ଦଟି ଇଂଲିଶ୍‌କୁ ଆସିଛି ଫରାସୀ ଶବ୍ଦ 'ପେଟ୍ରିଓଟ୍'ରୁ, ଯାହାର ଅର୍ଥ ହେଉଛି 'ସହଦେଶବାସୀ'। ଇଂଲିଶ୍‌ରେ ଜାତୀୟତାବାଦକୁ ନ୍ୟାଶାଲିଜମ୍ କୁହାଯାଏ। ଏହି ଦୁଇ ଶବ୍ଦ ପେଟ୍ରଓଟିଜମ୍ ଓ ନ୍ୟାଶାନାଲିଜମ୍‌ର ଇତିହାସ ଅନୁଧ୍ୟାନ କଲେ ଜଣାଯାଏ ଯେ, ପେଟ୍ରଓଟିଜମ୍ ଶବ୍ଦଟି ନ୍ୟାଶାଲିଜମ୍ ଶବ୍ଦଠାରୁ ବହୁ ପୁରୁଣା। ପେଟ୍ରିଓଟିଜମ୍ ଶବ୍ଦଟି ସପ୍ତଦଶ ଶତାବ୍ଦୀର ମଧ୍ୟଭାଗରେ ବ୍ୟବହାର ହୋଇଥିବା ବେଳେ ନ୍ୟାଶନାଲିଜମ୍ ଊନବିଂଶ ଶତାବ୍ଦୀରେ ବ୍ୟବହାର ହୋଇଛି। ପ୍ରାରମ୍ଭିକ ପର୍ଯ୍ୟାୟରେ ଏହି ଦୁଇଟି ଶବ୍ଦ ସମାନ ଅର୍ଥରେ ଯଥା ଦେଶପ୍ରେମ ଅର୍ଥରେ ବ୍ୟବହୃତ ହେଉଥିଲା। ମାତ୍ର ପୃଥିବୀର କେତୋଟି ଘଟଣାକ୍ରମରେ ଜାତୀୟତାବାଦ ଶବ୍ଦଟି ଦେଶପ୍ରେମଠାରୁ ଅର୍ଥରେ କିଞ୍ଚିତ ଦୂରେଇ ଗଲା। ସାର୍ବଭୌମତ୍ୱ ହାସଲ କରିବା ପାଇଁ ରାଜତନ୍ତ୍ର ବିରୋଧରେ ମୁଣ୍ଡ ଟେକିଥିବା ଆମେରିକାର ସ୍ୱାଧୀନତା ଆନ୍ଦୋଳନ ଓ ଫରାସୀ ବିପ୍ଳବ ଜାତୀୟତାବାଦର ମଞ୍ଜି ବୁଣିଲା। ପରବର୍ତ୍ତୀ ସମୟରେ ଫାସିଷ୍ଟ ଶାସକମାନେ ଧର୍ମ ଓ ଜାତିକୁ ଭିତ୍ତି କରି ନିଜର ଶ୍ରେଷ୍ଠତ୍ୱକୁ ଜାତୀୟତା ସହ ସାମିଲ କରିନେଲେ। ପୁନଶ୍ଚ ଗ୍ରୀକ୍‌ମାନେ ଗର୍ବ କଲେ ୟୁରୋପୀୟ ସଭ୍ୟତାର ଆଦିଭୂମି ହେଉଛି ଗ୍ରୀସ୍। ଇଟାଲୀୟମାନେ ଅତୀତର ରୋମ୍ ସାମ୍ରାଜ୍ୟର ଗୌରବ ଓ ବିଭବକୁ ନେଇ ଗର୍ବ କଲେ। ଫରାସୀ ଜାତି ନେପୋଲିଅନ ବୋନାପାର୍ଟଙ୍କ ଦିଗ୍‌ବିଜୟକୁ ନେଇ ନିଜକୁ ମହାନ୍ ମଣିଲେ। ରୁଷୀୟମାନେ ସେମାନଙ୍କ ସାମ୍ରାଜ୍ୟକୁ ପୃଥିବୀର ବୃହତ୍ତମ ଶକ୍ତି ବୋଲି ବିବେଚନା କଲେ। ଜର୍ମାନମାନେ ନିଜକୁ ଶ୍ରେଷ୍ଠ ଆର୍ଯ୍ୟ ଜାତି ବୋଲି ଦାବି କଲେ ଓ ଇହୁଦୀମାନଙ୍କୁ ସଂହାର କଲେ। ଇଂରେଜମାନେ ଗର୍ବରେ ଆସ୍ଫାଳନ କଲେ ଯେ ବ୍ରିଟିଶ୍ ସାମ୍ରାଜ୍ୟର ସୂର୍ଯ୍ୟ କେବେ ଅସ୍ତ ହୁଏ ନାହିଁ। ଏହି ଭାବନାରୁ ରାଷ୍ଟ୍ର ରାଷ୍ଟ୍ର ମଧ୍ୟରେ ଈର୍ଷାଭାବ ବଢ଼ିଲା ଓ ତଦ୍ଦ୍ୱାରା ଜାତୀୟତାବୋଧ ଉଗ୍ରରୂପ ଧାରଣ କଲା। ଦେଶ ଦେଶ ମଧ୍ୟରେ କ୍ଷମତା ବୃଦ୍ଧି ନେଇ ପ୍ରତିଦ୍ୱନ୍ଦ୍ୱିତା ଆରମ୍ଭ ହେଲା ଓ ତା'ର ପରିଣତି ହେଲା ପ୍ରଥମ ଓ ଦ୍ୱିତୀୟ ବିଶ୍ୱଯୁଦ୍ଧ। ଆଜି ମଧ୍ୟ ଜାତୀୟତାବାଦ ଏକ ରାଜନୈତିକ ବିତର୍କର ବିଷୟ ହୋଇଯାଇଛି। ଗୋଟିଏ ସମାବେଶରେ ଗତ ଅକ୍ଟୋବର ୨୩ ତାରିଖ ୨୦୧୮ରେ ଆମେରିକାର ପ୍ରାକ୍ତନ ରାଷ୍ଟ୍ରପତି ଡୋନାଲ୍‌ଡ ଟ୍ରମ୍ପ ନିଜକୁ ଜାତୀୟତାବାଦୀ ବୋଲି ଘୋଷଣା କରି ଆହ୍ୱାନ ଦେଲେ- 'ମେକ୍ ଆମେରିକା ଗ୍ରେଟ୍ ଏଗେନ୍'। ଅନୁରୂପ ଭାବରେ ନଭେମ୍ବର ୧୧ ତାରିଖ ୨୦୧୮ରେ ଆର୍ମିଷ୍ଟିସ୍ ଡେ ପାଳନ ଅବସରରେ ଫ୍ରାନ୍ସ ରାଷ୍ଟ୍ରପତି ମେକ୍ରନ୍ ଜାତୀୟତାବାଦର ସଂଜ୍ଞା ଦେଲେ 'ପୁଟିଙ୍ଗ ଆୱାର ନେସନ୍ ଫାଷ୍ଟ ଆଣ୍ଡ ନଟ୍ କ୍ୟାରିଂ ଏବାଉଟ ଅଦର୍ସ', ଅର୍ଥାତ୍ ନିଜ ଜାତିକୁ ପ୍ରଥମ ସ୍ଥାନ ଦେବା ଓ ଅନ୍ୟମାନଙ୍କ ବିଷୟରେ ଆଦୌ ଚିନ୍ତା ନ କରିବା। ଏହିଭଳି ପ୍ରତ୍ୟେକ ଜାତି ନିଜର ଭାଷା, ସାହିତ୍ୟ, ସଭ୍ୟତା, ପରମ୍ପରା ଆଦିକୁ ମହାନ୍ ଓ ଶ୍ରେଷ୍ଠ ରୂପେ ପ୍ରତିପାଦିତ କରିବାକୁ ଚେଷ୍ଟା କରୁଛନ୍ତି। ନିଜ ଜାତିକୁ ନେଇ ଗର୍ବ କରିବାରେ କୌଣସି ଅସୁବିଧା ନାହିଁ, ମାତ୍ର ଅନ୍ୟ ଜାତିମାନଙ୍କୁ ନିକୃଷ୍ଟ ମଣିବା ହେଉଛି ଅହଂକାର।

ପ୍ରାରମ୍ଭରେ ଜାତୀୟତାବୋଧ କହିଲେ ଦେଶପ୍ରେମକୁ ବୁଝାଉଥିଲା। ମାତ୍ର ଏହିଭଳି ଅହଂକାର ଜାତୀୟତାବୋଧକୁ ଜାତୀୟତାବାଦରେ ପରିଣତ କରିଦେଲା। ଯେତେବେଳେ କୌଣସି ଏକ ଆଦର୍ଶ 'ବାଦ'ରେ ପରିଣତ ହୋଇଯାଏ, ତାହା ଏକ ଅଫିମ ହୋଇଯାଏ ଓ ଆଜି ଜାତୀୟତାବାଦ ଏକ ଅଫିମ ହୋଇଯାଇଛି। ମଣିଷ ଯେତେବେଳେ ଅଫିମ ସେବନ କରେ, ନିଜର ଦୁର୍ବଳତାକୁ ମଧ୍ୟ ସେ ଠିକ୍ ବୋଲି ସାବ୍ୟସ୍ତ କରେ। ଯଦି ପ୍ରତ୍ୟେକ ଜାତି ନିଜକୁ ଶ୍ରେଷ୍ଠ ମଣି ଅନ୍ୟକୁ ନିକୃଷ୍ଟ କହିବେ, ଅହଂ ସହ ଅହଂର ସଂଘର୍ଷ ହେବ ଓ ଶେଷରେ ହିଂସା ଓ ରକ୍ତପାତ ସୃଷ୍ଟି ହେବ। ମାତ୍ର ମଣିଷ ଯେତେବେଳେ ଦେଶପ୍ରେମରେ ଉଦ୍‌ବୁଦ୍ଧ ହେବ, ସେତେବେଳେ ସେ ଅନ୍ୟଦେଶର ଦେଶଭକ୍ତମାନଙ୍କୁ ମଧ୍ୟ ସମ୍ମାନ ଦେବ। ଏହା ହେଉଛି ଦେଶପ୍ରେମର ମର୍ମ। ପ୍ରତ୍ୟେକ ଦେଶପ୍ରେମୀର ଜାତୀୟତାବୋଧ ରହିବା ସ୍ୱାଭାବିକ। ମାତ୍ର ଜାତୀୟତାବୋଧ ଯଦି ଜାତୀୟତାବାଦରେ ରୂପାନ୍ତରୀତ ନ ହୁଏ, ତାହା ପୃଥିବୀ ପାଇଁ ମଙ୍ଗଳ।

**ପ୍ରାକ୍ତନ କଲେଜ ଅଧ୍ୟକ୍ଷ, ଟିଟିଲାଗଡ଼**
**ମୋ: ୯୪୩୭୩୨୯୨୬୩**

# ସାହିତ୍ୟର ଜୟ ହେଉ



ଶ୍ରୁତକୀର୍ତ୍ତି ତ୍ରିପାଠୀ

ସମାଜ ଓ ସାହିତ୍ୟ ସବୁବେଳେ ଓତପ୍ରୋତ ଭାବରେ ଜଡ଼ିତ। ଏକ ସୁସ୍ଥ ସମାଜ ଗଠନ ଦିଗରେ ସାହିତ୍ୟର ଭୂମିକା ସବୁବେଳେ ଆଗରେ। ଆମ ଓଡ଼ିଆ ସାହିତ୍ୟରେ ବହୁ କାଳଜୟୀ ସ୍ରଷ୍ଟାଙ୍କ ସାକ୍ଷର ଲିପିବଦ୍ଧ। ଆବଶ୍ୟକତା ଅଛି ତାକୁ ପଠନ କରି ତନ୍ମଧ୍ୟରେ ଥିବା ଚିନ୍ତନ ଓ ସାରମର୍ମରୁ କିଛି ଆହରଣ କରିବା। ମାତ୍ର ବିଡ଼ମ୍ବନା ଏହା ଯେ ଓଡ଼ିଆ ସାହିତ୍ୟର ବିଶାଳ ଗନ୍ତାଘର ସବୁ ପାଠକଙ୍କ ପାଖକୁ ପହଞ୍ଚି ପାରୁନାହିଁ। କିମ୍ବା ଏଭଳି ବି କୁହାଯାଇପାରେ ଯେ ସେହି ପୁସ୍ତକ ସମାହାରକୁ ପଢ଼ିବା ପାଇଁ ଅନେକଙ୍କ ପାଖରେ ସମୟର ଘୋର ଅଭାବ। ଏହି ଅଭାବକୁ ଦୂର କରିବାକୁ ଯାଇ ଏବେ ସାହିତ୍ୟକୁ ଡିଜିଟାଲ ବା ଯାନ୍ତ୍ରିକ ମାଧ୍ୟମରେ ପ୍ରଚାର ଏବଂ ପ୍ରସାର କରିବା ଆରମ୍ଭ ହୋଇଛି। ଏହା ପଛରେ ଉଦ୍ଦେଶ୍ୟ ଏହା ଯେ ମାଧ୍ୟମ ଯାହା ହେଉନା କାହିଁକି ଅଧିକରୁ ଅଧିକ ଲୋକ ପଠନ, ଲିଖନ, ଚିନ୍ତନ ଏବଂ ଉପସ୍ଥାପନା ମାଧ୍ୟମରେ ସାହିତ୍ୟକୁ ସମୃଦ୍ଧ କରନ୍ତୁ।

ଯୁଗ ଥିଲା ପୁସ୍ତକ ପଠନରେ ଲୋକ ପରମ ଆନନ୍ଦ ପାଉଥିଲେ। ଖାଲି ସମୟରେ ଅବସର ବିନୋଦନ ଏବଂ ମନୋରଞ୍ଜନର ଏକ ମାଧ୍ୟମ ଥିଲା ବିଭିନ୍ନ ପ୍ରକାରର ପୁସ୍ତକ ପଠନ। କ୍ରମେ ଏହାର ସ୍ଥାନ ଟେଲିଭିଜନ, ରେଡିଓ, କମ୍ପ୍ୟୁଟର ଓ ମୋବାଇଲ ନେଲେ। ଧୀରେ ଧୀରେ ଲୋକଙ୍କର ବହି ପଢ଼ିବାର ଅଭ୍ୟାସ କମି କମି ଗଲା। ପୁସ୍ତକର ଆକର୍ଷଣ ପାଠକ ଆଉ ଅନୁଭବ କଲେ ନାହିଁ ; ଯାହା ସାହିତ୍ୟର ଉନ୍ନତି ଏବଂ ସମୃଦ୍ଧି ପଥକୁ ଅବରୋଧ କଲା। ତଥାପି କିଛି ପ୍ରକାଶକ, ସ୍ରଷ୍ଟା ଏବଂ ପାଠକଙ୍କ ପ୍ରୟାସ ଯୋଗୁ ଆଜି ମଧ୍ୟ ବହି ଛପା, କିଣା ଓ ବିକା ଚାଲିଛି। ଏଇ ଆଶାରେ ଯେ ଆମ ଆଗାମୀ ପିଢ଼ି ପ୍ରକାଶିତ ପୁସ୍ତକ ସବୁକୁ ପଢ଼ିବା ପାଇଁ ଆଗ୍ରହ ପ୍ରକାଶ କରିବେ, ଏହା ପ୍ରତି ଆକର୍ଷିତ ହେବେ। ହେଲେ ଏହା ବି ସତ ଯେ, ପ୍ରକାଶିତ ପୁସ୍ତକ ଗୁଡ଼ିକୁ ପଢ଼ିବା ପାଇଁ ପାଠକଙ୍କ ମନରେ ଆଗ୍ରହ ପ୍ରକାଶକ ବା ସ୍ରଷ୍ଟା ସୃଷ୍ଟି କରିପାରିବେ ନାହିଁ। ଏହା ପାଇଁ ସ୍ୱତଃପ୍ରବୃତ୍ତ ଭାବରେ ପାଠକମାନଙ୍କୁ ହିଁ ଆଗେଇ ଆସିବାକୁ ହେବ। ବର୍ତ୍ତମାନ ଦେଖାଯାଉଛି ଡିଜିଟାଲ ମିଡିଆ, ଯେପରି କି ଫେସବୁକ, ୱେବ ପୋର୍ଟାଲରେ ଅନେକ ସାହିତ୍ୟିକ ନିଜ ଲେଖା ଦେବାକୁ ଇଚ୍ଛୁକ ହେଲେଣି। ହ୍ୱାଟ୍ସଆପ ଏବଂ ଇନଷ୍ଟାଗ୍ରାମ ଭଳି ମାଧ୍ୟମରେ ଏହାର ବହୁଳ ପ୍ରଚାର ଖୁବ୍ କମ୍ ସମୟ ଭିତରେ ଜଣେ ଲେଖକ/ଲେଖିକାଙ୍କୁ ନିଜର ପରିଚୟ ସୃଷ୍ଟି କରିବାରେ ସହାୟକ ହେଉଛି। ପୁନଃ ସେହି ଲେଖାଗୁଡ଼ିକୁ ୟୁଟ୍ୟୁବ୍ ଅଡିଓ ବା ଭିଡିଓ ଯୋଗେ ଆହୁରି ଆକର୍ଷଣୀୟ ଏବଂ ମନଲୋଭା କରି ସମସ୍ତଙ୍କ ଆଗରେ ପରଷି ଦିଆଯାଉଛି।

ଯଦିଓ ପୁସ୍ତକ ପଢ଼ିବାର ବିକଳ୍ପ ନାହିଁ, ତଥାପି ପୁସ୍ତକ ଗୁଡ଼ିକୁ ଏକାଠି ରଖିବା ପାଇଁ ଅଧିକ ସ୍ଥାନ ଦରକାର ଏବଂ ଏହାର ସଂରକ୍ଷଣ ମଧ୍ୟ ଜରୁରୀ। କିଛିଦିନ ତଳେ ପାଠାଗାରଗୁଡ଼ିକରେ କୁଢ଼ କୁଢ଼ ଉଇ ଖାଇଯାଇଥିବା ବହି ଗଦା ଏହାର ସଦ୍ୟତମ ଉଦାହରଣ। ଏଭଳି ସ୍ଥଳରେ ଲେଖାଗୁଡ଼ିକୁ ଡିଜିଟାଲାଇଜେସନ କରି ରଖିବା ଏବଂ ଯେତେବେଳେ ଇଚ୍ଛା କଲେ ସହଜରେ ପଢ଼ିବା ଅଧିକ ସୁବିଧାଜନକ। ଏହା ଦ୍ୱାରା ଯାତ୍ରା କରିବା, କୌଣସି କାମ କରିବା କିମ୍ବା ଅବସର ସମୟରେ ଏହାକୁ ଶୁଣି କିମ୍ବା ଦେଖିବା ସମ୍ଭବ ହୁଏ। ଏହି ମାଧ୍ୟମଟି ଖାଲି ଯେ ସାହିତ୍ୟିକଙ୍କୁ ସୁହାଉଛି ତା' ନୁହେଁ ବରଂ ସାଧାରଣ ବର୍ଗର ଲୋକଙ୍କୁ ମଧ୍ୟ ସାହିତ୍ୟ ପ୍ରତି ଆଗ୍ରହୀ କରୁଛି। ଡିଜିଟାଲାଇଜେସନ ଦ୍ୱାରା କେବଳ ଯେ ସୁବିଧା ହୁଏ ତା' ନୁହେଁ, ଏହା ଅନେକ ଅସୁବିଧାକୁ ମଧ୍ୟ ନିମନ୍ତ୍ରଣ ଦିଏ। ଯେପରି କି ସମ୍ପାଦନା ଏବଂ ପ୍ରକାଶକଙ୍କ ଅନୁପସ୍ଥିତି ଯୋଗୁ ଅନେକ ନିମ୍ନମାନର କିମ୍ବା ଦ୍ୱିଅର୍ଥବୋଧକ ସାହିତ୍ୟ ସୃଷ୍ଟି ହୋଇଥାଏ। କିନ୍ତୁ ଏତିକି ମନେରଖିବାକୁ ହେବ ଯେ ଯାହା ଉତ୍ତମ ନୁହେଁ ତାହା କ୍ଷଣସ୍ଥାୟୀ। ସମୟ ସହିତ ତାଳ ଦେଇ କେବଳ ଉନ୍ନତ, ସମୃଦ୍ଧ ଏବଂ ମହତ ବାର୍ତ୍ତା ଦେଉଥିବା ସୃଜନ ହିଁ ତିଷ୍ଠିପାରିବ। ଏଣୁ ଏହାର ନକାରାତ୍ମକ ଦିଗକୁ ଅଧିକ ଧ୍ୟାନ ନ ଦେଇ ଏହାର ସକାରାତ୍ମକ ଦିଗ ଉପରେ ଉଭୟ ପାଠକ ଏବଂ ଲେଖକ ଗୁରୁତ୍ୱଦେବା ଆବଶ୍ୟକ। ସୋସିଆଲ ମିଡିଆରେ ଲେଖା ଆରମ୍ଭ କରୁଥିବା ଅନେକ ନୂଆ ପ୍ରତିଭା ଏବେ ଡିଜିଟାଲାଇଜେସନ ଉପରେ ଅଧିକ ଗୁରୁତ୍ୱ ଦେଉଛନ୍ତି। ବହି ଟିଏ କିଣି ପଢ଼ିବା ସମସ୍ତଙ୍କ ପାଇଁ ସମ୍ଭବ ହେଉ ନ ଥିବା ବେଳେ, ମୋବାଇଲ ପରଦାରେ ଲେଖା ପଢ଼ିବା, ଦେଖିବା ଓ ଶୁଣିବା ନିତି କିଛି ନୂଆ ପାଠକ ଏବଂ ଆଗକୁ ଯାଇ ନୂଆ ଲେଖକ କିମ୍ବା ସାହିତ୍ୟିକ ସୃଷ୍ଟି କରିବାରେ ସହାୟକ ହୋଇଛି। ଏହା ବ୍ୟତୀତ ବହୁ ପ୍ରାଚୀନ, ଉତ୍କୃଷ୍ଟ ଏବଂ କାଳଜୟୀ ସ୍ରଷ୍ଟାଙ୍କ ସୃଜନ ସମୂହକୁ ଡିଜିଟାଲାଇଜେସନ କରିଦେଲେ ତାହା ସମସ୍ତଙ୍କୁ ହାତପାଆନ୍ତାରେ ମିଳିପାରୁଛି, ଯାହା ସାହିତ୍ୟର ସମୃଦ୍ଧି ପଥରେ ଆଉ ଏକ ଫର୍ଦ୍ଦ ଯୋଡ଼ିଛି।



ଶେଷରେ ଏତିକି ସାରକଥା ଯେ, ମାଧ୍ୟମ ଯାହା ହେଉ ନା କାହିଁକି ଆମ ସାହିତ୍ୟ ଅଧିକରୁ ଅଧିକ ଲୋକଙ୍କୁ ଅନୁପ୍ରାଣିତ କରୁ। ଆମ କଳା, ସଂସ୍କୃତି, ପରମ୍ପରା, ଚଳଣିକୁ ବିଶ୍ୱ ଦରବାରରେ ପରିଚିତ କରେଇବା ଦିଗରେ ସାହିତ୍ୟର ଏହି ଯାନ୍ତ୍ରିକ ମାଧ୍ୟମ ବେଶ୍ ସଫଳ ହୋଇଛି, ତାହା ସମସ୍ତେ ମାନିବେ। ଆବଶ୍ୟକତା ଅଛି ଉଭୟ ପାଠକ ଏବଂ ଲେଖକ ନିଜେ ଟିକେ ଯତ୍ନଶୀଳ ହେବେ। ଅଶ୍ଳୀଳ, ଦ୍ୱିଅର୍ଥବୋଧକ ଏବଂ ନକାରାତ୍ମକ ସୃଜନଗୁଡ଼ିକୁ ଅଣଦେଖା କରି ସମାଜର ହିତ ସାଧନ କରୁଥିବା ସୃଜନକୁ ଆପଣେଇ ନେବେ। ସାହିତ୍ୟର ପ୍ରଚାର ଓ ପ୍ରସାର କ୍ଷେତ୍ରରେ ଡିଜିଟାଲ ମିଡିଆ ଯେ ଏକ ନୂତନ ବିପ୍ଳବ ଆଣିଛି, କହିଲେ ଅତ୍ୟୁକ୍ତି ହେବ ନାହିଁ। ଆଶା ଏହି ବିପ୍ଳବ ସବୁବର୍ଗର ଲୋକଙ୍କୁ ସାହିତ୍ୟ ପ୍ରତି ଆସକ୍ତ କରୁ। ମୋର ବିଶ୍ୱାସ ଭବିଷ୍ୟତରେ ଏହା ସାହିତ୍ୟକୁ ଆହୁରି ରୁଦ୍ଧିମନ୍ତ କରିବାରେ ସକ୍ଷମ ହେବ।

**ମୋ :୬୩୭୦୫୧୬୪୭୮**

## ଏଇ ଭାରତରେ

ଅବସର ଜୀବନ ଶେଷ ନୁହଁ। ଚାହିଁଲେ ଅବସର ପରେ ବି ନୂଆ ଏକ ଜୀବନ ଓ ବୃତ୍ତିରେ ସଫଳତା ମିଳିବ, ଯାହା ପ୍ରମାଣ କରିଛନ୍ତି କେରଳର କେ.ଟି. ଫ୍ରାନ୍ସିସ୍। କୋଝିକୋଡ ଜିଲାର ଫ୍ରାନ୍ସିସ୍ ୨୦୧୫ରେ ଜଣେ ଫିଜିକାଲ ଏଜୁକେଶନ ଟିଚର ଭାବେ ଅବସର ନେବା ପରେ ଜୈବିକ କୃଷିରେ ମଜି ଯାଇଛନ୍ତି। ଆଶ୍ଚର୍ଯ୍ୟ ଯେ ଫ୍ରାନ୍ସିସ୍ ୫ ଏକର ଜମିରେ ୫ରୁ ୮ ଲକ୍ଷ ଟଙ୍କା ଖଟାଇ ବର୍ଷକୁ ୩୫ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ରୋଜଗାର କରୁଛନ୍ତି। ତାଙ୍କୁ ଏବେ ବୟସ ୬୩। ସେ କୃଷକ ପରିବାରରେ ଜନ୍ମ। ଏଣୁ କୃଷି ତାଙ୍କର ନିଶା ପାଲଟିଯାଇଛି। ଚାକିରିରେ ଥିବାବେଳେ ବି ସେ ସମୟ ପାଇଲେ କୃଷିରେ ଲାଗିପଡ଼ନ୍ତି। ତେବେ ଅବସର ପରେ କୃଷିରେ ସଫଳତା ପାଇଁ ତାଙ୍କୁ କେରଳ କେଶରୀ ସମ୍ମାନ ପ୍ରଦାନ କରାଯାଇଛି। ଫ୍ରାନ୍ସିସ୍ ବିଶେଷକରି ନଡ଼ିଆ, ଗୁଆ, ଗୋଲମରିଚ ଚାଷ କରୁଛନ୍ତି। ଏହା ବ୍ୟତୀତ ନଡ଼ିଆ ଚାରା ଲାଗି ଏକ ନର୍ସରି କରି ରାଜ୍ୟର ବିଭିନ୍ନ ସ୍ଥାନକୁ ଯୋଗାଉଛନ୍ତି। ତାଙ୍କର ଏହି କାର୍ଯ୍ୟରେ ପ୍ରଭାବିତ ହୋଇ କେରଳ କୃଷି ବିଭାଗ ଚାରା ଉତାରିବାରେ ତାଙ୍କୁ ସହଯୋଗ କରୁଛି। ସେ ମଧ୍ୟ ୟୁଟ୍ୟୁବ୍ ଚ୍ୟାନେଲ ମାଧ୍ୟମରେ ନଡ଼ିଆ, ଗୁଆ ଚାଷ ସମ୍ପର୍କିତ ସୂଚନା ପ୍ରଦାନ କରୁଛନ୍ତି। ଏସବୁ ବାଦ୍ ଫ୍ରାନ୍ସିସ୍ ଛେଳି, ବତକ, ମାଛ ଚାଷରୁ ଅର୍ଥ ଉପାର୍ଜନ କରୁଛନ୍ତି। ବଡ଼ କଥା ହେଉଛି ଏତେପ୍ରକାର ଚାଷ ପାଇଁ ସେ ନିଜେ ଜୈବିକ ଖତ ପ୍ରସ୍ତୁତ କରି ବ୍ୟବହାର କରୁଛନ୍ତି। କେରଳ କେଶରୀ ସମ୍ମାନ ବ୍ୟତୀତ ସେ ମଧ୍ୟ ରାଜ୍ୟ ଓ ଜାତୀୟ ସ୍ତରରେ କୃଷି ଲାଗି ବହୁ ପୁରସ୍କାର ଲାଭ କରିସାରିଛନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

**୪ ଜୁଲାଇ ୧୯୯୭**

- ଅହମ୍ମଦାବାଦର ବାସୋଦରୀ ଥାନା ଅନ୍ତର୍ଗତ ଲୋଲିଆ ଗାଁ ନିକଟରେ ଥିବା ନଦୀ ଭିତରକୁ ଏକ ବସ୍ ଖସିପଡ଼ିବା ଫଳରେ ୩୨ ଯାତ୍ରୀଙ୍କ ମୃତ୍ୟୁ।
- ଜନତା ଦଳର ପ୍ରାଥମିକ ସଦସ୍ୟ ପଦରୁ ମେନକା ଗାନ୍ଧୀଙ୍କ ବହିଷ୍କାର ନିର୍ଦ୍ଦେଶକୁ ପାର୍ଟି ସଭାପତି ଲାଲୁ ପ୍ରସାଦ ଯାଦବ ପ୍ରତ୍ୟାହାର କରି ଦେଇଛନ୍ତି।

## ଚିରନ୍ତନୀ

ଜୀବନ-କଳାରେ ସେ ଯେ ଶ୍ରେଷ୍ଠ ମୋ କଳାପ
ଯଉବନ-ସଙ୍ଗତେ ଆଦିମ ସେ ଆଳାପ
ପ୍ରାଣସମ ତାକୁ ମୋର ଦେୟ ଶେଷ ଶ୍ରଦ୍ଧା
କଣ୍ଟକିତ ଜୀବନେ ସେ ସୁକୁମାର ଗୋଲାପ।
-(ପଥର ପ୍ରେମିକ)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

# ପାଠକ ଶ୍ରେଷ୍ଠ ବିଚାରକ

## ଦର୍ଶନାର୍ଥୀଙ୍କ ସୁରକ୍ଷା ପ୍ରତି ଗୁରୁତ୍ୱ ଦିଆଯାଉ

ମହାଶୟ,

କରୋନା ମହାମାରୀ ଯୋଗୁ ୨ ବର୍ଷ ହେଲା ପୁରୀ ଜଗନ୍ନାଥ ମହାପ୍ରଭୁଙ୍କ ସବୁ ଯାନିଯାତ୍ରା ବିନା ଭକ୍ତରେ ସମାପନ କରାଯାଇଥିଲା। ଚଳିତବର୍ଷ ଭକ୍ତମାନଙ୍କ ଭକ୍ତି ଭାବାବେଗର ସମର୍ପିତ ଅପୂର୍ବ ସମାବେଶରେ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ରଥଯାତ୍ରା ଅନୁଷ୍ଠିତ ହେଉଥିବାରୁ ବ୍ୟାପକଭାବେ ଯାତ୍ରୀ ଭିଡ଼ ରହିଥିବାର ସମ୍ଭାବନା ରହିଛି। ହୋଟେଲ, ଲଜିଂମାନଙ୍କରେ ଯାତ୍ରୀମାନେ ଅତ୍ୟଧିକ ଭଡ଼ା ଆଦାୟରେ ଶୋଷଣକୁ ନିୟନ୍ତ୍ରିତ କରିବାରେ ସରକାର କିଛି ଦୃଷ୍ଟାନ୍ତମୂଳକ ପଦକ୍ଷେପ ଗ୍ରହଣ କରିବା ଆବଶ୍ୟକ। ଦୂରଦୂରାନ୍ତରୁ ଆସିଥିବା ଯାତ୍ରୀମାନଙ୍କ ସୁରକ୍ଷିତ ରାତ୍ରିଯାପନ ନିମନ୍ତେ ପ୍ରଶାସନ ତରଫରୁ ପୁରୀସହର ସମୀପବର୍ତ୍ତୀ ସ୍ଥାନମାନଙ୍କରେ ଅସ୍ଥାୟୀ ବିଶ୍ରାମ-ବାସସ୍ଥଳି ବ୍ୟବସ୍ଥା ମଧ୍ୟରେ ପାନୀୟ ଜଳଯୋଗାଣ, ଉତ୍ତମ ଶୌଚାଳୟ ଏବଂ ସ୍ୱାସ୍ଥ୍ୟସେବା ଯୋଗାଇ ଦେବାକୁ ପ୍ରାଥମିକତା ଆଧାରରେ ଗୁରୁତ୍ୱ ଦେବା ସଙ୍ଗେ ସଙ୍ଗେ ସମୟ ସମୟରେ ତଦାରଖ କରିବା ଉଚିତ। ଦୂଷିତ ବାସି ଖାଦ୍ୟପଦାର୍ଥ ବିକ୍ରି ଉପରେ ଅଙ୍କୁଶ ଲଗାଇ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାପାଇଁ ବିଭାଗୀୟ ଖାଦ୍ୟ ନିରୀକ୍ଷକ ଅଧିକାରୀମାନେ ତତ୍ପର ରହିବା ଦରକାର। ପୁରୀ ସମୁଦ୍ରକୂଳରେ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରିବା ଉପରେ ନଜର ରଖିବା ଆବଶ୍ୟକ।

**-ଅଶୋକ କୁମାର ଆଢ୍ୟ, ମରୀଚିକୋଟ ଗଳି, ପୁରୀ**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦ କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ସଂକ୍ଷେପରେ

### ଚାରାରୋପଣ ପାଇଁ ଆହ୍ୱାନ




**ଝୁମ୍ପୁରୀ,୩।୭(ଡି.ଏନ୍.ଏ.):** ଦଶରଥପୁର ବ୍ଲକ୍ ଦଶରଥପୁର ପଞ୍ଚାୟତସ୍ଥ ଦାଣ୍ଡିସାହି ଗ୍ରାମର ବବି ସେନା ପକ୍ଷରୁ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଗ୍ରାମର ଗୋପୀ ସାହୁ ପୋଖରୀ ଚତୁଃପାର୍ଶ୍ୱରେ ସେନାର ସଭ୍ୟମାନେ ଚାରାରୋପଣ କରିଛନ୍ତି। ତେବେ ମଣିଷ ବଞ୍ଚିବା ପାଇଁ ବୃକ୍ଷର ଆବଶ୍ୟକତା ରହିଥିବାରୁ ପ୍ରତ୍ୟେକ ବ୍ୟକ୍ତି ଚାରାରୋପଣ କରିବାକୁ ସେନାର ସଭ୍ୟମାନେ ଆହ୍ୱାନ କରିଛନ୍ତି। ସେନା ସଭ୍ୟ ପରେଶ କୁମାର ସାହୁ, ଅଞ୍ଜନ କୁମାର ବେହୁରିଆ, ଲକ୍ଷ୍ମଣ ମଲ୍ଲିକ, ରାଜେନ୍ଦ୍ର ମଲ୍ଲିକ, ବିଭୂତି ଭୂଷଣ କର, ଲକ୍ଷ୍ମୀନାରାୟଣ କର, ଜଗତଜ୍ୟୋତି ସାହୁ, ବିକ୍ରମ ମଲ୍ଲିକ, ରମେଶ ମଲ୍ଲିକ, କୁଶଭଦ୍ର ଜେନା, ଶତ୍ରୁଘ୍ନ ମଲ୍ଲିକ, ତରୁଣକାନ୍ତ ସାହୁ, ଜ୍ଞାନରଞ୍ଜନ ସାହୁ, ରାଜେନ୍ଦ୍ର କୁମାର ସାହୁ, ରାକେଶ କୁମାର ନାୟକ, ଶ୍ରୀକାନ୍ତ ଦାସ ଓ ସ୍ୱୟଂସା ମଲ୍ଲିକ ଚାରାରୋପଣ କାର୍ଯ୍ୟକ୍ରମରେ ସାମିଲ ହେବାସହ ବିଧାୟକ ପ୍ରଣବ ପ୍ରକାଶ ଦାସଙ୍କ ବିକାଶ କାର୍ଯ୍ୟକ୍ରମରେ ପ୍ରଭାବିତ ହୋଇ ଆଗକୁ ବିଭିନ୍ନ ଉନ୍ନତୀମୂଳକ କାର୍ଯ୍ୟ କରିବାକୁ ଶପଥ ନେଇଛନ୍ତି।

### ଶ୍ରୀମନ୍ଦିର ରୋଷଘର ଚଟାଣ କାମ ଆରମ୍ଭ

**ପୁରୀ ଅଫିସ,୩।୭:** ମହାପ୍ରଭୁଙ୍କ ରଥଯାତ୍ରା ଚାଲିଥିବା ସମୟରେ ରବିବାର ଭାରତୀୟ ପ୍ରତ୍ନତାତ୍ତ୍ୱିକ ବିଭାଗ (ଏଏସ୍ଆଇ)ର ଏକ ଟିମ୍ ପୁରୀ ଶ୍ରୀମନ୍ଦିରରେ ପହଞ୍ଚି ଭିତରର ସ୍ଥିତି ଯାଞ୍ଚ କରିଛନ୍ତି। ଏଏସ୍ଆଇର ଏହି ଟିମ୍ ଶ୍ରୀମନ୍ଦିରରେ ଚାଲିଥିବା ବିଭିନ୍ନ କାର୍ଯ୍ୟ ତଦାରଖ କରିବା ସହ ଶୀଘ୍ର ସାରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ରୋଷଘର କାର୍ଯ୍ୟ ଆରମ୍ଭ ହୋଇଥିବା ବେଳେ ୧୦ ଦିନ ମଧରେ ମରାମତି କାର୍ଯ୍ୟ ଶେଷ କରାଯିବ। ସେହିଭଳି ଗର୍ଭଗୃହ ଭିତରେ କେମିକାଲ୍ ୱାଶ୍ ସହିତ ପ୍ଲାଷ୍ଟରିଂ ହେବ। ଜଗମୋହନ ଓ ନାଟମଣ୍ଡପର ଯେଉଁ ସ୍ଥାନରେ ଫାଟ ହୋଇଛି, ତାହା ମଧ ଭାରତୀୟ ସର୍ବେକ୍ଷଣ ସଂସ୍ଥା ମରାମତି କରିବ। ଶ୍ରୀମନ୍ଦିର ପ୍ରଶାସନ ଉଦ୍ୟମରେ କଳାହାଟ ଦ୍ୱାରର ରୁପା ଛାଉଣି ଶେଷ ହେବ ବୋଲି ସୂଚନା ମିଳିଛି। ଏଏସ୍ଆଇ ଓଡ଼ିଶା ସର୍କଲର ସୁପରିଣ୍ଟେଣ୍ଡେଣ୍ଟ ଅରୁଣ ମଲ୍ଲିକ କହିଛନ୍ତି, ଏଏସ୍ଆଇର ଏହି କାର୍ଯ୍ୟ ସାରଣୀଗତ ଯାଞ୍ଚ। ରାଜ୍ୟ ସରକାର ଓ ଏଏସ୍ଆଇର ଏକ ଯୁଗ୍ମ ଟିମ୍ ଶ୍ରୀମନ୍ଦିରର ସ୍ଥିତି ଯାଞ୍ଚ କରିଛନ୍ତି। ଆଇଆଇଟି ମାଡ୍ରାସର ଏକ୍ସପର୍ଟ ମଧ ଆମ ସହ ଥିଲେ। ଯାଞ୍ଚବେଳେ ଗର୍ଭଗୃହ ସ୍ଥିତି ପୂର୍ବ ବର୍ଷ ତୁଳନାରେ ଭଲ ରହିଛି। ବାୟୁ ଓ ଆଲୋକ ଚଳାଚଳ ପାଇଁ ଗତ ବର୍ଷ କିଛି କାର୍ଯ୍ୟ କରାଯାଇଥିଲା, ସେଥିଲାଗି ଗର୍ଭଗୃହ ଭଲ ସ୍ଥିତିରେ ରହିଛି। ରୋଷଘର ଚଟାଣ କାର୍ଯ୍ୟ ଆରମ୍ଭ ହୋଇଛି। ଖଣ୍ଡଲାଇଟ୍ ପଥରରେ ରୋଷଘର ଚଟାଣ ନୂଆ ଭାବେ ନିର୍ମାଣ ହେବ। ସେହିଭଳି ପାଣି ଗଳିବା ଭଳି ସ୍ଥିତି ଶ୍ରୀମନ୍ଦିରର କୌଣସି ସ୍ଥାନରେ ନାହିଁ। କେବଳ ଛୋଟମୋଟ ମରାମତି ବିଭିନ୍ନ ସ୍ଥାନରେ କରାଯିବ। ସେହିଭଳି ସିସିଟିଭି ଲଗାଇବା ନେଇ ଚୂଡ଼ାନ୍ତ ଅନୁମତିପତ୍ର ଏପର୍ଯ୍ୟନ୍ତ ମିଳି ନାହିଁ। ତାହା ହସ୍ତଗତ ହେଲେ ସିସିଟିଭି ଲଗାଇବା କାର୍ଯ୍ୟ ଆରମ୍ଭ ହୋଇଯିବ। ତେବେ ଚଳିତ ରଥଯାତ୍ରା ସମୟରେ ସିସିଟିଭି ଇନଷ୍ଟଲେଶନ୍ ଆଶା କ୍ଷୀଣ। ସିସିଟିଭି ଇନଷ୍ଟଲେଶନ୍ ପାଇଁ ସମୟ ଲାଗିବ ବୋଲି ଏଏସ୍ଆଇ ସୂଚନା ଦେଇଛି।

# ଚାଷରେ ଲାଗୁନି ଅଧାରୁ ଅଧିକ ଚେକ୍‌ଡ୍ୟାମ

**ଯାଜପୁର ଅଫିସ,୩।୭**

- ସେଚାଞ୍ଚଳର ଅଭାବ ଆତ୍ମ ନିର୍ଭରଶୀଳତାରେ ବାଧକ
- ଠିକାଦାରଙ୍କୁ ସୁହାଉଛି ଚେକ୍‌ଡ୍ୟାମ ପ୍ରକଳ୍ପ

ରାଜ୍ୟରେ ଶିଳ୍ପାୟନ ଦ୍ରୁତଗତିରେ ବୃଦ୍ଧି ପାଉଛି। ଅଧିକ ରୋଜଗାର କରିବା ଆଶାରେ ଶିଳ୍ପ ପ୍ରତି ଆଗ୍ରହ ଦେଖାଇ ରାଜ୍ୟର ବହୁ ଛାତ୍ରୀଛାତ୍ର ବୈଷୟିକ ଶିକ୍ଷା ପ୍ରତି ଆକୃଷ୍ଟ ହେଉଛନ୍ତି। ହେଲେ ଶିଳ୍ପ କାରଖାନାରେ ୪୦% ଅଣଓଡ଼ିଆଙ୍କୁ ନିଯୁକ୍ତି ଦେଇ ସରକାର ନିଜ ରାଜ୍ୟରେ ବୈଷୟିକ ଡିଗ୍ରୀଧାରୀ ବେକାର ସଂଖ୍ୟା ବୃଦ୍ଧି କରି ଚାଲିଛନ୍ତି। ଏହାର ସୁଯୋଗରେ ନିର୍ଦ୍ଧାରିତ କୋଟାଠାରୁ ଶିଳ୍ପ ମାଲିକମାନେ ବହୁଗୁଣରେ ଅଧିକ ଅଣଓଡ଼ିଆଙ୍କୁ ନିଯୁକ୍ତି ଦେଇ ଚାଲିଛନ୍ତି। ଏନେଇ ବହୁବାର ଅଭିଯୋଗ ହେଉଥିଲେ ହେଁ କୌଣସି ତଦନ୍ତ କରାଯାଉ ନାହିଁ। ଏଭଳିସ୍ଥିତିରେ ଶିକ୍ଷିତ ବେକାର ଯୁବକମାନେ ପୁଣି କୃଷି ପ୍ରତି ଆକୃଷ୍ଟ ହେଉଥିବା ଦେଖିବାକୁ ମିଳିଛି। ଜଳସେଚନର ଅଭାବ ବେକାର ଯୁବକଙ୍କ ଆତ୍ମନିର୍ଭରଶୀଳତା ପାଇଁ ପ୍ରତିବନ୍ଧକ ହୋଇଛି। ଯେଉଁଠି ଜଳର ଅଭାବ, ସେଇଠି ଚାଷର ସୁବିଧା ନିମନ୍ତେ ଚେକଡ୍ୟାମ ନିର୍ମାଣ ହେଉଥିଲେ ହେଁ ଚାଷ ପାଇଁ ଆବଶ୍ୟକ ପରିମାଣରେ ସହାୟକ ହେଉ ନ ଥିବାରୁ ଏହି ପ୍ରକଳ୍ପ କେବଳ ବିଭାଗୀୟ କାର୍ଯ୍ୟାଳୟ ମଧରେ ସୀମିତ ରହିଛି ବୋଲି ମତପ୍ରକାଶ ପାଇଛି।

ସରକାର ଶତ ପ୍ରତିଶତ ଜମିରେ ଜଳସେଚନ ସୁବିଧା ଯୋଗାଇ ଦେବାକୁ ଲକ୍ଷ୍ୟ ରଖିଛନ୍ତି। ଏଥିପାଇଁ ସେଚାଞ୍ଚଳ ଉନ୍ନୟନ କାର୍ଯ୍ୟକ୍ରମ ମାଧ୍ୟମରେ ବିଭିନ୍ନ ଯୋଜନାରେ ପ୍ରକଳ୍ପଗୁଡ଼ିକରେ ଅଧିକରୁ ଅଧିକ ସେଚ ସାମର୍ଥ୍ୟ ବୃଦ୍ଧି କରିବା, କେନାଲର ରକ୍ଷଣାବେକ୍ଷଣ, ଫସଲ ଖସଡ଼ା ପ୍ରସ୍ତୁତି, ସୁଷମ ଜଳ ଆବଣ୍ଟନ ସକାଶେ ପାଣି ପଞ୍ଚାୟତ ସଂଖ୍ୟା ତଥା ଦକ୍ଷତା ବୃଦ୍ଧି କରାଯାଉଥିବା କୁହାଯାଉଛି। ପ୍ରତିବର୍ଷ ଅଧିକରୁ ଅଧିକ କ୍ଷେତ୍ର ସେଚନାଳୀ ନିର୍ମାଣ, ଓଡ଼ିଶା ଗୋଷ୍ଠୀ ଜଳାଶୟ ମରାମତି, ପରିଚାଳନା ପୁନରୁଦ୍ଧାର ପାଇଁ ବିପୁଳ ଟଙ୍କା ଖର୍ଚ୍ଚ କରାଯାଇଛି। ହେଲେ ଏଥିରୁ ଅଧିକାଂଶ ପ୍ରକଳ୍ପ କେବଳ ଠିକାଦାରି ରାଜନୀତିରେ ସୀମିତ ରହୁଥିବାରୁ ଚାଷୀ ଉପଯୁକ୍ତ ଭାବେ ସୁଫଳ ପାଉ ନ ଥିବା ଅଭିଯୋଗ ହେଉଛି। ୨୦୧୦-୧୧ରେ ରାଜ୍ୟର ଝରଣା ଏବଂ ଛୋଟ ନଦୀନାଳରେ



୧୦ରୁ ୫୦ମିଟର ଓସାରିଆ ବିଶିଷ୍ଟ ଚେକ ଡ୍ୟାମ ପ୍ରକଳ୍ପ ଆରମ୍ଭ ହୋଇଥିଲା। ଏଥିରେ ନିକଟସ୍ଥ ଗ୍ରାମରେ ଭୂତଳ ଜଳସ୍ତର ବୃଦ୍ଧି କରିବା, ପାନୀୟ ଜଳ, ଖରିଫ ଚାଷରେ ଜଳସେଚନ ଇତ୍ୟାଦି ଲକ୍ଷ୍ୟ ରହିଥିଲା। ସରକାର ମଧ ବିଶ୍ୱାସ କରିଛନ୍ତି ଯେ, ଏହି ଚେକଡ୍ୟାମ ରବି ଚାଷ ଏବଂ ପନିପରିବା ଚାଷରେ ଜଳସେଚନ ପାଇଁ ଏକ ସମ୍ଭାବ୍ୟ ଉତ୍ସ ହୋଇପାରିଛି। ଏପରିକି କ୍ଷୁଦ୍ର ଏବଂ ମଧ୍ୟମ ଚାଷୀଙ୍କ ଅର୍ଥନୈତିକ ବିକାଶରେ ଏହା ସହାୟକ ହୋଇ ପାରିଛି ବୋଲି ସରକାର କହୁଛନ୍ତି। ଏହିକ୍ରମରେ ରାଜ୍ୟରେ ଏପର୍ଯ୍ୟନ୍ତ ୩୬୨୦.୪୫ କୋଟି ଟଙ୍କା ବିନିଯୋଗରେ ୧୪,୪୧୨ ଚେକଡ୍ୟାମ ନିର୍ମାଣ ହୋଇଛି ବୋଲି ଜଳ ସମ୍ପଦ ବିଭାଗ ପକ୍ଷରୁ ଦର୍ଶାଯାଇଛି। ଏହି ସଫଳତାକୁ ଦୃଷ୍ଟିରେ ରଖି ଜଳସମ୍ପଦ ବିଭାଗ ପକ୍ଷରୁ ମୁଖ୍ୟମନ୍ତ୍ରୀ ଆଡିବନ୍ଧ ତିଆରି ଯୋଜନା (ଏମଏଟିୱାଇ)ରେ ୮୧୧.୪୫ କୋଟି ଟଙ୍କା ବିନିଯୋଗ କରି ୧୨୮୦ଟି ଚେକଡ୍ୟାମ ନିର୍ମାଣ କରିବାକୁ ସଙ୍କଳ୍ପ ନେଇଛନ୍ତି। ଏହା ୩୫%ରୁ କମ୍ ଜଳସେଚନ ହେଉଥିବା ବ୍ଲକ ଅଞ୍ଚଳରେ ଚଳିତ ଆର୍ଥିକ ବର୍ଷଠାରୁ ୩ ବର୍ଷ ମଧରେ କାର୍ଯ୍ୟକାରୀ କରିବାକୁ ସମୟ ନିର୍ଦ୍ଧାରଣ ହୋଇଛି। ଏହି ଯୋଜନାରେ ରାଜ୍ୟର ୨୭,୬୦୦ ହେକ୍ଟର ଜମିରେ ଜଳସେଚନ ଲକ୍ଷ୍ୟ ରହିଛି। ଚଳିତ ୨୦୨୨-୨୩ ବର୍ଷରେ ୧୦୦ କୋଟି ବିନିଯୋଗ କରି ୪୦୦୦ ହେକ୍ଟର ଜମିରେ ଜଳସେଚନ ପାଇଁ ୨୦୦ଟି ଚେକଡ୍ୟାମ, ୨୦୨୩-୨୪ରେ ୩୦୦ କୋଟି ବିନିଯୋଗ କରି ୧୦,୦୦୦ ହେକ୍ଟର ଜମିରେ ଜଳସେଚନ ପାଇଁ ୫୦୦ଟି ଏବଂ ୨୦୨୪-୨୫ରେ ୪୧୧.୪୫ କୋଟି ବିନିଯୋଗ କରି ୧୩,୬୦୦ ହେକ୍ଟର ଜମି ପାଇଁ ୧୨୮୦ଟି ଚେକଡ୍ୟାମ ନିର୍ମାଣ କରିବାକୁ ଧାର୍ଯ୍ୟ ହୋଇଛି। ତେବେ ପୂର୍ବରୁ ନିର୍ମାଣ ହୋଇଥିବା ଅଧିକାଂଶ ଚେକଡ୍ୟାମ ଭାଙ୍ଗି ପଡିଥିବାରୁ ସେଗୁଡିକ କୌଣସି କାମରେ ଲାଗୁ ନ ଥିବା ଦୃଷ୍ଟିଗୋଚର ହୋଇଛି। ଏଭଳିସ୍ଥିତିରେ ଏମ୍ଏଟିୱାଇରେ ଠିକାକାର୍ଯ୍ୟକୁ ଗୁରୁତ୍ୱ ନ ଦେଇ ଚାଷୀଙ୍କ ବିକାଶ ପାଇଁ ଲକ୍ଷ୍ୟ ରଖି ଉନ୍ନତମାନର ଚେକଡ୍ୟାମ ନିର୍ମାଣ କରାଗଲେ ଚାଷୀ ଉପକୃତ ହୋଇପାରିବେ ବୋଲି ମତପ୍ରକାଶ ପାଇଛି। ଏପରିକି ଶିଳ୍ପ କାରଖାନା ପ୍ରତି ବେକାର ଯୁବକମାନେ ଆକୃଷ୍ଟ ନ ହୋଇ ଚେକଡ୍ୟାମ ପାଣି ସହାୟତାରେ ଆଧୁନିକ ଜ୍ଞାନ କୌଶଳ ବଳରେ ଚାଷକରି ଅଧିକ ଲାଭବାନ ହୋଇପାରିବେ ବୋଲି ମତପ୍ରକାଶ ପାଇଛି।

ନବନିର୍ମାଣ କୃଷକ ସଂଗଠନର ରାଜ୍ୟ ସହସଂଯୋଜକ ନିମାଇଁଚରଣ ରାୟ କୁହନ୍ତି, ଯାଜପୁର ଜିଲ୍ଲା ବରୀ ଅଞ୍ଚଳର ଏକାଧିକ ଚେକଡ୍ୟାମଗୁଡ଼ିକ ଶୁଖିଲା ପଡିଛି, ଯାହାକି ଚାଷୀଙ୍କ କୌଣସି କାମରେ ଲାଗି ପାରିନାହିଁ। ଏମଏଟିୱାଇର ପରିକଳ୍ପନା କେବଳ ଠିକାଦାରମାନଙ୍କୁ ସୁହାଇବ। ଜଳସେଚନ ବୃଦ୍ଧି ହେଉଥିବା ଦର୍ଶାଇବାକୁ ଏହା କେବଳ ନାମକୁ ମାତ୍ର ଯୋଜନା ବୋଲି ସେ କହିଛନ୍ତି।

# ୨ ରାସ୍ତାର ଶିଳାନ୍ୟାସ କଲେ ବିଧାୟକ




ଶିଳାନ୍ୟାସ ଉତ୍ସବରେ ମଞ୍ଚାସୀନ ଅତିଥି।

**ଚଣ୍ଡିଖୋଲ,୩।୭(ଡି.ଏନ୍.ଏ.)**

ବଡ଼ଚଣା ବ୍ଲକ ଅଧୀନ ଜାତୀୟ ରାଜପଥ ୫୩ ନମ୍ବରଠାରୁ ପ୍ରସ୍ତରଶିଳ୍ପୀ ଗ୍ରାମ ଶୁଖୁଆପଡ଼ାକୁ ସଂଯୋଗ ପାଇଁ ୨ କିଲୋମିଟର ବିଶିଷ୍ଟ ରାସ୍ତା ନିର୍ମାଣର ଶିଳାନ୍ୟାସ ଉତ୍ସବ ରବିବାର ବନ୍ଦରେଶ୍ୱରଠାରେ ଅନୁଷ୍ଠିତ ହୋଇଯାଇଛି। ୨ କୋଟି ୪୬ ଲକ୍ଷ ୩୭ ହଜାର ଟଙ୍କା ବ୍ୟୟ ବରାଦରେ ଏହି ରାସ୍ତା ନିର୍ମାଣ କରାଯିବ। ଡିସେମ୍ବର ସୁଦ୍ଧା କାର୍ଯ୍ୟ ଶେଷ ହେବ ବୋଲି ଶିଳାନ୍ୟାସ ଉତ୍ସବରେ ମୁଖ୍ୟଅତିଥି ଭାବେ ଯୋଗଦେଇ ବଡ଼ଚଣା ବିଧାୟକ ଅମର ପ୍ରସାଦ ଶତପଥୀ ପ୍ରକାଶ କରିଛନ୍ତି। ସେହିପରି ଉକ୍ତ ବ୍ଲକ ଅଧୀନ ୫୩ ନମ୍ବର ଜାତୀୟ ରାଜପଥଠାରୁ କେଶରାଇପୁର ଖଣ୍ଡୋଲାଇଟ ଖଣି ପର୍ଯ୍ୟନ୍ତ ଦେଢ଼ କିଲୋମିଟର ରାସ୍ତାର ଶିଳାନ୍ୟାସ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ରାସ୍ତା ମଧରେ ୬ଟି ବକ୍ସ କଲଭର୍ଟ ଓ ୮୧୭ମିଟର ରାସ୍ତାପାର୍ଶ୍ୱ ଡ୍ରେନ୍ ନିର୍ମାଣ କରାଯିବ ବୋଲି ସ୍ଥିର କରାଯାଇଛି। ଏଥିପାଇଁ ୩ କୋଟି ୯୧ ଲକ୍ଷ ୫ ହଜାର ଟଙ୍କା ବ୍ୟୟବରାଦ କରାଯାଇଥିବା ପୂର୍ତ୍ତ ବିଭାଗ ସହକାରୀ ଯନ୍ତ୍ରୀ ପ୍ରଫୁଲ୍ଲ ବେହେରା ସୂଚନା ଦେଇଛନ୍ତି। ଡିଏମ୍ଏଫ୍ ପାଣ୍ଠିରେ ନିର୍ମିତ ହେବାକୁ ଥିବା ଉକ୍ତ ରାସ୍ତାକୁ ପୂର୍ତ୍ତବିଭାଗ ବଡ଼ଚଣା ସବ୍‌ଡିଭିଜନ୍ ଅଧୀନରେ ନିର୍ମାଣ କରାଯିବ। ଏହାଦ୍ୱାରା ବ୍ଲକ ଅନ୍ତର୍ଗତ ପଲେଇ ପଞ୍ଚାୟତର କେଶରାଇପୁର ଓ ଶୁଖୁଆପଡ଼ା ଗ୍ରାମକୁ ସବୁଦିନିଆ ପକ୍କା ରାସ୍ତା ନିର୍ମାଣ ହେବ। ଏଥି ସହ ଖଣ୍ଡୋଲାଇଟ୍ ଖଣିରୁ ପଥର ପରିବହନ କରାଯାଇ ପାରିବ। ବିଧାୟକ ଶତପଥୀ ଉଭୟ ରାସ୍ତାର ଶିଳାନ୍ୟାସ କରିବା ସହ ଉଭୟ ପାର୍ଶ୍ୱ ପାହାଡ଼ ପାଦଦେଶରେ ଚାରାରୋପଣ ଉପରେ ଗୁରୁତ୍ୱାରୋପ କରିଥିଲେ। ଏଥିରେ ମୁଖ୍ୟବକ୍ତା ଭାବେ ଯାଜପୁର ଅତିରିକ୍ତ ଜିଲାପାଳ (ରାଜସ୍ୱ) ଅକ୍ଷୟ କୁମାର ମଲ୍ଲିକ ଯୋଗ ଦେଇଥିଲେ। ସମ୍ମାନିତ ଅତିଥିଭାବେ ଦର୍ପଣ ତହସିଲଦାର ପ୍ରଦୀପ କୁମାର ସେଠୀ, ବଡ଼ଚଣା ବିଡିଓ ଅଜିତ୍ ନାରାୟଣ ଗିରି, ଜିଲାପରିଷଦ ସଭ୍ୟ ଅରବିନ୍ଦ ସାମଲ, ଯତୀନ୍ଦ୍ର ନାୟକ, ଜିଲାପରିଷଦ ଉପସଭାପତି ଗଣେଶ୍ୱର ବରାଳ, ପୂର୍ବତନ ଜିଲା ପରିଷଦ ସଭ୍ୟ ବିପିନ୍ ବିହାରୀ ଜେନା, ସାରଦା ପ୍ରସନ୍ନ ମହାନ୍ତି, ଅମର ମହାନ୍ତି ଓ ମିହିର କୁମାର ସ୍ୱାଇଁ ପ୍ରମୁଖ ଯୋଗ ଦେଇଥିଲେ। ଶ୍ରୀକାନ୍ତ ସାମଲ ସଭାପରିଚାଳନା କରିଥିଲେ। ନିର୍ମଳ ଚନ୍ଦ୍ର ମହାରଣା ଦାବିପତ୍ର ପଠନ କରିଥିଲେ।

## ଆତ୍ମନିର୍ଭର କୃଷକ ଅଭିଯାନ ଉଦ୍‌ଯାପିତ

**ରସୁଲପୁର,୩।୭(ଡି.ଏନ.ଏ.)**

### ଅଗ୍ରଣୀ ଚାଷୀଙ୍କୁ ସମ୍ବର୍ଦ୍ଧନା

ଆତ୍ମନିର୍ଭର କୃଷକ ଅଭିଯାନ କାର୍ଯ୍ୟକ୍ରମ ବଡ଼ଚଣା ବ୍ଲକ ଅଞ୍ଚଳରେ ଉଦ୍‌ଯାପିତ ହୋଇଯାଇଛି। ଏଥିରେ ବ୍ରହ୍ମାକୁମାର ସରୋଜ ଭାଇ ପୌରୋହିତ୍ୟ କରିଥିଲେ। କାର୍ଯ୍ୟକ୍ରମରେ ଜିଲାର ୨୫ଜଣ ଅଗ୍ରଣୀ ଚାଷୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିବାବେଳେ ସେଥିରେ ରସୁଲପୁର ବ୍ଲକ ଓଡ଼ିଶୋ ପଞ୍ଚାୟତ ବାହାବଳପୁର ଅଞ୍ଚଳର ଚାଷୀ ଶିଶିର କୁମାର ରାଉତ ରହିଛନ୍ତି। ସେ ଅଗ୍ରଣୀ ଚାଷୀ ଭାବେ ଚାଷ କାର୍ଯ୍ୟରେ ଆଧୁନିକ ପ୍ରଣାଳୀକୁ ଉପଯୋଗ କରିବା ସହ ଜୈବିକ କୃଷିକୁ ପ୍ରାଧାନ୍ୟ ଦେଇ ଆତ୍ମନିର୍ଭରଶୀଳ ହୋଇପାରିଛନ୍ତି। ଏ ପ୍ରଣାଳୀର କୃଷିକୁ ପ୍ରାଧାନ୍ୟ ଦେଇ ଅନ୍ୟ ଚାଷୀଭାଇଙ୍କ ପାଇଁ ଉଦାହରଣ ସାଜିଥିବା ରାଉତ ସମ୍ବର୍ଦ୍ଧନା ସଭାରେ ନିଜର ଅନୁଭୂତି ବର୍ଣ୍ଣନାକରି ସମସ୍ତଙ୍କୁ ପ୍ରେରିତ କରିପାରିଛନ୍ତି।

କୃଷକଙ୍କୁ ଆତ୍ମନିର୍ଭର କରାଇବା ପାଇଁ ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ବଡ଼ଚଣା ଶାଖା ପକ୍ଷରୁ ୪୦ଦିନ ବ୍ୟାପୀ ଜିଲାରେ ଏକ ସଚେତନତା ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ମେ' ୨୩ରୁ ଏହି ଶୋଭାଯାତ୍ରା ଜିଲା ସଂସ୍କୃତି ଭବନରୁ ଆରମ୍ଭ ହୋଇଥିଲା। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ବଡ଼ଚଣା ବିଧାୟକ ଅମର ପ୍ରସାଦ ଶତପଥୀ, ସମ୍ମାନିତ ଅତିଥି କୃଷି ବିଜ୍ଞାନ କେନ୍ଦ୍ର ବଡ଼ଚଣାର ଶସ୍ୟ ବୈଜ୍ଞାନିକ ଡ. ଲଳିତ କୁମାର ମହାନ୍ତି, ଜିଲାପରିଷଦ ଉପାଧକ୍ଷ ଗଣେଶ୍ୱର ବରାଳ, ବ୍ରହ୍ମାକୁମାରୀ କଟକ ଶାଖାର ଉପକ୍ଷେତ୍ରୀୟ ସହ ସଞ୍ଚାଳିକା ସୁଲୋଚନା ଭଉଣୀ, ଚମ୍ପୁଆ ତହସିଲଦାର ପ୍ରତିଭା ପୃଷ୍ଟି ପ୍ରମୁଖ ଯୋଗଦେଇ ଚାଷୀ ଜୈବିକ କୃଷିକୁ ଆପଣେଇବା ଓ ରାସାୟନିକ ସାରର ବ୍ୟବହାର କମ କରିବା ଉପରେ ମତ ରଖିଥିଲେ। ଶେଷରେ ବଡ଼ଚଣା ଶାଖା ପ୍ରମୁଖ ବ୍ରହ୍ମାକୁମାରୀ ମାନସୀ ଭଉଣୀ ଧନ୍ୟବାଦ ଦେଇଥିଲେ।



କାର୍ଯ୍ୟକ୍ରମରେ ଅଗ୍ରଣୀ ଚାଷୀଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

## ଧର୍ମଶାଳା ଆଦର୍ଶ ବିଦ୍ୟାଳୟ ଅଭିଭାବକ ସଂଘ ବୈଠକ

**ଧର୍ମଶାଳା,୩।୭(ଡି.ଏନ.ଏ.)**

ଧର୍ମଶାଳା ଆଦର୍ଶ ବିଦ୍ୟାଳୟ ଅଭିଭାବକ ସଂଘ ବୈଠକ ଜାରକାସ୍ଥିତ ତ୍ରିନାଥେଶ୍ୱର ମନ୍ଦିର ପରିସରରେ ରବିବାର ସଭାପତି ପୂର୍ଣ୍ଣଚନ୍ଦ୍ର ଶତପଥୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଚଳିତ ଶିକ୍ଷାବର୍ଷରେ ଏଠାରେ ଏକାଦଶ ଶ୍ରେଣୀ ଖୋଲିବା ପାଇଁ ସରକାରୀ ସ୍ୱୀକୃତି ଲାଭ କରିଥିବାରୁ ସଂଘ ପକ୍ଷରୁ ଗଣଶିକ୍ଷା ମନ୍ତ୍ରୀ ସମୀର ଦାଶ ଓ ଧର୍ମଶାଳା ବିଧାୟକ ପ୍ରଣବ କୁମାର ବଳବନ୍ତରାୟଙ୍କୁ କୃତଜ୍ଞତା ଜ୍ଞାପନ କରାଯାଇଥିଲା। ସମ୍ପାଦକ ଦିଲୀପ କୁମାର ଜେନା ପୂର୍ବ ବୈଠକର ଆଲୋଚନା କରିଥିବା ବେଳେ ଉପଦେଷ୍ଟା କରୁଣାକର ବରାଳ, କାର୍ଯ୍ୟକାରୀ ସଭାପତି ବିନୋଦ ବିହାରୀ ପରିଡ଼ା, ସଭ୍ୟ ଅକ୍ଷୟ ବରାଳ ବିଦ୍ୟାଳୟ ଉନ୍ନତି ସମ୍ପର୍କରେ ଆଲୋଚନା କରିଥିଲେ। ସଂଗଠନ ସମ୍ପାଦକ ବିଜୟ ସାମଲ ଆବଶ୍ୟକ ଶିକ୍ଷକ ନିଯୁକ୍ତି ଉପରେ ଗୁରୁତ୍ୱାରୋପ କରିଥିଲେ। ସଭ୍ୟ ସୌଭାଗ୍ୟ ନାରାୟଣ ବଳ, ରଘୁନାଥ ନାୟକ, ରବୀନ୍ଦ୍ର କୁମାର ଦାଶ, ଲକ୍ଷ୍ମୀଧର ବରାଳ, ଅନିଲ କୁମାର ଜେନା, ସୂର୍ଯ୍ୟକାନ୍ତ ବିଶ୍ୱାଳ ଓ ବୃନ୍ଦାବନ ମଲିକ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ମହିଳା ଅଭିଭାବକ ତିଲୋତ୍ତମା ନାୟକ, କବିତା ସାମଲ ଓ ସୁଜାତା ଜେନା ପ୍ରମୁଖ ଶିକ୍ଷାଦାନ ଉପରେ ଗୁରୁତ୍ୱାରୋପ କରିଥିଲେ। ମିଡିଆ ସେଲ୍ ଅଧକ୍ଷ ଗିରିଧାରୀ ବେହେରା ନିୟମିତ ଅଧକ୍ଷ ନିଯୁକ୍ତି ନେଇ ଆଲୋଚନା କରିଥିଲେ।

## ଜଗତ୍‌ସିଂହପୁରରୁ ୬ କରୋନା ଆକ୍ରାନ୍ତ ଚିହ୍ନଟ

**ଜଗତ୍‌ସିଂହପୁର ଅଫିସ,୩।୭**

ସାରା ଦେଶରେ ପୁଣି କରୋନା ମହାମାରୀ ବଢ଼ିବାରେ ଲାଗିଛି। ଏହିକ୍ରମରେ ଜଗତ୍‌ସିଂହପୁର ଜିଲାରୁ ପୁଣି ୬ଜଣ କରୋନା ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ସେମାନଙ୍କ ମଧରେ ପାରାଦୀପ ପୌରାଞ୍ଚଳରୁ ୩ ଏବଂ ବାଲିକୁଦା, ତିର୍ତ୍ତୋଲ ଜଗତ୍‌ସିଂହପୁର ବ୍ଲକ ଓ ମ୍ୟୁନିସିପାଲ୍‌ଟିରୁ ଜଣେ ଲେଖାଏ ଆକ୍ରାନ୍ତ ରହିଛନ୍ତି।

# ଅବାଧରେ ଚାଲିଛି ହାଣ୍ଡିଆ ବ୍ୟବସାୟ

**ରଗଡି,୩।୭(ଡି.ଏନ.ଏ.)**

- ହାତବାନ୍ଧି ବସିଛି ଅବକାରୀ ବିଭାଗ
- ମଦ ନିଶା ସହ ସମାନ କରିବା ପାଇଁ ମିଶୁଛି ନିଶା ବଟିକା

ଯାଜପୁର ଅବକାରୀ ବିଭାଗରୁ ମିଳିଥିବା ତଥ୍ୟ ଅନୁଯାୟୀ ଅବକାରୀ ଆଇନ ପରିସରରେ ହାଣ୍ଡିଆ ଓ ରଶି ବା ତାଡି ଅର୍ନ୍ତଭୁକ୍ତ ହୋଇ ସାରିଛି। ତେବେ ସେ ଗୁଡିକର କ୍ରୟ ବିକ୍ରୟ ପ୍ରତି ଅବକାରୀ ବିଭାଗ ଦୃଷ୍ଟି ଦେଉନାହିଁ। ଯାହାଦ୍ୱାରା ଗାଁ ଗହଳି ଠାରୁ ସହର ବଜାର, ଏମିତିକି ଜନ ଗହଳିପୂର୍ଣ୍ଣ ରାସ୍ତାପାର୍ଶ୍ୱରେ ଅବାଧରେ ହାଣ୍ଡିଆ ବିକ୍ରି ଚାଲିଛି । ଏହି ବ୍ୟବସାୟୀମାନଙ୍କଠାରୁ ରାଜସ୍ୱ ଆଦାୟ ହେଉ ନ ଥିବାରୁ କାରବାର ବଢ଼ିଛି। ଫଳରେ ଏହି କାରବାର ମଦ ବ୍ୟବସାୟ ଓ ରାଜସ୍ୱ ଆଦାୟ ଉପରେ ଯଥେଷ୍ଟ ପ୍ରଭାବ ପକାଉଛି ।

ସୂଚନା ଅନୁଯାୟୀ, ଆଦିବାସୀଙ୍କ ଦ୍ୱାରା ପ୍ରସ୍ତୁତ ପାନୀୟ ରଶି ହାଣ୍ଡିଆ ବେପାରୀଙ୍କଠାରୁ ରାଜସ୍ୱ ଆଦାୟ ହୋଇପାରୁ ନାହିଁ । ଫଳରେ ସେହି ବ୍ୟବସାୟ ହାଟବଜାରରୁ ସହର ପର୍ଯ୍ୟନ୍ତ ବ୍ୟାପିଲାଣି । ହାଣ୍ଡିଆକୁ ମଦ ନିଶା ସହିତ ସମତୁଲ କରିବା ପାଇଁ ସେଥିରେ ବିଭିନ୍ନ ନିଶା ବଟିକାର ପ୍ରୟୋଗ କରାଯାଉଛି। ଫଳରେ ୬୫୦ମିଲି ଲିଟର ରଶି ବୋତଲର ନିଶା ୧୮୦ମିଲି ଲିଟର ମଦ ସଙ୍ଗେ ସମାନ ହୋଇପାରୁଛି । ୬୫୦ମିଲି ଲିଟର ରଶିର ଦାମ୍ ୪୦ଟଙ୍କା ହୋଇଥିଲାବେଳେ ୧୮୦ମିଲି ଲିଟର ବିଦେଶୀ ମଦର ଦାମ୍ ୨୦୦ଟଙ୍କାରୁ କମ୍ ନୁହେଁ । ତେଣୁ ଦିନମଜୁରିଆ, ଅଳ୍ପ ରୋଜଗାରିଆ, ଟ୍ରକ ଡ୍ରାଇଭର୍, ରିକ୍ସା ଚାଳକ କମ ମୂଲ୍ୟରେ ମିଳୁଥିବାରୁ ରଶି ହାଣ୍ଡିଆ ଉପରେ ନିର୍ଭର କରୁଛନ୍ତି। ଯାଜପୁର ଜିଲାର ପ୍ରମୁଖ ହାଣ୍ଡିଆ ବ୍ୟବସାୟ ଢୁବୁରି ହାଟ, କୋରେଇର ପୂର୍ବକୋଟ ହାଟ, ପାଟରଙ୍ଗା ପଞ୍ଚାୟତର ନୂଆସାହି, ମଲାରିଆ, ତଳଗଡ ପଞ୍ଚାୟତ କାଯ୍ୟାଳୟ ସମ୍ମୁଖ, ପଛିକୋଟ ପଞ୍ଚାୟତର ଲକ୍ଷ୍ମୀନଗର, କଡମା, ଅନ୍ଧାରୀ ପଞ୍ଚାୟତର ରଗଡି ଛକ, ଅନ୍ଧାରୀ, ଯାଜପୁର ଜିଲାର ସୀମାନ୍ତ ବରାଙ୍ଗ ଗ୍ରାମ, ନୂଆଗଡ ଗୋଲେଇ ଛକଠାରୁ ଯାଜପୁର ଜିଲାର ସୀମାନ୍ତ ଅନ୍ଧାରୀ ଛକ ପର୍ଯ୍ୟନ୍ତ ରାସ୍ତାର ଦୁଇପାର୍ଶ୍ୱରେ ଆଦିବାସୀ ମହିଳାମାନେ ହଣ୍ଡିଆ ପସରା ମେଲୁଛନ୍ତି। ଦୈନିକ ୫୦୦ରୁ ୧୦୦୦ବୋତଲ ହାଣ୍ଡିଆ ବିକ୍ରି କରୁଥିବା ଦେଖିବାକୁ ମିଳୁଛି। ବିନା ଲାଇସେନ୍ସରେ ହାଣ୍ଡିଆ ରଶି ବିକ୍ରୟ କରୁଥିବା ବ୍ୟକ୍ତି ଧରାପଡିଲେ ୫୦ହଜାର ଟଙ୍କା ଜୋରିମାନା ସହ ୩ରୁ ୭ବର୍ଷ ଜେଲ୍‌ଦଣ୍ଡ ପାଇବାର ନିୟମ ରହିଛି। ଏତେ ନିୟମ ଥାଇ ମଧ ଖୁଲମ୍ ଖୁଲା ରାସ୍ତା ଘାଟରେ ହାଣ୍ଡିଆ ବିକ୍ରି କରାଯାଉଛି।

ସୂଚନାଯୋଗ୍ୟ, ଅବକାରୀ କାର୍ଯ୍ୟାଳୟଠାରୁ ୫୦୦ମିଟର ଦୂରରେ ୧୦ଟି ସ୍ଥାନରେ ହାଣ୍ଡିଆ ରଶି ବିକ୍ରୟ କରାଯାଉଛି । ବାରମ୍ବାର ଅଭିଯୋଗ ପରେ ବି କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନାହିଁ। କେତେଜଣ ବିଭାଗୀୟ କର୍ମଚାରୀ ମାସିକିଆ ବଟି ନେଇ ଏହାକୁ ପ୍ରୋତ୍ସାହନ ଦେଉଥିବା ଅଭିଯୋଗ ହୋଇଛି। ମଦର ଇ ଟେଣ୍ଡର ପରି ହାଣ୍ଡିଆ ରଶିକୁ ଇ ଟେଣ୍ଡର ମାଧ୍ୟମରେ ଭେଣ୍ଡର ନିଯୁକ୍ତି କରିବାକୁ ସାଧାରଣରେ ଦାବି ହେଉଛି। ଏପରି କରାଗଲେ ବିଦେଶୀ ମଦ ଭଳି ରାଜସ୍ୱ ଆଦାୟ ସହିତ ରାଜ୍ୟର ଅର୍ଥନୈତିକ ଅଭିବୃଦ୍ଧି ହେବ ବୋଲି ମତ ପ୍ରକାଶ ପାଇଛି।



ରଗଡି ଅଞ୍ଚଳରେ ହାଣ୍ଡିଆ ବ୍ୟବସାୟ ଚାଲିଛି।

# ଧର୍ମଶାଳା ପ୍ରେସ୍ କ୍ଲବ ପକ୍ଷରୁ ଚାରାରୋପଣ

**ଧର୍ମଶାଳା,୩।୭(ଡି.ଏନ.ଏ.)**

ବନ ମହୋତ୍ସବ ସପ୍ତାହ ଅବସରରେ ଧର୍ମଶାଳା ପ୍ରେସ୍ କ୍ଲବ ପକ୍ଷରୁ ରବିବାର ଏକ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଧର୍ମଶାଳା ବିଧାୟକ ପ୍ରଣବ କୁମାର ବଳବନ୍ତରାୟ ମୁଖ୍ୟଅତିଥି ଭାବେ ଯୋଗଦେଇ ପ୍ରେସ୍ କ୍ଲବ ପରିସରରେ ଚାରାରୋପଣ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଗୋଟିଏ ଗଛ, କୋଟିଏ ଜୀବନ ବାର୍ତ୍ତା ଦେଇ ଗଣମାଧ୍ୟମ ପ୍ରତିନିଧିମାନେ କାର୍ଯ୍ୟାଳୟ ପରିସରରେ ବିଭିନ୍ନ କିସମ ଯଥା ; ବଉଳ, ଓଲଟ ଦେବଦାରୁ, ଜାମୁ, ଡାଳିମ୍ବ, କୃଷ୍ଣଚୂଡ଼ା, ରାଧାଚୂଡ଼ା, କଦମ୍ବ, ନିମ୍ବ ଓ ଫୁଲ ଆଦି ୫୦ରୁ ଉର୍ଦ୍ଧ୍ୱ ଚାରାରୋପଣ କରିଥିଲେ। ଏଥିସହ ସମସ୍ତ ସଦସ୍ୟ ନିଜ ଗୃହ ପରିସରରେ ଗୋଟିଏ ଗୋଟିଏ ଗଛ ଲଗାଇବା ସହ ତା'ର ରକ୍ଷଣାବେକ୍ଷଣ କରିବାକୁ ଶପଥ ନେଇଥିଲେ।

ସେହିପରି କାର୍ଯ୍ୟକ୍ରମରେ ଅବସରପ୍ରାପ୍ତ ପ୍ରାଧାପକ ମନୋରଞ୍ଜନ ମହାନ୍ତି, ସାମାଜିକ କର୍ମୀ କାହ୍ନୁଚରଣ ଦାଶ, ଦେବବ୍ରତ ରାଉତ, ଦିଲୀପ କୁମାର ଜେନା ଓ ଉଗ୍ରେସନ ମହାନ୍ତି ପ୍ରମୁଖ ଯୋଗଦେଇ ଚାରାରୋପଣ କରିଥିଲେ। ପ୍ରେସ୍ କ୍ଲବ ସଭାପତି ରମାକାନ୍ତ ଜେନା, ଉପଦେଷ୍ଟା ବଟକୃଷ୍ଣ ପରିଡ଼ା, ଇନ୍ଦ୍ରମଣି ନାୟକ, କାର୍ଯ୍ୟକାରୀ ସଭାପତି ପୂର୍ଣ୍ଣଚନ୍ଦ୍ର ଶତପଥୀ, ଉପସଭାପତି ଗୁଲାମ ଗସ୍, ସୀତାକାନ୍ତ ସାମଲ, ସାଧାରଣ ସମ୍ପାଦକ ଅବିନେଶ୍ୱର ଶତପଥୀ, ସହ ସମ୍ପାଦକ ମାନସ ରଞ୍ଜନ ଜେନା, କୋଷାଧକ୍ଷ ଅଖିଳ କୁମାର ସ୍ୱାଇଁ, ସଂଗଠନ ସମ୍ପାଦକ ପ୍ରଶାନ୍ତ କୁମାର ଗନ୍ତାୟତ, ବରିଷ୍ଠ ସଭ୍ୟ କପିଳେନ୍ଦ୍ର ରାଉତ, ସବ୍ୟସାଚୀ ବେହେରା, ବିବେକାନନ୍ଦ ରାୟ, ବିକ୍ରମ କେଶରୀ ମହାନ୍ତି, ବିନୋଦ ବିହାରୀ ପରିଡ଼ା, ଗିରିଧାରୀ ବେହେରା, ସୁବ୍ରତ ଜେନା, ରଶ୍ମିରଞ୍ଜନ ରାୟ, ଅନିଲ କୁମାର ନାୟକ, ପ୍ରସନ୍ନ ପାଣି ଓ କିଶୋର ରାଉତ ପ୍ରମୁଖ ଉପସ୍ଥିତ ଥିଲେ।



ପ୍ରେସ୍ କ୍ଲବ ପରିସରରେ ବିଧାୟକଙ୍କ ଦ୍ୱାରା ଚାରାରୋପଣ କରାଯାଉଛି।

# ନଦୀରେ ନିର୍ମାଣ ଚାଲିଛି ଇନ୍‌ଡୋର ଷ୍ଟାଡିୟମ

**କେନ୍ଦ୍ରାପଡ଼ା ଅଫିସ/ ପଟ୍ଟାମୁଣ୍ଡାଇ, ୩।୭(ସ୍ୱ.ପ୍ର.)**

ବ୍ରାହ୍ମଣୀ ଓ ଗୋବରୀ ନଦୀର ଜଳପଥ ସଂଯୋଗୀକରଣ ଆନ୍ଦୋଳନ ଏବେ ଫସର ଫାଟିବାକୁ ଯାଉଛି। ପୂର୍ବରୁ ଥିବା ଏହି ୧୬ କିଲୋମିଟର ଜଳପଥ ଉପରେ ପଟ୍ଟାମୁଣ୍ଡାଇର ଇନ୍‌ଡୋର ଷ୍ଟାଡିୟମ ନିର୍ମାଣ ହେଉଛି। ଜଳପଥ ଉପରେ ହେଉଥିବା ଏହି ଷ୍ଟାଡିୟମ ସ୍ଥାନୀୟ ଅଞ୍ଚଳର କୃଷି ଓ କୃଷକଙ୍କ ପାଇଁ ଆଗାମୀ ଦିନରେ ଆତ୍ମଘାତୀ ହେବ ବୋଲି ଆଶଙ୍କା ପ୍ରକାଶ ପାଇଛି। ଏଥିପାଇଁ ସ୍ଥାନୀୟ ଅଞ୍ଚଳରେ ଏକ ବଡ଼ଧରଣର ଆନ୍ଦୋଳନ ପାଇଁ ସଜବାଜ ହେଉଥିବା ସୂଚନା ମିଳିଛି।

ଏ ସମ୍ପର୍କରେ ସାମାଜିକ କର୍ମୀ ପ୍ରଫୁଲ୍ଲ କୁମାର ଦାଶ କହିଛନ୍ତି, ପଟ୍ଟାମୁଣ୍ଡାଇ ନିକଟରେ ଥିବା ବ୍ରାହ୍ମଣୀ ନଦୀର ଏକ ଶାଖା ନରସିଂହପୁର ଗ୍ରାମ ଦେଇ କେନ୍ଦ୍ରାପଡ଼ା ବ୍ଲକ ଗଣ୍ଡାକିଆଠାରେ ଗୋବରୀ ନଦୀରେ ମିଶିଥିଲା। ଏହି ଶାଖାକୁ ନଅଙ୍କ ଦୁର୍ଭିକ୍ଷ ସମୟ ୧୮୬୬ରେ ଉନ୍ନତୀକରଣ କରାଯାଇ ନୌଚଳାଚଳର ବ୍ୟବସ୍ଥା ହୋଇଥିଲା। ନୌପରିବହନ ସହ ସ୍ଥାନୀୟ ଅଞ୍ଚଳର କୃଷି ଓ ଦୈନନ୍ଦିନ କାର୍ଯ୍ୟ ପାଇଁ ବ୍ୟବହାର ହେଉଥିଲା। ତେବେ ଜଳସମ୍ପଦ ବିଭାଗ ପକ୍ଷରୁ ଏହାର ଉନ୍ନତୀକରଣ କରା ନ ଯିବାରୁ ତାହା ପୋତିହୋଇପଡ଼ିଛି। ଆଇନଜୀବୀ ପ୍ରମୋଦ କୁମାର ସାହୁ କହିଛନ୍ତି, ଏହି ଜଳଉତ୍ସରୁ ପଟ୍ଟାମୁଣ୍ଡାଇ ଓ କେନ୍ଦ୍ରାପଡ଼ା ବ୍ଲକ ସହ ମହାକାଳପଡ଼ା ବ୍ଲକ ଅଞ୍ଚଳର ଚାଷୀ କ୍ଷେତ ପାଇଁ ଜଳ ନେଉଥିଲେ। ତେବେ ଏହାର ଜଳପଥ ପୋତି ହୋଇପଡ଼ିବାରୁ ନିକଟସ୍ଥ କେତେଜଣ ବ୍ୟକ୍ତି ଏହି ଜମିକୁ ଜବରଦଖଲ କରିଛନ୍ତି। ଏହାର ଉନ୍ନତୀକରଣ ପାଇଁ ସ୍ଥାନୀୟ ଅଞ୍ଚଳର ଚାଷୀ ବହୁବାର ଆନ୍ଦୋଳନ କରିଛନ୍ତି। ଏଥିପାଇଁ ୨୦୧୦ ମସିହାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଜଳପଥର ଉନ୍ନତୀକରଣ ପାଇଁ ୩ କୋଟି ଟଙ୍କା ବ୍ୟୟ ଅଟକଳ କରି ଶିଳାନ୍ୟାସ କରିଥିଲେ। ତେବେ କୌଣସି କାରଣରୁ ଠିକା ସଂସ୍ଥା କାର୍ଯ୍ୟ ଛାଡ଼ିଦେବାରୁ ଏହାର ପରିବର୍ଦ୍ଧିତ ବ୍ୟୟ ଅଟକଳ ୭ କୋଟି ଟଙ୍କାରେ ପହଞ୍ଚିଛି। ତେବେ ଏହି ଜଳପଥ ଉପରେ ଇନ୍‌ଡୋର ଷ୍ଟାଡିୟମ ନିର୍ମାଣ ଚାଷୀଙ୍କ ଚାଷ ଆଶାକୁ ଆଶଙ୍କାରେ ପରିଣତ କରିଛି। ଏ ସଂକ୍ରାନ୍ତରେ କ୍ଷୀରୋଦ କୁମାର ମଲ୍ଲିକ କୁହନ୍ତି, ଚିରସ୍ରୋତା ବ୍ରାହ୍ମଣୀ ସହିତ ଗୋବରୀ ନଦୀର ସଂଯୋଗୀକରଣ ପାଇଁ ବହୁବାର ଆନ୍ଦୋଳନ ହୋଇଛି। ଏବେ ଏହାର ଉନ୍ନତୀକରଣ ହେଉଥିବା ବେଳେ ଜଳପଥ ଉପରେ ଇନ୍‌ଡୋର ଷ୍ଟାଡିୟମ ନିର୍ମାଣ ବାଧକ ହୋଇଛି। ନଦୀ କିସମ ଉପରେ ଏହି ନିର୍ମାଣକୁ ନେଇ କ୍ଷୀରୋଦଙ୍କ ସହ ଅଶୋକ କୁମାର ବଳ ଓ ଦେବାଶିଷ ପଣ୍ଡା ଜାତୀୟ ଆଇନ ସେବା ପ୍ରାଧିକରଣ (ନାଲସା)ରେ ଅଭିଯୋଗ କରିଥିଲେ। ନାଲସା ପକ୍ଷରୁ କେନ୍ଦ୍ରାପଡ଼ା ଜିଲା ଆଇନ ସେବା ପ୍ରାଧିକରଣକୁ ଏ ସମ୍ପର୍କରେ ଚିଠି ପରେ ଏହି ମାମଲା ଜଳସମ୍ପଦ ବିଭାଗ ବୁଝିବାକୁ ଚିଠି ହୋଇଛି। ଜଳପଥ ଉପରେ ଷ୍ଟାଡିୟମ ନିର୍ମାଣ ଫଳରେ ନଦୀ ସଂଯୋଗୀକରଣ କାର୍ଯ୍ୟ ବ୍ୟାହତ ହେବ। ଜଳପଥ ଶୃଙ୍ଖଳା ରହିବା ଦ୍ୱାରା ପରୋକ୍ଷରେ ଏହାକୁ ଜବରଦଖଲକାରୀଙ୍କ ହାତକୁ ଟେକିଦେଇ ଚାଷୀଙ୍କ ସ୍ୱାର୍ଥକୁ ବଳି ପକାଯାଉଛି ବୋଲି ସେ କ୍ଷୋଭ ପ୍ରକାଶ କରିଛନ୍ତି। ଏ ସମ୍ପର୍କରେ ପିଡି ରାଜେନ୍ଦ୍ର କୁମାର ପଣ୍ଡାଙ୍କୁ ପଚାରିବାରେ ଜଳପଥ ଉପରେ ଷ୍ଟାଡିୟମ ନିର୍ମାଣ ସମ୍ପର୍କରେ ସ୍ଥାନୀୟ ଅଞ୍ଚଳରୁ କୌଣସି ଅଭିଯୋଗ ଆସିନାହିଁ। ଅଭିଯୋଗ ମିଳିଲେ ଜଳସମ୍ପଦ ବିଭାଗ ସହ ଆଲୋଚନା କରାଯିବ ବୋଲି ସେ କହିଛନ୍ତି।


ନଦୀରେ ନିର୍ମାଣ ଚାଲିଛି ଇନ୍‌ଡୋର ଷ୍ଟାଡିୟମ।

**ହଜିଯିବ କୃଷକଙ୍କ ସ୍ୱପ୍ନ**

- ବ୍ରାହ୍ମଣୀ, ଗୋବରୀ ସଂଯୋଗ ଜଳପଥ ଚାଲିଛି କାମ
- ୧୬ କିମି ଜଳପଥ ପାଇଁ ବ୍ୟୟ ଅଟକଳ ୭ କୋଟି ଥିଲା
- ସ୍ଥାନୀୟ ଅଞ୍ଚଳ ଚାଷୀଙ୍କ ଆନ୍ଦୋଳନ ପାଇଁ ସଜବାଜ




## ସଂକ୍ଷେପରେ

### ପାଟନାଳରେ ଭାସି ଦଶମ ଛାତ୍ର ମୃତ

ମହାକାଳପଡ଼ା, ୩।୭(ଡି.ଏନ୍.ଏ.) କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକ ଅଧୀନ ବିଜୟନଗର ପଞ୍ଚାୟତ ସ୍ଥାନୀୟ ମାଲିଅଞ୍ଚ ଗାଁର ଦଳିତ ସାହିର ପ୍ରମୋଦ ମଲ୍ଲିକଙ୍କ ବଡ଼ପୁଅ ଜୀବନ(୧୫) ଚଳିତବର୍ଷ ମାଟ୍ରିକ ପରୀକ୍ଷା ଦେଇଥିଲେ। ଜବୀନ ନିକଟ ଗୋବରୀ ନଦୀ ଶାଖା କଲଭର୍ଟ ନିକଟ ପାଟନାଳରେ ଗାଧୋଇବାକୁ ଯାଇ ଭାସିଯାଇଥିଲେ। ପରେ ସ୍ଥାନୀୟ ଓ ପରିବାର ଲୋକମାନେ ତାଙ୍କୁ ଉଦ୍ଧାର କରି ତୁରନ୍ତ କେନ୍ଦ୍ରାପଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ସେଠାରେ ଡାକ୍ତର ଜୀବନଙ୍କୁ ମୃତ ଘୋଷଣା କରିଥିଲେ। ଏହି ଅଭାବୀ ପରିବାରକୁ ସରକାରୀ ସହାୟତା ଯୋଗାଇ ଦେବାକୁ ସ୍ଥାନୀୟ ଲୋକେ ଦାବି କରିଛନ୍ତି। ତେବେ ମାଟ୍ରିକ ପରୀକ୍ଷା ଫଳ ପ୍ରକାଶ ହେବା ପୂର୍ବରୁ ଛାତ୍ରଙ୍କ ଅକାଳ ବିୟୋଗରେ ଗାଁରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି। ମୃତ ଛାତ୍ର ଜୀବନ ଗାଁର ଲଳିତ କୁମାରୀ ଉଚ୍ଚ ବିଦ୍ୟାଳୟରେ ଅଧ୍ୟୟନ କରୁଥିଲେ।

### ପଟ୍ଟାମୁଣ୍ଡାଇ କଲେଜରେ ସ୍ୱାସ୍ଥ୍ୟ ସଚେତନତା ଆଲୋଚନାଚକ୍ର

ପଟ୍ଟାମୁଣ୍ଡାଇ, ୩।୭(ସ୍ୱ.ପ୍ର.):ପଟ୍ଟାମୁଣ୍ଡାଇ କଲେଜ ଆକ୍ୟୁଏସି ପକ୍ଷରୁ ସ୍ୱାସ୍ଥ୍ୟ ସଚେତନତା ନେଇ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। କଲେଜ ଅଧକ୍ଷ ପ୍ରଫେସର ପ୍ରଭାକର ରାଉତଙ୍କ ପୌରୋହିତ୍ୟରେ ଆୟୋଜିତ ଆଲୋଚନାଚକ୍ରରେ ବିଭିନ୍ନ ରୋଗର ନିରୂପଣ, ନିରାକରଣ ଓ ସଫଳ ହୋମିଓପାଥିକ୍, ଆୟୁର୍ବେଦିକ୍ ଓ ଏଲୋପାଥିକ୍ ଚିକିତ୍ସା ସମ୍ପର୍କରେ ଡା. ଦେବୀ ପ୍ରସନ୍ନ ନାୟକ, ଡା. ମନୋରଞ୍ଜନ ଦାଶ ପ୍ରମୁଖ ଯୋଗଦେଇ ତାତ୍ତ୍ୱିକ ଆଲୋଚନା କରିଥିଲେ। ଅଧାପକ ଭାରତ ଭୂଷଣ ଦାସ, ବିଭୁ ପ୍ରସାଦ ଦାସ, ପ୍ରାଣୀ ରୋଗ ଓ ତା'ର ଚିକିତ୍ସା ପଦ୍ଧତି ସମ୍ପର୍କରେ ଆଲୋଚନା କରିଥିଲେ। ଏହାକୁ ପ୍ରାଧାପକ ଡ. ସୁନୀଲ ପ୍ରଧାନ, ଡ. ମାନସ ନାୟକ ଦାଶ ପ୍ରମୁଖ ପରିଚାଳନା କରିଥିଲେ।

### ସାମାଜିକ କର୍ମୀ ଅକ୍ଷୟ ବିଶ୍ୱାଳଙ୍କ ଶ୍ରଦ୍ଧାଞ୍ଜଳି ସଭା

ପଟ୍ଟାମୁଣ୍ଡାଇ, ୩।୭(ସ୍ୱ.ପ୍ର.) ପଟ୍ଟାମୁଣ୍ଡାଇ ବ୍ଲକ ଅନ୍ତର୍ଗତ ତରଡ଼ି ଗାଁର ସାମାଜିକ କର୍ମୀ ଅକ୍ଷୟ ବିଶ୍ୱାଳଙ୍କ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। ସେବା ପରିଷଦ ପକ୍ଷରୁ ଆୟୋଜିତ ଶ୍ରଦ୍ଧାଞ୍ଜଳି ସଭାରେ ଶିକ୍ଷାବିତ୍ ରାଜକୁମାର ବିଶ୍ୱାଳ ପୌରୋହିତ୍ୟ କରିଥିଲେ। ସମିତିସଭ୍ୟ ନିରଞ୍ଜନ ବାରିକ, ପୂର୍ବତନ ଜିଲା ପରିଷଦ ସଭ୍ୟ ନାରଦ ବିଶ୍ୱାଳ, ଶିକ୍ଷାବିତ୍ ନିମାଇ ମଲ୍ଲିକ, ଅରୂପାନନ୍ଦ ବିଶ୍ୱାଳ, ପ୍ରେମାନନ୍ଦ ସୂତାର, ନରେନ୍ଦ୍ର ଧଳ, ବସନ୍ତ ବିଶ୍ୱାଳ, ଦୁର୍ଯ୍ୟୋଧନ ବିଶ୍ୱାଳ ପ୍ରମୁଖ ସ୍ୱର୍ଗତ ବିଶ୍ୱାଳଙ୍କ କର୍ମମୟ ଜୀବନ ଓ ଅଞ୍ଚଳ ବିକାଶରେ ତାଙ୍କ ଅବଦାନ ସମ୍ପର୍କରେ ଆଲୋକପାତ କରିଥିଲେ। ସେମାନେ ତାଙ୍କ ଅମ୍ଲାନ ସ୍ମୃତି ପ୍ରତି ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ଏକୁ ପ୍ରଫୁଲ୍ଲ ବିଶ୍ୱାଳ, ସଚ୍ଚିଦାନନ୍ଦ ବିଶ୍ୱାଳ ପ୍ରମୁଖ ପରିଚାଳନା କରିଥିଲେ।

## ବଜ୍ରପାତରେ ଯୁବକଙ୍କ ମୃତ୍ୟୁ

**ପଟ୍ଟାମୁଣ୍ଡାଇ, ୩।୭(ସ୍ୱ.ପ୍ର.)**

ପଟ୍ଟାମୁଣ୍ଡାଇ ଥାନା ଅନ୍ତର୍ଗତ ଦୋଷିଆ ପଞ୍ଚାୟତର ବଉଳାଙ୍ଗ ଗାଁରେ ବଜ୍ରପାତରେ ରବିବାର ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ବଉଳାଙ୍ଗ ଗାଁର ବିଶ୍ୱାବସୁ ସେଠୀ (୧୮)। ଅପରାହ୍ନରେ ଘର ପଛପଟ ବିଲକୁ ତଳି ପକାଇବାକୁ ଯାଇଥିଲେ। ଏତିକି ବେଳେ ବର୍ଷା ସାଙ୍ଗକୁ ବଜ୍ରପାତ ହୋଇଥିଲା। ଫଳରେ ବିଶ୍ୱାବସୁଙ୍କ ଉପରେ ବଜ୍ରପାତ ହୋଇଥିଲା। ବଜ୍ରପାତର ଶିକାର ହୋଇ ବିଶ୍ୱାବସୁ ଗୁରୁତର ହୋଇପଡିଥିଲା। ଖବର ପାଇ ସ୍ଥାନୀୟ ଲୋକମାନେ ଚିକିତ୍ସା ପାଇଁ ତାଙ୍କୁ ପଟ୍ଟାମୁଣ୍ଡାଇ ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ମାତ୍ର ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ପଟ୍ଟାମୁଣ୍ଡାଇ ଥାନା ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ରାଜନଗର ବିଧାୟକ ଧ୍ରୁବ ସାହୁ, ବ୍ଲକ ଅଧକ୍ଷ ପ୍ରଦ୍ୟୁମ୍ନ ସାମନ୍ତରାୟ, ବ୍ଲକ ବିଜେଡି ସଭାପତି କିଶୋର ସାହୁ, ଦୋଷିଆ ସମବାୟ ସମିତି ସଭାପତି ସୁଦାମ ରାଉତ, ପୂର୍ବତନ ସଭ୍ୟ କୈଳାସ ମଲିକ, ସରପଞ୍ଚ ପ୍ରତିନିଧି ଗୌରାଙ୍ଗ ସ୍ୱାଇଁ ପ୍ରମୁଖ ଶୋକସନ୍ତପ୍ତ ପରିବାରକୁ ଭେଟି ସମବେଦନା ଜଣାଇଥିଲେ। ବିଧାୟକ ସାହୁ ମୃତକଙ୍କ ପରିବାରକୁ ସମସ୍ତ ସହାୟତା ଯୋଗାଇବାକୁ ପ୍ରତିଶ୍ରୁତି ଦେଇଥିଲେ। ପୂର୍ବତନ ସରପଞ୍ଚ ପ୍ରଭାତ ପ୍ରଧାନ ମୃତକ ପରିବାରକୁ ସରକାରୀ ସହାୟତା ଯୋଗାଇ ଦେବାକୁ ଦାବି କରିଛନ୍ତି।

# ଶିଳ୍ପ ପ୍ରତିଷ୍ଠା ହେଲେ ସ୍ଥାନୀୟ ଲୋକଙ୍କୁ ନିଯୁକ୍ତି ମିଳିବ

**ଖାଦ୍ୟ ଓ ଯୋଗାଣ ମନ୍ତ୍ରୀଙ୍କ ବିଭିନ୍ନ ପ୍ରକଳ୍ପର ଉଦ୍‌ଘାଟନ**

**ମହାକାଳପଡ଼ା, ୩।୭ (ଡି.ଏନ୍.ଏ.)**

ମହାକାଳପଡ଼ା ବ୍ଲକ ପେଟଛେଲା, ରାମନଗର ଓ ଖରିନାସୀ ପଞ୍ଚାୟତର ବିଭିନ୍ନ ସ୍ଥାନର ପ୍ରକଳ୍ପକୁ ରବିବାର ଏକ ସରକାରୀ କାର୍ଯ୍ୟକ୍ରମରେ ଯୋଗଦେଇ ଖାଦ୍ୟ ଯୋଗାଣ ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ପେଟଛେଲାଠାରେ ୫୦ ଲକ୍ଷ ଟଙ୍କା ବ୍ୟୟରେ ଏକ ସ୍ୱାସ୍ଥ୍ୟ ଓ ଆରୋଗ୍ୟ କେନ୍ଦ୍ର, ଖରିନାସୀଠାରେ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର, ରାମନଗର ବଜାରଠାରେ ରାମଚଣ୍ଡୀ ମିଳିତ ଯୁବକ ସଂଘ ପକ୍ଷରୁ ପଞ୍ଚାୟତ ପାଣ୍ଠି ଅନୁଦାନରେ ଏକ ଗ୍ରାମୀଣ ବ୍ୟାୟାମଶାଳା ଓ ବରଜ ଗ୍ରାମରେ ମିଶନ ଶକ୍ତି ଗୋଷ୍ଠୀକୁ କେନ୍ଦ୍ରମନ୍ତ୍ରୀ ନାୟକ ଉଦ୍‌ଘାଟନ କରିଥିଲେ। ପରେ ରାମନଗର ପୁରୁଣା ବଜାରଠାରେ ଏକ ଭତ୍ତା ମେଳା ଅନୁଷ୍ଠିତ ହୋଇଥିଲା। ମେଳାରେ ବ୍ଲକ ଉପାଧ୍ୟକ୍ଷ ବିଜୟ ଶୁକ୍ଲାଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ମନ୍ତ୍ରୀ ନାୟକ ଯୋଗଦେଇ ତୃଣମୂଳସ୍ତରରେ ସରକାରଙ୍କ ଜନକଲ୍ୟାଣମୂଳକ ଯୋଜନାଗୁଡ଼ିକ ଲୋକମାନଙ୍କ ପାଖରେ ପହଞ୍ଚିପାରୁଛି ବୋଲି ଆଲୋକପାତ କରିଥିଲେ। ସେହିପରି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ରୋମ୍ ଓ ଦୁବାଇ ଗସ୍ତ ସଫଳ ହୋଇଛି। ମୁଖ୍ୟମନ୍ତ୍ରୀଙ୍କ ବିପର୍ଯ୍ୟୟ ମୁକାବିଲା ପାଇଁ ଆଗୁଆ ପଦକ୍ଷେପ ଗ୍ରହଣ କରିବା, ଖାଦ୍ୟ ସାମଗ୍ରୀ ବଳକା ସଂଗ୍ରହ ଓ ଶିଳ୍ପ ଅଭିବୃଦ୍ଧି ପଦକ୍ଷେପ ବିଶ୍ୱରେ ପରିଚୟ ସୃଷ୍ଟି କରିଛି ବୋଲି ମନ୍ତ୍ରୀ ନାୟକ ମତବ୍ୟକ୍ତ କରିଥିଲେ। ଏହି ଅଞ୍ଚଳରେ ଶିଳ୍ପ ପ୍ରତିଷ୍ଠା ହେଲେ ବହୁ ଶିକ୍ଷିତ ଯୁବତୀଯୁବକ, ଶ୍ରମିକମାନେ ସିଧାସଳଖ ନିଯୁକ୍ତି ପାଇବେ। ପରେ ରାମନଗର ଓ ପେଟଛେଲା ପଞ୍ଚାୟତର ୧୦୦ରୁ ଅଧିକ ବିଧବା ଭତ୍ତା ଓ ଭିନ୍ନକ୍ଷମମାନଙ୍କୁ ପରିଚୟ ସ୍ମାର୍ଟ କାର୍ଡ ମନ୍ତ୍ରୀ ବଣ୍ଟନ କରିଥିଲେ। କାର୍ଯ୍ୟକ୍ରମରେ ବ୍ଲକ ଅଧକ୍ଷା କଳ୍ପନା ରାଉତ, ବିଡିଓ ଦେବାଶିଷ ରାଉତ, ସ୍ଥାନୀୟ ଜିଲା ପରିଷଦ ସଭ୍ୟ ମୃତ୍ୟୁଞ୍ଜୟ ମଣ୍ଡଳ, ରାମନଗର ସରପଞ୍ଚ ମିଳନ ଦେବନାଥ, ପେଟଛେଲା ସରପଞ୍ଚ ପ୍ରସନ୍ନ କୁମାର ବେହେରା, ଖରିନାସୀ ସରପଞ୍ଚ ବନିତା ରାଉତଙ୍କ ସମେତ ବିଜୟ ଜେନା, ବିଶ୍ୱନାଥ ବୈଦ୍ୟ, ଶରତ ରାଉତ, ବିବେକ ସମଦାର, ଦୀପକ ଦେବନାଥ, ଲକ୍ଷ୍ମୀଧର ହାଲଦାର ପ୍ରମୁଖ ଉପସ୍ଥିତ ଥିଲେ। ଅଞ୍ଚଳର ଶତାଧିକ ମହିଳା ଏଥିରେ ଯୋଗଦେଇଥିଲେ।


ମହାକାଳପଡ଼ା ବ୍ଲକ ରାମନଗର ପୁରୁଣା ବଜାରଠାରେ ଭତ୍ତା ବଣ୍ଟନ ମେଳାରେ ଖାଦ୍ୟ ଓ ଯୋଗାଣ ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ ଏବଂ ଅନ୍ୟମାନେ।

## ଆଳିରେ ପ୍ରାଥମିକ ଶିକ୍ଷକଙ୍କ ସମାବେଶ

**ଆଳି,୩।୭(ଡି.ଏନ୍.ଏ.)**

ଆଳି ଅଞ୍ଚଳରେ ଥିବା ପ୍ରାଥମିକ ବିଦ୍ୟାଳୟରେ କାର୍ଯ୍ୟରତ ଶିକ୍ଷକମାନଙ୍କର ଏକ ସମାବେଶ ସ୍ଥାନୀୟ ମେଣ୍ଟପୁର ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଆଳି ବ୍ଲକ ପ୍ରାଥମିକ ଶିକ୍ଷକ ସଂଘ ସଭାପତି ଅକ୍ଷୟ କୁମାର ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମାବେଶରେ ଅତିଥି ଭାବେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପଦ୍ମଲୋଚନ ମହାଲିକ, ଶିକ୍ଷାବିତ୍ ବନମାଳୀ ସେନାପତି, ପ୍ରମୋଦ ମଲ୍ଲିକ ଓ ଜିଲା ପ୍ରାଥମିକ ଶିକ୍ଷକ ସଂଘ ସାଙ୍ଗଠନିକ ସମ୍ପାଦକ ହରି ଶଙ୍କର ତରାଇ ଯୋଗଦେଇଥିଲେ। ସେମାନେ ସଂଘୀୟ ଏକତା ଉପରେ ଗୁରୁତ୍ୱାରୋପ କରିଥିଲେ। ଏପର୍ଯ୍ୟନ୍ତ ଶିକ୍ଷକମାନେ ଯେତେ ସୁବିଧା ସୁଯୋଗ ପାଇଛନ୍ତି, ସବୁକିଛି ସଂଘର ସାଙ୍ଗଠନିକ କାର୍ଯ୍ୟ ଯୋଗୁ ମିଳିଛି। ତେଣୁ ସଂଘୀୟ କାର୍ଯ୍ୟରେ ଶିକ୍ଷକମାନଙ୍କର ସହଯୋଗ ଅପରିହାର୍ଯ୍ୟ ବୋଲି ଅତିଥିମାନେ କହିଥିଲେ। ଉପସ୍ଥିତ ଶିକ୍ଷକମାନେ ପ୍ରତିକ୍ରିୟା ପ୍ରକାଶ କରି ସଂଘ ସହିତ ସଦାସର୍ବଦା ଅଛନ୍ତି ବୋଲି କହିଥିଲେ। କନିଷ୍ଠରୁ ଜିଲା ପରିଷଦ ଶିକ୍ଷକୟଙ୍କୁ ସ୍ୱାଗତ କରାଯାଇଥିଲା। ସରକାରଙ୍କ ନୂଆ ନିୟମ ଅନୁଯାୟୀ, ସମସ୍ତ ପ୍ରାଥମିକ ଶିକ୍ଷକଙ୍କ ପରିବାର ପେନସନ ଯୋଜନାରେ ବ୍ଲକ ଅଞ୍ଚଳରେ କାର୍ଯ୍ୟରତ ୨୨୮ ଜଣ ଶିକ୍ଷକଙ୍କୁ ଅନ୍ତର୍ଭୁକ୍ତ କରିବାକୁ କାର୍ଯ୍ୟ ଆରମ୍ଭ କରାଯାଇଥିଲା।

## କୁମ୍ଭୀର ସହ ସଂଘର୍ଷ କରି ବଞ୍ଚିଲେ ଯୁବକ

**ରାଜକନିକା, ୩।୭(ଡି.ଏନ୍.ଏ.)**

କୁମ୍ଭୀର ସହ ସଂଘର୍ଷ କରି ଜଣେ ଯୁବକ ଜୀବନ ବଞ୍ଚାଇବାରେ ସଫଳ ହୋଇଛନ୍ତି। ସେ ହେଲେ କେନ୍ଦ୍ରାପଡ଼ା ଜିଲା ରାଜକନିକା ଥାନା ଅନ୍ତର୍ଗତ ଭାରିଗଦା ପଞ୍ଚାୟତର ବଡ଼ଯୋରମୁହଁ ଗାଁର ନିତ୍ୟାନନ୍ଦ ପାତ୍ର (୪୫)। ନିତ୍ୟାନନ୍ଦ ଶନିବାର ରାତ୍ରିରେ ଗାଁ ପାଖ ଖରସ୍ରୋତା ନଦୀତୁଠରେ ଗୋଡ଼ହାତ ଧୋଇ ନିତ୍ୟକର୍ମ ସାରୁଥିଲେ। ପୂର୍ବରୁ ତାରଜାଲି ଭିତରେ ଖାଦ୍ୟ ଅନ୍ୱେଷଣରେ ଛପି ଥିବା କୁମ୍ଭୀର ନିତ୍ୟାନନ୍ଦଙ୍କ ବେକକୁ ଝାମ୍ପ ମାରିଥିଲା। ନିତ୍ୟାନନ୍ଦ ତାରଜାଲିକୁ ଗୋଟିଏ ହାତରେ ଜାବୁଡ଼ି ଧରି ଅନ୍ୟ ହାତ ଓ ଗୋଡ଼ ସାହାଯ୍ୟରେ କୁମ୍ଭୀରକୁ ଆକ୍ରମଣ କରିଥିଲେ। ଫଳରେ କୁମ୍ଭୀର ନିତ୍ୟାନନ୍ଦଙ୍କୁ ଛାଡ଼ି ଦେଇଥିଲା। ଅତି ନିକଟରୁ ମୃତ୍ୟୁକୁ ସାମ୍ନା କରି ବଞ୍ଚିଥିବା ନିତ୍ୟାନନ୍ଦଙ୍କ ଡାକ ଶୁଣି ଗ୍ରାମବାସୀ ସ୍ଥାନୀୟ ଆଳି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ଡାକ୍ତରଙ୍କ ଦ୍ୱାରା ପ୍ରାଥମିକ ଚିକିତ୍ସା ପରେ ନିତ୍ୟାନନ୍ଦଙ୍କୁ କଟକ ସ୍ଥାନାନ୍ତର କରାଯାଇଛି।


ଆଳି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଆହତ ନିତ୍ୟାନନ୍ଦ ଚିକିତ୍ସିତ ହେଉଛନ୍ତି।

# ଶୋଚନୀୟ ଅବସ୍ଥାରେ ଆଳି ତହସିଲ ରାସ୍ତା

**ଆଳି, ୩।୭(ଡି.ଏନ୍.ଏ.)**

ରାଜ୍ୟ ସରକାର ଗମନାଗମନ କ୍ଷେତ୍ରରେ ଉନ୍ନତି ଆଣିବା ନିମନ୍ତେ ବିଭିନ୍ନ ଯୋଜନାରେ ଅର୍ଥ ଖର୍ଚ୍ଚ କରୁଛନ୍ତି। ବିଭାଗୀୟ ଅଧିକାରୀ ଓ ଲୋକପ୍ରତିନିଧିଙ୍କ ଆନ୍ତରିକତା ଅଭାବରୁ ଅନେକ ରାସ୍ତା ଶୋଚନୀୟ ହୋଇପଡୁଥିଲେ ମଧ୍ୟ ତାହାର ମରାମତି କରାଯାଉନାହିଁ। ସେହି ରାସ୍ତାରେ ପ୍ରଶାସନିକ ଅଧିକାରୀ ଓ ଲୋକପ୍ରତିନିଧି ଯାତାୟାତ କରୁଥିଲେ ମଧ୍ୟ ଏଥିପ୍ରତି ନଜର ଦେଉନାହାନ୍ତି। ଫଳରେ ରାସ୍ତାରେ ଯାତାୟାତ କରୁଥିବା ସାଧାରଣ ଲୋକେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି, ଯାହାର ଏକ ଜ୍ୱଳନ୍ତ ଉଦାହରଣ ହେଉଛି ଆଳି ତହସିଲ ରାସ୍ତା।

କଟକ-ଚାନ୍ଦବାଲି ମୁଖ୍ୟ ରାସ୍ତାର ଆଳି ଦୁର୍ଗାମଣ୍ଡପ ଛକରୁ ବାମପଟକୁ ଯାଇଛି ଏହି ରାସ୍ତା। ଏହି ରାସ୍ତାଟି ଆଳି ରାଜବାଟୀ ପର୍ଯ୍ୟନ୍ତ ରହିଛି। ଏହି ରାସ୍ତାରେ ଆଳି ତହସିଲ, କୋର୍ଟ ଆଦି କାର୍ଯ୍ୟାଳୟ ଥିବାରୁ ଦୈନିକ ଶତାଧିକ ଲୋକ ବିଭିନ୍ନ କାର୍ଯ୍ୟରେ ଆସିଥାନ୍ତି। ଏପରି କି ଏହି ରାସ୍ତାଟି ସଦର ଦେମାଳ ପଞ୍ଚାୟତର ମୁଖ୍ୟରାସ୍ତା। ପଞ୍ଚାୟତର ପ୍ରାୟ ୫ ହଜାରରୁ ଊର୍ଦ୍ଧ୍ୱ ଲୋକ ଏହି ରାସ୍ତା ଉପରେ ନିର୍ଭର କରିଥାନ୍ତି। ଅପରପକ୍ଷରେ ସବୁଠାରୁ ଦୁଃଖ ଓ ପରିତାପର ବିଷୟ ଯେ, ଏହି ରାସ୍ତାଟି ରାଜ୍ୟ ସରକାରଙ୍କ ପକ୍ଷରୁ ପର୍ଯ୍ୟଟନ ସ୍ଥଳର ମାନ୍ୟତା ପାଇଥିବା ଆଳିର ଆରାଧ୍ୟ ଦେବତା ଶ୍ରୀ ଶ୍ରୀ ଲକ୍ଷ୍ମୀବରାହ ଜୀଉ ମନ୍ଦିର ଓ ଆଳି ରାଜବାଟୀକୁ ମଧ୍ୟ ଯାଇଛି। ମନ୍ଦିର ଓ ରାଜବାଟୀ କାରୁକାର୍ଯ୍ୟ ଦେଖିବା ନିମନ୍ତେ ଦୈନିକ ଶତାଧିକ ଲୋକ ବିଭିନ୍ନ ସ୍ଥାନରୁ ଆସିଥାନ୍ତି। କିନ୍ତୁ ଏହି ରାସ୍ତାଟି ଖାଲଖମାରେ ଭର୍ତ୍ତି ହୋଇଥିବାରୁ ଅନେକ ସମୟରେ ଛୋଟମୋଟ ଦୁର୍ଘଟଣା ଘଟୁଛି। ସାମାନ୍ୟ ବର୍ଷା ହେଲେ ରାସ୍ତାରେ ବର୍ଷାପାଣି ଲହଡ଼ି ଭାଙ୍ଗୁଛି। ଏହି ରାସ୍ତାକଡ଼ରେ ଥିବା ବ୍ୟବସାୟ ପ୍ରତିଷ୍ଠାନଗୁଡ଼ିକୁ ଗ୍ରାହକମାନେ ମଧ୍ୟ ପାଣିରେ ପଶି ଯାଉଛନ୍ତି। ଦୀର୍ଘଦିନ ହେବ ରାସ୍ତା ଅବସ୍ଥାରେ ସୁଧାର ଆସୁ ନ ଥିବାରୁ ଏହାର ମରାମତି ନିମନ୍ତେ ବିଭାଗୀୟ ଅଧିକାରୀ ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ବ୍ୟବସାୟୀଙ୍କ ସମେତ ସ୍ଥାନୀୟ ଅଧିବାସୀ ଦାବି କରିଛନ୍ତି।


ଆଳି ତହସିଲକୁ ଯାଇଥିବା ରାସ୍ତାରେ କାଦୁଅ ଓ ପାଣି ଜମି ରହିଛି।

# ନଜର ଆଢୁଆଳରେ ଶ୍ରୀଦଧିବାମନଜୀଉ ମନ୍ଦିର

- ପର୍ଯ୍ୟଟନ କ୍ଷେତ୍ରର ମାନ୍ୟତା ସତ୍ତ୍ୱେ ପ୍ରଚାର ପ୍ରସାର ନାହିଁ
- ପ୍ରଶାସନିକ ଅବହେଳା ଯୋଗୁ ହେଉନି ଉନ୍ନତୀକରଣ

**କେନ୍ଦ୍ରାପଡ଼ା ଅଫିସ, ୩।୭**

କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇ ବ୍ଲକ ଚଉଦକୁଲାଟସ୍ଥିତ ତମାଳ କ୍ଷେତ୍ରାଧିପତି ଶ୍ରୀଦଧିବାମନଜୀଉ ମନ୍ଦିରକୁ ୨୦୧୬ରୁ ରାଜ୍ୟ ପର୍ଯ୍ୟଟନ କ୍ଷେତ୍ରର ମାନ୍ୟତା ମିଳିଛି। ୧୮୦ ବର୍ଷରୁ ଅଧିକ ସମୟ ଧରି ପ୍ରତିଷ୍ଠିତ ଶ୍ରୀଜୀଉଙ୍କ କ୍ଷେତ୍ର ଅଦ୍ୟାବଧି ଉନ୍ନତୀକରଣ ହେଉନାହିଁ। ପ୍ରଶାସନର ପ୍ରଚାର ପ୍ରସାର ଅଭାବରୁ ଏହି କ୍ଷେତ୍ର ପର୍ଯ୍ୟଟକଙ୍କ ନଜର ଆଢୁଆଳରେ ରହିଯାଉଛି ବୋଲି ସାଧାରଣରେ ଅଭିଯୋଗ ହେଉଛି। ଶ୍ରୀଜୀଉଙ୍କ ସେବାୟତ ଚଉଦକୁଲାଟର କିଶୋର ଚନ୍ଦ୍ର ମିଶ୍ର କୁହନ୍ତି, ପ୍ରାୟ ୧୮୦ ବର୍ଷ ପୂର୍ବେ ଜଣେ କୈବର୍ତ୍ତଙ୍କ ଜାଲରୁ ଏକ କାଠଗଣ୍ଡି ଉଦ୍ଧାର ହୋଇଥିଲା। ଏହି କାଠକୁ କୈବର୍ତ୍ତ ହାଣିବା ସମୟରେ ସେଥିରୁ ରକ୍ତସ୍ରାବ ହୋଇଥିଲା। ଏହି ଘଟଣା ପରେ ଉକ୍ତ କାଠକୁ ଶ୍ରୀଦଧିବାମନଜୀଉ ଭାବେ ତମାଳ କ୍ଷେତ୍ରରେ ପୂଜା କରାଯାଉଛି। ଘାଘରାର ତତ୍କାଳୀନ ରାଉତରାୟ ଜମିଦାର ପରିବାରଙ୍କ ଦ୍ୱାରା ଏହି ମନ୍ଦିର ପ୍ରତିଷ୍ଠା କରାଯିବାର ଜନଶ୍ରୁତି ଅଛି।

ଚଉଦକୁଲାଟ ଗାଁର ଶରତ ଚନ୍ଦ୍ର ମିଶ୍ରଙ୍କ କହିବା ଅନୁଯାୟୀ, କାଶିଆ ମୁହାଣରୁ ଶ୍ରୀଦଧିବାମନଜୀଉଙ୍କୁ ଉଦ୍ଧାର କରାଯାଇଥିଲା। ତେବେ ଆଖପାଖରେ କୌଣସି କାଶିଆ ମୁହାଣ ନାହିଁ। ତେବେ ମନ୍ଦିର ଓ ଦେବତାଙ୍କ ବହୁ ଅଲୌକିକ ଘଟଣା ଦେଖିବାକୁ ମିଳୁଥିବା ବେଳେ କେତେକ ଘଟଣା ଏବେବି ରହସ୍ୟ ହୋଇ ରହିଛି। କାରୁକାର୍ଯ୍ୟ ବିମଣ୍ଡିତ ଏହି ସୁଦୃଶ୍ୟ ମନ୍ଦିର ମଧ୍ୟରେ ଥିବା ରତ୍ନବେଦିରେ ଅର୍ଦ୍ଧନିର୍ମିତ ଶଙ୍ଖ ଓ ଚକ୍ର ଶୋଭାପାଉଛି। ଏ ସମ୍ପର୍କରେ ଗବେଷଣା କଲେ ବହୁ ତଥ୍ୟ ମିଳିପାରିବ। ସୁଶାନ୍ତ କୁମାର ମିଶ୍ର କହିଛନ୍ତି, ତମାଳ କ୍ଷେତ୍ରକୁ ଗୁପ୍ତକ୍ଷେତ୍ର ଭାବେ ଅବିଭକ୍ତ କଟକ ଜିଲାର ଅଧିବାସୀ ଜାଣନ୍ତି। ପୁରୀ ଶ୍ରୀମନ୍ଦିର ରୀତିନୀତି ଓ ପରମ୍ପରା ସହ ଏହି ମନ୍ଦିରର ଅନେକ ସାମଞ୍ଜସ୍ୟ ଅଛି। ପାରମ୍ପରିକ ରୀତିନୀତି ଅନୁସାରେ ଏଠାରେ ବୈଶାଖ ସଂକ୍ରାନ୍ତିଠାରୁ ପର୍ବପର୍ବାଣି ଆରମ୍ଭ ହୋଇଥାଏ। ବାମନ ଜନ୍ମ ତିଥିରେ ଏକ ସ୍ୱତନ୍ତ୍ର ବଳିବାମନ ବେଶ ଶ୍ରୀଜୀଉ ଧାରଣ କରନ୍ତି। ସେବାୟତ ପ୍ରମୋଦ କୁମାର ମିଶ୍ର କହିଛନ୍ତି, ଏହାକୁ ପର୍ଯ୍ୟଟନ କ୍ଷେତ୍ରର ମାନ୍ୟତା ମିଳିଥିଲେ ମଧ୍ୟ ରାଜ୍ୟ ସରକାରଙ୍କଠାରୁ ଆର୍ଥିକ ସହାୟତା ଓ ଭିତ୍ତିଭୂମିର ବିକାଶ ଲାଗି ସେମିତି କିଛି ପଦକ୍ଷେପ ହାତକୁ ନିଆଯାଇନାହିଁ। ପୂର୍ବତନ ବ୍ଲକ ଅଧକ୍ଷ ଦୁର୍ଗାଶିଷ ମହାନ୍ତି କୁହନ୍ତି, କଟକରୁ ଜାତୀୟ ଉଦ୍ୟାନ ଭିତରକନିକାକୁ ଯିବା ରାସ୍ତାରେ ଗୋଗୁଆଠାରୁ ମାତ୍ର ୬ କିଲୋମିଟର ଭିତରକୁ ଏହି ପର୍ଯ୍ୟଟନ କ୍ଷେତ୍ର ରହିଛି। ଇଚ୍ଛାପୁରସ୍ଥ ଶ୍ରୀବଳଦେବଜୀଉ ମନ୍ଦିର ନିକଟରୁ ଏହାର ଦୂରତା ମାତ୍ର ୨୦ କିଲୋମିଟର। ଏହି ପର୍ଯ୍ୟଟନ କ୍ଷେତ୍ରର ବିକାଶ ପାଇଁ ୯୮ ଲକ୍ଷ ଟଙ୍କା ଆସିଥିଲେ ମଧ୍ୟ ଅଦ୍ୟାବଧି ଏହାର କାର୍ଯ୍ୟ ଆରମ୍ଭ ହୋଇନାହିଁ। ପର୍ଯ୍ୟଟନ ବିଭାଗ ଏହି କ୍ଷେତ୍ରର ଉନ୍ନତୀକରଣ କରିପାରିଲେ ଜିଲାର ପର୍ଯ୍ୟଟନ ଶିଳ୍ପ ବିକଶିତ ହୋଇପାରିବ ବୋଲି ସେ କହିଛନ୍ତି। ଏ ସମ୍ପର୍କରେ ଏଡିଏମ୍ ପୀତାମ୍ବର ସାମଲଙ୍କୁ ପଚାରିବାରେ ବିଭାଗୀୟ ଅଧିକାରୀଙ୍କ ସହ ଏ ସଂକ୍ରାନ୍ତରେ ଆଲୋଚନା କରିବି ବୋଲି ସେ କହିଛନ୍ତି।


ଶ୍ରୀଦଧିବାମନଜୀଉ ମନ୍ଦିର। ଶ୍ରୀ ଦଧିବାମନଜୀଉଙ୍କ ମୂର୍ତ୍ତି (ଇନସାଟ୍)।

# ଗ୍ରାମବାସୀ ୩ ଲକ୍ଷ ଟଙ୍କାରେ ତିଆରି କଲେ ପୋଲ

ନରେଶ ଚନ୍ଦ୍ର ପଟ୍ଟନାୟକ
କେନ୍ଦୁଝର,୩।୭



ସରକାର ସମସ୍ତ ଗ୍ରାମ/ସାହିକୁ ସବୁଦିନିଆ ଯାତାୟାତ ପାଇଁ ରାସ୍ତାଘାଟ, ପୋଲ ଆଦି ବିଭିନ୍ନ ଯୋଜନାରେ ନିର୍ମାଣ କରୁଛନ୍ତି। ହେଲେ କେନ୍ଦୁଝର ଜିଲାର ଆଦିବାସୀ ଅଧ୍ୟୁଷିତ ତଥା ବଣପାହାଡ଼ଘେରା ଅଞ୍ଚଳର ଲୋକେ ଏବେ ବି ସବୁଦିନିଆ ରାସ୍ତା ସୁବିଧା ପାଇପାରୁନାହାନ୍ତି। ବିଶେଷକରି ବର୍ଷାଦିନରେ ଅଧିକ ସମସ୍ୟା ଭୋଗୁଛନ୍ତି। ତେଲକୋଇ ବ୍ଲକ ଅଞ୍ଚଳରେ ଏବେବି ଏଭଳି ଏକ ଗ୍ରାମ ରହିଛି, ଯେଉଁଠିକୁ ସବୁଦିନିଆ ରାସ୍ତା ପାଇଁ ପ୍ରଶାସନ ନିକଟରେ ଲୋକେ ବାରମ୍ବାର ଦାବି କରିବା ପରେ ମଧ୍ୟ କୌଣସି ସୁଫଳ ମିଳିଲା ନାହିଁ। ଶେଷରେ ଗ୍ରାମବାସୀ ବାଧ ହୋଇ ନିଜ ଅର୍ଥ ଓ ଶ୍ରମଦାନରେ କଂକ୍ରିଟ ଓ କାଠରେ ପୋଲ ନିର୍ମାଣ କରି ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛନ୍ତି।

ପ୍ରକାଶ ଯେ, ତେଲକୋଇ ବ୍ଲକ ଅନ୍ତର୍ଗତ ସଲେଇକେନା ପଞ୍ଚାୟତର ଦାମଦରଗୌଣୀ ଗ୍ରାମରେ ହନୁମନ୍ତିଆ ନାଳ ପ୍ରବାହିତ ହେଉଛି। ବଣପାହାଡ଼ ଅଞ୍ଚଳ ହୋଇଥିବାରୁ ବର୍ଷ ତମାମ ପାଣି ରହୁଥିବାବେଳେ ବର୍ଷା ଦିନେ ପାହାଡ଼ ଓ ଜଙ୍ଗଲ ପାଣି ପ୍ରବାହିତ ହୋଇ ପ୍ରଖର ହୋଇଯାଏ। ଏହି ପୋଲ ଉପରେ ସ୍ଥାନୀୟ ଲୋକଙ୍କ ବ୍ୟତୀତ ପ୍ରାୟ ୮/୧୦ ଟି ଗ୍ରାମ/ସାହିର ଲୋକେ ନିର୍ଭର କରୁଛନ୍ତି। ଏଠାରେ ପୋଲ ନିର୍ମାଣ ପାଇଁ ପ୍ରଶାସନ ନିକଟରେ ବାରମ୍ବାର ଅଭିଯୋଗ କରିଆସୁଥିଲେ ହେଁ ନ ଶୁଣିବାରୁ ସ୍ଥାନୀୟ ଲୋକେ ନିଜେ ଏହି ପୋଲ ନିର୍ମାଣ କରିଛନ୍ତି। କଂକ୍ରିଟ ପିଲାର ଉଠାଇ ଏହା ଉପରେ କାଠ ପୋଲ ନିର୍ମାଣ କରିଛନ୍ତି। ଏଥିପାଇଁ ୩ ଲକ୍ଷ ଟଙ୍କାରୁ ଅଧିକ ଟଙ୍କା ଆଦାୟ କରି ଖର୍ଚ୍ଚ କରିଥିବା ବେଳେ ଗ୍ରାମବାସୀ ମିଳିମିଶି ଶ୍ରମଦାନ କରି ନିର୍ମାଣ କରିଥିବା କହିଛନ୍ତି।

■ ପ୍ରଶାସନ ଉଦାସୀନତାର ଜବାବ ଦେଲେ ଦାମଦରଗୌଣୀ ଗ୍ରାମବାସୀ
■ ବାଧକ ହେବନି ହନୁମନ୍ତିଆ ନାଳ, ଉପକୃତ ହେବେ ୧୦ ଗ୍ରାମର ବାସିନ୍ଦା

ବର୍ଷାଦିନେ ଏହି ନାଳରେ ପାଣି ବଢ଼ିହେଲେ ଯାତାୟାତ ବନ୍ଦ ହୋଇଯାଏ। ଲୋକେ ନାଳ ପାର ହୋଇ ପଞ୍ଚାୟତ ଅଫିସ, ବ୍ଲକ ଅଫିସ, ହାଟବଜାର କରିପାରନ୍ତି ନାହିଁ। ସେହିପରି ପିଲାମାନେ ସ୍କୁଲ, କଲେଜ ତଥା ଅଙ୍ଗନୱାଡ଼ି କେନ୍ଦ୍ର ଯାଇପାରନ୍ତି ନାହିଁ। ରାଶନ ସାମଗ୍ରୀ କିମ୍ବା ଭତ୍ତା ଆଣିବା ପାଇଁ ବହୁ ଅସୁବିଧା ଭୋଗନ୍ତି। ଦେହ ଖରାପ ହେଲେ ଡାକ୍ତରଖାନାକୁ ରୋଗୀ ନେବା ମଧ୍ୟ କଷ୍ଟକର ହୋଇ ପଡେ। ଏଣୁ ଏହି ପୋଲ ନିର୍ମାଣ ପାଇଁ ବହୁ ବାର ନିବେଦନ କରିଆସୁଥିଲେ ହେଁ ପ୍ରଶାସନ ନ ଶୁଣିବାରୁ ବାଧ ହୋଇ ନିଜେ ପୋଲ ନିର୍ମାଣ କରିଥିବା କହିଛନ୍ତି। ପାଖାପାଖି ୧୧ଟି କଂକ୍ରିଟ ପିଲାର ନିର୍ମାଣ କରି ଏହା ଉପରେ ପ୍ରାୟ ୬୦ ଫୁଟ ଲମ୍ବର କାଠରେ ପୋଲ ନିର୍ମାଣ କରିଛନ୍ତି। ଏଥିପାଇଁ ଗ୍ରାମର ପିଲାଠାରୁ ବୁଢ଼ା ସମସ୍ତେ ଶ୍ରମଦାନ କରିଥିବାବେଳେ ମାସାଧିକ ସମୟ ନିର୍ମାଣ ଶେଷ ହେବାକୁ ଲାଗିଥିଲା ବୋଲି ଗ୍ରାମବାସୀ କହିଛନ୍ତି। ଏହି ପୋଲ ଅଣଓସାରିଆ ହୋଇଥିବାରୁ କେବଳ ଦୁଇ, ତିନିଚକିଆ ଯାନ ଯାତାୟାତ କରିପାରୁଛି। ତେବେ ଆମ୍ବୁଲାନ୍ସ କିମ୍ବା ଦମକଳ ଗାଡି ଯିବା ସୁବିଧା ହେବନାହିଁ। ଏଣୁ ପ୍ରଶାସନ ପକ୍ଷରୁ ସମ୍ପୂର୍ଣ୍ଣ କଂକ୍ରିଟରେ ପୋଲ ନିର୍ମାଣ କଲେ ଆମ୍ବୁଲାନ୍ସ ମଧ୍ୟ ଯାତାୟାତ କରିପାରିବ ବୋଲି ମତବ୍ୟକ୍ତ କରିଛନ୍ତି।

ଏ ସମ୍ପର୍କରେ ସଲେଇକେନା ସରପଞ୍ଚ ପାଙ୍ଗେଲା ମୁଣ୍ଡା କହିଛନ୍ତି, ଏଭଳି ପୋଲ ନିର୍ମାଣ ପାଇଁ ପଞ୍ଚାୟତର ସମ୍ବଳ ନାହିଁ। ଏଣୁ ସେ ପ୍ରଶାସନକୁ ଜଣାଇଥିଲେ। ଗତବର୍ଷ ପିଡି ଆସି ଦେଖିଯାଇଥିଲେ। ନ ଶୁଣିବାରୁ ଗ୍ରାମବାସୀ ନିଜ ଉଦ୍ୟମରେ ଏହି କାମ କରିଦେଖାଇଛନ୍ତି। ଏଥିପାଇଁ ସେ କିଛି ଅର୍ଥ ଦେଇଥିବା ବେଳେ ବାକି ସବୁ ଗ୍ରାମବାସୀ ଘର ପିଛା ଆଦାୟ କରି ପୋଲ ନିର୍ମାଣ କରିଛନ୍ତି। ଏହି ପୋଲ ଦ୍ୱାରା ଦାମୋଦରଗୌଣୀ, ଦଣ୍ଡାହୁଡି ସାହି, ମାଝୀ ସାହି, ପୁରୁଣାପାଣି, ଧନୁର୍ଜୟପୁର, ରେଙ୍ଗାଲବେଡା, କାଳିଆପାଣି, ଭୂୟାଁ ସାହି, ଦିଉରିଆ, ଓରିଆ ଆଦି ଗ୍ରାମବାସୀ ଯାତାୟାତରେ ସହାୟକ ହୋଇଥାନ୍ତି। ଏନେଇ କେନ୍ଦୁଝର ଉପଜିଲାପାଳ ରାମଚନ୍ଦ୍ର କିସ୍କୁଙ୍କୁ ପଚାରିବାରୁ ସମସ୍ତ ବିଭାଗ ସହିତ ଆଲୋଚନା କରି ଏହାର ସମାଧାନ କରିବାକୁ ପଦକ୍ଷେପ ନିଆଯିବ ବୋଲି କହିଛନ୍ତି।

## ଆଜି ୧୨ ଘଣ୍ଟିଆ ତାଳଚେର ବନ୍ଦ

■ ମିମ୍ସାର କାର୍ଯ୍ୟକ୍ଷମ ବିଜ୍ଞପ୍ତି ପ୍ରକାଶ କରା ନ ଯିବାର ପ୍ରତିବାଦ
■ ଅର୍ଥନୈତିକ ଅବରୋଧ ମଧ୍ୟ କରିବ କ୍ରିୟାନୁଷ୍ଠାନ କମିଟି

ତାଳଚେର,୩।୭(ନି.ପ୍ର.)

ତାଳଚେର ମେଡିକାଲ କଲେଜ ବା ମହାନଦୀ ଇନ୍ଷ୍ଟିଚ୍ୟୁଟ ଅଫ୍ ମେଡିକାଲ ସାଇନ୍ସ ଆଣ୍ଡ ରିସର୍ଚ୍ଚ ସେଣ୍ଟର (ମିମ୍ସାର)ର ପରିଚାଳନା ପାଇଁ ସରକାର ଘୋଷଣା କରିଥିଲେ ମଧ୍ୟ ବିଧିବଦ୍ଧ ଭାବେ ବିଜ୍ଞପ୍ତି ପ୍ରକାଶ କରୁନାହାନ୍ତି। ଏହାର ପ୍ରତିବାଦରେ ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁଯାୟୀ ଜୁଲାଇ ୪ ସୋମବାର ସକାଳ ୬ରୁ ସନ୍ଧ୍ୟା ୬ଟା ଯାଏ ୧୨ ଘଣ୍ଟିଆ ତାଳଚେର ବନ୍ଦ ପାଳନ କରାଯିବ। ଏଥିସହ ୭୨ ଘଣ୍ଟିଆ ଅର୍ଥନୈତିକ ଅବରୋଧ ଆନ୍ଦୋଳନ ମଧ୍ୟ ହେବ ବୋଲି ତାଳଚେର ମେଡିକାଲ କଲେଜ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ସୂଚନା ଦିଆଯାଇଛି। କମିଟି ପକ୍ଷରୁ କୁହାଯାଇଛି, ତାଳଚେର ମେଡିକାଲ କଲେଜ ପରିଚାଳନା ଦାୟିତ୍ୱ ହାତକୁ ନେବାକୁ ରାଜ୍ୟ ସରକାର ମେ ୧୨ରେ ଘୋଷଣା କରିବା ପରେ ବିଧିବଦ୍ଧ ଭାବେ ବିଜ୍ଞପ୍ତି ପ୍ରକାଶ ପାଇଁ କମିଟି ଦାବି କରିଥିଲା। ଏପରି କି ବିଜ୍ଞପ୍ତି ପ୍ରକାଶ କରା ନ ଗଲେ ଜୁନ ୧ରେ ବନ୍ଦ ପାଳନ ସହ ଅର୍ଥନୈତିକ ଅବରୋଧ ଆନ୍ଦୋଳନ କରାଯିବାକୁ କମିଟି ଘୋଷଣା କରିଥିଲା। ତେବେ ସରକାର ପଦକ୍ଷେପ ନେଉଥିବା ସମ୍ପର୍କରେ ତାଳଚେର ପ୍ରଶାସନ ମେ ୩୧ ତାରିଖରେ ଜଣାଇବାରୁ କମିଟି ଆନ୍ଦୋଳନକୁ ଏକମାସ ସ୍ଥଗିତ ରଖିଥିଲା। ଏଥିସହ ଉକ୍ତ ସମୟ ମଧ୍ୟରେ ବିଜ୍ଞପ୍ତି ପ୍ରକାଶ ନ ପାଇଲେ ଜୁଲାଇ ୪ରେ ଆନ୍ଦୋଳନ କରାଯିବ ବୋଲି ଜଣାଇ ଦେଇଥିଲା। କିନ୍ତୁ ନିର୍ଦ୍ଧାରିତ ସମୟ ମଧ୍ୟରେ ସରକାର ବିଧିବଦ୍ଧ ଭାବେ ବିଜ୍ଞପ୍ତି ପ୍ରକାଶ କରି ନ ଥିବାରୁ ୧୨ ଘଣ୍ଟିଆ ବନ୍ଦ ପାଳନ ସହ ୭୨ ଘଣ୍ଟିଆ ଅର୍ଥନୈତିକ ଅବରୋଧ ଆନ୍ଦୋଳନ କରିବାକୁ ପ୍ରସ୍ତୁତି ଶେଷ କରାଯାଇଥିବା କମିଟି ଆବାହକ ପଦ୍ମଚରଣ ସାମଲ ପ୍ରକାଶ କରିଛନ୍ତି। ତେବେ ବନ୍ଦ ପାଳନ ସମ୍ପର୍କରେ ତାଳଚେର ଉପଜିଲାପାଳ ବିଶ୍ୱରଞ୍ଜନ ରଥ କହିଛନ୍ତି, ଆନ୍ଦୋଳନ ନ କରିବାକୁ ବାରମ୍ବାର ଅନୁରୋଧ କରାଗଲା। କିନ୍ତୁ ସେମାନେ ନିଜ ଜିଦ୍‌ରେ ଅଟଳ। ତେଣୁ ପରିସ୍ଥିତି ଅନୁଯାୟୀ ପଦକ୍ଷେପ ଗ୍ରହଣ କରାଯିବ। ଅତିରିକ୍ତ ଏସ୍‌ପି ଅନିଲ କୁମାର ପ୍ରଧାନ କହିଛନ୍ତି, ବନ୍ଦ ଡାକରା ଓ ଅର୍ଥନୈତିକ ଅବରୋଧ ନିମନ୍ତେ ପୋଲିସ ପକ୍ଷରୁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଇଛି। ପୋଲିସ ସବୁ ଦିଗରୁ ସଜାଗ ରହିଛି।

## ସଂକ୍ଷେପରେ

### ଆଜି ୫ ଜିଲାରେ ପ୍ରବଳ ବର୍ଷା
### କୋରାପୁଟରେ ସର୍ବାଧିକ ୧୨ମି.ମି. ବର୍ଷିଲା

**ଭୁବନେଶ୍ୱର, ୩।୭(ବ୍ୟୁରୋ):** ବାଂଲାଦେଶ ଏବଂ ତା'ର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଥିବା ଘୂର୍ଣ୍ଣିବଳୟ ରବିବାର ସନ୍ଧ୍ୟା ସୁଦ୍ଧା ବାୟୁମଣ୍ଡଳରେ ସମୁଦ୍ର ପତ୍ତନଠାରୁ ୫.୮ କିମି ଉଚ୍ଚତା ଯାଏ ବ୍ୟାପିଛି। ଏହାର ପ୍ରଭାବରେ ଆଗାମୀ ୨୪ଘଣ୍ଟା ମଧ୍ୟରେ ଉତ୍ତର ଓଡ଼ିଶା ଏବଂ ତା'ର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହେବାର ସମ୍ଭାବନା ରହିଥିବା ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ପୂର୍ବାନୁମାନ କରିଛି। ଏହାର ପ୍ରଭାବରେ ଓଡ଼ିଶାର ବିଭିନ୍ନ ସ୍ଥାନରେ ପ୍ରବଳ ବର୍ଷା ହେବ। ସେଥିପାଇଁ ବିଭିନ୍ନ ଜିଲାକୁ ଅରେଞ୍ଜ ଓ ୟେଲୋ ୱାର୍ନିଂ ଜାରି ହୋଇଛି। ସୋମବାର ମୟୂରଭଞ୍ଜ, କେନ୍ଦୁଝର, ସୁନ୍ଦରଗଡ଼, ସମ୍ବଲପୁର ଓ ଦେବଗଡ଼ ଆଦି ୫ ଜିଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବ। ତେଣୁ ଏସବୁ ଜିଲାକୁ ଅରେଞ୍ଜ ୱାର୍ନିଂ ଜାରି କରାଯାଇଛି। ଏଥିସହ ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ, ଜଗତ୍‌ସିଂହପୁର, କନ୍ଧମାଳ, ପୁରୀ, ଢେଙ୍କାନାଳ, ଅନୁଗୋଳ, କଳାହାଣ୍ଡି, ବୌଦ୍ଧ, ନବରଙ୍ଗପୁର ଓ ନୂଆପଡ଼ାରେ ପ୍ରବଳ ବର୍ଷା ହେବ। ତେଣୁ ଏସବୁ ଜିଲାକୁ ୟେଲୋ ୱାର୍ନିଂ ଜାରି ହୋଇଛି। ସେହିଭଳି ୭ ତାରିଖ ପର୍ଯ୍ୟନ୍ତ ବିଭିନ୍ନ ଜିଲାକୁ ପ୍ରବଳ ବର୍ଷା ସମ୍ଭାବନା ଥିବାରୁ ୟେଲୋ ୱାର୍ନିଂ ଜାରି କରାଯାଇଛି। ଅନ୍ୟପକ୍ଷରେ ରବିବାର କୋରାପୁଟରେ ସର୍ବାଧିକ ୧୨ମି.ମି. ବର୍ଷା ହୋଇଥିବାବେଳେ କଟକ ୯.୪, ଢେଙ୍କାନାଳ ୪.୮, ନୟାଗଡ଼ ୪ ଏବଂ ଦାରିଙ୍ଗବାଡ଼ିରେ ୩ମି.ମି. ବର୍ଷା ରେକର୍ଡ କରାଯାଇଛି। ଏଥିସହିତ ଚାନ୍ଦବାଲି, ବାରିପଦା, ଝାରସୁଗୁଡ଼ା, କେନ୍ଦୁଝର, ସୁନ୍ଦରଗଡ଼, ମାଲକାନଗିରି, ଜଗତ୍‌ସିଂହପୁରରେ ମଧ୍ୟ ବର୍ଷା ହୋଇଥିବା ଆଞ୍ଚଳିକ ପାଣିପାଗ କେନ୍ଦ୍ର ସୂଚନା ଦେଇଛି।

### ଧରିତ୍ରୀ ଖବରଦାତାଙ୍କ ପିତୃ ବିୟୋଗ

**ବ୍ରହ୍ମପୁର ଅଫିସ୍,୩।୭:** 'ଧରିତ୍ରୀ'ର ଗଞ୍ଜାମ ଜିଲା ପ୍ରତିନିଧି ସନ୍ତୋଷ କୁମାର ପାଢ଼ୀଙ୍କ ପିତା ହରିହର ପାଢ଼ୀ(୭୭)ଙ୍କ ରବିବାର ପୂର୍ବାହ୍ନରେ ହୃଦ୍‌ଘାତରେ ପରଲୋକ ଘଟିଛି। ସେ ଜଣେ


ହରିହର ପାଢ଼ୀ

ପରୋପକାରୀ, ଧର୍ମପରାୟଣ ବ୍ୟକ୍ତି ଥିଲେ। ମୃତ୍ୟୁ ଖବର ପାଇବା ପରେ ବହୁ ବ୍ୟକ୍ତିବିଶେଷ ଛତ୍ରପୁର ବ୍ଲକ ଶ୍ରୀରାମଚନ୍ଦ୍ରପୁର ପଞ୍ଚାୟତ କାଳିଆବାଲିସ୍ଥିତ ତାଙ୍କ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିଛନ୍ତି। ଧରିତ୍ରୀ ବ୍ରହ୍ମପୁର ସଂସ୍କରଣ ସର୍କୁଲେଶନ ମ୍ୟାନେଜର ମଳୟ କୁମାର ସାହୁ, ଛତ୍ରପୁର ଫଟୋଗ୍ରାଫର ଦିଲୀପ କୁମାର ସାମଲ, ସିପିଆଇ ଜିଲା ସହସମ୍ପାଦକ ନୀଳକଣ୍ଠ ଦାଶ, ଶ୍ରୀରାମଚନ୍ଦ୍ରପୁର ସରପଞ୍ଚ ଏସ୍. ସଞ୍ଜୀବ ରେଡ୍ଡୀ, ଚମାଖଣ୍ଡି ସରପଞ୍ଚ ସି.ଏଚ୍. ମନୋଜ କୁମାର ରେଡ୍ଡୀ, ଛତ୍ରପୁର ଥାନାଧିକାରୀ ସତ୍ୟରଞ୍ଜନ ପ୍ରଧାନ, ପୂର୍ବତନ ବିଧାୟକ ଅଶୋକ କୁମାର ଚୌଧୁରୀ, ଆଇନଜୀବୀ ପି. ଧର୍ମା ରେଡ୍ଡୀ, ବିଜେଡି ନେତା ଜି. ଦିଲେଶ୍ୱର ରେଡ୍ଡୀ, ଭିକାରୀପଲ୍ଲୀର ପୂର୍ବତନ ସମିତିସଭ୍ୟ ମଥୁରା ଚରଣ ସୁବୁଦ୍ଧି, ପବିତ୍ର ମୋହନ ପଲାଇ, ଛତ୍ରପୁର ପ୍ରେସ୍ କ୍ଲବର ସମସ୍ତ କର୍ମକର୍ତ୍ତା ଓ ସଦସ୍ୟଙ୍କ ସମେତ ବହୁ ବ୍ୟକ୍ତିବିଶେଷ ଶେଷଦର୍ଶନ କରିଥିଲେ। ମୃତ୍ୟୁଶଯ୍ୟା ନିକଟରେ ସ୍ୱର୍ଗତ ପାଢ଼ୀଙ୍କ ବଡ଼ ପୁଅ ସନ୍ତୋଷ, ସାନପୁଅ ସୁଶାନ୍ତ, ଝିଅଜ୍ୱାଇଁ ଓ ନାତି ନାତୁଣୀମାନେ ଉପସ୍ଥିତ ଥିଲେ। ପୁରୀ ସ୍ୱର୍ଗଦ୍ୱାରରେ ତାଙ୍କ ଅନ୍ତ୍ୟେଷ୍ଟିକ୍ରିୟା କରାଯାଇଛି।

### ବିଚାରାଧୀନ ବନ୍ଦୀଙ୍କୁ କରୋନା

**ବ୍ରହ୍ମପୁର ଅଫିସ,୩।୭:** ବ୍ରହ୍ମପୁର ଏମ୍‌କେସିଜି ମେଡିକାଲରେ କରୋନା ଆକ୍ରାନ୍ତ ଜଣେ ବିଚାରାଧୀନ ବନ୍ଦୀଙ୍କ ଚିକିତ୍ସା ଚାଲିଛି। ସେ ହେଲେ ପଶ୍ଚିମବଙ୍ଗର ରମଜାନ ଖାନ(୪୮)। ଫୁଲବାଣୀସ୍ଥିତ ଜିଲା ମୁଖ୍ୟ ଚିକିତ୍ସାଳୟରୁ ରେଫର ହୋଇ ଆସିଥିବା ରମଜାନ ବର୍ତ୍ତମାନ ଏମ୍‌କେସିଜି ଡିସିଏଚ-୧ରେ ଚିକିତ୍ସାଧୀନ ଅଛନ୍ତି। ତାଙ୍କ ଅମ୍ଳଜାନ ସ୍ତର କମ୍ ରହିଥିଲା। ପ୍ରକାଶ ଯେ, ଗତ କିଛି ମାସ ତଳେ ଫିରିଙ୍ଗିଆ ଥାନା ପୋଲିସ ଗଞ୍ଜେଇ ଚାଲାଣ ଅଭିଯୋଗରେ ରମଜାନଙ୍କୁ ଗିରଫ କରି କୋର୍ଟ ପଠାଇଥିଲା। ପରେ ସେ ଫୁଲବାଣୀସ୍ଥିତ ଜିଲା କାରାଗାରରେ ବିଚାରାଧୀନ ବନ୍ଦୀ ଭାବେ ରହିଥିଲେ। କିଛିଦିନ ତଳେ ଜ୍ୱର ଓ କାଶ ହେବାରୁ ଫୁଲବାଣୀ ହସ୍ପିଟାଲରେ ତାଙ୍କର କୋଭିଡ୍ ପରୀକ୍ଷା କରାଯିବାରେ ସେ କରୋନା ଆକ୍ରାନ୍ତ ହୋଇଥିବା ଜଣାପଡ଼ିଥିଲା। ଅମ୍ଳଜାନସ୍ତର କମ୍ ରହିବାରୁ ଏମ୍‌କେସିଜି ମେଡିକାଲକୁ ସ୍ଥାନାନ୍ତର ହୋଇଥିଲେ। ଚିକିତ୍ସା ପରେ ରମଜାନଙ୍କ ସ୍ୱାସ୍ଥ୍ୟାବସ୍ଥାରେ ସୁଧାର ଆସିଛି ବୋଲି ଡିସିଏଚ - ୧ର ସହକାରୀ ମେଡିକାଲ ଅଫିସର ଡା. ନୀହାର ରଞ୍ଜନ ସାହୁ ସୂଚନା ଦେଇଛନ୍ତି।



ରବିବାର ଆଡ଼ପ ମଣ୍ଡପରେ ଚତୁର୍ଦ୍ଧାମୂର୍ତ୍ତିଙ୍କ ଦର୍ଶନ ପାଇଁ ଶ୍ରଦ୍ଧାଳୁଙ୍କ ଲାଗିଥିବା ଭିଡ଼।

# ଆଡ଼ପ ମଣ୍ଡପରେ ଦର୍ଶନ ଦେଲେ ମହାପ୍ରଭୁ

ପୁରୀ ଅଫିସ,୩।୭

**ଲକ୍ଷାଧିକ ଭକ୍ତ ପାଇଲେ ଆଡ଼ପ ଅବଢ଼ା**

ମହାପ୍ରଭୁ ଜନ୍ମବେଦୀରେ ପହଞ୍ଚିବା ପରେ ଆଡ଼ପ ମଣ୍ଡପକୁ ବିଜେ ହୋଇ ରବିବାର ଶ୍ରଦ୍ଧାଳୁଙ୍କୁ ଦର୍ଶନ ଦେଇଛନ୍ତି। ଚତୁର୍ଦ୍ଧାମୂର୍ତ୍ତିଙ୍କ ସକାଳ ଧୂପ ପରେ ଭକ୍ତମାନେ ମହାପ୍ରସାଦ ଆଡ଼ପ ଅବଢ଼ା ସେବନ କରିପାରିଥିଲେ। ସକାଳୁ ଭିତରଛ ମହାପାତ୍ରଙ୍କ ଦ୍ୱାରା ଦ୍ୱାରଫିଟା ଓ ଦତ୍ତମହାପାତ୍ରଙ୍କ ଦ୍ୱାରା ଅଧରପୋଛା ନୀତି ପରେ ମହାପ୍ରଭୁଙ୍କୁ ଆଡ଼ପ ମଣ୍ଡପରେ ଶ୍ରଦ୍ଧାଳୁମାନେ ଦର୍ଶନ କରିଛନ୍ତି। ମହାପ୍ରଭୁଙ୍କ ଆଡ଼ପ ମଣ୍ଡପରେ ଦର୍ଶନ ପାଇଁ ପ୍ରଥମ ଦିନରେ ଲକ୍ଷାଧିକ ସଂଖ୍ୟାର ଶ୍ରଦ୍ଧାଳୁ ଓ ଭକ୍ତ ଘଣ୍ଟା ଘଣ୍ଟା ଧରି ଧାଡ଼ିରେ ଠିଆ ହୋଇରହିଥିଲେ। ଶ୍ରୀଗୁଣ୍ଡିଚା ମନ୍ଦିର ସମ୍ମୁଖଠାରୁ ଆରମ୍ଭ କରି ପୁରୀ ଜିଲା ମୁଖ୍ୟ ଚିକିତ୍ସାଳୟ ପର୍ଯ୍ୟନ୍ତ ଭକ୍ତମାନେ ଧାଡ଼ିରେ ଠିଆ ହୋଇଥିଲେ। ଭିଡ଼କୁ ଦୃଷ୍ଟିରେ ରଖି ପୋଲିସ ପ୍ରଶାସନ ପକ୍ଷରୁ ପାନୀୟ ଜଳ ଓ ଜଳସିଞ୍ଚନ ବ୍ୟବସ୍ଥା କରାଯାଇଥିଲା। ଆଡ଼ପ ମଣ୍ଡପରେ ମହାପ୍ରଭୁଙ୍କୁ ଦର୍ଶନ କରି ଭକ୍ତ ଭାବବିହ୍ୱଳ ହୋଇପଡ଼ିଥିଲେ। ଅନ୍ୟପଟେ ବହୁ ଭକ୍ତଙ୍କ ସମାଗମକୁ ନଜରରେ ରଖି ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଅଧିକ ମହାପ୍ରସାଦ ପାଇଁ ସୁଆର ମହାସୁଆର ନିଯୋଗକୁ ଜଣାଇ ଦିଆଯାଇଥିଲା। ଏହି କ୍ରମରେ ୧ ଲକ୍ଷରୁ ଊର୍ଦ୍ଧ୍ୱ ଭକ୍ତ ମହାପ୍ରସାଦ ସେବନ କରିଛନ୍ତି। ଦିନତମାମ୍ ସକାଳ, ମଧ୍ୟାହ୍ନ ଓ ସନ୍ଧ୍ୟା ଧୂପ ସମେତ ଦୁଇ ଭୋଗ ମଣ୍ଡପକୁ ମିଶାଇ ୫ଟି ଭୋଗ ବାହାରିଥିବା ବେଳେ ଭକ୍ତଙ୍କୁ ଠିକ୍ ଦରରେ ଅବଢ଼ା ଦିଆଯାଇଛି। ବରାଦ ଅବଢ଼ାକୁ ମିଶାଇ ପ୍ରାୟ ୧ ଲକ୍ଷରୁ ଊର୍ଦ୍ଧ୍ୱ ଲୋକଙ୍କ ପାଇଁ ଆଡ଼ପ ଅବଢ଼ା ବାହାରିଛି ବୋଲି ସୁଆର ମହାସୁଆର ନିଯୋଗ ସମ୍ପାଦକ ନାରାୟଣ ମହାସୁଆର କହିଛନ୍ତି। ଭକ୍ତମାନେ ସିଂହଦ୍ୱାର ଦେଇ ପ୍ରବେଶ କରିଥିବା ବେଳେ ନାକଚଣା ଦ୍ୱାର ଦେଇ ମହାପ୍ରସାଦ ଧରି ବାହାରକୁ ଫେରିଥିଲେ। ଦର୍ଶନ ବ୍ୟବସ୍ଥା ସମ୍ପର୍କରେ ଜିଲାପାଳ ସମର୍ଥ ବର୍ମା କହିଛନ୍ତି, ଭୋରୁ ମଙ୍ଗଳଆଳତି ପରେ ମହାପ୍ରଭୁଙ୍କ ଦର୍ଶନ ଆରମ୍ଭ ହୋଇଥିଲା। ଘଣ୍ଟାଏ ଦେଢ଼ଘଣ୍ଟା ଗୋପାଳ ବଲ୍ଲଭ ପାଇଁ ଦର୍ଶନ ବନ୍ଦ ଥିଲା। ସେହିଭଳି ଆଡ଼ପ ଅବଢ଼ାକୁ ଶୀଘ୍ର ଭକ୍ତଙ୍କ ଉଦ୍ଦେଶ୍ୟରେ ବାହାର କରାଇବାରେ ସଫଳ ହେଇଛୁ। ଶ୍ରୀଗୁଣ୍ଡିଚା ମନ୍ଦିର ଭିତରେ ମଧ୍ୟ ସାହାଣମେଳା ଓ ପାରମାଣିକ ଦର୍ଶନ ପାଇଁ ସ୍ୱତନ୍ତ୍ର ରୁଟ୍‌ର ବ୍ୟବସ୍ଥା ହୋଇଛି। ମଙ୍ଗଳଆଳତି ସମୟରେ ସାରିବା ଓ ଭୋଗ ଠିକ ସମୟରେ ସାରିବା ଉପରେ ଧ୍ୟାନ ଦିଆଯାଉଛି।

## ବାଇକ୍ ଦୁର୍ଘଟଣାରେ କାକା ପୁତୁରାଙ୍କ ମୃତ୍ୟୁ

କୁଚିଣ୍ଡା,୩।୭(ଡି.ଏନ.ଏ.)

**କର୍ମଚାରୀଙ୍କୁ କୋଠରିରେ ବନ୍ଦ କରି ଲୁଟକରି ଫେରାର୍**

ରବିବାର ଅପରାହ୍ନରେ ସୁନ୍ଦରଗଡ ଜିଲା ଗୁରୁଣ୍ଡିଆ ଥାନା ଅନ୍ତର୍ଗତ ସୋଲ ହାଇସ୍କୁଲ ସମ୍ମୁଖରେ ଏକ ବାଇକ୍ ଦୁର୍ଘଟଣାଗ୍ରସ୍ତ ହେବାରୁ ୨ ଜଣ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଗୁରୁଣ୍ଡିଆ ବ୍ଲକ କୁସୁମଡିହି ଗ୍ରାମର ରମେଶ କିଶାନ(୨୮) ଓ ରଞ୍ଜିତ କିଶାନ(୩୦)। ଉଭୟ ସମ୍ପର୍କରେ କାକା ପୁତୁରା ବୋଲି ଜଣାପଡିଛି।

ସୋଲ ପଞ୍ଚାୟତ କୁସୁମଡିହି ଗ୍ରାମର ଏହି ଦୁଇ କାକା ପୁତୁରା ଏକ ବାଇକ୍ ଯୋଗେ ସୋଲକୁ ରଥଯାତ୍ରା ଦେଖିବାକୁ ଯାଉଥିଲେ। ମାତ୍ର ଅପରାହ୍ନ ପ୍ରାୟ ସାଢେ ୪ଟା ସମୟରେ ହାଇସ୍କୁଲ ସମ୍ମୁଖରେ କୌଣସି କାରଣରୁ ବାଇକ୍‌ଟି ଭାରସାମ୍ୟ ହରାଇ ଏକ ମହୁଲ ଗଛରେ ପିଟି ହୋଇ ଯାଇଥିଲା। ଉଭୟଙ୍କୁ ଗୁରୁତର ଅବସ୍ଥାରେ ଆମ୍ବୁଲାନ୍ସ ଯୋଗେ କୁଚିଣ୍ଡା ମେଡିକାଲକୁ ନିଆଯାଇଥିଲା। ସେଠାରେ ଡାକ୍ତର ରମେଶ ଓ ରଞ୍ଜିତଙ୍କୁ ମୃତ ଘୋଷଣା କରିଥିଲେ। ସୋମବାର ବ୍ୟବଚ୍ଛେଦ ପରେ ମୃତଦେହ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯିବ ବୋଲି ପୋଲିସ କହିଛି। ଏନେଇ କୁଚିଣ୍ଡା ଥାନାରେ ଏକ ମାମଲା ରୁଜୁ ହୋଇଛି।

## ମ୍ୟାଜିକ ଡିସ୍କୋ ଚେୟାରରେ ବୁଲୁଥିବା ବେଳେ ନାବାଳିକାଙ୍କ ମୃତ୍ୟୁ

କୋଟପାଡ଼,୩।୭
(ଡି.ଏନ.ଏ.)



କୋରାପୁଟ ଜିଲା କୋଟପାଡ଼ ଅଞ୍ଚଳରେ ରଥଯାତ୍ରା ପାଇଁ ପଡିଥିବା ମୀନାବଜାରରେ ଏକ ଅଭାବନୀୟ ଘଟଣା ଘଟିଯାଇଛି। ମ୍ୟାଜିକ ଡିସ୍କୋ ଚେୟାରରେ ବୁଲୁଥିବା ବେଳେ ଜଣେ ନାବାଳିକାଙ୍କ ମୃତ୍ୟୁ ହୋଇଛି। ସେ କୋଟପାଡ଼ ମିର୍ଗାନ ସାହିର ଏମ୍‌ଡି ୟାକୁବଙ୍କ ଝିଅ ଆଲଫିଆ (୧୩) ବୋଲି ଜଣାପଡିଛି। ଖବରରୁ ପ୍ରକାଶ, ରଥଯାତ୍ରା ପାଇଁ ପ୍ରତିବର୍ଷ ଭଳି ଚଳିତ ବର୍ଷ ମଧ୍ୟ ଏଠାରେ ତହସିଲ ପଡିଆରେ ମୀନାବଜାର ପଡିଥିଲା। ମୀନାବଜାରକୁ ବିଭିନ୍ନ ସ୍ଥାନରୁ ବ୍ୟବସାୟୀମାନେ ଆସି ବ୍ୟବସାୟ କରିଥାନ୍ତି। ଏଠାକୁ ମ୍ୟାଜିକ ଡିସ୍କୋ ଚେୟାର ଧରି ଜଣେ ବ୍ୟବସାୟୀ ଆସିଥିଲେ। ଶନିବାର ରାତି ୧୦ଟାରେ ଆଲଫିଆ ନିଜ ସାଙ୍ଗମାନଙ୍କ ସହ ମୀନାବଜାର ବୁଲି ଯାଇଥିଲେ। ସେଠାରେ ସେ ମ୍ୟାଜିକ ଡିସ୍କୋ ଚେୟାରରେ ବୁଲୁଥିବା ସମୟରେ ହୃଦ୍‌ଘାତରେ ତାଙ୍କର ମୃତ୍ୟୁ ହୋଇଛି। ଖବରପାଇ ସେଠାରେ ପରିବାର ଲୋକେ ପହଞ୍ଚି ତାଙ୍କୁ କୋଟପାଡ଼ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏ ସମ୍ପର୍କରେ ପରିବାର ଲୋକେ ଥାନାରେ କିଛି ଅଭିଯୋଗ କରି ନ ଥିବାରୁ କୌଣସି ପଦକ୍ଷେପ ନିଆଯାଇନାହିଁ ବୋଲି ଏଏସ୍‌ଆଇ ସୁନୀଲ କୁମାର ସ୍ୱାଇଁ କହିଛନ୍ତି।

# ରାସ୍ତାପାର୍ଶ୍ୱକୁ ଖସିଲା ବସ୍, ୨୦ ଆହତ

ଖୋର୍ଦ୍ଧା ଅଫିସ,୩।୭

**ବାଙ୍କୀରୁ ଭୁବନେଶ୍ୱର ଅଭିମୁଖେ ଯାଉଥିଲା**




କଟକ ଜିଲା ବାଙ୍କୀରୁ ଭୁବନେଶ୍ୱର ଅଭିମୁଖେ ଯାଉଥିବା ଏକ ଯାତ୍ରୀବାହୀ ବସ୍ ରବିବାର ଖୋର୍ଦ୍ଧାର ବାଘମାରୀ-ସିମୋର ରାସ୍ତାରେ ଭାରସାମ୍ୟ ହରାଇ ରାସ୍ତାପାର୍ଶ୍ୱକୁ ଖସିପଡ଼ିଥିଲା। ଫଳରେ ବସ୍‌ରେ ଥିବା ଯାତ୍ରୀଙ୍କ ମଧ୍ୟରୁ ୨୦ଜଣ ଆହତ ହୋଇଛନ୍ତି। ବାଘମାରୀ ପୋଲିସ ଓ ଅଗ୍ନିଶମ କର୍ମଚାରୀ ପହଞ୍ଚି ସ୍ଥାନୀୟ ଲୋକଙ୍କ ସହାୟତାରେ ଆହତଙ୍କୁ ଉଦ୍ଧାର କରି ଖୋର୍ଦ୍ଧା ମେଡିକାଲରେ ଭର୍ତ୍ତି କରିଥିଲେ। ୬ଜଣଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ଥିବାରୁ ସେମାନଙ୍କୁ ଭୁବନେଶ୍ୱର ଏମ୍‌ସ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି। ତେବେ ଦୁର୍ଘଟଣା ପରେ ଡ୍ରାଇଭର ଫେରାର ହୋଇଯାଇଥିବା ବେଳେ ପୋଲିସ ବସ୍‌କୁ ଜବତ କରି ତଦନ୍ତ ଚଳାଇଛି।

ସୂଚନା ମୁତାବକ, ବାଙ୍କୀରୁ 'ଲିଙ୍ଗରାଜ' ନାମକ ଏକ ବସ୍ ଯାତ୍ରୀଙ୍କୁ ନେଇ ଭୁବନେଶ୍ୱର ଅଭିମୁଖେ ଯାଉଥିଲା। ବାଘମାରୀ-ସିମୋର ରାସ୍ତାରେ ହଠାତ୍ ବସ୍‌ଟି ଭାରସାମ୍ୟ ହରାଇ ରାସ୍ତାପାର୍ଶ୍ୱକୁ ଖସିପଡ଼ିଥିଲା। ଫଳରେ ୨୦ଜଣ ଯାତ୍ରୀ ଆହତ ହୋଇଛନ୍ତି। ସେମାନେ ହେଲେ ବୋଲଗଡ଼ ମାଳିସାହିର ସାନୁ ପ୍ରଧାନ(୬), ବାଘମାରୀ ଓସ୍ତପୁରର ଶତ୍ରୁଘ୍ନ ପ୍ରଧାନ ଓ ତାଙ୍କ ସ୍ତ୍ରୀ ଟିକିନା ପ୍ରଧାନ, ବାଙ୍କି ତୁଳସୀପୁରର ସନ୍ତୋଷ କୁମାର ସାହୁ(୪୫), ଜଟଣୀ ଗଙ୍ଗପଡାର ପୁଷ୍ପଲତା ଦାସ(୪୦), ବିଶ୍ୱମ୍ଭର ଦାସ(୪୨), ବାଙ୍କୀ ସୁଣିଅର ନମିତା ସାହୁ(୩୫), ପୋଡାଡ଼ିହ ଅଞ୍ଚଳର ପ୍ରହଲ୍ଲାଦ ସାହୁ(୬୦), ବାଘମାରୀର ପଦିଆ ଛୋଟରାୟ(୫୩), ବାଘମାରୀ ପୋଡ଼ାଡିହର ଗୋଟିଏ ପରିବାରର ବର୍ଷା ପ୍ରିୟଦର୍ଶନୀ ସାହୁ(୧୬), ଭାଇ ସୌମ୍ୟରଞ୍ଜନ ଏବଂ ହାରାଦେବୀ, ବାଙ୍କୀ ଚର୍ଚ୍ଚିକାର ସସ୍ମିତା ସାହୁ(୫୪), ବାଘମାରୀ ଓସ୍ତପୁରର ଜେମା ପ୍ରଧାନ(୫୫), ବାଙ୍କିର ସୁକାନ୍ତି ନାୟକ(୫୫), ବାଙ୍କୀର ଗିରିଧାରୀ ସେଠୀ(୩୦)। ତେବେ ଅନ୍ୟମାନଙ୍କ ପରିଚୟ ମିଳିପାରିନାହିଁ। ଖବରପାଇ ବାଘମାରୀ ପୋଲିସ, ବେଗୁନିଆ ଅଗ୍ନିଶମ କର୍ମଚାରୀ ପହଞ୍ଚି ଲୋକଙ୍କ ସହାୟତାରେ ଆହତଙ୍କୁ ବସ୍‌ରୁ ଉଦ୍ଧାର କରି ଖୋର୍ଦ୍ଧା ମେଡିକାଲକୁ ପଠାଇଥିଲେ। ଆହତଙ୍କ ମଧ୍ୟରୁ ହାରାଦେବୀ, ଝିଅ ବର୍ଷା ପ୍ରିୟଦର୍ଶନୀ, ପଦିଆ, ବିଶ୍ୱମ୍ଭର, ସସ୍ମିତା, ସୁକାନ୍ତିଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ଥିବାରୁ ଏମ୍‌ସକୁ ସ୍ଥାନାନ୍ତର କରାଯାଇଛି। ଆଗରେ ଯାଉଥିବା ଏକ ବସ୍‌କୁ ଓଭରଟେକ୍ କରିବାକୁ ଯାଇ ଏହି ଅଘଟଣ ହେଲା ବୋଲି କେତେଜଣ ଆହତ କହିଛନ୍ତି। ଅନ୍ୟପକ୍ଷରେ ଏନେଇ ବାଘମାରୀ ଥାନା ଅଧିକାରୀ ଅର୍ଚ୍ଚନା ମଲିକ କୁହନ୍ତି, ଦୁର୍ଘଟଣାଗ୍ରସ୍ତ ବସ୍‌କୁ ଜବତ କରାଯାଇଛି। ବସ୍‌ର ଫିଟନେସ୍ ଏବଂ ଲାଇସେନ୍ସ ରହିଛି କି ନାହିଁ, ଯାଞ୍ଚ ଲାଗି ଏମ୍‌ଭିଆଇକୁ ରିପୋର୍ଟ ମଗାଯିବ। ଘଟଣାର ତଦନ୍ତ ଜାରି ରହିଛି ବୋଲି ସେ କହିଛନ୍ତି।

## ସଂକ୍ଷେପରେ

### ୨୫.୫୦ ଗ୍ରାମ ବ୍ରାଉନସୁଗାର ଜବତ: ୨ ଗିରଫ

ଜଗତ୍‌ସିଂହପୁର ଅଫିସ,୩।୭: ଜଗତ୍‌ସିଂହପୁର ଥାନା ଅନ୍ତର୍ଗତ ଗୋପାଳସାଗର ଛକ ନିକଟରୁ ରବିବାର ଅପରାହ୍ନରେ ୨୫.୫୦ ଗ୍ରାମ ବ୍ରାଉନ୍‌ସୁଗାର ଜବତ ହୋଇଛି। ଏହି ଅଭିଯୋଗରେ ଗୋପାଳସାଗର ଗ୍ରାମର ବଳରାମ ବେହେରା ଓରଫ ବଳିଆ, ଏବଂ ଜଗନ୍ନାଥ ମହାନ୍ତି ଓରଫ ବାଙ୍କୁଦାଙ୍କୁ ଗିରଫ କରାଯାଇଛି। ଜଗତ୍‌ସିଂହପୁର ଥାନା ଏସ୍‌ଆଇ ଆର.କେ ଭୋଳଙ୍କ ଅଭିଯୋଗ ଆଧାରରେ ମାମଲା (ନଂ. ୪୩୩/୨୨) ରୁଜୁ ହୋଇଛି।

### ନାବାଳିକାଙ୍କୁ ଅପହରଣ ଘଟଣାରେ ସ୍କୁଲ ପିଅନ ଥାନାରେ ଅଟକ

କୁଜଙ୍ଗ,୩।୭(ଡି.ଏନ୍.ଏ): କୁଜଙ୍ଗ ଥାନା ଅଞ୍ଚଳର ଏକ ବିଦ୍ୟାଳୟରେ ପିଅନ ଭାବେ କାର୍ଯ୍ୟରତ ଜଣେ ବ୍ୟକ୍ତିଙ୍କୁ ଅଭୟଚାନ୍ଦପୁର ପୋଲିସ ରବିବାର ଉଠାଇ ନେଇଛି। ୨୦୨୧ରେ ଜଣେ ନାବାଳିକାଙ୍କୁ ଅପହରଣରେ ସହଯୋଗ କରିଥିବା ଅଭିଯୋଗରେ ତାଙ୍କୁ ପଚରାଉଚରା କରିବା ପାଇଁ ନିଆଯାଇଥିବା ପୋଲିସ କହିଛି। ପୂର୍ବରୁ ସେ ଢିଙ୍କିଆର ଏକ ବିଦ୍ୟାଳୟରେ କାର୍ଯ୍ୟରତ ଥିଲେ। ସେତେବେଳେ ଦଶମ ଶ୍ରେଣୀର ଜଣେ ନାବାଳିକା ଛାତ୍ରୀଙ୍କୁ ୨ ଜଣ ଯୁବକ ଉଠାଇନେଇ ଉକ୍ତ ବିଦ୍ୟାଳୟ ଗୃହରେ ରଖିଥିବା ଅଭିଯୋଗ ହୋଇଥିଲା। ଏହି ସମୟରେ ଅଭିଯୁକ୍ତ ପିଅନ ସେମାନଙ୍କୁ ସୁରକ୍ଷା ଦେଇଥିବା ଅଭିଯୋଗ ହୋଇଥିଲା। ଏହାପରେ ତାଙ୍କୁ ଢିଙ୍କିଆରୁ ଏବେ କାର୍ଯ୍ୟରତ ବିଦ୍ୟାଳୟକୁ ଡେପୁଟେଶନରେ ପଠାଇ ଦିଆଯାଇଥିଲା। ଏହି ଅଭିଯୋଗରେ ତାଙ୍କୁ ଥାନାରେ ଅଟକ ରଖାଯାଇଥିବା ପୋଲିସ ସୂତ୍ରରୁ ପ୍ରକାଶ।

### ଜେଏସ୍‌ଡବ୍ଲ୍ୟୁ ପକ୍ଷରୁ ମାସ୍କ, ପାନୀୟ ଜଳ ବଣ୍ଟନ



କୁଜଙ୍ଗ,୩।୭(ଡି.ଏନ୍.ଏ): ସୁଭଦ୍ରା କ୍ଷେତ୍ର ଗଡକୁଜଙ୍ଗରେ ପ୍ରଭୁ କୁଞ୍ଜବିହାରୀଙ୍କ ରଥଯାତ୍ରା ସମୟରେ ବଡ଼ଦାଣ୍ଡରେ ଜେଏସ୍‌ଡବ୍ଲ୍ୟୁ ପକ୍ଷରୁ ଭକ୍ତମାନଙ୍କୁ ମାଗଣା ମାସ୍କ ଓ ପାନୀୟ ଜଳ ବଣ୍ଟନ କରାଯାଇଥିଲା। ଗୁଳୁଗୁଳି ଓ କରୋନା ସଂକ୍ରମଣକୁ ଦୃଷ୍ଟିରେ ରଖି ଜେଏସ୍‌ଡବ୍ଲ୍ୟୁ ପକ୍ଷରୁ ବଡ଼ଦାଣ୍ଡରେ ଏକ ସ୍ୱତନ୍ତ୍ର ଷ୍ଟଲ ଖୋଲା ଯାଇଥିଲା । ସ୍ଥାନୀୟ ସରପଞ୍ଚ କବିତା ଦାସ ଯୋଗଦେଇ ଏହି ଷ୍ଟଲକୁ ଉଦ୍‌ଘାଟନ କରିଥିଲେ । ଏଥିରେ ଯଦୁମଣି ଖଟୁଆ, କିଶୋର ବାରିକ, ବିଷ୍ଣୁ ଚରଣ ପ୍ରଧାନ, ସଞ୍ଜୟ ମହାପାତ୍ର ଓ ପୂର୍ବତନ ସରପଞ୍ଚ ସମ୍ପଦ ବାରିକ ସହଯୋଗ କରିଥିଲେ । ବାପିନ ରାଉତ, ବଳରାମ ନାୟକ, ସୁଭଶ୍ରୀ ସ୍ୱାଇଁ, ସସ୍ମିତା ମୁଦୁଲି, ମିତାଲି ଦାସ ପ୍ରମୁଖ ଏହାକୁ ପରିଚାଳନା କରିଥିଲେ ।



କେନ୍ଦ୍ରାପଡ଼ା ତୁଳସୀକ୍ଷେତ୍ର ଶ୍ରୀବଳଦେବଜୀଉଙ୍କ ବ୍ରହ୍ମ ତାଳଧ୍ୱଜ ରଥ ଅଟକି ରହିଛି ।



ରବିବାର ଫୁଟପାଥରେ ଅଟକି ରହିଥିବା ରଥକୁ ହାଇଡ୍ରୋ ଟ୍ରୋଚର ମେଶିନ ସହାୟତାରେ ଘୁଞ୍ଚାଇବାକୁ ଚେଷ୍ଟା କରାଯାଉଛି ।

# ଜିଲାରେ ଡେଙ୍ଗୁ ଭୟ ବଢ଼ୁଛି: ନାମକୁ ଚାଲିଛି ସଚେତନତା

- ସତର୍କ ନ ରହିଲେ ପରିଣତି ଭୟଙ୍କର ଆଶଙ୍କା
- ୨୦୧୮ରୁ ୨୦୨୧ ମଧ୍ୟରେ ପ୍ରତିବର୍ଷ ୨୫୦ ଲେଖାଏଁ ରୋଗୀ ଚିହ୍ନଟ

ଜଗତ୍‌ସିଂହପୁର ଅଫିସ, ୩।୭

ଜଗତ୍‌ସିଂହପୁର ଜିଲାରେ ଡେଙ୍ଗୁ ଭୟ ଦିନକୁ ଦିନ ବଢ଼ିବାରେ ଲାଗିଛି। କାରଣ ବିଗତ ବର୍ଷଗୁଡିକରେ ଜିଲାରେ ଡେଙ୍ଗୁ ପରିସ୍ଥିତି ଅଣାୟତ୍ତ ହୋଇଯାଇଥିଲା। ଗତ ୨ ବର୍ଷ କରୋନା ସଂକ୍ରମଣ ଯୋଗୁ ଲୋକେ କଟକଣା ଭିତରେ ରହିଥିଲେ। ଏହି ଭୟ ଅନ୍ୟ ପ୍ରସଙ୍ଗକୁ ଚାପି ଦେଇଥିଲା। ଏବେ ପରିସ୍ଥିତିରେ ସୁଧାର ଆସିଛି ସତ କିନ୍ତୁ ଡେଙ୍ଗୁ ଭୟ ଯାଇନି, ବରଂ ବଢ଼ିଛି। ବର୍ତ୍ତମାନ କମ ସଂଖ୍ୟକ ଲୋକ ଡେଙ୍ଗୁରେ ଆକ୍ରାନ୍ତ ହୋଇଥିବା ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ (ସିଡିଏମ୍‌ଓ) କ୍ଷେତ୍ରବାସୀ ଦାସ ସୂଚନା ଦେଇଛନ୍ତି। ସେ କହିଛନ୍ତି, ଡେଙ୍ଗୁ ଚିହ୍ନଟ ପାଇଁ ଜଗତ୍‌ସିଂହପୁର ଓ ପାରାଦୀପରେ ଟେଷ୍ଟିଂ ବ୍ୟବସ୍ଥା ହୋଇଛି। ଟେଷ୍ଟିଂରେ ପଜିଟିଭ୍ ବାହାରିଲେ ସେମାନଙ୍କ ପାଇଁ ସ୍ୱତନ୍ତ୍ର ଚିକିତ୍ସା ବ୍ୟବସ୍ଥା କରାଯାଉଛି। ଅନ୍ୟପଟେ ଆଶା କର୍ମୀମାନେ ସେପ୍ଟେମ୍ବର ୨୦ ପର୍ଯ୍ୟନ୍ତ ସୋମ, ଗୁରୁ ଓ ରବିବାର ବିଭିନ୍ନ ଗାଁ ବୁଲି ମ୍ୟାଲେରିଆ, ଡେଙ୍ଗୁ, ଡାଇରିଆ ଓ କୋଭିଡ୍ ଆଦି ଉପରେ ଲୋକଙ୍କୁ ସଚେତନ କରିବେ ବୋଲି ସିଡିଏମ୍‌ଓ କହିଛନ୍ତି। ବାସ୍ତବରେ କିନ୍ତୁ ଜିଲାରେ ସେଭଳି କିଛି ସଚେତନତା କରାଯାଉନାହିଁ। କାଗଜପତ୍ରରେ ସଚେତନତା ନାଁରେ ହରିଲୁଟ୍ ହେଉଥିବା ଅଭିଯୋଗ ହେଉଛି। ବର୍ଷାଦିନେ ଜିଲା ମ୍ୟାଲେରିଆ ଅଧିକାରୀ (ଡିଏମ୍‌ଓ) ପଦବୀ ଖାଲି ପଡ଼ିଥିଲେ ସୁଦ୍ଧା ପୂରଣ ହେଉନି। ବର୍ତ୍ତମାନର ସିଡିଏମ୍‌ଓ ପୂର୍ବରୁ ଡିଏମ୍‌ଓ ପଦବୀରେ ଥିଲେ। ଏ ସମ୍ପର୍କରେ କେତେଜଣ ବ୍ୟକ୍ତି ସେମାନଙ୍କ ପ୍ରତିକ୍ରିୟାରେ କହିଛନ୍ତି, ବିଭାଗୀୟ କର୍ମଚାରୀମାନେ ହାତଗଣତି କିଛି ସ୍ଥାନରେ ଲୋକଙ୍କୁ ସଚେତନତା ବାହାନାରେ ଫଟୋ ଉଠାଇ କାଗଜକଲମରେ ଦାୟିତ୍ୱ ସମ୍ପାଦନ କରୁଛନ୍ତି। ସରକାର ଡେଙ୍ଗୁ ନିରୋଧ ଉପରେ ଗୁରୁତ୍ୱାରୋପ କରୁଥିବାବେଳେ ବିଭାଗୀୟ ଅଧିକାରୀ ଓ କର୍ମଚାରୀମାନେ ହାଲକା ଭାବେ ନେଉଛନ୍ତି। ଯେଉଁଥିପାଇଁ ଚଳିତ ବର୍ଷ ଡେଙ୍ଗୁ ରୋଗୀ ସଂଖ୍ୟା ବଢ଼ିବାର ଯଥେଷ୍ଟ ସମ୍ଭାବନା ରହିଛି।

ମିଳିଥିବା ସୂଚନା ଅନୁଯାୟୀ, ପ୍ରତିବର୍ଷ ବର୍ଷା ହେଲେ ଅର୍ଥାତ୍ ଜୁଲାଇ ଶେଷଭାଗରୁ ଡେଙ୍ଗୁ ବ୍ୟାପିଥାଏ। ଏବେ ଏହି ସମୟ ହୋଇଯାଇଥିବାରୁ ବିଶେଷ ସତର୍କତା ଅବଲମ୍ବନ କରିବାକୁ ପଡ଼ିବ। ୨୦୧୧ରୁ ଅନୁଧ୍ୟାନ କଲେ ଜଣାଯାଏ, ଏହି ବର୍ଷ ଜିଲାରେ ମାତ୍ର ୨୨ ଜଣ ଡେଙ୍ଗୁ ରୋଗୀ ଚିହ୍ନଟ ହୋଇଥିଲେ। ୨୦୧୨ରେ ୨୩ ଥିଲା । ୨୦୧୩ରେ କିନ୍ତୁ ହଠାତ୍ ବଢ଼ି ୨୬୩ରେ ପହଞ୍ଚିଥିଲା। ୨୦୧୪ରେ ରେକର୍ଡ ଭାଙ୍ଗିଥିଲା । ଏହି ବର୍ଷ ୧,୦୫୧ ଜଣ ଡେଙ୍ଗୁ ରୋଗୀ ଚିହ୍ନଟ ହୋଇଥିଲେ। ସେମାନଙ୍କ ମଧ୍ୟରୁ ବାଲିକୁଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଞ୍ଚଳରେ ୬, ବିରିଡ଼ି ୪, ଏରସମା ୨୩୧, ମଣ୍ଡାସାହି ୯, ମଣିଜଙ୍ଗା ୩୯, ନାଉଗାଁ ୩, ରଘୁନାଥପୁର ୨୦, ଜଗତ୍‌ସିଂହପୁର ୧, ପାରାଦୀପରେ ଏହି ସଂଖ୍ୟା ୭୨ ଥିବା ବେଳେ କୁଜଙ୍ଗରେ ସର୍ବାଧିକ ୬୪୩ ଜଣ ଚିହ୍ନଟ ହୋଇଥିଲେ। ୨୩ ଜଣଙ୍କୁ ଚିହ୍ନଟ କରାଯାଇ ପାରି ନ ଥିଲା। ଏହା ଚିନ୍ତାର କାରଣ ହୋଇଥିଲା । ୨୦୧୫ରେ ଜିଲାର ୩୯୩ ଜଣ ଏହି ରୋଗରେ ପୀଡିତ ହୋଇଥିଲେ ସୁଦ୍ଧା ପରେ ପ୍ରତ୍ୟେକେ ସୁସ୍ଥ ହୋଇଯାଇଥିଲେ । ସେମାନଙ୍କ ମଧ୍ୟରୁ ସର୍ବାଧୀକ ୨୪୫ ଜଣ କୁଜଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀନରେ ଥିବା ଜଣାପଡ଼ିଥିଲା। ୨୦୧୬ରେ ଜିଲାର ମଣ୍ଡାସାହି, ମଣିଜଙ୍ଗା ଓ ଏରସମା ଆଦି ଅଞ୍ଚଳରେ ଡେଙ୍ଗୁ ବ୍ୟାପିଥିଲା। ମୋଟ ୩୩୩ ଜଣ ରୋଗରେ ଆକ୍ରାନ୍ତ ହୋଇଥିଲେ। ସେମାନଙ୍କ ମଧ୍ୟରୁ ମଣ୍ଡାସାହି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀନ ବେଣ୍ଣପୁରରୁ ଜଣେ ଏବଂ ଏରସମା ଭିତର ଅନ୍ଧାରୀରୁ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଥିଲା । ୨୦୧୭ରେ ଏହି ସଂଖ୍ୟା କମି ୨୩୫ରେ ସୀମିତ ଥିଲା। ସେମାନଙ୍କ ମଧ୍ୟରୁ କୁଜଙ୍ଗ ଅଞ୍ଚଳରେ ସର୍ବାଧିକ ୬୬ ଜଣ ଆକ୍ରାନ୍ତ ହୋଇଥିଲେ। ଅନ୍ୟ ଅଞ୍ଚଳ ଯଥା ବାଲିକୁଦାରେ ୪୭, ବିରିଡ଼ି ୭, ଏରସମା ୧୩, ମଣ୍ଡାସାହି ୩୨, ମଣିଜଙ୍ଗା ୧୭, ନାଉଗାଁ ୧୨, ରଘୁନାଥପୁର ୧୪, ପାରାଦୀପ ୩୨ ଓ ଜଗତ୍‌ସିଂହପୁର ପୌର ପରିଷଦ ଅଞ୍ଚଳରେ ୩ ଜଣ ଆକ୍ରାନ୍ତ ଥିବା ଚିହ୍ନଟ କରାଯାଇଥିଲା। ୨୦୧୮ରୁ ୨୦୨୧ ମସିହା ମଧ୍ୟରେ ପ୍ରତିବର୍ଷ ପାଖାପାଖି ୨୫୦ ଜଣ ଲେଖାଏଁ ଏହି ରୋଗୀ ଚିହ୍ନଟ ହୋଇଥିଲେ । କିନ୍ତୁ ଚଳିତବର୍ଷ ବିଶେଷ ସତର୍କତା ଅବଲମ୍ବନ କରା ନ ଗଲେ ପରିସ୍ଥିତି ଅଣାୟତ୍ତ ହେବା ଆଶଙ୍କା କରାଯାଉଛି।

## ପଟ୍ଟାମୁଣ୍ଡାଇ କଲେଜ ଓଡ଼ିଆ ବିଭାଗ ସମ୍ମାନ

ପଟ୍ଟାମୁଣ୍ଡାଇ, ୩।୭(ସ୍ୱ.ପ୍ର.)

ପଟ୍ଟାମୁଣ୍ଡାଇ କଲେଜ ଓଡ଼ିଆ ଭାଷା ସାହିତ୍ୟ ବିଭାଗ ପକ୍ଷରୁ ଏକ ଭିନ୍ନ ଦୃଷ୍ଟିରେ ଫକୀରମୋହନ ଶୀର୍ଷକ ରାଜ୍ୟସ୍ତରୀୟ ସମ୍ମାନ କଲେଜ ଅଧ୍ୟକ୍ଷ ପ୍ରଫେସର ପ୍ରଭାକର ରାଉତଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ କୋରାପୁଟ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ପ୍ରଫେସର କୃଷ୍ଣଚନ୍ଦ୍ର ପ୍ରଧାନ ମୁଖ୍ୟ ବକ୍ତା ଭାବେ ଯୋଗଦେଇ ଫକୀର ମୋହନଙ୍କ ସାହିତ୍ୟରେ ସାମାଜିକ ବାସ୍ତବତା, ସଂସ୍କାରବୋଧ ଉପରେ ଆଲୋଚନା କରିଥିଲେ। ଅନ୍ୟତମ ବକ୍ତା ଭାବେ ଉତ୍କଳ ବିଶ୍ୱବିଦ୍ୟାଳୟ ପ୍ରଫେସର ରମେଶ ଚନ୍ଦ୍ର ମଲ୍ଲିକ ଯୋଗଦେଇ ଫକୀରମୋହନଙ୍କୁ ଓଡ଼ିଆ ଭାଷା ସାହିତ୍ୟର ରକ୍ଷକ ବୋଲି ମତବ୍ୟକ୍ତ କରିଥିଲେ। ପଟ୍ଟାମୁଣ୍ଡାଇ କଲେଜ ଓଡ଼ିଆ ବିଭାଗ ମୁଖ୍ୟ ଡ. ପ୍ରେମଲତା ରାଉତ ସ୍ୱାଗତ ଭାଷଣ ଓ ଅଧ୍ୟାପିକା ଲକ୍ଷ୍ମୀପ୍ରିୟା ପାତ୍ର ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହି ଆଲୋଚନାଚକ୍ରରେ ପ୍ରାକ୍ତନ ପ୍ରାଧ୍ୟାପକ ଡ. ନୀଳମଣି ଲେଙ୍କା ଓ ପ୍ରମୋଦ ସ୍ୱାଇଁ ଭାଗନେଇ ନିଜସ୍ୱ ମତାମତ ଉପସ୍ଥାପନ କରିଥିଲେ। ଓଡ଼ିଆ ବିଭାଗ ଛାତ୍ର ଆଶିଷ ସାହୁ ଧନ୍ୟବାଦ ଦେଇଥିଲେ। ପ୍ରାଧ୍ୟାପକ ରଞ୍ଜିତ କେଶରୀ ସେନାପତି, ଡ. ସୁନୀଲ ପ୍ରଧାନ, ଡ. ଦୁଃଶାସନ ପରିଡା, ଡ. ଫକୀର ପ୍ରଧାନ, କ୍ୟାପ୍‌ଟେନ ମନୋଜ ପରିଡା, ଅଧ୍ୟାପିକା ସୀମାଙ୍ଗିନୀ ଦାସ, ରଶ୍ମିତା ପାଣିଗ୍ରାହୀ ପ୍ରମୁଖ ଯୋଗଦେଇଥିଲେ। ବିଭିନ୍ନ କଲେଜର ଅଧ୍ୟାପକ ମନ୍ମଥ ପାତ୍ର, ଭବାନୀ ଶଙ୍କର ପଣ୍ଡା, ରତ୍ନାକର ନାୟକ ଓ ପ୍ରତାପ ନାୟକଙ୍କ ସମେତ ବହୁ ଅଧ୍ୟାପିକା ଅଧ୍ୟାପକ, ଛାତ୍ରୀଛାତ୍ର ଯୋଗଦେଇଥିଲେ।



## କାଳିଓରେ ଅମ୍ବୁଜ, ଶୋଭାରେ ଦୁର୍ଗା ,ଏରସମାରେ ଦେବେନ୍ଦ୍ର ସଭାପତି

### ୩ ସମବାୟ ସେବା ସମିତି ନିର୍ବାଚନ

ବାଲିକୁଦା/ଏରସମା, ୩।୭(ସ୍ୱ.ପ୍ର.):



ଅମ୍ବୁଜ ଭୋଳ



ଦୁର୍ଗାଚରଣ ସ୍ୱାଇଁ



ଦେବେନ୍ଦ୍ର କୁମାର ଜେନା

ବାଲିକୁଦା ବ୍ଲକ କାଳିଓ ସେବା ସମବାୟ ସମିତିର ସଭାପତି ପଦରେ ଅମ୍ବୁଜ ଭୋଳ ସର୍ବସମ୍ମତିକ୍ରମେ ନିର୍ବାଚିତ ହୋଇଛନ୍ତି। ଏହି ସମୟରେ ବୋର୍ଡ ମେମ୍ବର ଅଜୟ କୁମାର ରାଉତ, କୈଳାସ ଚନ୍ଦ୍ର ସ୍ୱାଇଁ, ଦିଲ୍ଲିପ କୁମାର ମଲିକ, ମାନସ ସାହୁ, ସୁବାସ ନାୟକ, ଶ୍ରୀକାନ୍ତ ନାୟକ, ଟୁନା ଦାସ, ବ୍ରହ୍ମାନନ୍ଦ ପାଢ଼ୀ, କାବୁଲି ବିଶ୍ୱାଳ, ନାରାୟଣ ଦାସ, ବିକାଶ ନାୟକ, ମମତା ସାହୁ, ଲୁନା ଭୋଳ ପ୍ରମୁଖ ଉପସ୍ଥିତ ରହି ସଭାପତି ପାଇଁ ଅମ୍ବୁଜଙ୍କ ନାମ ଘୋଷଣା କରିଥିଲେ । ନିର୍ବାଚନ ଅଧିକାରୀ ପ୍ରଶାନ୍ତ ଗିରି, ସମ୍ପାଦକ ସହଦେବ ଭୋଳ, ଡିଇଓ ଆଶୁତୋଷ ବିଶ୍ୱାଳ ପ୍ରମୁଖ ଏଥିରେ ସାମିଲ ଥିଲେ । ସେହିପରି ଶୋଭା ସମବାୟ ସେବା ସମିତି ସଭାପତି ଭାବେ ଦୁର୍ଗାଚରଣ ସ୍ୱାଇଁ ନିର୍ଦ୍ୱନ୍ଦରେ ନିର୍ବାଚିତ ହୋଇଛନ୍ତି। ନିର୍ବାଚନ ଅଧିକାରୀ ଭାବେ କୁଞ୍ଜବିହାରୀ ପ୍ରଧାନ ଦାୟିତ୍ୱ ତୁଲାଇଥିଲେ। ସମ୍ପାଦକ ଉମେଶ ସ୍ୱାଇଁଙ୍କ ତତ୍ତ୍ୱାବଧାନରେ ଏହି କାର୍ଯ୍ୟ ହୋଇଥିଲା । ସଭ୍ୟ ଗୋବିନ୍ଦ ରାଉତ, ବିଦ୍ୟୁତ୍‌ଲତା ସ୍ୱାଇଁ, ବାଳକୃଷ୍ଣ ଭାଟ୍ରା, ରାଧାରାଣୀ ସାହୁ, ସୁଦାମ ସ୍ୱାଇଁ ପ୍ରମୁଖ ଏଥିରେ ସାମିଲ ହୋଇଥିଲେ।

ଏହାଛଡା ଏରସମା କୃଷି ସେବା ସମବାୟ ସମିତିର ସଭାପତି ନିର୍ବାଚନରେ ଦେବେନ୍ଦ୍ର କୁମାର ଜେନା ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି। ସମିତି ପରିସରରେ ଏହି ଘୋଷଣା ସମୟରେ ନିବାସ ଫନ୍ଦକାର, ପ୍ରଦୀପ୍ତ କୁମାର ସାହୁ, ବୈଷ୍ଣବ ଚରଣ ସ୍ୱାଇଁ, ସଞ୍ଜୟ କୁମାର ଭୂୟାଁ, ଶଶାଙ୍କ ସାମନ୍ତରାୟ, ତପସ୍ୱିନୀ ପ୍ରମାଣିକ, ପୁଷ୍ପକ କୁମାର ନାୟକ,ମାତଙ୍ଗିନୀ ସେଠୀ ପ୍ରମୁଖ ଉପସ୍ଥିତ ଥିଲେ।

### ବନ ମହୋତ୍ସବ ସପ୍ତାହରେ ଚାରା ରୋପଣ

ତିର୍ତ୍ତୋଲ,୩।୭ (ଡି.ଏନ୍.ଏ.):

ତିର୍ତ୍ତୋଲ ବ୍ଲକ ଅନ୍ତର୍ଗତ କିଳିପାଳ ମହାନଦୀ ପଠାରେ ଅରଣ୍ୟନୀ ଆନୁକୂଲ୍ୟରେ ଜଗତ୍‌ସିଂହପୁର ଜଙ୍ଗଲ ବିଭାଗ ପକ୍ଷରୁ ରବିବାର ବନ ମହୋତ୍ସବ ସପ୍ତାହ ପାଳିତ ହୋଇଯାଇଛି। ଏହି ଅବସରରେ ନଦୀ ପଠାର କିଳିପାଳଠାରେ ଚାରା ରୋପଣ କରାଯାଇଥିବା ବେଳେ ଏହି ପଠାର ଦଶ ହେକ୍ଟର ଜାଗାରେ ନିମ୍ବ, ପିସ୍ତା ବାଦାମ ଆଦି ପ୍ରାୟ ୪୦୦୦ ଚାରା ରୋପଣ କରାଯିବାକୁ ଯୋଜନା କରାଯାଇଛି। ସ୍ଥାନୀୟ ଅଞ୍ଚଳର ବାୟା ଅବଧୂତ ନୋଡାଲ ସରକାରୀ ଉଚ୍ଚ ବିଦ୍ୟାଳୟ ଛାତ୍ରୀଛାତ୍ରଙ୍କ ଗହଣରେ ଏହି କାର୍ଯ୍ୟକ୍ରମ ହୋଇଥିଲା। ଏଥିରେ ଡିଏଫ୍‌ଓ ସଞ୍ଜୟ ସ୍ୱାଇଁ, ଅନସୂୟା ମହାନ୍ତି, ବସନ୍ତ ମହାପାତ୍ର, ରଶ୍ମି ରଞ୍ଜନ ଦାଶ, ସଲ୍ଲା ଉଦ୍ଦିନ ଖାନ, ପ୍ରଣବ ପ୍ରକାଶ ସାହୁ, ଜୟଦେବ ସାହୁ, ରବୀନ୍ଦ୍ର ମହାନ୍ତି, ପ୍ରଭାସ ସାହୁ, ସୁକାନ୍ତ ବେହେରା,ପ୍ରମୁଖ ଉପସ୍ଥିତ ଥିଲେ।

## ଭୁଲ୍‌ରେ ମିଳିଥିବା ଅର୍ଥରାଶି ଫେରାଇବାକୁ ନୋଟିସ

କୁଜଙ୍ଗ,୩।୭(ଡି.ଏନ୍.ଏ)

ପ୍ରସ୍ତାବିତ ଜେଏସ୍‌ଡବ୍ଲ୍ୟୁ ପ୍ରକଳ୍ପ ଅଞ୍ଚଳ ଏରସମା ବ୍ଲକ ଢିଙ୍କିଆ ପଞ୍ଚାୟତ ଅନ୍ତର୍ଗତ ପାଟଣା ଗ୍ରାମର ୩୦ ଜଣ ବ୍ୟକ୍ତିଙ୍କୁ ଭୁଲ୍‌ରେ ଜଙ୍ଗଲ ସୁରକ୍ଷା ବାବଦରେ ଘୋଷଣା କରାଯାଇଥିବା ପ୍ରୋତ୍ସାହନ ରାଶି ପ୍ରଦାନ କରାଯାଇଛି। ସେମାନଙ୍କୁ ଜେଏସ୍‌ଡବ୍ଲ୍ୟୁ ପକ୍ଷରୁ ନୋଟିସ ପଠାଯାଇଛି। ଉକ୍ତ ରାଶିକୁ ଜେଏସ୍‌ଡବ୍ଲ୍ୟୁର ଉତ୍କଳ ଷ୍ଟିଲ୍ ବ୍ୟାଙ୍କ ଖାତାରେ ଜମା କରି ଜେଏସ୍‌ଡବ୍ଲ୍ୟୁର ପାରାଦୀପ କାର୍ଯ୍ୟାଳୟରେ ରସିଦ ଦାଖଲ ପାଇଁ ଉଲ୍ଲେଖ କରାଯାଇଛି। ନ ହେଲେ ୭ଦିନ ମଧ୍ୟରେ ଆଇନଗତ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସେଥିରେ ଦର୍ଶାଯାଇଛି। ଏହି ୩୦ ଜଣଙ୍କ ମଧ୍ୟରେ ୬ଟି ପରିବାର ଥିବା ଜଣାପଡ଼ିଛି। ଏଭଳି ଭୁଲ କିପରି ହେଲା ପଚାରିବାରୁ ଜେଏସଡବ୍ଲ୍ୟୁ ପକ୍ଷରୁ କୌଣସି ନିର୍ଦ୍ଦିଷ୍ଟ କାରଣ ଦର୍ଶାଯାଇନାହିଁ। ଏରସମା ତହସିଲଦାର ପ୍ରଜ୍ଞାନନ୍ଦ ଦାସ ଏ ସମ୍ପର୍କରେ କହିଛନ୍ତି, ଜଙ୍ଗଲ କମିଟି ସଭ୍ୟଙ୍କୁ ପ୍ରୋତ୍ସାହନ ରାଶି ପ୍ରଦାନରେ ତହସିଲ ପ୍ରଶାସନର କୌଣସି ଭୂମିକା ନାହିଁ। ମାତ୍ର ଅନୁସନ୍ଧାନରୁ ଜଣାପଡ଼ିଛି, ପାଟଣା ଗ୍ରାମର କେତେଜଣ ବ୍ୟକ୍ତି ଜଙ୍ଗଲ କମିଟିରେ ତାଙ୍କ ପରିବାର ଲୋକଙ୍କ ନାମ ପୂରାଇ ୫୦ ହଜାର ଲେଖାଏ ଅର୍ଥ ରାଶି ହଡ଼ପ କରିଥିଲେ । ଏ ବିଷୟ ଜଣାପଡିବା ପରେ ଜେଏସ୍‌ଡବ୍ଲ୍ୟୁ ପକ୍ଷରୁ ନୋଟିସ ଜାରି କରାଯାଇଛି।

## ଅଚଳ ଓଭରହେଡ୍ ପାଣି ଟାଙ୍କିର ମରାମତି ହେବ

### ୮ ବର୍ଷ ହେଲା ବନ୍ଦ ହୋଇ ପଡ଼ିଥିଲା

ଡେରାବିଶ, ୩।୭(ସ୍ୱ.ପ୍ର.)




ରାଜ୍ୟ ସରକାର ଗ୍ରାମାଞ୍ଚଳର ଜନସାଧାରଣଙ୍କୁ ବିଶୁଦ୍ଧ ପାନୀୟଜଳ ଯୋଗାଇ ଦେବାକୁ ଗ୍ରାମ୍ୟ ପାନୀୟ ଜଳ ଯୋଗାଣ ବିଭାଗ ତତ୍ତ୍ୱାବଧାନରେ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି। ହେଲେ ଡେରାବିଶ ବ୍ଲକ ଅନ୍ତର୍ଗତ ଗୁଆଳସିଂ ପଞ୍ଚାୟତର ଠାକୁରହାଟଠାରେ ୧୦ ବର୍ଷ ପୂର୍ବରୁ ନିର୍ମିତ ହୋଇଥିବା ଓଭରହେଡ୍ ପାଣି ଟାଙ୍କିଟି ନିର୍ମାଣର ୨ ବର୍ଷ ପରେ ଅଚଳ ହୋଇପଡିଥିଲା। ବିଭାଗୀୟ କର୍ତ୍ତୃପକ୍ଷ ଖରାପ ହୋଇଥିବା ଏହି ପାଣି ଟାଙ୍କିକୁ ମରାମତି କରିବା ପରିବର୍ତ୍ତେ ପ୍ରତ୍ୟେକ ବର୍ଷ ବାହାରପଟୁ ରଙ୍ଗ କରି ସରକାରୀ ଅର୍ଥକୁ ହରିଲୁଟ୍ କରିଚାଲିଥିଲେ। ସ୍ଥାନୀୟ ଅଞ୍ଚଳବାସୀଙ୍କୁ ପାଣି ଟାଙ୍କି ବଦଳରେ ପାଣି ପମ୍ପ ଯୋଗେ ପାନୀୟଜଳ ଯୋଗାଇବାର ବନ୍ଦୋବସ୍ତ କରାଯାଇଥିଲା। ହେଲେ ପଞ୍ଚାୟତ ଅଧୀନ ୮ଟି ୱାର୍ଡର ଶେଷମୁଣ୍ଡ ଯାଏ ଠିକ୍ ଢଙ୍ଗରେ ପାଣି ପହଞ୍ଚୁପାରୁ ନ ଥିଲା। ପଞ୍ଚାୟତବାସୀଙ୍କ ପକ୍ଷରୁ ବାରମ୍ବାର କେନ୍ଦ୍ରାପଡ଼ା ବିଭାଗୀୟ ନିର୍ବାହୀ ଯନ୍ତ୍ରୀଙ୍କଠାରୁ ଆରମ୍ଭ କରି ବ୍ଲକ କନିଷ୍ଠ ଯନ୍ତ୍ରୀଙ୍କ ଯାଏ ଅଭିଯୋଗ ହୋଇଆସୁଥିଲା। ହେଲେ ଏ ନେଇ ବିଭାଗ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଉ ନ ଥିଲା। ତେବେ ମେ’ ୨୯ରେ ପଞ୍ଚାୟତ ସମିତି ଅଧ୍ୟକ୍ଷା ପ୍ରଭାତୀ ମଲ୍ଲିକଙ୍କ ଦ୍ୱାରା ଆହୁତ ସ୍ୱତନ୍ତ୍ର ବୈଠକରେ ଗୁଆଳସିଂ ସରପଞ୍ଚ ମଧୁସ୍ମିତା ଦାସ ଗ୍ରାମ୍ୟ ପାନୀୟଜଳ ଯୋଗାଣ ବିଭାଗ ପକ୍ଷରୁ ସମ୍ପୃକ୍ତ ପଞ୍ଚାୟତର ପ୍ରତି ଜଳ ଯୋଗାଣ ବ୍ୟବସ୍ଥାରେ ବ୍ୟାପକ ଅଣଦେଖା ନେଇ ପ୍ରତିବାଦ କରିଥିଲେ। ୭ ଦିନ ଭିତରେ ଏହି ସମସ୍ୟାର ସମାଧାନ ନ ହେଲେ ବିଭାଗୀୟ କାର୍ଯ୍ୟାଳୟ ସମ୍ମୁଖରେ ସେ ଧାରଣରେ ବସିବେ ବୋଲି ଚେତାବନୀ ଦେଇଥିଲେ। ବ୍ଲକ କନିଷ୍ଠ ଯନ୍ତ୍ରୀ ଦୁଇଦିନ ମଧ୍ୟରେ ଏହି ସମସ୍ୟାର ସମାଧାନ ହେବ କହି ସମୟ ଗଡ଼ାଇ ଚାଲିଥିବାରୁ ସାଧାରଣରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଥିଲା। ସରପଞ୍ଚ ଦାସ ଉଚ୍ଚ କର୍ତ୍ତୃପକ୍ଷଙ୍କ ନିକଟରେ ପୁନର୍ବାର ଦାବି ଜଣାଇବା ପରେ ବିଭାଗୀୟ କର୍ତ୍ତୃପକ୍ଷ ଏହାକୁ ଗୁରୁତ୍ୱ ଦେବା ସହ ଯୁଦ୍ଧକାଳୀନ ଭିତ୍ତିରେ ଏହି ଟାଙ୍କିର ମରାମତି ହେବ ବୋଲି କହିଥିଲେ। ତୁରନ୍ତ ପାନୀୟଜଳ ଯୋଗାଇ ଦେବାକୁ ନିର୍ବାହୀ ଯନ୍ତ୍ରୀ ବସନ୍ତ କୁମାର ନାୟକ, ଡେରାବିଶ ବ୍ଲକର କନିଷ୍ଠ ଯନ୍ତ୍ରୀ ଦେବାଶିଷ ଧଳ ଓ ବିଭୁଦତ୍ତ ଦାସ ଶନିବାର ଘଟଣାସ୍ଥଳକୁ ଯାଇ ଅଚଳ ହୋଇପଡ଼ିଥିବା ଟାଙ୍କିକୁ ଅନୁଧ୍ୟାନ କରି ଫେରିଛନ୍ତି। ତେବେ ସୋମବାରଠାରୁ ଏହି ଟାଙ୍କି ମରାମତି କରାଯାଇ ତୁରନ୍ତ ଲୋକଙ୍କୁ ପାନୀୟଜଳ ଯୋଗାଇ ଦିଆଯିବ ବୋଲି କନିଷ୍ଠ ଯନ୍ତ୍ରୀ ଧଳ କହିଛନ୍ତି।

## ବ୍ଲକର ୨ ମୁଖ୍ୟ ରାସ୍ତା ଖାଲଖମାରେ ପୂର୍ଣ୍ଣ

- ଯାତ୍ରୀ ହନ୍ତସନ୍ତ ହେଉଛନ୍ତି
- ଖାଲରେ ପାଣି ଜମି ବାରମ୍ବାର ଦୁର୍ଘଟଣା ହେଉଛି

ନାଉଗାଁ,୩।୭(ସ୍ୱ.ପ୍ର.)

ନାଉଗାଁ-ଡାବର ଓ ବାଲିକୁଦା-ଶିଖରଘାଟ ରାସ୍ତା ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧୀନରେ ରହିଛି। ନାଉଗାଁ ବ୍ଲକ ଦେଇ ଯାଇଥିବା ଏହି ରାସ୍ତା ଦୁଇଟି ପ୍ରମୁଖ ରାସ୍ତା ହୋଇଥିବା ବେଳେ କିଛି ବର୍ଷ ପୂର୍ବେ ମରାମତି ହୋଇଥିଲା। ଏବେ ପୁନର୍ବାର ଶୋଚନୀୟ ହୋଇଯାଇଛି। ଏନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ନାଉଗାଁ-ଡାବର ରାସ୍ତା ୧୦ ବର୍ଷ ପୂର୍ବେ ନିର୍ମାଣ ହୋଇଥିବାବେଳେ ୪ ବର୍ଷ ତଳେ ବିଭାଗ ପକ୍ଷରୁ ମରାମତି କରାଯାଇଥିଲା। ମରାମତି ସମୟରେ ଠିକାଦାର କେବଳ ପିଚୁ ହୋଇଥିବା ରାସ୍ତାକୁ ମରାମତି କରିଥିବା ବେଳେ ସିମେଣ୍ଟ କଂକ୍ରିଟ୍ ହୋଇଥିବା ରାସ୍ତାକୁ ଛାଡି ଦେଇଥିଲେ। ଏବେ ଉକ୍ତ କଂକ୍ରିଟ୍ ରାସ୍ତାଗୁଡ଼ିକର ଅବସ୍ଥା ବିପର୍ଯ୍ୟସ୍ତ ହୋଇଯାଇଛି। ରାସ୍ତାରୁ ସିମେଣ୍ଟ ଗୋଡି ଛାଡ଼ିଯାଇ ବିଭିନ୍ନ ସ୍ଥାନରେ ଖାଲଖମା ସୃଷ୍ଟିହୋଇଛି। ମରାମତି ହୋଇଥିବା ପିଚୁ ରାସ୍ତାର ମଧ୍ୟ ସମାନ ଅବସ୍ଥା ଦେଖିବାକୁ ମିଳିଛି। କାନୁନ୍‌ଗୋ ସାହି, ଗୋଠଦା, ଅରିଓଦା, ତିରୁଣା ଓ ମହନାପାରୀ ଆଦି ନିକଟରେ ଏହି ରାସ୍ତାର ଅବସ୍ଥା ଅଧିକ ଖରାପ ହୋଇଯାଇଛି। ଏବେ ବର୍ଷାଋତୁ ଆରମ୍ଭ ହୋଇଥିବା ବେଳେ ଅସରାଏ ବର୍ଷାରେ ଖାଲରେ ପାଣି ଜମିଯାଉଛି। ଗାଡ଼ିଚାଳକମାନେ ଏହା ଜାଣି ନ ପାରି ଯାତାୟାତ ସମୟରେ ବାରମ୍ବାର ଦୁର୍ଘଟଣାର ସମ୍ମୁଖୀନ ହେଉଛନ୍ତି। ସେହିପରି ବାଲିକୁଦାରୁ ଶିଖରଘାଟକୁ ସଂଯୋଗ କରୁଥିବା ରାସ୍ତାକୁ ନାଉଗାଁ ବ୍ଲକର ଦେଓପଡାଠାରେ ୨୦୨୧ରେ ମରାମତି କରାଯାଇଥିଲା। ଏହି ରାସ୍ତାର ତିରୁଣାଠାରୁ ଶିଖର ପର୍ଯ୍ୟନ୍ତ ରାସ୍ତାକୁ ୫ ବର୍ଷ ତଳେ ମରାମତିକରାଯାଇଥିବା ବେଳେ ଏବେ ତାହା ଶୋଚନୀୟ ହୋଇଯାଇଛି। ତିରୁଣାଠାରେ ପଞ୍ଚାୟତ କାର୍ଯ୍ୟାଳୟ,ଗୋପବନ୍ଧୁ ସ୍ମାରକୀ ନୋଡାଲ ବିଦ୍ୟାଳୟ ରହିଥିବା ବେଳେ ଗଙ୍ଗଦା ବଜାରକୁ ଏହି ରାସ୍ତା ସଂଯୋଗ କରୁଅଛି। ଏପରି କି ରାସ୍ତାରେ ଯାନବାହନ ଯିବାତ ଦୂରର କଥା ପଦଚାରୀମାନେ ଯିବା ମଧ୍ୟ କଷ୍ଟସାଧ୍ୟ ହୋଇଯାଇଛି। ରାସ୍ତା ଦେଇ ବିଦ୍ୟାଳୟକୁ ପିଲାମାନେ ଗଲାବେଳେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ରାସ୍ତାରେ ପାଣି ଜମୁଥିବାରୁ ଯାନବାହନ ଯିବା ସମୟରେ ଚାରିଆଡେ କାଦୁଅ ଛିଟା ପଡୁଛି। ଉଭୟ ରାସ୍ତାକୁ ଯଥାଶୀଘ୍ର ମରାମତି କରିବା ପାଇଁ ସ୍ଥାନୀୟ ବାସିନ୍ଦା ପ୍ରଶାସନ ନିକଟରେ ଦାବି କରିଛନ୍ତି। ଏ ସମ୍ପର୍କରେ ବିଭାଗୀୟ ଯନ୍ତ୍ରୀ ରମାକାନ୍ତ ମିଶ୍ର କହିଛନ୍ତି, ରାସ୍ତା କାର୍ଯ୍ୟ ପାଇଁ ବିଭାଗ ପକ୍ଷରୁ ଟେଣ୍ଡର କରାଯାଇଛି। ଚୁକ୍ତିନାମା ପରେ କାର୍ଯ୍ୟ ଆରମ୍ଭ କରାଯିବ।



ତିରୁଣା ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖ ରାସ୍ତା ଅବସ୍ଥା ଶୋଚନୀୟ ହୋଇଯାଇଛି ।

## ନେକ୍ସସ୍ ଏସ୍ପ୍ଲାନେଡ୍‌ରେ ଆକର୍ଷଣୀୟ ରିହାତି

ଭୁବନେଶ୍ୱର: ନେକ୍ସସ୍ ଏସ୍ପ୍ଲାନେଡ୍ ପକ୍ଷରୁ ୩୦ରୁ ଅଧିକ ବ୍ରାଣ୍ଡ ଉପରେ ଫ୍ଲାଟ୍ ୫୦% ରହାତି ସମ୍ପର୍କରେ ଘୋଷଣା କରାଯାଇଛି। ମହାମାରୀ ପରେ ବ୍ୟବସାୟ ସାଧାରଣ ସ୍ଥିତିକୁ ଫେରିଥିବା ବେଳେ ଗ୍ରାହକମାନେ ଅଧିକ କିଛି ଏକ୍ସପ୍ଲୋର କରିବା ପାଇଁ ଉତ୍ସାହିତ ରହିଛନ୍ତି। ନେକ୍ସସ୍ ମଲ୍‌ଗୁଡିକରେ ମହାମାରୀ ପରବର୍ତ୍ତୀ ସମୟରେ ଗ୍ରାହକଙ୍କ ଆଗମନ ବୃଦ୍ଧି ପାଇଛି। ଏହାକୁ ଦୃଷ୍ଟିରେ ରଖି ସମସ୍ତ ବ୍ରାଣ୍ଡଗୁଡିକ ସପର୍‌ଙ୍କୁ ଆକର୍ଷଣୀୟ ଡିଲ ସହ ଫ୍ଲାଟ୍ ୫୦% ରିହାତି ପ୍ରଦାନ କରୁଛନ୍ତି। ଏହି ସେଲ୍ ଜୁଲାଇ ୩ ତାରିଖରେ ଶେଷ ହେବ। ଏହି ତିନି ଦିନିଆ ସେଲ୍ ଗ୍ରାହକଙ୍କୁ ଅଗ୍ରଣୀ ବ୍ରାଣ୍ଡଗୁଡିକ ଉପରେ ଆକର୍ଷଣୀୟ ରିହାତି ପାଇବା ସହ ନିଶ୍ଚିତ ଉପହାର ଜିତିବାର ସୁଯୋଗ ପ୍ରଦାନ କରିବ।

## ସଂକ୍ଷେପରେ

### ଏସ୍‌ବିଆଇ କାର୍ଡ଼ ଓ ଏବିଏଫ୍‌ଏଲ୍‌ର ସହଭାଗିତା

ମୁମ୍ବାଇ,୩।୭: ଏସ୍‌ବିଆଇ କାର୍ଡ଼ ଓ ଆଦିତ୍ୟ ବିର୍ଲା ଫାଇନାନ୍ସ ଲିମିଟେଡ୍ (ଏବିଏଫ୍‌ଏଲ୍) ମଧ୍ୟରେ ଏକ ବ୍ୟବସାୟିକ ସହଭାଗୀତା ସ୍ଥାପନ ହୋଇଛି। ଏହି ପରିପ୍ରେକ୍ଷୀରେ ଆଦିତ୍ୟ ବିର୍ଲା ଏସ୍‌ବିଆଇ କାର୍ଡ଼'ର ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରାଯାଇଛି। ଏହା ଏକ ସର୍ବୋଚ୍ଚ ରିୱାର୍ଡିଂ ଲାଇଫ୍ ଷ୍ଟାଇଲ୍ କ୍ରେଡିଟ୍ କାର୍ଡ଼, ଏଥିପାଇଁ ଷ୍ଟ୍ରାଟେଜିକ୍ ପାର୍ଟନର ଏବିଏଫ୍‌ଏଲ୍ ରହିଛି। ଯାହାକି ଆଦିତ୍ୟ ବିର୍ଲା କ୍ୟାପିଟାଲ୍ ଲିଃ.ରଣ ପ୍ରଦାନକାରୀ ସହାୟକ ସଂସ୍ଥା ଅଟେ। ଏହି କାର୍ଡ଼ଟି ଗ୍ରାହକଙ୍କର ଲାଇଫ ଷ୍ଟାଇଲ୍ ଖର୍ଚ୍ଚ ଉପରେ ଅନେକ ଗୁଡ଼ିଏ ରିୱାର୍ଡ଼ ପଏଣ୍ଟ ପ୍ରଦାନ କରିବ। ଏହି କାରଣରୁ 'ଆଦିତ୍ୟ ବିର୍ଲା ଏସ୍‌ବିଆଇ କାର୍ଡ଼' ଗ୍ରାହକମାନଙ୍କ ପାଇଁ ସମସ୍ତ ବିଭାଗରେ ଏକ ଆକର୍ଷଣୀୟ ସୁବିଧା ଅଫର କରୁଛି। ଏହି ରିୱାର୍ଡ଼ ଉପଯୋଗୀ କ୍ରେଡିଟ୍ କାର୍ଡ଼କୁ ଦୁଇଟି ଭାରିଆଣ୍ଟରେ ଶୁଭାରମ୍ଭ କରାଯାଇଛି। ଆଦିତ୍ୟ ବିର୍ଲା ଏସବିଆଇ କାର୍ଡ ସିଲେକ୍ଟ' ଓ 'ଆଦିତ୍ୟ ବିର୍ଲା ଏସବିଆଇ କାର୍ଡ଼' ଯାହାକି ଭିସା ପ୍ଲାଟଫର୍ମରେ ପ୍ରସ୍ତୁତ ହୋଇଛି।

### ଇଜିଡିନର୍ ସହ ଆକ୍ସିସ୍ ବ୍ୟାଙ୍କର ସହଯୋଗିତା ସ୍ଥାପନ

ମୁମ୍ବାଇ,୩।୭: ଆକ୍ସିସ୍ ବ୍ୟାଙ୍କ ଏହାର ଗ୍ରାହକମାନଙ୍କୁ ସମୃଦ୍ଧ ଡାଇନିଂ ଅନୁଭୂତି ପ୍ରଦାନ କରିବା ଲାଗି ଡାଇନିଂ ଡିଲାଇଟ୍‌ସ ଆରମ୍ଭ କରିବା ନିମନ୍ତେ ଇଜିଡିନର୍ ସହ ସହଯୋଗିତା ସ୍ଥାପନ କରିଛି। ଇଜିଡିନର ଆପ୍ ଜରିଆରେ ଟେବୁଲ ସଂରକ୍ଷଣ ବିଷୟରେ ସ୍ୱଷ୍ଟତା ଓ ସ୍ୱତନ୍ତ୍ର ଅଫର ଆଦି ସୁବିଧା ମିଳିପାରିବ। ଉନ୍ନତ ଡାଇନିଂ ଅନୁଭୂତି ସହିତ ପ୍ରିମିୟମ୍ କାର୍ଡଧାରୀମାନଙ୍କ ଲାଗି ସ୍ୱତନ୍ତ୍ର ଜନ୍ମଦିନ ପାଳନ ଅନୁଭୂତି ପ୍ରଦାନ କରିବା ଲାଗି ଡାଇନିଂ ଡିଲାଇଟ୍ ପକ୍ଷରୁ 'ସେଲିବ୍ରେସନ୍ସ ୱିଥ୍ ଆକ୍ସିସ୍ ବ୍ୟାଙ୍କ ଆଣ୍ଡ ଇଜିଡିନର' ସୁବିଧା ପ୍ରଦାନ କରାଯିବ ଓ ଏଥିରେ ସେମାନଙ୍କ ଭୋଜନ ଉପରେ ୫୦% ରିହାତି ମିଳିବ। ସବୁ ଯୋଗାଡ଼ ଓ ବୁକିଂ ବ୍ୟକ୍ତି ପସନ୍ଦ ଅନୁସାରେ ହେବ। ଜନ୍ମଦିନ ପାଳନକୁ ଆହୁରି ଉତ୍ସାହଜନକ କରବା ଲାଗି ଆକ୍ସିସ୍ ବ୍ୟାଙ୍କ ପକ୍ଷରୁ ମାଗଣାରେ ଜନ୍ମଦିନ କେକ୍ କିମ୍ବା ସିଗ୍ନେଚର ଡେଜର୍ଟ ପ୍ରଦାନ କରାଯିବ।

# ଏକ ଟ୍ରିଲିୟନ୍ ଟଙ୍କା ରାଜସ୍ୱର ହେବ ପୁନରୁଦ୍ଧାର

### ଏକ୍ସାଇଜ୍ ଶୁଳ୍କ ହ୍ରାସକୁ ବଳ ଯୋଗାଇବ ୱିଣ୍ଡଫଲ୍ ଟ୍ୟାକ୍ସ



ମୁମ୍ବାଇ ,୩।୭

ୱିଣ୍ଡଫଲ୍ ଟ୍ୟାକ୍ସ ବଳରେ ଭାରତ ମଧ୍ୟରେ ଉତ୍ପାଦିତ ତୈଳ ଏବଂ ବିଦେଶକୁ ରପ୍ତାନି ହୋଇଥିବା ଇନ୍ଧନ ଉପରେ ଲାଗୁ ଟିକସ ସମୁଦାୟ ରାଜସ୍ୱର ଚତୁର୍ଥାଂଶରୁ ଅଧିକ ହେବ ବୋଲି ଜଣାପଡିଛି। ଫଳରେ ପେଟ୍ରୋଲ ଏବଂ ଡିଜେଲ ଉପରେ ଏକ୍ସାଇଜ୍ ଶୁଳ୍କ ହ୍ରାସ କଲାପରେ ସରକାର ଯେଉଁ ରାଜସ୍ୱ ହ୍ରାସ କରିଥିଲେ। ସେ ସବୁ ଏହି ଟିକସ ବଳରେ ଫେରିପାଇବେ ବୋଲି ଶିଳ୍ପ ସୂତ୍ରରୁ ପ୍ରକାଶ ପାଇଛି। ବିଶେଷ କରି ଜୁଲାଇ ପହିଲାରେ ଭାରତ ସର୍ବଭାରତୀୟ ସ୍ତରରେ ଏକ ସିଲେକ୍ଟ ଲିଗରେ ଯୋଗ ଦେଇଥିଲା। ସେଥିରେ ତୈଳ କମ୍ପାନୀଗୁଡିକ ଶକ୍ତି ମୂଲ୍ୟ ହ୍ରାସରୁ ଟିକସ ଦେଇଛନ୍ତି। ଅପରପକ୍ଷରେ ପେଟ୍ରୋଲ ଏବଂ ଜେଟ ଇନ୍ଧନ (ଏଟିଏଫ) ରପ୍ତାନି ଉପରେ ସରକାର ଲିଟର ପିଛା ୬ ଟଙ୍କା ଏବଂ ଡିଜେଲ ରପ୍ତାନିରେ ୧୩ ଲିଟର ଟିକସ ହ୍ରାସ କରିଛନ୍ତି। ଏହା ଜୁଲାଇ ପହିଲାରୁ ସାରା ଦେଶରେ ଲାଗୁ ମଧ୍ୟ ହୋଇଛି। ସେହିଭଳି ଦେଶରେ ଉତ୍ପାଦିତ ଅଶୋଧିତ ତୈଳ ଉପରେ ଟନ୍ ପିଛା ୨୩,୨୫୦ଟଙ୍କା ଟିକସ ଆଦାୟ କରାଯାଇଥିଲା। କେବଳ ତୈଳ ଏବଂ ପ୍ରାକୃତିକ ଗ୍ୟାସ ନିଗମ (ଓଏନଜିସି), ଅଏଲ ଇଣ୍ଡିଆ ଲିମିଟେଡ୍ ଏବଂ ବେଦାନ୍ତ ଲିମିଟେଡ୍ ପରି ଅଶୋଧିତ ତୈଳ ଉତ୍ପାଦନକାରୀଙ୍କ ଉପରେ ଟିକସ ୨୦୨୧-୨୨ ଆର୍ଥିକ (ଏପ୍ରିଲ୍ ୨୦୨୧ ରୁ ମାର୍ଚ୍ଚ ୨୦୨୨) ମଧ୍ୟରେ ୨୯.୭ ନିୟୁତ ଟନ୍ ତୈଳ ଉତ୍ପାଦନକୁ ବିଚାର କରି ବାର୍ଷିକ ୬୯,୦୦୦ କୋଟି ଟଙ୍କା ଲାଗୁ କରାଯାଇଛି। ସେହିପରି ଚଳିତ ଆର୍ଥିକ ବର୍ଷର ଅବଶିଷ୍ଟ ୯ ମାସ ପାଇଁ ଯଦି ଏହା (୨୦୨୩ ମାର୍ଚ୍ଚ ୩୧ ପର୍ଯ୍ୟନ୍ତ ଟିକସ ବ୍ୟବସ୍ଥା ଲାଗୁ) ଲାଗୁ ହୁଏ ତେବେ ସରକାର ପ୍ରାୟ ୫୨,୦୦୦କୋଟି ଟଙ୍କା ପାଇବେ ବୋଲି ଜଣାପଡିଛି। ସୂଚନାଯୋଗ୍ୟ ଯେ ଏପ୍ରିଲ ଓ ମେ ମାସରେ ଭାରତ ୨.୫ ମିଲିୟନ ଟନ୍ ପେଟ୍ରୋଲ, ୫.୭ ମିଲିୟନ ଟନ୍ ଡିଜେଲ ଏବଂ ୭୯୭,୦୦୦ ଟନ୍ ଏଟିଏଫ୍ ରପ୍ତାନି କରିଛି। ଯଦି ୨୦୨୩ ମାର୍ଚ୍ଚ ପର୍ଯ୍ୟନ୍ତ ଏହି ଟିକସ ବ୍ୟବସ୍ଥା ଜାରି ରୁହେ ଅତି କମରେ ୨୦,୦୦୦ କୋଟି ଟଙ୍କାର ରାଜସ୍ୱ ସଂଗ୍ରହ ହେବ ବୋଲି ବିଶେଷ ସୂତ୍ରରୁ ପ୍ରକାଶ ପାଇଛି। ଚଳିତ ଆର୍ଥିକ ବର୍ଷର ଅବଶିଷ୍ଟ ୧୦ମାସ ପାଇଁ ରାଜସ୍ୱ ପ୍ରାୟ ୮୪,୦୦୦ କୋଟି ଟଙ୍କା ଥିଲା ଏବଂ ୱିଣ୍ଡ ଟ୍ୟାକ୍ସ ଉକ୍ତ ଅଭାବର ୮୫%କୁ ଦୂର କରିବାରେ ସହାୟକ ହେବ ବୋଲି କୁହାଯାଉଛି।

# ଏସ୍‌ବିଆଇ ଭୁବନେଶ୍ୱର ମଣ୍ଡଳ ପକ୍ଷରୁ ବ୍ୟାଙ୍କ ପ୍ରତିଷ୍ଠା ଦିବସ



ଭୁବନେଶ୍ୱର,୩।୭

ଭାରତୀୟ ଷ୍ଟେଟ ବ୍ୟାଙ୍କ (ଏସ୍‌ବିଆଇ)ର ଭୁବନେଶ୍ୱର ମଣ୍ଡଳ ପକ୍ଷରୁ ନିକଟରେ ୬୭ତମ ବ୍ୟାଙ୍କ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ବ୍ୟାଙ୍କର ମୁଖ୍ୟ ମହାପ୍ରବନ୍ଧକ ଚନ୍ଦ୍ର ଶେଖର ଶର୍ମା ସମ୍ମାନିତ ଅତିଥି ଭାବେ ଯୋଗଦେଇ ପ୍ରତିଷ୍ଠା ଦିବସ ସହ ସ୍ଥାନୀୟ ମୁଖ୍ୟ କାର୍ଯ୍ୟାଳୟ ସମ୍ମୁଖରେ ଏକ ବାଲୁକା କଳାର ମଧ୍ୟ ଉନ୍ମୋଚନ କରିଥିଲେ। ଏହି ପରିପ୍ରେକ୍ଷୀରେ ଶର୍ମା କହିଥିଲେ ବ୍ୟାଙ୍କକୁ ଉନ୍ନତିର ଶିଖରକୁ ପହଞ୍ଚାଇଥିବାରୁ ଏହାର ସମସ୍ତ କର୍ମଚାରୀଙ୍କୁ ସାଧୁବାଦ ଜଣାଇଥିଲେ। ସେହିଭଳି ରାଜ୍ୟର ସମସ୍ତ ଶାଖାରେ ଗ୍ରାହକଙ୍କୁ ଉନ୍ନତମାନର ସେବା ଓ ସୁବିଧା ଯୋଗାଇ ଦେବାକୁ ସେ ଆହ୍ୱାନ ଦେଇଥିଲେ। ଅପରପକ୍ଷରେ ଏସବିଆଇର ସ୍ଥାନୀୟ ମୁଖ୍ୟ କାର୍ଯ୍ୟାଳୟ ଦ୍ୱାରା ଏହାର କର୍ମଚାରୀବର୍ଗଙ୍କ ପାଇଁ ଏକ ବିଶେଷ ରଙ୍ଗାରଙ୍ଗ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ଉକ୍ତ ରଙ୍ଗାରଙ୍ଗ କାର୍ଯ୍ୟକ୍ରମରେ ସ୍ଥାନୀୟ ଆକୃତି ଡ୍ୟାନ୍ସ ଗ୍ରୁପର ସଦସ୍ୟମାନେ ଉଭୟ ଶାସ୍ତ୍ରୀୟ ଓ ସମ୍ବଲପୁରୀ ଲୋକନୃତ୍ୟ ପରିବେଷଣ କରିଥିଲେ। ସେହିପରି ଓଲିଉଡର ଜଣାଶୁଣା କଣ୍ଠଶିଳ୍ପୀମାନଙ୍କ ଦ୍ୱାରା ସଙ୍ଗୀତ ପରିବେଷଣ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ଏସବିଆଇର ବହୁ କର୍ମଚାରୀ ଓ ସେମାନଙ୍କ ପରିବାରସଦସ୍ୟ ଯୋଗ ଦେଇଥିଲେ।

# 'ଅରୁନ୍ଧତୀ ଜୁଏଲର୍ସ'ର ୨୩ତମ ବାର୍ଷିକ ପୂର୍ତ୍ତି ଉତ୍ସବ

ଭୁବନେଶ୍ୱର,୩।୭



ରାଜ୍ୟର ପ୍ରମୁଖ ଅଳଙ୍କାର ପ୍ରତିଷ୍ଠାନ 'ଅରୁନ୍ଧତୀ ଜୁଏଲର୍ସ'ର ବଲାଙ୍ଗୀରଠାରେ ଥିବା ଏହାର ଅତ୍ୟାଧୁନିକ ଫ୍ଲାଗଶିପ୍ ଗହଣା ଶୋ'ରୁମ୍‌ର ୨୩ତମ ବାର୍ଷିକ ପୂର୍ତ୍ତି ଉତ୍ସବ ଆଡମ୍ବର ସହକାରେ ପାଳନ କରାଯାଇଛି। ଏହି ପରିପ୍ରେକ୍ଷୀରେ ଅରୁନ୍ଧତୀ ଜୁଏଲର୍ସର ପରିଚାଳନା ନିର୍ଦ୍ଦେଶକ (ଏମ୍‌ଡି) ବ୍ରହ୍ମାନନ୍ଦ ମେହେର କହିଛନ୍ତି, ଅରୁନ୍ଧତୀର ଏହି ସଫଳ ଯାତ୍ରା ଆମର ପ୍ରିୟ ଗ୍ରାହକଙ୍କ ବିଶ୍ୱାସ ଓ ଭରସା ସାଙ୍ଗକୁ କର୍ମଚାରୀଙ୍କ ନିଷ୍ଠାପରତା ଯୋଗୁ ସଫଳ ହୋଇପାରିଛି। ଏପରିକି ଦୀର୍ଘ ୨୩ ବର୍ଷ ପୂର୍ବରୁ ବଲାଙ୍ଗୀର ମାଟିରୁ ଆରମ୍ଭ ହୋଇ ବର୍ତ୍ତମାନ ଓଡ଼ିଶାର ୭ଟି ପ୍ରମୁଖ ସହରରେ ପ୍ରତିଷ୍ଠାନ ନିଜର ଉପସ୍ଥିତି ଜାହିର କରିବା ସହ ଓଡ଼ିଶାର ଏକ ପ୍ରମୁଖ ବ୍ରାଣ୍ଡ ଭାବେ ପରିଗଣିତ ହୋଇପାରିଛି। ଏହି ଯାତ୍ରାରେ ସାମିଲ ହୋଇଥିବା ସମସ୍ତ ଗ୍ରାହକ ଓ ଶୁଭେଚ୍ଛୁମାନଙ୍କ ସ୍ନେହ, ଶ୍ରଦ୍ଧା ଓ ଭଲପାଇବା ଦ୍ୱାରା ଅରୁନ୍ଧତୀ ଆଜି ରାଜ୍ୟର ୧ନଂ ବ୍ରାଣ୍ଡର ଆଖ୍ୟା ପାଇଥିବାରୁ ମେହେର କୃତଜ୍ଞତାର ସହ ସମସ୍ତଙ୍କୁ ଧନ୍ୟବାଦ ଜ୍ଞାପନ କରିଛନ୍ତି।

ପ୍ରତିଷ୍ଠାନର ୨୩ତମ ବାର୍ଷିକ ଉତ୍ସବକୁ ଚିରସ୍ମରଣୀୟ କରିବା ପାଇଁ ବଲାଙ୍ଗୀରର ୬୦୦୦ ବର୍ଗଫୁଟ ପରିମିତ ଫ୍ଲାଗଶିପ୍ ଶୋ'ରୁମ୍ ପକ୍ଷରୁ ଗ୍ରାହକମାନଙ୍କ ପାଇଁ ଆକର୍ଷଣୀୟ ଅଫର ଫ୍ଲାଟ୍ ୨୩% ସୁନା ଗହଣା ଓ ରୁପା ଗଢା ମଜୁରି ଉପରେ ଏବଂ ଫ୍ଲାଟ୍ ୨୩% ହୀରାଗହଣାର ମୂଲ୍ୟ ଉପରେ ରିହାତି ପ୍ରଦାନ କରାଯାଉଛି। ଏହା କେବଳ ବଲାଙ୍ଗୀର ଷ୍ଟୋରରେ ଉପଲବ୍ଧ ରହିବ। ଏହାର ସର୍ବୋତ୍ତମ ଡିଜାଇନ୍ ଓ ସମ୍ପୂର୍ଣ୍ଣ ହଲମାର୍କ ଶୁଦ୍ଧତା ଯୁକ୍ତ ସୁନା ଗହଣା, ହୀରା ଗହଣା ସ୍ୱତନ୍ତ୍ର ଭାବେ ପ୍ରସ୍ତୁତ ରୁପା ଗହଣା ଓ କଳାକୃତିର ସମ୍ଭାର ସହ ଏକ ନିଆରା ଗ୍ରାହକ ସେବା '୫ ଷ୍ଟାର ପ୍ରମିଜ'ର ସୁବିଧା ଗ୍ରାହକମାନଙ୍କ ପାଇଁ ରଖାଯାଇଛି। ଏହି ବିଶେଷ ମୁହୂର୍ତ୍ତକୁ ଅବିସ୍ମରଣୀୟ କରିବା ପାଇଁ ଅରୁନ୍ଧତୀ ଜୁଏଲର୍ସ ପକ୍ଷରୁ ସମସ୍ତ ଗ୍ରାହକବନ୍ଧୁଙ୍କୁ ସାଦର ନିମନ୍ତ୍ରଣ କରାଯାଉଛି।

## ଏସିଆରଏଫ୍‌କୁ ୨୫କୋଟି ଦେଲା ରିଲାଏନ୍ସ ଫାଉଣ୍ଡେସନ୍

ମୁମ୍ବାଇ,୩।୭

ଆସାମ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠି (ଏସିଆରଏଫ) କୁ ରିଲାଏନ୍ସ ଫାଉଣ୍ଡେସନ ୨୫ କୋଟି ଟଙ୍କାର ସହାୟତା ରାଶି ପ୍ରଦାନ କରିଛି। ବିଶେଷ କରି ଉକ୍ତ ଟଙ୍କା ଚଳିତ ବନ୍ୟାରେ କ୍ଷତିଗ୍ରସ୍ତ ହୋଇଥିବା ଆସାମ ଲୋକଙ୍କ କାମରେ ଲାଗିବ ବୋଲି ଫାଉଣ୍ଡେସନ ପକ୍ଷରୁ କୁହାଯାଇଛି। ସେହିଭଳି ଆସାମ ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱ ଶର୍ମା ମଧ୍ୟ ସାମାଜିକ ଗଣମାଧ୍ୟମରେ ଫାଉଣ୍ଡେସନର ସହାୟତା ଓ ଆସମ ଲୋକଙ୍କ ପ୍ରତି ରହିଥିବା ଭଲ ପାଇବାକୁ ସମ୍ମାନ ଜଣାଇ ସେ ଫାଉଣ୍ଡେସନର ଅଧ୍ୟକ୍ଷଙ୍କୁ କୃତଜ୍ଞତା ପ୍ରକାଶ କରିଛନ୍ତି। ବର୍ତ୍ତମାନର ଘଡ଼ିସନ୍ଧି ମୁହୂର୍ତ୍ତରେ ଆସାମ ଲୋକଙ୍କ ସହ ଛିଡ଼ା ହୋଇଥିବାରୁ ସେ ମୁକେଶ ଅମ୍ବାନି ଓ ଅନନ୍ତ ଅମ୍ବାନୀଙ୍କୁ ଗଭୀର କୃତଜ୍ଞତା ମଧ୍ୟ ଜଣାଇଛନ୍ତି। ବନ୍ୟାଜନିତ ରିଲିଫ ପ୍ରଦାନରେ ଏହା ବିଶେଷ ସହାୟକ ହେବ ବୋଲି ମୁଖ୍ୟମନ୍ତ୍ରୀ ମତବ୍ୟକ୍ତ କରିଛନ୍ତି।

## ପ୍ରେଟ୍ ଏ ମାଞ୍ଜେର ସହ ହାତ ମିଳାଇଲା ଆର୍‌ବିଏଲ୍

ମୁମ୍ବାଇ,୩।୭

ଲୋକପ୍ରିୟ ଖାଦ୍ୟ ଶୃଙ୍ଖଳା ବ୍ରାଣ୍ଡ 'ପ୍ରେଟ୍ ଏ ମାଞ୍ଜେର' ସହ ରିଲାଏନ୍ସ ବ୍ରାଣ୍ଡସ ଲିମିଟେଡ୍ (ଆର୍‌ବିଏଲ୍)ର ଏକ ଗୁରୁତ୍ୱପୂର୍ଣ୍ଣ ସହଯୋଗିତା ସ୍ଥାପନ ସମ୍ପର୍କରେ ଘୋଷଣା କରାଯାଇଛି। 'ପ୍ରେଟ୍ ଏ ମାଞ୍ଜେର'କୁ ଭାରତୀୟ ବଜାରରେ ଦୃଢ଼ କରିବା ଲାଗି ଉଭୟ କଂପାନି ମିଳିତ ଭାବେ କାର୍ଯ୍ୟ କରିବେ। ନିଜର ସତେଜ ଖାଦ୍ୟ ଓ ଜୈବିକ କଫି ପାଇଁ 'ପ୍ରେଟ୍ ଏ ମାଞ୍ଜେର' ସାରା ବିଶ୍ୱରେ ବେଶ୍ ଲୋକପ୍ରିୟ। ଏହି ଫ୍ରାଞ୍ଚାଇଜି ସହଯୋଗିତା ସହ ରିଲାଏନ୍ସ ବ୍ରାଣ୍ଡସ ଏବେ ସାରା ଦେଶର ପ୍ରମୁଖ ସହରରେ ଏହି ଖାଦ୍ୟଶୃଙ୍ଖଳା ଖୋଲିବ। 'ପ୍ରେଟ୍ ଏ ମାଞ୍ଜେର'ର ପ୍ରମୁଖ ଫୁଡ୍ ଶପ୍ ୧୯୮୬ରେ ଲଣ୍ଡନରେ ଖୋଲାଯାଇଥିଲା। ରିଲାଏନ୍ସ ବ୍ରାଣ୍ଡସ ଲିମିଟେଡ୍‌ର ଏମ୍‌ଡି ଦର୍ଶନ ମେହତା କହିଛନ୍ତି, ପ୍ରେଟ୍ ସହ ଆମର ସହଯୋଗିତା ଭାରତର ଖାଦ୍ୟ ଓ ପନୀୟ ଉଦ୍ୟୋଗର ଦୃଢ଼ ବିକାଶ କ୍ଷମତା ସହ ନିହିତ ରହିଛି। ଭାରତୀୟ ଉପଭୋକ୍ତାଙ୍କ ପସନ୍ଦ ଉପରେ ଆର୍‌ବିଏଲ୍ ତୀକ୍ଷଣ ନଜର ରଖିଥାଏ। ଗ୍ରାହକମାନଙ୍କ ମଧ୍ୟରେ ଖାଦ୍ୟକୁ ନେଇ ସଚେତନତା ବଢ଼ିଥିବା ବେଳେ ରେଡି-ଟୁ-ଇଟ୍ ନୂଆ ଫ୍ୟାଶନରେ ପରିଣତ ହୋଇଛି।

## ଫୁରସତ୍

# ମହାକାଶ ଯାତ୍ରା ଯୋଗୁ ବୋନ୍ ଲସ୍



ନୂଆଦିଲ୍ଲୀ: ମହାକାଶ ଯାତ୍ରା ମାଧ୍ୟମରେ ମନୁଷ୍ୟ ଶରୀରରେ ଏହାର ଖରାପ ପ୍ରଭାବ ପଡୁଥିବା ବିଶେଷଜ୍ଞମାନଙ୍କ ଏକ ଅଧ୍ୟୟନରୁ ଜଣାପଡ଼ିଛି। ଏ ନେଇ ଏବେ ୧୭ ଜଣ ମହାକାଶଚାରୀଙ୍କଠାରେ ବୋନ୍ ଲସ୍ ଦେଖିବାକୁ ମିଳିଛି। ସ୍ପେସ୍‌ର ମାଇକ୍ରୋଗ୍ରାଭିଟି କଣ୍ଡିଶନ୍ କାରଣରୁ ଏପରି ହେଉଥିବା ଗବେଷକମାନେ କହିଛନ୍ତି। ଏ ନେଇ କରାଯାଇଥିବା ଅଧ୍ୟୟନରେ ୧୪ ଜଣ ପୁରୁଷ ଓ ୩ ଜଣ ମହିଳା ମହାକାଶଚାରୀଙ୍କୁ ସାମିଲ କରାଯାଇଥିଲା। ଏହି ମହାକାଶଚାରୀମାନେ ଅତିକମ୍‌ରେ ୪ରୁ ୭ ମାସ ସ୍ପେସ୍‌ରେ ରହିଥିଲେ। ମିଶନ ସାରି ମହାକାଶରୁ ପୃଥିବୀ ପୃଷ୍ଠକୁ ଫେରିବା ପରେ ସେମାନଙ୍କ ବୋନ୍ ମିନେରାଲ୍ସ ୨.୧ ପ୍ରତିଶତ କ୍ଷୟ ହେଉଥିବା ଦେଖିବାକୁ ମିଳିଛି। ସେହିପରି ଲୋୟର୍ ଲେଗ୍‌ର ବୋନ୍ ଷ୍ଟ୍ରେନ୍‌ଥରେ ୧.୩ ପ୍ରତିଶତ ହ୍ରାସ ଘଟିଛି। ତେବେ ଏଗୁଡ଼ିକ ଏକ ପ୍ରକାର ସ୍ଥାୟୀ କ୍ଷତି ବୋଲି କୁହାଯାଇ ପାରିବ। ଆଷ୍ଟ୍ରୋନଟଙ୍କ ମହାକାଶ ଯାତ୍ରା ଉପରେ ୧ ବର୍ଷ ଧରି ବିଶେଷଜ୍ଞଙ୍କ ଅଧ୍ୟୟନ ଜାରି ରହିଥିବା ଗାଲକାରୀ ୟୁନିଭରସିଟି ପ୍ରଫେସର ଲେଘ ଗାବେଲ କହିଛନ୍ତି। ମନୁଷର ହାଡ଼ଗୁଡ଼ିକ ପୃଥିବୀରେ ଭାର ବୋହିବା ପାଇଁ ଉପଯୁକ୍ତ ହୋଇଥିବାବେଳେ ସ୍ପେସ୍‌ରେ ସେ ତାହା କରିପାରି ନ ଥାଏ। ମହାକାଶରେ ମନୁଷ୍ୟ ହାଡ଼ ଉପରେ ଅଧିକ ପ୍ରଭାବ ପଡ଼ିବା କାରଣରୁ ବୋନ୍ ଲସ୍ ହୋଇଥାଏ। ସ୍ପେସ୍‌ରେ ଏକାଧିକ ମାସ କିମ୍ବା ୧ ବର୍ଷ କାଟିବା ପରେ ବୋନ୍ ଜଏଣ୍ଟ ସବୁ ଦୁର୍ବଳ ହୋଇପଡ଼ିଥାଏ। ଗବେଷକଙ୍କ ମତରେ ଯଦି କୌଣସି କାରଣରୁ ସ୍ପେସ୍‌ରେ ମହାକାଶଚାରୀଙ୍କ ହାଡ଼ ଭାଙ୍ଗିଯାଏ ତେବେ ତାକୁ ଯୋଡ଼ିବା କଷ୍ଟକର।

## ଗୋପନୀୟତା ରକ୍ଷା କରିବ ଗୁଗଲ୍

ୱାଶିଂଟନ: ଗୋପନୀୟତା ଆଧାରରେ ଗୁଗଲ୍ ସଂସ୍ଥା ପକ୍ଷରୁ ଏକ ବଡ଼ ନିଷ୍ପତ୍ତି ନିଆଯାଇଛି। ଆମେରିକାରେ ଯେଉଁ ବ୍ୟକ୍ତି ବିଶେଷ ଗର୍ଭପାତ କ୍ଲିନିକ୍, ଘରୋଇ ହିଂସା ଆଶ୍ରୟସ୍ଥଳ, ପ୍ଲାଷ୍ଟିକ୍ ସର୍ଜରୀ କ୍ଲିନିକ୍‌କୁ ଯାଉଥିବେ ସେହି ବ୍ୟକ୍ତିଙ୍କ ଲୋକେଶନ୍ ଗୁଗଲ୍ ହିଷ୍ଟ୍ରିରୁ ହଟାଇଦିଆଯିବ ବୋଲି ନିକଟରେ ସଂସ୍ଥା ପକ୍ଷରୁ କୁହାଯାଉଛି। ଜେନ୍ ଫିଜପାଟ୍ରିକ୍ ଗୁଗଲର ବରିଷ୍ଠ ଉପାଧ୍ୟକ୍ଷ ସୋସିଆଲ ମିଡିଆରେ ଏ ନେଇ ଏକ ପୋଷ୍ଟ ଶେୟାର କରି କହିଛନ୍ତି ଯେ, ବ୍ୟକ୍ତି ବିଶେଷଙ୍କ ଗୋପନୀୟତାକୁ ଗୁରୁତର ସହ ନିଆଯିବା କଥା ସେ କହିଛନ୍ତି। ଆମେରିକା ସୁପ୍ରିମକୋର୍ଟରେ ଗର୍ଭପାତ ପାଇଁ ମହିଳାଙ୍କୁ ସାମ୍ବିଧାନିକ ଅଧିକାରରୁ ବଞ୍ଚିତ କରିବା ନିଷ୍ପତ୍ତି ପରେ ଗୁଗଲ ପକ୍ଷରୁ ଏ ପ୍ରକାର ନିଷ୍ପତ୍ତି ନିଆଯାଇଛି।

CLASSIFIED DISPLAY
ALL EDITION - B/W (Everyday)
MORE SPACE • SAME PRICE
TARIFF | GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

for Booking Contact: 0674-2580385, 8637280816, 7894447167, 9338226625

ମୁଦ୍ରା ଫାଇନାନ୍ସ
PM ମୁଦ୍ରା ଯୋଜନା
ଅଧୀନରେ 1ରୁ 90 ଲକ୍ଷ ପର୍ଯ୍ୟନ୍ତ ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ ସମସ୍ତ ଋଣ ।
2% ସୁଧ, 40% ରିହାତି ।
ମହିଳାଙ୍କ ପାଇଁ ବିଶେଷ ରିହାତି ।
ଅନ୍‌ଲାଇନ୍ ସୁବିଧା ।
Mudra Finance
Mob. 8987604637
Whatsapp: 8987604637

BALAJI FINANCE
(Reg. No. 0061)
(ଖର୍ଚ୍ଚ ଲୋନ ପାସ୍ ହେଲା ପରେ)
୧୯୮୨ ରୁ ଆପଙ୍କର ସେବାରେ
୨୦୨୦ ରେ ସନ୍ତୁଷ୍ଟ ଗ୍ରାହକ
ମାର୍କସିଟ, ପର୍ସନାଲ, ସମ୍ପତି, BPL, IIT ଭଉା, କୁକୁଡାପାଳନ, ଇତ୍ୟାଦି ସମସ୍ତ ଋଣ ମାତ୍ର ୨୪ ଘଣ୍ଟାରେ ଘରେ ବସି ପାଆନ୍ତୁ ।
2% ସୁଧ ଏବଂ 40% ଛାଡ
ମହିଳା, ଛାତ୍ର/ଛାତ୍ରୀ, ଫୌଜୀ ଭାଇମାନଙ୍କ ପାଇଁ ବିଶେଷ ରିହାତି
2th floor, Krishna Reddy, Mumbai, Maharastra
8902403341

ପାଠକଙ୍କ ପାଇଁ ସୂଚନା: ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ଅନ୍‌ହାପି ମ୍ୟାରେଜ୍‌ର କାରଣ କରନ



ସାମନ୍ତା ରୁଥ୍ ପ୍ରଭୁ

ମୁମ୍ବାଇ

ଆରମ୍ଭ ହୋଇଯାଇଛି ବହୁ ଚର୍ଚ୍ଚିତ ସେଲିବ୍ରିଟି ଟକ୍ ଶୋ' 'କଫି ୱିଥ୍ କରନ'। ଚର୍ଚ୍ଚାରେ ରହିଆସୁଥିବା ଏହି ଟକ୍ ଶୋ'କୁ ନେଇ ଆରମ୍ଭରୁ ହିଁ ଆଲୋଚନା ହୋଇଛି। ଟକ୍ ଶୋ'କୁ ଆସୁଥିବା ସେଲିବ୍ରିଟି କରନଙ୍କୁ ପ୍ରଶଂସା କରିବା ସହ ଅନେକ ସମୟରେ ତାଙ୍କୁ ସମାଲୋଚନା ମଧ୍ୟ କରିଥାନ୍ତି। ତେବେ ପ୍ରଥମ ଥର ପାଇଁ ଏହି ଚାଟ୍ ଶୋ'କୁ ଆସିଥିବା ସାଉଥ୍ ବ୍ୟୁଟି ସାମନ୍ତା ରୁଥ୍ ପ୍ରଭୁ କରନଙ୍କୁ ସମାଲୋଚନା କରିବାକୁ ପଛାଇ ନାହାନ୍ତି। ପ୍ରତ୍ୟେକ ଅନ୍ ହାପି ମ୍ୟାରେଜ୍‌ର କାରଣ ଫିଲ୍ମ ନିର୍ଦ୍ଦେଶକ ତଥା ପ୍ରଯୋଜକ କରନ ଜୋହର ବୋଲି ସାମନ୍ତା କହିଛନ୍ତି। ନାଗା ଚୈତନ୍ୟଙ୍କ ସହ ବିବାହ ବିଚ୍ଛେଦ ନେଇ କରନ ସାମନ୍ତାଙ୍କୁ ବହୁ ପ୍ରଶ୍ନ ପଚାରିଥିବାବେଳେ କରନଙ୍କ ପ୍ରଶ୍ନକୁ ଅଲଗା ମୋଡ଼ ଦେବା ପାଇଁ ସାମନ୍ତା ମଜାଳିଆ ଢଙ୍ଗରେ ଏ କଥା କହିଛନ୍ତି। କଫି ୱିଥ କରନ ଟକ୍ ଶୋ' ସିଜନ୍ ୭ରେ ପ୍ରଥମ ଥର ପାଇଁ ସାମନ୍ତା ଓ ବିଜୟ ଦେବରକୋଣ୍ଡା ଦେଖାଯିବେ। ସାମନ୍ତା ଓ ଖିଲାଡି କୁମାର ଅକ୍ଷୟ ଦୁହେଁ ଏକାଠି ଏହି ଶୋ'କୁ ଆସିଥିବାର ଦେଖିବାକୁ ମିଳିଥିଲା। ଦୁହେଁ ବର୍ତ୍ତମାନ ସୁଦ୍ଧା କୌଣସି ଫିଲ୍ମରେ ଏକାଠି କାମ କରି ନାହାନ୍ତି। କିନ୍ତୁ ସାମନ୍ତା ଓ ଅକ୍ଷୟ କୁମାରଙ୍କୁ ଏକ କମର୍ସିଆଲ୍ ଆଡ୍‌ରେ ଏକାଠି ଦେଖାଯାଇଛି।

# ମନେ ପଡ଼ନ୍ତି

**ଦଶାହ ଉପଲକ୍ଷେ**



୰ଦିନମଣି ମହାପାତ୍ର
ସ୍ୱାମୀ: ୰ଆର୍ତ୍ତତ୍ରାଣ ମହାପାତ୍ର
ପ୍ରହରାଜପୁର ଶାସନ, ପୁରୀ
ଆବିର୍ଭାବ: ତା୨୭।୦୯।୧୯୪୧ରିଖ
ତିରୋଧାନ: ତା୨୫।୦୬।୨୦୨୨ରିଖ
ବୋଉ! ତୁମ୍ଭର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା ।
ଶୋକସନ୍ତପ୍ତ ପରିବାରବର୍ଗ ।

**୩୨ତମ ଶ୍ରାଦ୍ଧବାର୍ଷିକୀ**



ସ୍ୱର୍ଗତ ପ୍ରଫୁଲ୍ଲ କୁମାର ଶ୍ରୀଚନ୍ଦନ
ଆବିର୍ଭାବ: ତା.୧୨।୦୪।୧୯୪୫ରିଖ
ତିରୋଧାନ: ତା.୦୪।୦୭।୧୯୯୦ରିଖ
ଆମେ ଆଜିର ୩୨ତମ ଶ୍ରାଦ୍ଧବାର୍ଷିକ ଉପଲକ୍ଷେ ଆପଣଙ୍କ ଆତ୍ମା ପରମେଶ୍ୱରଙ୍କ ସାନ୍ନିଧ ଲାଭ କରନ୍ତୁ, ଏହାହିଁ କାମନା କରୁଛୁ।
Director and Staff "X" Security Service (P)Ltd.

**ପ୍ରଥମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



୰ବାସୁଦେବ ବାରିକ
ଠିକଣା: ହନୁମନ୍ତପାଟଣା, ବାଲକାଟି, ଖୋର୍ଦ୍ଧା
ଆବିର୍ଭାବ: ୧୩।୦୬।୧୯୫୫
ତିରୋଧାନ: ୧୪।୦୭।୨୦୨୧
ଆପଣଙ୍କ ସ୍ନେହ, ଶ୍ରଦ୍ଧା, ତ୍ୟାଗ ଓ ନିଷ୍ଠା ଆମର ସର୍ବଦା ପାଥେୟ। ମହାପ୍ରଭୁ ଶ୍ରୀଜଗନ୍ନାଥ ଓ ମାଁ ଦୁଲାଦେଈ ତୁମର ପବିତ୍ର ଅମର ଆତ୍ମାକୁ ସଦ୍‌ଗତି ପ୍ରଦାନ କରନ୍ତୁ।
ଶୋକସନ୍ତପ୍ତ ପରିବାରବର୍ଗ ଓ ଆତ୍ମୀୟସ୍ୱଜନ ।

**ସପ୍ତମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ**



ସ୍ୱର୍ଗତା ଭୁଲେଶ୍ୱରୀ ପଣ୍ଡା
ସାଇକୃପା, ୯୭୩/୨୧୫୧, ପ୍ରକୃତି ବିହାର, ବରମୁଣ୍ଡା, ଭୁବନେଶ୍ୱର
ଆବିର୍ଭାବ- ୧୯୫୦ | ତିରୋଧାନ- ୨୧.୦୭/୨୦୧୫
(ଆଷାଢ ଶୁକ୍ଳ ପଞ୍ଚମୀ)
ମା, ତୁ ଚାଲି ଯିବାର ୭ବର୍ଷ ବିତିଗଲା। ତୋର ଅନୁପସ୍ଥିତିରେ ସବୁ କିଛି ଖାଲି ଖାଲି ଲାଗୁଛି। ପ୍ରତ୍ୟେକ ଜନ୍ମରେ ତୋର ସନ୍ତାନ ଭାବରେ ଜନ୍ମ ନେବା ଲାଗି ଇଶ୍ୱରଙ୍କ ନିକଟରେ ପ୍ରାର୍ଥନା। ତୋର ସ୍ନେହ, ତ୍ୟାଗ, ପରୋପକାରିତା, କର୍ତ୍ତବ୍ୟନିଷ୍ଠା, ଶୃଙ୍ଖଳାବୋଧ ଭଳି ଆଦର୍ଶରେ ଅନୁପ୍ରାଣିତ ହୋଇ ଜୀବନର ଚଲା ପଥରେ ଆଗେଇବା ଲାଗି ଆମ୍ଭେମାନେ ଚେଷ୍ଟିତ। ତୁ ଯୋଉଁଠି ବି ଥାଆ ଇଶ୍ୱରଙ୍କ କୃପାରୁ ଭଲରେ ଥାଆ, ତୋ ଭଳି ଜଣେ ମହାନ୍ ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା।
ଶ୍ରଦ୍ଧାଞ୍ଜଳି ସହ ତୋର ହତଭାଗ୍ୟ ପରିବାରବର୍ଗ

# ବିନାଶକାରୀ ଭୂମିକମ୍ପ



ନିକୁଞ୍ଜ ବିହାରୀ ସାହୁ

"ଭୂମିକମ୍ପର ତୀବ୍ରତା ୫ ରୁ ୫.୯ ଅଙ୍କ ମଧ୍ୟରେ ରହିଲେ ଘରର ଟେବୁଲ ଚଉକି ଭଳି ଭାରି ଆସବାବପତ୍ର ହଲିଯାଇପାରେ। ଭୂମିକମ୍ପର ତୀବ୍ରତା ୬ ରୁ ୬.୯ ଅଙ୍କ ମଧ୍ୟରେ ରହିଲେ କୌଣସି ବହୁତଳୀୟ ଅଟ୍ଟାଳିକାର ନିଅଁ ହଲିଯାଇପାରେ ଏବଂ ଉପର ମହଲା ଘର ବିଶେଷ କ୍ଷତିଗ୍ରସ୍ତ ହୋଇପାରେ। ଭୂମିକମ୍ପର ତୀବ୍ରତା ୭ ରୁ ୭.୯ ଅଙ୍କ ମଧ୍ୟରେ ରହିଲେ ବହୁତଳୀୟ ଅଟ୍ଟାଳିକା ସମ୍ପୂର୍ଣ୍ଣ ଭୁଶୁଡି ପଡ଼ିପାରେ ଏବଂ ଭୂତଳ ପାଣି ପାଇପ୍ ଫାଟି ଯାଇପାରେ। ଭୂମିକମ୍ପର ତୀବ୍ରତା ୮ ରୁ ୮.୯ ଅଙ୍କ ମଧ୍ୟରେ ରହିଲେ ବଡ଼ ବଡ଼ ପୋଲ ମଧ୍ୟ ଭାଙ୍ଗିଯାଇପାରେ। ଭୂମିକମ୍ପର ତୀବ୍ରତା ୯.୦ ଅଙ୍କରୁ ଅଧିକ ହେଲେ ସମସ୍ତ ନିର୍ମାଣ ଧ୍ୱସ୍ତବିଧ୍ୱସ୍ତ ହୋଇଯାଏ।"

ଗତ ମାସ ୨୨ ତାରିଖ ବୁଧବାର ସକାଳେ ପଡ଼ୋଶୀ ରାଷ୍ଟ୍ର ଆଫଗାନିସ୍ତାନରେ ଭୀଷଣ ଭୂମିକମ୍ପ ଅନୁଭୂତ ହୋଇଥିଲା। ରିକ୍ଟର ସ୍କେଲରେ ଏହାର ତୀବ୍ରତା ଥିଲା ୬.୧। ଏହି ବିନାଶକାରୀ ଭୂମିକମ୍ପରେ ପ୍ରାୟ ୧୦୦୦ରୁ ଊର୍ଦ୍ଧ୍ୱ ଲୋକଙ୍କ ମୃତ୍ୟୁ ଘଟିବା ସାଙ୍ଗକୁ ଅନେକ ଲୋକ ଆହତ ହୋଇଛନ୍ତି ଏବଂ ଧନସମ୍ପତ୍ତିର ବିପୁଳ କ୍ଷୟକ୍ଷତି ଘଟିଛି। ଏହା ଭୂକମ୍ପ କେନ୍ଦ୍ରଠାରୁ ପ୍ରାୟ ୫୦୦ କି.ମି. ବ୍ୟାପ୍ତି ପରିସୀମା ଅଞ୍ଚଳ ମଧ୍ୟରେ ଅନୁଭୂତ ହୋଇଥିଲା, ଫଳରେ ଏହାର ପ୍ରଭାବ ପଡ଼ୋଶୀ ପାକିସ୍ତାନ ଓ ଭାରତରେ ମଧ୍ୟ ଦେଖିବାକୁ ମିଳିଥିଲା।

**ରିକ୍ଟର ସ୍କେଲ୍ କ'ଣ :** ଭୂମିକମ୍ପର ତୀବ୍ରତାକୁ 'ରିକ୍ଟର୍ ସ୍କେଲ୍' ଏକକରେ ମପାଯାଏ। ଏହି ସ୍କେଲରେ ୪ ଅଙ୍କରୁ ଊର୍ଦ୍ଧ୍ୱ ଭୂମିକମ୍ପ ସାଧାରଣତଃ ଧନଜୀବନ ପ୍ରତି ବିନାଶକାରୀ ହୋଇଥାଏ। ଭୂମିକମ୍ପର ତୀବ୍ରତା ୪ ରୁ ୪.୯ ଅଙ୍କ ମଧ୍ୟରେ ରହିଲେ ଝରକାର କାଚ ଭାଙ୍ଗିଯାଇପାରେ ଏବଂ କାନ୍ଥରେ ଟଙ୍ଗା ଯାଇଥିବା ଫଟୋଫ୍ରେମ୍ ତଳେ ଖସି ପଡ଼ିପାରେ। ଭୂମିକମ୍ପର ତୀବ୍ରତା ୫ ରୁ ୫.୯ ଅଙ୍କ ମଧ୍ୟରେ ରହିଲେ ଘରର ଟେବୁଲ ଚଉକି ଭଳି ଭାରି ଆସବାବପତ୍ର ହଲି ଯାଇପାରେ। ଭୂମିକମ୍ପର ତୀବ୍ରତା ୬ ରୁ ୬.୯ ଅଙ୍କ ମଧ୍ୟରେ ରହିଲେ କୌଣସି ବହୁତଳୀୟ ଅଟ୍ଟାଳିକାର ନିଅଁ ହଲିଯାଇପାରେ ଏବଂ ଉପର ମହଲା ଘର ବିଶେଷ କ୍ଷତିଗ୍ରସ୍ତ ହୋଇପାରେ। ଭୂମିକମ୍ପର ତୀବ୍ରତା ୭ରୁ ୭.୯ ଅଙ୍କ ମଧ୍ୟରେ ରହିଲେ ବହୁତଳୀୟ ଅଟ୍ଟାଳିକା ସମ୍ପୂର୍ଣ୍ଣ ଭୁଶୁଡି ପଡ଼ିପାରେ ଏବଂ ଭୂତଳ ପାଣି ପାଇପ୍ ଫାଟି ଯାଇପାରେ। ଭୂମିକମ୍ପର ତୀବ୍ରତା ୮ରୁ ୮.୯ ଅଙ୍କ ମଧ୍ୟରେ ରହିଲେ ବଡ଼ ବଡ଼ ପୋଲ ମଧ୍ୟ ଭାଙ୍ଗିଯାଇପାରେ। ଭୂମିକମ୍ପର ତୀବ୍ରତା ୯.୦ ଅଙ୍କରୁ ଅଧିକ ହେଲେ ସମସ୍ତ ନିର୍ମାଣ ଧ୍ୱସ୍ତବିଧ୍ୱସ୍ତ ହୋଇଯାଏ। ଏଭଳି ପରିସ୍ଥିତିରେ କୌଣସି ଖୋଲା ସ୍ଥାନରେ ଛିଡ଼ା ହେଲେ ଭୂମିରେ ସମୁଦ୍ର ଭଳି ଲହଡିମାନ ତରଙ୍ଗାୟିତ ହେଉଥିବାର ଦେଖାଯାଏ ଏବଂ ସମୁଦ୍ରରେ ସୁନାମି ଭଳି ଉଚ୍ଚା ଉଚ୍ଚା ଲହଡିମାନ ସୃଷ୍ଟି ହୋଇ ସ୍ଥଳଭାଗରେ ପ୍ରଳୟ ରଚନା କରେ।






**ବିଶ୍ୱର ପ୍ରଳୟଙ୍କରୀ ଭୂମିକମ୍ପ :** ପୃଥିବୀରେ ପ୍ରତି ବର୍ଷ ପ୍ରାୟ ୫ ଲକ୍ଷ ଭୂମିକମ୍ପ ଅନୁଭୂତ ହୋଇଥାଏ। ଏଥିମଧ୍ୟରୁ ଆମେ କେବଳ ୧ ଲକ୍ଷ ଭୂମିକମ୍ପକୁ ଅନୁଭବ କରିପାରୁ। ପ୍ରାୟ ୧୦୦ଟି ଭୂମିକମ୍ପ ବିନାଶକାରୀ ହୋଇଥାଏ। ବିଶ୍ୱର ସବୁଠାରୁ ଶକ୍ତିଶାଳୀ ଭୂମିକମ୍ପ ୧୯୬୦ ମସିହାରେ ଚିଲିରେ ଅନୁଭୂତ ହୋଇଥିଲା। ରିକ୍ଟର ସ୍କେଲ୍‌ରେ



ଏହାର ତୀବ୍ରତା ଥିଲ ୯.୫। ଏଥିରେ ପ୍ରାୟ ୬୦୦୦ ଲୋକଙ୍କ ପ୍ରାଣହାନି ଘଟିଥିଲା। ଆମ ଦେଶରେ ସବୁଠାରୁ ପ୍ରଳୟଙ୍କରୀ ଭୂମିକମ୍ପ ୧୯୩୪ ମସିହାରେ ବିହାର ରାଜ୍ୟରେ ଅନୁଭୂତ ହୋଇଥିଲା, ଯେଉଁଥିରେ ପ୍ରାୟ ୩୦,୦୦୦ ଲୋକ ମତ୍ୟୁମୁଖରେ ପଡିଥିଲେ। ରିକ୍ଟର ସ୍କେଲ୍‌ରେ ଏହାର ତୀବ୍ରତା ଥିଲ ୮.୧। ଗତ ୧୮୧୧ ମସିହାରେ ଉତ୍ତର ଆମେରିକାରେ ଏଭଳି ଶକ୍ତିଶାଳୀ ଭୂମିକମ୍ପ ଅନୁଭୂତ ହୋଇଥିଲା ଯେ ଏହାର ପ୍ରଭାବରେ ମିସିସିପି ନଦୀ ଓଲଟା ବହିବାକୁ ଲାଗିଥିଲା। ଭୂମିକମ୍ପ ପ୍ରଭାବରେ ସବୁଠାରୁ ବିପଜ୍ଜନକ ହିମସ୍ଖଳନ ୧୯୭୦ ମସିହାରେ ପେରୁରେ ଦେଖାଯାଇଥିଲା ଯାହା ଘଣ୍ଟା ପ୍ରତି ୪୦୦ କି.ମି. ଭଳି ଦୁରନ୍ତ ବେଗରେ ଗତି କରିଥିଲା। ଭୂମିକମ୍ପ ପ୍ରଭାବରେ ସବୁଠାରୁ ଭୟଙ୍କର ହିମସ୍ଖଳନ ୧୯୨୦ ମସିହାରେ ଚାଇନାର କାଂସୁ ପ୍ରଦେଶରେ ଘଟିଥିଲା, ଯେଉଁଥିରେ ପ୍ରାୟ ୨ ଲକ୍ଷ ଲୋକଙ୍କ ମୃତ୍ୟୁ ଘଟିଥିଲା। ଗତ ୨୦୦୪ ଡିସେମ୍ବର ୨୬ରେ ଇଣ୍ଡୋନେସିଆ ନିକଟସ୍ଥ ସମୁଦ୍ରରେ ଘଟିଥିବା ଭୂମିକମ୍ପରେ ପ୍ରଳୟଙ୍କରୀ ସୁନାମିର ଲହଡିମାନ ସୃଷ୍ଟି ହୋଇଥିଲା,ଯେଉଁଥିରେ ପ୍ରାୟ ୨.୩୦ ଲକ୍ଷ ଲୋକଙ୍କ ମୃତ୍ୟୁ ଘଟିଥିଲା। ଏହି ଭୂମିକମ୍ପର ଝଟକା ସର୍ବାଧିକ ୧୦ ମିନିଟ୍ ଧରି ଅନୁଭୂତ ହୋଇଥିଲା।

**ଭୂମିକମ୍ପର କାରଣ:** ଆମର ପୃଥିବୀପୃଷ୍ଠ ଅନେକ ସୁଦୃଢ଼ ପ୍ଲେଟ୍ ଉପରେ ପର୍ଯ୍ୟବସିତ ଯାହାକୁ 'ଟେକଟୋନିକ ପ୍ଲେଟ୍' କୁହାଯାଏ। ଏହି ପ୍ଲେଟ୍‌ଗୁଡିକ ସଦାସର୍ବଦା ଗତିଶୀଳ। ଅବଶ୍ୟ ଏହି ପ୍ଲେଟଗୁଡିକର ଗତି ଅତି ସ୍ୱଳ୍ପ ଏବଂ ବର୍ଷକୁ ମାତ୍ର ୪ ସେ.ମି. ଗତି କରିଥାଏ। ଏହି ଚଳନ ଯୋଗୁ ବେଳେବେଳେ ପ୍ଲେଟ୍‌ଗୁଡିକ ମଧ୍ୟରେ ସଂଘର୍ଷ ଘଟେ ଏବଂ ଗୋଟିଏ ପ୍ଲେଟ୍ ଅନ୍ୟ ପ୍ଲେଟ୍ ଉପରେ ପ୍ରଚଣ୍ଡ ପାର୍ଶ୍ୱଚାପ ପ୍ରୟୋଗ କରେ। ଏହି ଚାପ ଅତ୍ୟଧିକ ହେବାରୁ ଗୋଟିଏ ପ୍ଲେଟ୍ ଅନ୍ୟ ପ୍ଲେଟ୍ ଉପରେ ଚଢିଯାଏ। ଏହି ଅଞ୍ଚଳରେ ହିଁ ପୃଥିବୀପୃଷ୍ଠ ଦୋହଲି ଉଠି ଭୂମିକମ୍ପ ସୃଷ୍ଟି ହୁଏ। ସୁତରାଂ ପ୍ଲେଟ୍‌ଗୁଡିକର ପ୍ରାନ୍ତ ଭାଗ ଅତ୍ୟନ୍ତ ଭୂମିକମ୍ପ ପ୍ରବଣ ହୋଇଥାଏ।

**ହିମାଳୟ ଅଞ୍ଚଳରେ କାହିଁକି ପ୍ରଳୟଙ୍କରୀ ଭୂମିକମ୍ପମାନ ସୃଷ୍ଟି ହୁଏ :** ପ୍ରାୟ ୪ କୋଟି ବର୍ଷ ପୂର୍ବେ ଭାରତୀୟ ଉପମହାଦେଶ ପ୍ଲେଟ୍ ୟୁରେସିଆ ପ୍ଲେଟ୍ ସହିତ ଧକ୍କା ଖାଇଥିଲା। ଏହାଦ୍ୱାରା ପ୍ଲେଟ୍‌ର ପ୍ରାନ୍ତ ଭାଗରେ ପ୍ରଚଣ୍ଡ ଚାପ ସୃଷ୍ଟି ହୋଇ ହିମାଳୟ ଭଳି ଭଙ୍ଗିଳ ପର୍ବତମାଳା ସୃଷ୍ଟି ହୋଇଥିଲା। ଏହାର ପ୍ରଭାବରେ ହିମାଳୟ ପର୍ବତର ଉଚ୍ଚତା ପ୍ରତି ବର୍ଷ ୧ ସେ.ମି. ବୃଦ୍ଧି ପାଉଛି। ଆହୁରି ମଧ୍ୟ, ପ୍ଲେଟ୍ ପ୍ଲେଟ୍ ମଧ୍ୟରେ ବାରମ୍ବାର ସଂଘର୍ଷ କାରଣରୁ ପ୍ଲେଟ୍‌ର ଚାପ ସହନ କରିବାର ସାମର୍ଥ୍ୟ ଦୁର୍ବଳ ହୋଇଯାଏ। ଏହା ଦ୍ୱାରା ପ୍ଲେଟ୍ ର କିଛି ଅଂଶ ମଧ୍ୟ କ୍ଷତିଗ୍ରସ୍ତ ହୋଇ ତଳେ ଗଚ୍ଛିତ ବିପୁଳ ଶକ୍ତି ଭୂମିକମ୍ପ ରୂପରେ ପଦାକୁ ନିର୍ଗତ ହୋଇଥାଏ। ଏହି କାରଣରୁ ସମଗ୍ର ହିମାଳୟ କ୍ଷେତ୍ରରେ ଅଧିକ ଭୂମିକମ୍ପ ଆସିଥାଏ ଏବଂ ଆଫଗାନିସ୍ତାନ, ପାକିସ୍ତାନ ତଥା ଉତ୍ତର ଭାରତର କିଛି ଅଂଶ ଅତ୍ୟନ୍ତ ଭୂମିକମ୍ପ ପ୍ରବଣ ହୋଇଥାଏ।

ବନ୍ୟା ବାତ୍ୟା ଭଳି ଭୂମିକମ୍ପର ପୂର୍ବାନୁମାନ ନିମନ୍ତେ ଏବେ ସୁଦ୍ଧା କୌଣସି ଠିକ୍ ଓ ନିର୍ଭରଯୋଗ୍ୟ ପଦ୍ଧତି ବିକଶିତ ହୋଇପାରି ନାହିଁ। କେତେକ ଜୀବଜନ୍ତୁ ନିଜର ବିଚିତ୍ର ଆଚରଣ ଜରିଆରେ ଭୂମିକମ୍ପର ପୂର୍ବସୂଚନା ଦେଇଥାନ୍ତି। ହାତୀମାନେ ନିଜର ବିଶାଳ କାନ ଦ୍ୱାରା ପୃଥିବୀ ଅଭ୍ୟନ୍ତରସ୍ଥ ପ୍ଲେଟ୍‌ଗୁଡିକର ପରସ୍ପର ମଧ୍ୟରେ ଘଷି ହେବାର ସ୍ୱଳ୍ପ ତରଙ୍ଗଦୈର୍ଘ୍ୟ ବିଶିଷ୍ଟ ଧ୍ୱନି ଶୁଣିପାରନ୍ତି ବୋଲି ବିଶ୍ୱାସ କରାଯାଏ। ଭୂମିକମ୍ପ ସହନଶୀଳ ଗୃହ ନିର୍ମାଣ, ତ୍ୱରାନ୍ୱିତ ଉଦ୍ଧାରକାର୍ଯ୍ୟ ଏବଂ ସତର୍କ ରହିବା ହିଁ ଭୂମିକମ୍ପ ମୁକାବିଲାର ଏକମାତ୍ର ସଫଳ ଉପାୟ।

–ଏଜୁକେଶନ୍ ଅଫିସର, ଆଞ୍ଚଳିକ ବିଜ୍ଞାନ କେନ୍ଦ୍ର, ଭୋପାଳ, ମଧ୍ୟପ୍ରଦେଶ
ମୋ : ୮୦୧୮୭୦୮୮୫୮

## ମେଦ ହ୍ରାସର ସହଜ ଉପାୟ



ଆଜିକାଲି ଓଜନ ବଢ଼ିବା ଏକ ସାଧାରଣ କଥା ପାଲଟି ଗଲାଣି। ତେବେ ଆମକୁ ନିଜର ଓଜନକୁ ସନ୍ତୁଳିତ ରଖିବା ନିହାତି ଜରୁରୀ। କାରଣ ଓଜନ ବଢ଼ିଗଲେ ତାହା କେତେକ ସ୍ୱାସ୍ଥ୍ୟ ସମସ୍ୟାକୁ ପରୋକ୍ଷରେ ଆମନ୍ତ୍ରଣ କରିଥାଏ। ଏହାକୁ ନିୟନ୍ତ୍ରଣରେ ରଖିବା ଲାଗି ଏକ ସହଜ ତଥା ସରଳ ଉପାୟ ଅବଲମ୍ବନ କରିପାରନ୍ତି। ପ୍ରତିଦିନ ଉଷୁମ ପାଣିରେ ଫାଳେ ଲେମ୍ବୁ ଚିପୁଡି ସେହି ପାଣିକୁ ପିଇଲେ ତାହା ଆମ ପାଇଁ ବେଶ୍ ଉପକାରୀ ସାବ୍ୟସ୍ତ ହୋଇଥାଏ। ବିଶେଷଭାବରେ ଏଥିଯୋଗୁ ମେଦବହୁଳତା କେତେକାଂଶରେ ହ୍ରାସ ପାଇଥାଏ। ଲେମ୍ବୁରେ ଭିଟାମିନ –ସି ଓ ଆଣ୍ଟିଅକ୍ସିଡେଣ୍ଟ ଯଥେଷ୍ଟ ପରିମାଣରେ ରହିଛି, ଯାହାକି ମନୁଷ୍ୟ ଶରୀର ପାଇଁ ଅତି ଉପକାରୀ। ଆମେ ପ୍ରତିଦିନ ଖାଦ୍ୟରେ ଲେମ୍ବୁ ଖାଇବା ଦ୍ୱାରା ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି ପାଇବା ସହ,ରକ୍ତହୀନତା ପରି ସମସ୍ୟା ଦୂର ହୋଇଥାଏ। ତା'ସହ ପାଚନ କ୍ରିୟାକୁ ଏହା ଆହୁରି ସକ୍ରିୟ କରାଇଥାଏ। ଲେମ୍ବୁ ରସକୁ ବିଭିନ୍ନ ପ୍ରଣାଳୀରେ ଖାଦ୍ୟ ରୂପେ ଗ୍ରହଣ କରିବା ଦ୍ୱାରା ଶରୀରରେ ବିଭିନ୍ନ ପ୍ରକାର ଭୂତାଣୁ ଜନିତ ରୋଗକୁ ତାହା କେତେକାଂଶରେ ପ୍ରତିରୋଧ କରିଥାଏ।

## ଦୀର୍ଘକାଳୀନ ରୋଗ ପାଇଁ ଉପକାରୀ ଭିଟାମିନ୍ 'ସି'



ଭିଟାମିନ୍ 'ସି'ରେ ଅନେକ ଉପକାରୀ ଗୁଣ ରହିଛି। ଏହି ଭିଟାମିନ୍ ଦୀର୍ଘକାଳୀନ ରୋଗ ପାଇଁ ଲାଭପ୍ରଦ ହୋଇଥାଏ ବୋଲି ଏକ ସଦ୍ୟତମ ଗବେଷଣାରୁ ଜଣାପଡିଛି। 'ଭିଟାମିନ୍ 'ସି' ଓ ଦୀର୍ଘକାଳୀନ ରୋଗ' ଶୀର୍ଷକ ବିଷୟକୁ ନେଇ ୟୁନିଭର୍ସିଟି ଅଫ ଲଣ୍ଡନର ବିଶେଷଜ୍ଞମାନେ ଏକ ସର୍ଭେ କରିଥିଲେ। ଏହି ସମୟରେ ଦୀର୍ଘକାଳୀନ ରୋଗରେ ପୀଡିତ କେତେକ ରୋଗୀଙ୍କୁ ନିୟମିତ ଭିଟାମିନ୍ 'ସି'ଯୁକ୍ତ ଖାଦ୍ୟ ଖାଇବାକୁ ପରାମର୍ଶ ଦିଆଯାଇଥିଲା। ଅନ୍ୟପକ୍ଷରେ ଏପରି ଖାଦ୍ୟର ପ୍ରଭାବ ସେମାନଙ୍କ ଶରୀର ଉପରେ କିପରି ପଡୁଛି ତାହାକୁ ତନ୍ନ ତନ୍ନ କରି ନିରୀକ୍ଷଣ କରାଯାଇଥିଲା। ଆଶ୍ଚର୍ଯ୍ୟଜନକ ଭାବରେ ସର୍ଭେ ପରିସରଭୁକ୍ତ ରୋଗୀଙ୍କ ମଧ୍ୟରୁ ପ୍ରାୟ ୪୦ ପ୍ରତିଶତ ରୋଗୀ ଏଭଳି ରୋଗରୁ କେତେକାଂଶରେ ଉପଶମ ଲାଭ କରୁଥିବାର ଜଣାପଡିଥିଲା ବୋଲି ରିପୋର୍ଟରେ ଉଲ୍ଲେଖ କରାଯାଇଛି। ଦୀର୍ଘକାଳୀନ ରୋଗ ପାଇଁ ଏହା ଆଣ୍ଟି ଅକ୍ସିଡ଼ାଣ୍ଟ ଭଳି କାମ କରିଥାଏ। ଉଚ୍ଚ ରକ୍ତଚାପ ଥିବା ରୋଗୀଙ୍କ ପାଇଁ ମଧ୍ୟ ଏହା ଉପକାରୀ ସାବ୍ୟସ୍ତ ହୋଇଥାଏ। ହୃତ୍‌ପିଣ୍ଡକୁ ମଧ୍ୟ ଏହା ସୁସ୍ଥ ରଖିବାରେ ସାହାଯ୍ୟ କରେ। ଆମେ ଖାଉଥିବା ଖାଦ୍ୟ ଯଥା ଅମୃତଭଣ୍ଡା, ପିଜୁଳି, ବ୍ରକୋଲି, ଲିଚୁ, ଷ୍ଟ୍ରବେରୀ, କମଳା ଆଦିରେ ଭିଟାମିନ୍ 'ସି' ଭରି ରହିଛି।

## ସନ୍ତୁଳିତ ରହିବ କୋଲେଷ୍ଟରଲ



ଆମ ଶରୀରରେ କୋଲେଷ୍ଟରଲ ପରିମାଣ ସନ୍ତୁଳିତ ରହିବା ନିହାତି ଜରୁରୀ। ତେବେ ଏହାର ଏକ ସରଳ ଉପାୟ ରହିଛି। ଯଦି ଜଣେ ବ୍ୟକ୍ତି ନିୟମିତ ଉଷୁମ ପାଣି ପିଅନ୍ତି ତେବେ ଏଥିଯୋଗୁ କୋଲେଷ୍ଟରଲ ପରିମାଣ ବଢ଼ି ନ ଥାଏ। ଏପରି ପାଣି ପିଇବା ଦ୍ୱାରା ଆଉ ଏକ ଭଲ ଫାଇଦା ହୋଇଥାଏ। ଏହାଦ୍ୱାରା ଆମ ଶରୀରରେ ରୋଗ ପ୍ରତିରୋଧକ ଶକ୍ତିରେ ବୃଦ୍ଧି ଘଟିଥାଏ। ପ୍ରତିଦିନ ସକାଳେ ପୁଣି ଖାଲି ପେଟରେ ଉଷୁମ ପାଣି ପିଇବାକୁ ଚେଷ୍ଟା କରନ୍ତୁ। ଏହା ସମୟକ୍ରମେ ଅଭ୍ୟାସରେ ପରିଣତ ହୋଇଗଲେ ତାହା ସ୍ୱାସ୍ଥ୍ୟ ପାଇଁ ଲାଭପ୍ରଦ ସାବ୍ୟସ୍ତ ହୋଇଥାଏ। ପାଚନ ପ୍ରକ୍ରିୟାକୁ ଆହୁରି ସକ୍ରିୟ କରିଥାଏ ଉଷୁମ ପାଣି। ଜଣେ ଆଜ୍‌ମା ରୋଗୀ ପ୍ରତିଦିନ ସକାଳୁ ଉଷୁମ ପାଣି ପିଇବା ନିହାତି ଆବଶ୍ୟକ। କାଶଜନିତ ସମସ୍ୟାକୁ ଅନେକାଂଶରେ ଏହା ମଧ୍ୟ ଦୂର କରିଥାଏ। ଯଦି ଆପଣ କୋଷ୍ଠକାଠିନ୍ୟ ସମସ୍ୟା ସହ ଜଡିତ ତେବେ ନିୟମିତ ଉଷୁମ ପାଣି ପିଇପାରନ୍ତି। ଉଷୁମ ପାଣି ପିଇବା ଦ୍ୱାରା ଓଜନ ମଧ୍ୟ ସନ୍ତୁଳିତ ରହିଥାଏ।

## ଜଳୀୟ ଶୁଷ୍କତା ଓ ପାଟିରେ ଘା'



ପାଟିରେ ଘା' ହେବାର ଅନେକ କାରଣ ରହିଛି। ବିଶେଷଭାବରେ କେତେକ ଭିଟାମିନ୍ ଅଭାବରୁ ଏପରି ସମସ୍ୟା ଦେଖାଦେଇଥାଏ। ଏହାର ଅନ୍ୟ ଏକ କାରଣ ରହିଛି। ଯଦି ଶରୀରରେ ଜଳୀୟ ଅଂଶ ଅସନ୍ତୁଳିତ ରହେ ଏବଂ ଅଧିକାଂଶ ସମୟ ପାଟି ଏବଂ ଜିଭ ଶୁଖିଲା ରହେ ତେବେ ଏଭଳି ସ୍ୱାସ୍ଥ୍ୟ ସମସ୍ୟାର ସମ୍ମୁଖୀନ ହେବାର ଯଥେଷ୍ଟ ଆଶଙ୍କା ରହିଛି। ଯଦି ଆପଣଙ୍କ ପାଟିରେ ଘା' ହୋଇଛି ତେବେ ତାହାକୁ ଆଦୌ ହାଲୁକା ଭାବରେ ନିଅନ୍ତୁ ନାହିଁ। କାରଣ ଏପରି ସମୟ ଆସିବ ଏହି ଛୋଟ ସମସ୍ୟାଟି କ୍ୟାନ୍‌ସରରେ ରୂପାନ୍ତରିତ ହେବାର ଆଶଙ୍କା ରହିଛି। ଯେତେବେଳେ ଶରୀରରେ ଭିଟାମିନ୍ ବି ଯୁକ୍ତ ଉପାଦାନ (ବି–୧, ବି–୨,ବି–୩ ଏବଂ ବି–୬) ଅଭାବ ଘଟେ ସେତେବେଳେ ପାଟିରେ ଘା' ହୋଇଥାଏ । ବେଳେବେଳେ ଅତ୍ୟଧିକ ରାଗ ଏବଂ ମସଲାଯୁକ୍ତ ଖାଦ୍ୟ ଖାଇଲେ ପାଟିରେ ଘା' ସୃଷ୍ଟି କରିବାରେ କେତେକାଂଶରେ ସାହାଯ୍ୟ କରିଥାଏ। ଆଜିକାଲି ତମାଖୁ ସେବନ ଅନେକଙ୍କର ଏକ ଅଭ୍ୟାସରେ ପରିଣତ ହୋଇଗଲାଣି। ତେବେ ଏହାଦ୍ୱାରା ପାଟିରେ ଯେଉଁ ଘା' ହୁଏ, ତାହା ପରବର୍ତ୍ତୀ ସମୟରେ କ୍ୟାନ୍‌ସର ଆକାର ଧାରଣ କରିଥାଏ। ତେବେ ଏଥିରୁ ରକ୍ଷା ପାଇବାକୁ ପାଟିକୁ ଭଲ ଭାବେ ସଫା କରିବା ସହ ଭିଟାମିନ୍‌ଯୁକ୍ତ ଖାଦ୍ୟ ଖାଆନ୍ତୁ। ନିଶାଦ୍ରବ୍ୟଠାରୁ ଯଥାସମ୍ଭବ ମଧ୍ୟ ଦୂରେଇ ରୁହନ୍ତୁ। ପ୍ରତିଦିନ ଆବଶ୍ୟକ ମୁତାବକ ପାଣି ପିଅନ୍ତୁ।

## ସ୍ନାୟୁକୋଷକୁ ଦୃଢ଼ କରେ ସଙ୍ଗୀତ



ଭାରାକ୍ରାନ୍ତ ମନକୁ ହାଲୁକା କରିବାର ଅନ୍ୟତମ ମାଧ୍ୟମ ହେଲା ମନ ପସନ୍ଦର ଗୀତ ଶୁଣିବା। ହେଲେ ଏଭଳି ସଙ୍ଗୀତର ଆଉ କେତୋଟି ଉପକାରୀ ଗୁଣ ରହିଛି। ୟୁନିଭର୍ସିଟି ଅଫ ସିଓଲର ବିଶେଷଜ୍ଞମାନେ ଏକ ସର୍ଭେରୁ ଜାଣିପାରିଛନ୍ତି ଯେ, ଯଦି ଜଣେ ବ୍ୟକ୍ତି ପ୍ରତିଦିନ କିଛି ସମୟ ନିଜ ମନ ପସନ୍ଦର ସଙ୍ଗୀତ ଶୁଣନ୍ତି, ତେବେ ତାଙ୍କର ସ୍ନାୟୁକୋଷ ଦୃଢ଼ ରହିଥାଏ। କେବଳ ସେତିକି ନୁହେଁ, ସ୍ମରଣ ଶକ୍ତି ବୃଦ୍ଧି କରିବାରେ ଏହା ମଧ୍ୟ ସହାୟକ ହୋଇଥାଏ ବୋଲି ସେମାନେ ପ୍ରକାଶ କରିଛନ୍ତି। ପ୍ରକାଶିତ ରିପୋର୍ଟରେ ଉଲ୍ଲେଖ କରାଯାଇଛି ଯେ, ନିଜର ପ୍ରିୟ ଗୀତକୁ ବାରମ୍ବାର ଶୁଣିବା ଦ୍ୱାରା ଆମ ସ୍ନାୟୁ କୋଷଗୁଡ଼ିକୁ ଆରାମ ଲାଗିଥାଏ, ଯାହା ମସ୍ତିଷ୍କକୁ ଶକ୍ତ କରିବାରେ ସାହାଯ୍ୟ କରେ। ମସ୍ତିଷ୍କ ସହ ଯୋଡ଼ି ହୋଇ ରହିଥିବା ସମସ୍ତ ସ୍ନାୟୁକୋଷଗୁଡ଼ିକ ଧୀରେ ଧୀରେ ଚଳଚଞ୍ଚଳ ହୋଇ ଉଠେ, ଫଳରେ ରକ୍ତ ସଞ୍ଚାଳନ ଠିକ୍ ଭାବେ ହେବା ସହ ମନ ପ୍ରଫୁଲ୍ଲିତ ରୁହେ।

## ପାକସ୍ଥଳୀ ଇନ୍‌ଫେକଶନରୁ ରକ୍ଷା କରେ ଆଖୁ ରସ

ଆଖୁରସ ପିଇବା ଦ୍ୱାରା ପାକସ୍ଥଳୀ ଇନ୍‌ଫେକଶନରୁ କେତେକାଂଶରେ ଉପଶମ ମିଳିଥାଏ ବୋଲି ୟୁନିଭର୍ସିଟି ଅଫ ୱାଶିଂଟନର ବିଶେଷଜ୍ଞମାନେ ପ୍ରକାଶ କରିଛନ୍ତି। ଏଥିରେ ଏଭଳି ତତ୍ତ୍ୱ ରହିଛି, ଯାହାଦ୍ୱାରା ସମସ୍ୟାର ସମ୍ମୁଖୀନ ହୋଇଥିବା ବ୍ୟକ୍ତିଙ୍କୁ ଉପଶମ ମିଳିଥାଏ ବୋଲି ଉକ୍ତ ୟୁନିଭର୍ସିଟି ପକ୍ଷରୁ ପ୍ରକାଶିତ ରିପୋର୍ଟରେ ଉଲ୍ଲେଖ କରାଯାଇଛି। ଆଖୁ ରସରେ ପୋଟାସିୟମ୍ ଓ କ୍ୟାଲ୍‌ସିୟମ୍ ରହିଛି। ତେଣୁ ଏହାକୁ ପିଇଲେ ତାହା ଦାନ୍ତ ଓ ଦାନ୍ତର ମାଢ଼ିକୁ ସୁରକ୍ଷା ଦେଇଥାଏ। ଶରୀରର ବାହ୍ୟ ସ୍ଥାନରେ ଯଦି କିଛି ବି କ୍ଷତି ହୋଇଛି, ତେବେ ଏଥିରେ ଥିବା ଆଣ୍ଟି–ଅକ୍ସିଡ଼ାଣ୍ଟ ଗୁଣ ଏହି କ୍ଷତ ସ୍ଥାନକୁ କେତେକାଂଶରେ ପୂରଣ କରିଥାଏ। ଆଖୁରସ ପିଇବା ଦ୍ୱାରା ଖାଦ୍ୟ ହଜମ ଠିକ୍ ଭାବେ ହୋଇଥାଏ। ଆଖୁରସରେ ଭିଟାମିନ୍ 'ସି' ମଧ୍ୟ ରହିଛି। ତେଣୁ ଏହି ରସ ପିଇଲେ ତାହା ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ବଢ଼ାଏ।



## ସ୍ୱାସ୍ଥ୍ୟ ସୂଚନା

- ଯଦି ଆପଣଙ୍କ ଆଣ୍ଠୁଗଣ୍ଠିଜନିତ ସମସ୍ୟା ରହିଛି ତେବେ ଡାକ୍ତରଙ୍କ ପରାମର୍ଶ ଅନୁସାରେ ଔଷଧ ଖାଇବା ସହ ନିୟମିତ ସମୟ ଅନ୍ତରାଳରେ ତାଙ୍କ ସହ ପରାମର୍ଶ କରନ୍ତୁ।
- ସବୁବେଳେ ସନ୍ତୁଳିତ ତଥା ଭିଟାମିନ୍‌ଯୁକ୍ତ ଖାଦ୍ୟ ଖାଆନ୍ତୁ। ଯଦି ଆପଣଙ୍କର କିଛି ସ୍ୱାସ୍ଥ୍ୟଜନିତ ସମସ୍ୟା ରହିଛି ଏବଂ ସେଥିପାଇଁ ସୀମିତ ଖାଦ୍ୟ ଖାଇବାକୁ ପଡୁଛି, ତେବେ ଏ ନେଇ ପୁଷ୍ଟିବିଜ୍ଞାନୀଙ୍କ ସହ ଆଲୋଚନା କରନ୍ତୁ।
- ଦିନତମାମ ଯେତେ ବ୍ୟସ୍ତ ରହିଲେ ମଧ୍ୟ ବ୍ରେକ୍‌ଫାଷ୍ଟ କରିବାକୁ ଭୁଲନ୍ତୁ ନାହିଁ। ଏହାର ତାଲିକାରେ ତଟକା ଫଳମୂଳରୁ ପ୍ରସ୍ତୁତ ଜୁସ୍ ସାମିଲ କରନ୍ତୁ, ଯାହା ଶରୀର ପାଇଁ ଲାଭଦାୟକ।
- ଯଦି ବ୍ୟସ୍ତତା ପାଇଁ ମର୍ନିଂ ୱାକ୍ ଯାଇପାରୁନାହାନ୍ତି, ତେବେ ଘରେ ହାଲୁକା ଫୁଲକା ବ୍ୟାୟାମ କରନ୍ତୁ।
- ସବୁବେଳେ ଠିକ୍ ସମୟରେ ଖାଇବାକୁ ଚେଷ୍ଟା କରନ୍ତୁ। କାରଣ ଖାଦ୍ୟ ଖାଇବା ସମୟରେ ଅନିୟମିତତା ଲାଗି ରହିଲେ ତାହା ପେଟଜନିତ ରୋଗ ସୃଷ୍ଟି କରିଥାଏ।
- ଅଧିକ ଲୁଣ ଓ ଚିନିଜାତୀୟ ଖାଦ୍ୟ ଯେତେ କମ୍ ଖାଇବେ ତାହା ସେତେ ଭଲ।
- ଖାଇବା ସମୟରେ କେବେ ବି ପାଣି ପିଅନ୍ତୁ ନାହିଁ। ଖାଇବାର ଘଣ୍ଟାଏ ପରେ କିମ୍ବା ଘଣ୍ଟାଏ ପୂର୍ବରୁ ପାଣି ପିଅନ୍ତୁ।



# ଇଂଲଣ୍ଡ ୨୮୪ ରନରେ ଅଲଆଉଟ



ଶତକ ହାସଲ ପରେ ଜନି ବେୟାରଷ୍ଟୋ।

**ବର୍ମିଂହାମ, ୩।୭**

ସ୍ଥାନୀୟ ଏଜ୍‌ବାଷ୍ଟନଠାରେ ଚାଲିଥିବା ପୁନଃ ନିର୍ଦ୍ଧାରିତ ୫ମ ଟେଷ୍ଟ ମ୍ୟାଚରେ ଇଂଲଣ୍ଡର ପ୍ରଥମ ଇନିଂସକୁ ୨୮୪ ରନ୍‌ରେ ସୀମିତ କରି ଭାରତ ଏହାର ସ୍ଥିତିକୁ ମଜଭୁତ କରିଛି। ଜବାବରେ ଦଳ ଚା’ପାନ ବିରତି ସୁଦ୍ଧା ୧ ଉଇକେଟ ବିନିମୟରେ ୩୭ ରନ ସଂଗ୍ରହ କରିଛି। ଚେତେଶ୍ୱର ପୂଜାରା ୧୭ ଓ ହନୁମା ବିହାରୀ ୧୦ ରନ୍ କରି କ୍ରିଜ୍‌ରେ ଅଛନ୍ତି। ଓପ୍‌ନର ଶୁବମନ ଗିଲ୍ ୪ ରନ କରି ଜେମ୍ସ ଆଣ୍ଡରସନଙ୍କ ବଲ୍‌ରେ ଜ୍ୟାକ୍ କ୍ରଲିଙ୍କ ଦ୍ୱାରା କ୍ୟାଚ୍‌ଆଉଟ ହୋଇଛନ୍ତି। ପୂର୍ବରୁ ଇଂଲଣ୍ଡ ପୂର୍ବଦିନର ପ୍ରଥମ ଇନିଂସ ଅସମାପ୍ତ ସ୍କୋର ୮୪/୬ରୁ ବ୍ୟାଟିଂ ଆରମ୍ଭ କରିଥିଲା।

ଦଳର ସବୁଠାରୁ ସଫଳ ବ୍ୟାଟର ଜନି ବେୟାରଷ୍ଟୋ ୧୪୦ ବଲ୍‌ରୁ ୧୦୬ ରନ୍ କରି ଦଳର ସ୍ଥିତିରେ ସୁଧାର ଆଣିଥିଲେ। ସେ ପ୍ରଥମେ ବେନ୍ ଷ୍ଟୋକ୍ସ (୨୫)ଙ୍କ ସହ ୬୬ ରନ୍ ଏବଂ ପରେ ସାମ୍ ବିଲିଂ(୩୬ )ଙ୍କ ସହ ୯୨ ରନ୍‌ର ପାର୍ଟନରଶିପ୍ କରିଥିଲେ। ଭାରତ ତରଫରୁ ସବୁଠାରୁ ସଫଳ ବୋଲର ଭାବେ ମହମ୍ମଦ ସିରାଜ ୬୬ ରନ୍ ବିନିମୟରେ ୪ ଉଇକେଟ ନେଇଥିବା ବେଳେ ଯଶପ୍ରୀତ ବୁମ୍‌ରା ୩, ମହମ୍ମଦ ସାମି ୨ ଏବଂ ଶାର୍ଦ୍ଦୁଳ ଠାକୁର ଗୋଟିଏ ଉଇକେଟ ଅକ୍ତିଆର କରିଥିଲେ। ପ୍ରଥମ ଇନିଂସରେ ୪୧୬ ରନ୍ କରିଥିବା ଭାରତ ୧୩୨ ରନ୍‌ର ପ୍ରଥମ ଇନିଂସ ଅଗ୍ରଣୀ ଲାଭ କରିପାରିଛି।

**ସଂକ୍ଷିପ୍ତ ସ୍କୋର**

ଭାରତ ପ୍ରଥମ ଇନିଂସ: ୪୧୬

ଇଂଲଣ୍ଡ ପ୍ରଥମ ଇନିଂସ: ୬୧.୩ ଓଭରରେ ୨୮୪/ଅଲଆଉଟ (ଜନି ବେୟାରଷ୍ଟୋ-୧୦୬, ସାମ୍ ବିଲିଙ୍ଗ୍ସ-୩୬, ଜୋ ରୁଟ୍-୩୧, ଯଶପ୍ରୀତ୍ ବୁମ୍‌ରା-୩/୬୮, ମହମ୍ମଦ ସିରାଜ-୪/୬୬, ମହମ୍ମଦ ସାମି-୨/୭୮, ଶାର୍ଦ୍ଦୂଳ ଠାକୁର-୧/୪୮।

# ନୂଆ ଜାତୀୟ ରେକର୍ଡ କଲେ ପାରୁଲ

**ନୂଆଦିଲ୍ଲୀ, ୩।୭ (ପି.ଟି.)**

ଲସ୍‌ଏଞ୍ଜେଲସ୍‌ଠାରେ ଚାଲିଥିବା ସାଉଣ୍ଡ ରନିଂ ମିଟ୍‌ରେ ଭାରତୀୟ ଧାବିକା ପାରୁଲ ଚୌଧାରୀ ମହିଳା ୩୦୦୦ ମିଟର ଇଭେଣ୍ଟରେ ନୂଆ ଜାତୀୟ ରେକର୍ଡ କରିଛନ୍ତି। ସେ ଦେଶର ପ୍ରଥମ ଆଥ୍‌ଲେଟ ଭାବେ ୯ ମିନିଟରୁ କମ୍ ସମୟ ମଧ୍ୟରେ ତାଙ୍କ ରେସ୍ ଶେଷ କରିଥିଲେ। ଶନିବାର ରାତିରେ ଅନୁଷ୍ଠିତ ରେସ୍‌ରେ ୨୭ ବର୍ଷୀୟା ଚୌଧାରୀ ୮:୫୭.୧୯ ଟାଇମିଂରେ ତୃତୀୟ ସ୍ଥାନ ଅଧିକାର କରିଥିଲେ। ଷ୍ଟିପଲଚେଜ୍ ସ୍ପେଶାଲିଷ୍ଟ ଚୌଧାରୀ ୬ବର୍ଷ ପୂର୍ବେ ନୂଆଦିଲ୍ଲୀରେ ସୂର୍ଯ୍ୟ ଲୋଗାନାଥନଙ୍କ ଦ୍ୱାରା ପ୍ରତିଷ୍ଠିତ ରେକର୍ଡ (୯:୦୪.୫ ସେକେଣ୍ଡ)କୁ ଭଙ୍ଗ କରିଦେଇଛନ୍ତି। ସୂଚନାଯୋଗ୍ୟ, ୩୦୦୦ ମିଟର ହେଉଛି ଏକ ଅଣଅଲିମ୍ପିକ ଇଭେଣ୍ଟ। ଏଥିରେ ଭାରତୀୟମାନେ ପ୍ରାୟତଃ ଭାଗନେଇ ନ ଥାନ୍ତି। ଚୌଧାରୀ ଯୁକ୍ତରାଷ୍ଟ୍ର ଆମେରିକା (ୟୁଏସ୍‌ଏ)ର ଓରେଗୋଁଠାରେ ଚଳିତମାସ ପରବର୍ତ୍ତୀ ଭାଗରେ ହେବାକୁଥିବା ବିଶ୍ୱ ଚାମ୍ପିୟନଶିପ୍ ପାଇଁ ଭାରତୀୟ ଦଳରେ ସ୍ଥାନ ପାଇଛନ୍ତି।



ପାରୁଲ ଚୌଧାରୀ

ସେ ମହିଳା ୩୦୦୦ ମିଟର ଷ୍ଟିପଲଚେଜ୍ ଇଭେଣ୍ଟରେ ଭାଗ ନେବେ। ଗତମାସରେ ଚେନ୍ନାଇରେ ଅନୁଷ୍ଠିତ ମହିଳା ୩୦୦୦ ମିଟର ଷ୍ଟିପଲ ଚେଜ୍‌ରେ ପାରୁଲ ସ୍ୱର୍ଣ୍ଣ ଜିତିଥିଲେ।

# ଯମୁନାଙ୍କ ସମେତ ୪ ଭାରତୀୟ ଫାଇନାଲରେ

**ନୂଆଦିଲ୍ଲୀ, ୩।୭(ପି.ଟି.)**

ବିଶ୍ୱ ଚାମ୍ପିୟନଶିପ୍ ବ୍ରୋଞ୍ଜ ପଦକ ବିଜୟିନୀ ଯମୁନା ବୋରୋଙ୍କ ସମେତ ୪ ଭାରତୀୟ କାଜାକିସ୍ତାନରେ ଚାଲିଥିବା ଏଲୋର୍ଡା କପ୍ ବକ୍ସିଂ ପ୍ରତିଯୋଗିତାର ଫାଇନାଲରେ ପ୍ରବେଶ କରିଛନ୍ତି। ଆସାମ ରାଜ୍ୟର ଯମୁନା ୫୪କେଜି ଶ୍ରେଣୀରେ କାଜାକିସ୍ତାନ ବକ୍ସର ଆନେଲ ସାକିଶଙ୍କୁ ହରାଇ ଦେଇଛନ୍ତି। ସୋମବାର ଫାଇନାଲରେ ପ୍ରବେଶ କରିଥିବା ଅନ୍ୟ ୩ ଜଣ ବକ୍ସର ହେଲେ କଲାଇଭାନୀ ଶ୍ରୀନିବାସନ (୪୮କେଜି), ଗୀତିକା (୪୮କେଜି) ଓ ଅଲଫିୟା (୮୧+କେଜି)। ଯମୁନାଙ୍କ ସ୍ପିଡ୍ ଓ ଚମତ୍କାର ଫୁଟ୍‌ୱର୍କ ଯୋଗୁ ସେ ବହୁବାର ପ୍ରତିଦ୍ୱନ୍ଦ୍ୱୀଙ୍କ ପଞ୍ଚକୁ ଏଡ଼ାଇବାରେ ସଫଳ ହୋଇଥିଲେ। ଓପ୍‌ନିଂ ରାଉଣ୍ଡରେ ସେ ରକ୍ଷଣାତ୍ମକ ନୀତି ଅବଲମ୍ବନ କରିଥିଲେ। ଦ୍ୱିତୀୟ ରାଉଣ୍ଡରେ କିନ୍ତୁ ସେ ପ୍ରାଧାନ୍ୟ ବିସ୍ତାର କରିବାରେ ସଫଳ ହୋଇଥିଲେ। ଅନ୍ୟ ମହିଳା ବକ୍ସରଙ୍କ ମଧ୍ୟରେ ସାକ୍ଷୀ (୫୪କେଜି) ଓ ସୋନିଆ (୫୭କେଜି) ପରାଜୟ ସହ ସେମାନଙ୍କ ଅଭିଯାନ ଶେଷ କରିଛନ୍ତି। ଉଭୟେ

**ଏଲୋର୍ଡା କପ୍ ବକ୍ସିଂ**

ଯଥାକ୍ରମେ ଉଜବେକିସ୍ତାନର ନିଗିନା ଉକ୍ତାମୋଭା ଓ ସିତୋରା ତୁର୍ଦ୍ଦିବେକୋଭାଙ୍କଠାରୁ ହାରିଯାଇଥିଲେ। ସୂଚନାଯୋଗ୍ୟ, ପୁରୁଷ ବିଭାଗରେ ଭାରତୀୟ ଚ୍ୟାଲେଞ୍ଜ ସେମିଫାଇନାଲରେ ଶେଷ ହୋଇଛି। କୁଲଦୀପ (୪୮କେଜି) ଓ ଜୁଗ୍‌ନୁ (୯୨କେଜି) ଓ ସଚିନ (୫୭କେଜି) ସେମାନଙ୍କ ବାଉଟ୍ ହାରିଯାଇଛନ୍ତି।

# ଆଇସୋଲେଶନରୁ ବାହାରିଲେ ରୋହିତ

**ବର୍ମିଂହାମ୍, ୩।୭ (ପି.ଟି.)**

କୋଭିଡ୍ ଟେଷ୍ଟରେ ନେଗେଟିଭ ହେବା ପରେ ଭାରତୀୟ କ୍ରିକେଟ ଦଳର ଅଧିନାୟକ ରୋହିତ ଶର୍ମା ଶେଷରେ ଆଇସୋଲେଶନରୁ ବାହାରିଛନ୍ତି। ଫଳରେ ବର୍ତ୍ତମାନ ସେ ଜୁଲାଇ ୭ରୁ ସାଉଥାମ୍ପଟନଠାରେ ଆରମ୍ଭ ହେବାକୁଥିବା ଇଂଲଣ୍ଡ ବିପକ୍ଷ ହ୍ୱାଇଟ୍ ବଲ୍ ସିରିଜ ଓପ୍‌ନିଂ ଗେମ୍ ପାଇଁ ଉପଲବ୍ଧ ହେବେ। ଲିସେଷ୍ଟରଶାୟାର ବିପକ୍ଷ ୪ ଦିନିଆ ୱାର୍ମଅପ୍ ମ୍ୟାଚର ଦ୍ୱିତୀୟ ଦିବସରେ ହୋଇଥିବା କୋଭିଡ୍ ଟେଷ୍ଟରେ ରୋହିତ୍‌ଙ୍କର ପଜିଟିଭ ଆସିଥିଲା। ଫଳରେ ସେ ବର୍ତ୍ତମାନ ଖେଳାଯାଉଥିବା ଇଂଲଣ୍ଡ ବିପକ୍ଷ ପୁନଃ ନିର୍ଦ୍ଧାରିତ ୫ମ ଟେଷ୍ଟରେ ଅଂଶଗ୍ରହଣ କରିପାରି ନ ଥିଲେ। ମେଡିକାଲ ପ୍ରୋଟୋକଲ ଅନୁସାରେ ରୋହିତଙ୍କର ନେଗେଟିଭ ଆସିବାରୁ ରୋହିତ କ୍ୱାରାଣ୍ଟାଇନ୍‌ରୁ ବାହାର ହୋଇଥିଲେ ମଧ୍ୟ ସେ ରବିବାର ନର୍ଥହାମ୍ପଟନଶାୟାର ବିପକ୍ଷ ଟି୨୦ ୱାର୍ମଅପ୍ ମ୍ୟାଚ ଖେଳିନାହାନ୍ତି।



ରୋହିତ ଶର୍ମା

କୌଣସି ଖେଳାଳି କ୍ୱାରାଣ୍ଟାଇନରୁ ବାହାରିଲେ ଫୁସ୍‌ଫୁସ୍ ଅବସ୍ଥା ଯାଞ୍ଚ ଲାଗି ତାଙ୍କର କାର୍ଡିଓ ଭାସ୍କୁଲାର ଟେଷ୍ଟ ବାଧ୍ୟତାମୂଳକ। ତେବେ ରୋହିତ ହ୍ୱାଇଟ୍ ବଲ ସିରିଜର ପ୍ରଥମ ଗେମ୍ ଖେଳିବେ। ବିରାଟ କୋହଲି, ଯଶପ୍ରୀତ ବୁମ୍‌ରା, ରିଷଭ ପନ୍ତ ଓ ରବୀନ୍ଦ୍ର ଜାଡେଜା ପ୍ରମୁଖ ଦ୍ୱିତୀୟ ଗେମ୍‌ରୁ ଉପଲବ୍ଧ ହେବେ।

# ମାରିଆ ପ୍ରଥମଥର କ୍ୱାର୍ଟର ଫାଇନାଲରେ

**ୱିମ୍ବଲଡନ, ୩।୭ (ଏପି)**

ଜର୍ମାନୀର ତାତଜାନା ମାରିଆ ୩୪ ବର୍ଷ ବୟସରେ ପ୍ରଥମଥର ଏକ ଗ୍ରାଣ୍ଡସ୍ଲାମ ଟୁର୍ନାମେଣ୍ଟର କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ୱିମ୍ବଲଡନ ଓପନ୍ ଟେନିସ୍ ପ୍ରତିଯୋଗିତାର ଏକ ୪ର୍ଥ ରାଉଣ୍ଡ ମ୍ୟାଚ୍‌ରେ ସେ ୨୦୧୭ ଫ୍ରେଞ୍ଚ୍ ଓପନ୍ ଚାମ୍ପିୟନ ଜେଲେନା ଓଷ୍ଟାପେଙ୍କୋଙ୍କୁ ହରାଇ ଦେଇଛନ୍ତି। ନମ୍ବର ୱାନ୍ କୋର୍ଟରେ ଖେଳାଯାଇଥିବା ଏହି ମ୍ୟାଚ୍‌କୁ ୧୦୩ ର୍‍ୟାଙ୍କିଙ୍ଗ୍‌ପ୍ରାପ୍ତ ମାରିଆ ୫-୭, ୭-୫, ୭-୫ ସେଟ୍‌ରେ ଜିତିନେଇଛନ୍ତି। ମାରିଆ ପୂର୍ବରୁ ୩୪ ଥର ଗ୍ରାଣ୍ଡସ୍ଲାମ ପ୍ରତିଯୋଗିତାରେ ଭାଗ ନେଇଛନ୍ତି ହେଲେ ସେ ମାତ୍ର ଥରେ କେବଳ ଦ୍ୱିତୀୟ ରାଉଣ୍ଡ ଅତିକ୍ରମ କରିପାରିଥିଲେ। ୨୦୧୫ରେ ତାଙ୍କ ଶ୍ରେଷ୍ଠ ପ୍ରଦର୍ଶନରେ ସେ ୱିମ୍ବଲଡନ ଓପନ୍ ତୃତୀୟ ରାଉଣ୍ଡରେ ପ୍ରବେଶ କରିପାରିଥିଲେ। ଏଠାରେ ସେ ତାଙ୍କ ଗତ ୮ ଥରରେ ପ୍ରଥମ ରାଉଣ୍ଡରୁ ବିଦାୟ ନେଇଥିଲେ। ଅନ୍ୟପକ୍ଷରେ ଓଷ୍ଟାପେଙ୍କୋ ୨୦୧୮ରେ ୱିମ୍ବଲଡନ



ତାତଜାନା ମାରିଆ

ସେମିଫାଇନାଲରେ ପ୍ରବେଶ କରିଥିଲେ। ଅନ୍ୟ ଏକ ପ୍ରି-କ୍ୱାର୍ଟର ଫାଇନାଲ ମ୍ୟାଚ୍‌ରେ ଗ୍ରେଟ୍ ବ୍ରିଟେନ୍‌ର ହିଥର ୱାଟସନ ୬-୨, ୬-୪ ସେଟ୍‌ରେ ଜୁଲି ନିମିରଙ୍କ ନିକଟରୁ ହାରିଯାଇଛନ୍ତି।

# ଆଗୁଆ ସିରିଜ କବ୍‌ଜା ଲକ୍ଷ୍ୟରେ ଭାରତ

**ପାଲିକେଲ, ୩।୭(ପି.ଟି.)**

ଭାରତୀୟ ମହିଳା କ୍ରିକେଟ ଦଳ ସୋମବାର ଏଠାରେ ଶ୍ରୀଲଙ୍କା ବିପକ୍ଷ ଦ୍ୱିତୀୟ ଅନ୍ତର୍ଜାତୀୟ ଦିନିକିଆ ମ୍ୟାଚ୍ ଖେଳିବ। ଏହି ମ୍ୟାଚ୍ ଜିତି ୩ ମ୍ୟାଚ୍‌ବିଶିଷ୍ଟ ସିରିଜକୁ ଆଗୁଆ କବ୍‌ଜା କରିନେବା ଲକ୍ଷ୍ୟରେ ରହିଛି ଭ୍ରମଣକାରୀ ଦଳ। ଏଥିପାଇଁ ଦଳର ଟପ୍ ଅର୍ଡରଠାରୁ ସ୍ଥିର ପ୍ରଦର୍ଶନ ଆଶା କରାଯାଉଛି। ଭାରତୀୟ ମହିଳା ଦଳ ପୂର୍ବରୁ ଟି୨୦ ସିରିଜ୍‌କୁ ୨-୧ରେ ଜିତିସାରିଛି। ଦିନିକିଆ ସିରିଜରେ ମଧ୍ୟ ଦଳ ପ୍ରଥମ ମ୍ୟାଚ୍ ଜିତିସାରିଛି। ଲୋ ସ୍କୋରିଂ ମ୍ୟାଚ୍‌ରେ ଦଳ ୭୨ ବଲ୍ ବାକି ରଖି ୪ ଉଇକେଟରେ ବିଜୟୀ ହୋଇଥିଲା। ସହଜ ବିଜୟ ସତ୍ତ୍ୱେ ଭାରତୀୟ ଟିମ୍ ମ୍ୟାନେଜ୍‌ମେଣ୍ଟ ଓପ୍‌ନିଂ ଯୋଡ଼ି ଉପଅଧିନାୟିକା ଓ ଶେଫାଲୀ ବର୍ମାଙ୍କ ପ୍ରଦର୍ଶନକୁ ନେଇ ଚିନ୍ତିତ ଅଛି। ଉଭୟ ବ୍ୟାଟର ଯଦିଓ କିଛି ରନ୍ ସଂଗ୍ରହ କରିଛନ୍ତି ତେବେ ବଡ଼ ସ୍କୋରରେ ରୂପାନ୍ତରିତ କରିବାରେ ବିଫଳ ହୋଇଛନ୍ତି। ଟୁର୍‌ରେ ଉଭୟଙ୍କ ମଧ୍ୟରେ ଏପର୍ଯ୍ୟନ୍ତ ଭଲ ପାର୍ଟନରଶିପ୍ ହୋଇପାରି ନାହିଁ।



ଶେଫାଳୀ ବର୍ମା ଓ ସ୍ମୃତି ମନ୍ଧାନା।

ସେମାନଙ୍କ ନିକଟରେ ଦଳକୁ ଜୋରଦାର ଆରମ୍ଭ ଦେବାର କ୍ଷମତା ରହିଥିଲେ ମଧ୍ୟ ତାହା ସେମାନେ କରିପାରିନାହାନ୍ତି। ଅନ୍ୟପକ୍ଷରେ ଅଧିନାୟିକା ହରମନପ୍ରୀତ ତାଙ୍କ ଦାୟିତ୍ୱ ଠିକଣା ରୂପେ ତୁଲାଉଛନ୍ତି। ସେ ଦଳ ପାଇଁ ରନ ସଂଗ୍ରହ କରୁଛନ୍ତି ଏବଂ ପାର୍ଟଟାଇମ୍ ଅଫ୍ ସ୍ପିନ୍ ବୋଲର ହିସାବରେ ବ୍ରେକ୍‌ଥ୍ରୁ ମଧ୍ୟ ଆଣୁଛନ୍ତି। ଶ୍ରୀଲଙ୍କାର ନିତା ଓ ଧିମା ଟ୍ରାକ୍‌ରେ ଭାରତର ଧିମା ବୋଲରମାନେ ସଫଳ ହେଉଛନ୍ତି। ଦଳକୁ ଜିତାଇବାରେ ସେମାନେ ପ୍ରମୁଖ ଭୂମିକା ଗ୍ରହଣ କରୁଛନ୍ତି। ଅନ୍ୟପକ୍ଷରେ ବ୍ୟାଟରମାନଙ୍କ ପ୍ରଦର୍ଶନରେ ସ୍ଥିରତା ଦେଖିବାକୁ ମିଳୁନାହିଁ। ଗତ ମ୍ୟାଚରେ ଡାହାଣହାତୀ ମିଡିୟମ ପେସର ରେଣୁକା ସିଂ ଚମତ୍କାର ପ୍ରଦର୍ଶନ କରି ୨୯ ରନ୍ ବିନିମୟରେ ୩ ଉଇକେଟ ଅକ୍ତିଆର କରିଥିଲେ। ଦୀପ୍ତି ଶର୍ମାଙ୍କ ଅଫ୍-ବ୍ରେକ୍ ଶ୍ରୀଲଙ୍କା ବ୍ୟାଟିଂର ମେରୁଦଣ୍ଡ ଭାଙ୍ଗିଦେଇଥିଲା। ଫଳରେ ଘରୋଇ ଦଳ ୧୭୧ ରନ୍‌ରେ ଅଲ୍‌ଆଉଟ ହୋଇଯାଇଥିଲା। ଅନ୍ୟପକ୍ଷରେ ଶ୍ରୀଲଙ୍କା ଚାମିରା ଆଟାପାଟୁଙ୍କଠାରୁ ଭଲ ପ୍ରଦର୍ଶନ ଆଶା କରୁଛି। ଗତ ମ୍ୟାଚ୍‌ରେ ସେ ଭଲ କରି ନ ଥିଲେ। ଓପ୍‌ନର ହସିନୀ ପେରେରା, ହର୍ଷିଥା ସମରବିକ୍ରମା

**ମହିଳା କ୍ରିକେଟ**

ଓ ନୀଲାକ୍ଷୀ ଡି’ ସିଲ୍‌ଭା ଭଲ ବ୍ୟାଟିଂ କରିଥିଲେ ମଧ୍ୟ ଉତ୍ତମ ପାର୍ଟନରଶିପ୍ କରିପାରି ନ ଥିଲେ। ବୋଲିଂ କ୍ଷେତ୍ରରେ ବାମହାତୀ ସ୍ପିନର ଇନୋକା ରଣବୀରା ପ୍ରଭାବୀ ରହିଥିଲେ ମଧ୍ୟ ସାଥୀ ଖେଳାଳିଙ୍କଠାରୁ ତାଙ୍କୁ ଉପଯୁକ୍ତ ସହାୟତା ମିଳୁନାହିଁ। ପ୍ରକାଶ ଯେ, ଶ୍ରୀଲଙ୍କା ମହିଳା ଦଳ ଗତମାସରେ ପାକିସ୍ତାନ ବିପକ୍ଷ ଅନ୍ତର୍ଜାତୀୟ ଦିନିକିଆ ସିରିଜରେ ପରାଜିତ ହୋଇଛି। ଦଳ କ୍ରମାଗତ ସିରିଜ ପରାଜୟ ଏଡ଼ାଇବାକୁ ଚାହିଁବ।

# ସେଣ୍ଟର କୋର୍ଟର ଶତବାର୍ଷିକୀ ପାଳନ



**ୱିମ୍ବଲଡନ (ଇଂଲଣ୍ଡ), ୩।୭**

ଅଲ୍ ଇଂଲଣ୍ଡ କ୍ଲବରେ ରହିଛି ବିଶ୍ୱର ସର୍ବଶ୍ରେଷ୍ଠ ଗ୍ରାସ୍ କୋର୍ଟ। ଏହା ସେଣ୍ଟର କୋର୍ଟ ନାମରେ ପରିଚିତ। ରବିବାର ଏହି କୋର୍ଟର ଶତବାର୍ଷିକୀ ପାଳିତ ହୋଇଛି। ଏହି କୋର୍ଟରେ ସେରେନା ୱିଲିୟମ୍ସ, ରୋଜର ଫେଡେରର, ମାର୍ଟିନା ନାଭ୍ରାତିଲୋଭା, ପିଟ୍ ସାମ୍ପ୍ରାସ ଓ ଷ୍ଟେଫିଗ୍ରାଫ୍ ପ୍ରମୁଖ ଷ୍ଟାର ଖେଳାଳିଙ୍କ ରାଜୁତି ଥିଲା। ଏହା ପୂର୍ବରୁ ରଡ୍ ଲାଭର, ବିଲି ଜିନ୍ କିଙ୍ଗ୍ ଓ ଆଲଥିଆ ଗିବ୍‌ସନ ଏବଂ ତାହା ପୂର୍ବରୁ ବିଲ୍ ଟିଲ୍‌ଡେନ୍, ହେଲେନ୍ ୱିଲ୍ସ, ମୁଡି, ଡନ୍ ବଜ୍ ଓ ସୁଜାନେ ଲେଙ୍ଗଲେନ୍‌ଙ୍କର ଏଠାରେ ପ୍ରାଧାନ୍ୟ ରହିଥିଲା। ବର୍ତ୍ତମାନର ଚର୍ଚ୍ଚ ରୋଡ୍ ଅଞ୍ଚଳରେ ଅବସ୍ଥିତ ଅଲ୍ ଇଂଲଣ୍ଡ ଲନ୍ ଟେନିସରେ ଅବସ୍ଥିତ ସେଣ୍ଟର କୋର୍ଟ ଓ କ୍ରୋକ୍ୱେଟ୍ କ୍ଲବ ୧୦୦ ବର୍ଷ ପୂର୍ବେ ୧୯୨୨ରେ ଉଦ୍‌ଘାଟିତ ହୋଇଥିଲା। ସେଣ୍ଟର କୋର୍ଟ ଷ୍ଟାଡିୟମରେ ପ୍ରଥମେ ଦର୍ଶକଙ୍କ ଲାଗି ୯,୯୮୯ ଆସନ ଏବଂ ଷ୍ଟାଣ୍ଡିଂରେ ୩,୪୦୦ ଜଣଙ୍କ ଲାଗି ସୁବିଧା ରହିଥିଲା। ବର୍ତ୍ତମାନ କିନ୍ତୁ ଆସନର କ୍ଷମତା ୧୪,୯୭୪ରେ ପହଞ୍ଚିଛି। ବିଶିଷ୍ଟ ପୂର୍ବତନ ଖେଳାଳି ପିଟ୍ ସାମ୍ପ୍ରାସ କହିଛନ୍ତି, ୟୁଏସ୍ ଓପନ୍ ଓ ଫ୍ରେଞ୍ଚ ଓପନ୍ ଗୋଟିଏ ଗୋଟିଏ ବଡ଼ ଇଭେଣ୍ଟ କିନ୍ତୁ ୱିମ୍ବଲଡନର ସେଣ୍ଟର କୋର୍ଟର ସ୍ୱତନ୍ତ୍ରତା ରହିଛି। ଏହାକୁ ସେ ଟେନିସ୍‌ର ମକ୍କା ବୋଲି ବିଚାରନ୍ତି। ସେଣ୍ଟର କୋର୍ଟର ଶତବାର୍ଷିକୀ ଉତ୍ସବରେ ୮ଥର ଚାମ୍ପିୟନ ରୋଜର ଫେଡେରର ଯୋଗଦେଇଥିଲେ। ୧୯୯୯ରେ ପଦାର୍ପଣ ପରଠାରୁ ସେ ପ୍ରଥମଥର ଚଳିତବର୍ଷର ପ୍ରତିଯୋଗିତାରେ ଭାଗ ନେଇନାହାନ୍ତି। ୨୦ଥର ଗ୍ରାଣ୍ଡସ୍ଲାମ ଚାମ୍ପିୟନ ଡାର୍କ ଶୁଟ୍ ଓ ହ୍ୱାଇଟ୍ ସ୍ନିକର୍ସ ପରିଧାନ କରି ଆସିଥିଲେ। ଗତବର୍ଷ ଆଣ୍ଠୁରେ ଅସ୍ତ୍ରୋପଚାର ପରଠାରୁ ସେ କୌଣସି ଟୁର୍ନାମେଣ୍ଟରେ ଭାଗ ନେଇନାହାନ୍ତି। ଅତିକମ୍‌ରେ ଗ୍ରୀଷ୍ମଋତୁ ଶେଷପର୍ଯ୍ୟନ୍ତ ତାଙ୍କର କୌଣସି ସମ୍ଭାବନା ନ ଥିବା ସୁଇଜରଲାଣ୍ଡର ୪୦ ବର୍ଷୀୟ ଷ୍ଟାର୍ ଖେଳାଳି କହିଛନ୍ତି।

# ଚେସ୍ ଅଲିମ୍ପିଆଡ୍: ଭାରତର ତୃତୀୟ ଦଳ ଭାଗ ନେବ

**ଚେନ୍ନାଇ, ୩।୭ (ପି.ଟି.):** ଆସନ୍ତା ଜୁଲାଇ ୨୮ରୁ ଅଗଷ୍ଟ ୧୦ ପର୍ଯ୍ୟନ୍ତ ସ୍ଥାନୀୟ ମାମାଲାପୁରମଠାରେ ଖେଳାଯିବାକୁଥିବା ୪୪ତମ ଚେସ୍ ଅଲିମ୍ପିଆଡ୍‌ର ଓପନ ବିଭାଗରେ ଭାରତ ଏକ ତୃତୀୟ ଦଳ ଛିଡ଼ା କରାଇବ। ସର୍ବଭାରତୀୟ ଚେସ୍ ଫେଡେରେଶନ (ଏଆଇସିଏଫ୍) ତରଫରୁ ରବିବାର ସୂଚନା ଦିଆଯାଇଛି। ଓପନ ବିଭାଗରେ ରେକର୍ଡ ୧୮୭ଟି ଦଳ ପଞ୍ଜୀକୃତ କରିଛନ୍ତି। ୱାର୍ଲ୍ଡ ଚେସ୍ ଫେଡେରେଶନ (ଫିଡେ) ନିୟମ ଅନୁସାରେ କେବଳ ଆୟୋଜକ ଭାରତକୁ ତୃତୀୟ ଦଳ ଛିଡ଼ା କରିବା ଲାଗି ଅନୁମତି ଦେଇଛି। ଓପନ ବିଭାଗରେ ଭାରତ ଏ’ ଦଳ ତୃତୀୟ ସିଡ୍ ଭାବେ ଖେଳ ଆରମ୍ଭ କରିବ। ବି’ ଦଳକୁ ୧୧ତମ ସିଡ୍ ମାନ୍ୟତା ମିଳିଛି। ମହିଳା ଇଭେଣ୍ଟରେ ଆୟୋଜକ ଦେଶର ଏ’ ଟିମ୍‌ରେ କୋନେରୁ ହମ୍ପି ଓ ଡି. ହାରିକାଙ୍କ ଭଳି ଖେଳାଳି ସ୍ଥାନ ପାଇଛନ୍ତି। ଏହି ଦଳକୁ ଟପ୍ ସିଡ୍ ମାନ୍ୟତା ମିଳିବ। ତେବେ ବି’ ଟିମ୍‌କୁ ଦ୍ୱାଦଶ ସିଡ୍ ମିଳିବ। ଶେଷ ମୁହୂର୍ତ୍ତରେ ଟୁର୍ନାମେଣ୍ଟରେ ପ୍ରବେଶ କରିଥିବା ଭାରତର ତୃତୀୟ ଦଳରେ ସୂର୍ଯ୍ୟଶେଖର ଗାଙ୍ଗୁଲି, କାର୍ତ୍ତିକେୟନ ମୁରଲୀ, ଏସ୍‌ପି ସେଥୁରମଣ, ଅଭିଜିତ୍ ଗୁପ୍ତା ଓ ଅଭିମନ୍ୟୁ ପୁରାନିକ୍ ପ୍ରମୁଖ ସ୍ଥାନ ପାଇଛନ୍ତି। ତେଜାସ୍ ବାକ୍ରେ ଦଳର ଅଧିନାୟକ ରହିବେ ବୋଲିଏଆଇସିଏଫ୍ କହିଛି।

# ୱେଷ୍ଟଇଣ୍ଡିଜ-ବାଂଲାଦେଶ ପ୍ରଥମ ଟି୨୦ରେ ବର୍ଷା ବାଧକ

**ରୋଜେୟୁ (ଡୋମିନିକା), ୩।୭ (ଏପି):** ବର୍ଷା ଯୋଗୁ ସ୍ଥାନୀୟ ୱିଣ୍ଡସର ପାର୍କଠାରେ ଶନିବାର ଖେଳାଯାଇଥିବା ପ୍ରଥମ ଟି୨୦ କ୍ରିକେଟ ମ୍ୟାଚ୍‌କୁ ଅଧାରୁ ସ୍ଥଗିତ ରଖିବାକୁ ହୋଇଛି। ଆଉଟ୍ ଫିଲ୍ଡ ଓଦା ଥିବାରୁ ୧୦୦ ମିନିଟ ପରେ ଖେଳ ଆରମ୍ଭ ହୋଇଥିଲା। ଏଥିଲାଗି ମ୍ୟାଚ୍‌କୁ ୧୬ ଓଭରବିଶିଷ୍ଟ କରାଯାଇଥିଲା। ମାତ୍ର ୮ ଓଭର ଖେଳ ପରେ ପୁଣି ବର୍ଷା ହେବାରୁ ଏହାକୁ ୧୪ ଓଭରବିଶିଷ୍ଟ କରାଯାଇଥିଲା। ବାଂଲାଦେଶ ପ୍ରଥମେ ବ୍ୟାଟିଂ କରିଥିଲା। ଦଳ ୧୩ ଓଭର ବ୍ୟାଟିଂ କରିସାରିବା ପରେ ପୁଣି ବର୍ଷା ହେବାରୁ ଅଫିସିଆଲମାନେ ମ୍ୟାଚ୍‌କୁ ବାତିଲ କରିଦେବା ଲାଗି ନିଷ୍ପତ୍ତି ନେଇଥିଲେ। ବାଂଲାଦେଶ ୮ ଉଇକେଟ ବିନିମୟରେ ୧୦୫ ରନ୍ କରିଥିଲା। ଦଳର ଟପ୍ ସ୍କୋରର ଶକିବ ଅଲ ହାସନ ୨୯ ରନ କରିଥିଲେ। ୱେଷ୍ଟଇଣ୍ଡିଜର ପ୍ରତ୍ୟେକ ବୋଲର ଗୋଟିଏ ଲେଖାଏ ଉଇକେଟ ଅକ୍ତିଆର କରିଥିଲେ। ସବୁଠାରୁ ସଫଳ ବୋଲର ରୋମାରିଓ ଶେଫର୍ଡ ୨୧ ରନ ବିନିମୟରେ ୩ ଉଇକେଟ ଅକ୍ତିଆର କରିଥିଲେ। ୨୦୧୭ ଘୂର୍ଣ୍ଣିଝଡ଼ରେ ଏହା ନଷ୍ଟଭ୍ରଷ୍ଟ ହୋଇଯିବା ପରେ ୱିଣ୍ଡସର ପାର୍କଠାରେ ଏହା ଥିଲା ପ୍ରଥମ ଅନ୍ତର୍ଜାତୀୟ କ୍ରିକେଟ।







3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ

# ଅଟକିଛି ବୃଉଙ୍ଗ ଜଳସେଚନ ପ୍ରକଳ୍ପ

**ନୟାଗଡ଼ ଅଫିସ,୩।୭**

କୃଷି ଓ କୃଷକର ଉନ୍ନତି ପାଇଁ ସରକାର ଗୁରୁତ୍ୱ ଦେଉଛନ୍ତି । ହେଲେ ବୃଉଙ୍ଗ ଜଳସେଚନ ପ୍ରକଳ୍ପ କାମ ଦୀର୍ଘଦିନ ଧରି ଅଟକି ରହିଛି । ଏଥିପାଇଁ ସରକାର କୌଣସି ପଦକ୍ଷେପ ନେଉ ନ ଥିବାରୁ ଚାଷୀମାନଙ୍କ ମଧ୍ୟରେ ଅସନ୍ତୋଷ ଦାନା ବାନ୍ଧୁଛି । ପ୍ରକଳ୍ପ ନ ଥାଇ ବି ସରକାର ସର୍ଭେ ଓ ଇନକ୍ୱାରି ବାବଦରେ ୪କୋଟି ୯୯ ଲକ୍ଷ ଟଙ୍କା ବ୍ୟୟ କରି ସାରିଛନ୍ତି। ଏହାପରେ ବି ନୟାଗଡ଼ ଜିଲାର ଜୀବନରେଖା କୁହାଯାଉଥିବା ବୃଉଙ୍ଗ ଜଳସେଚନ ପ୍ରକଳ୍ପର କାମ ଆଗେଇ ନ ପାରିବା ଚାଷୀମାନଙ୍କୁ ହତାଶ କରିଛି। ଏହାକୁ ନେଇ ଚାଷୀଙ୍କ ମଧ୍ୟରେ ଉତ୍ତେଜନା ପ୍ରକାଶ ପାଇଛି । ସରକାରଙ୍କ ଏପରି ପଦକ୍ଷେପର ପ୍ରତିବାଦରେ ଚାଷୀମାନେ ରାଜରାସ୍ତାକୁ ଓହ୍ଲାଇବାକୁ ବାଧ୍ୟ ହୋଇଛନ୍ତି । ପରିସ୍ଥିତି ଏପରି ହୋଇଛି ଯେ, ଚାଷୀମାନଙ୍କ ୫୦ ବର୍ଷ ତଳର ସ୍ୱପ୍ନ ସାକାର ହୋଇପାରୁ ନାହିଁ । ଏଭଳି ସ୍ଥଳେ ଉକ୍ତ ପ୍ରକଳ୍ପ ସପକ୍ଷବାଦୀ ଓ ବିପକ୍ଷବାଦୀମାନେ ବି ନୀରବ ରହିଛନ୍ତି ।

ସୂଚନା ଅନୁଯାୟୀ, ବୃଉଙ୍ଗ ପ୍ରକଳ୍ପ ହେଲେ ଖରିଫ ସମୟରେ ୨୦,୯୭୦, ରବି ଋତୁରେ ୯,୩୨୦ ଏପରି ମୋଟ୍ ୩୦ ହଜାର ୨୯୦ ହେକ୍ଟର


ବୃଉଙ୍ଗ ଜଳସେଚନ ପ୍ରକଳ୍ପ ପାଇଁ ପ୍ରସ୍ତାବିତ ସ୍ଥାନ ।

- ସପକ୍ଷବାଦୀ,ବିପକ୍ଷବାଦୀ ଚୁପ୍
- ୫୦ ବର୍ଷ ତଳର ସ୍ୱପ୍ନ ସାକାର ହେଲାନି

ଜମି ଜଳସେଚିତ ହେବ । ତେବେ ଏହି ପ୍ରକଳ୍ପ ହେଲେ ସାଧାରଣ ବର୍ଗର ୫ ପରିବାର, ଅନୁସୂଚିତ ଜାତି ବର୍ଗର ୨୯୦, ଅନୁସୂଚିତ ଜନଜାତିର ୩୧୪ ପରିବାର, ପଛୁଆବର୍ଗର ୭୧ ପରିବାର ଏପରି ମୋଟ୍ ୬୮୦ ପରିବାର ବିସ୍ଥାପିତ ହେବେ । ହେଲେ ଏଯାବତ ବିସ୍ଥାପିତଙ୍କ ଥଇଥାନ ପାଇଁ କୌଣସି ପଦକ୍ଷେପ ନିଆଯାଇ ନାହିଁ । ଅନ୍ୟପକ୍ଷେ ପରିବେଶ ମଞ୍ଜୁରୀ ପାଇ ବି ସରକାର ପ୍ରକଳ୍ପର କାମ ଆରମ୍ଭ କରିପାରି ନାହାନ୍ତି । ଏହାକୁ ନେଇ ବୃଉଙ୍ଗ ଜଳସେଚନ ପ୍ରକଳ୍ପକୁ କାର୍ଯ୍ୟକାରୀ ଦାବିରେ ସପକ୍ଷବାଦୀମାନେ ଦଶପଲ୍ଲାରୁ ୨୦୨୧ ଫେବୃୟାରୀରେ ପଦଯାତ୍ରା ବାହାରି ୪୦ କି.ମି. ଅତିକ୍ରମ କରି ନୟାଗଡ଼ରେ ପହଞ୍ଚି ଥିଲେ । ନୟାଗଡ଼ ସହର ପରିକ୍ରମା କରିବା ପରେ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିବା ସହ ଏକ ପ୍ରତିବାଦ ସଭା କରିଥିଲେ । ଏଥିରେ ଯୋଗ ଦେଇଥିବା ବକ୍ତାମାନେ କହିଥିଲେ, ଜିଲାବାସୀଙ୍କ ୫୦ ବର୍ଷର ସ୍ୱପ୍ନକୁ ପ୍ରତାରଣା କରାଯାଉଛି । ଯଦି ସରକାର ବୃଉଙ୍ଗ ପ୍ରକଳ୍ପକୁ ତୁରନ୍ତ କାର୍ଯ୍ୟକାରୀ ନ କରନ୍ତି ତେବେ ଜିଲାରେ ଆନ୍ଦୋଳନ ତୀବ୍ରତର ହେବ। ଅନ୍ୟପକ୍ଷେ ପ୍ରକଳ୍ପ କାର୍ଯ୍ୟକ୍ଷମ କରିବା, ବିସ୍ଥାପିତଙ୍କୁ ଥଇଥାନ କରିବା ଏବଂ ରଣପୁର, ବୋଲଗଡ଼, ବେଗୁନିଆ ବ୍ଲକ୍‌କୁ ଏହି ପ୍ରକଳ୍ପରେ ସାମିଲ କରିବାକୁ ଦାବି କରିଥିଲେ । ସପକ୍ଷବାଦୀଙ୍କ ଏହି ଆନ୍ଦୋଳନକୁ ୧୬ ମାସରୁ ଊର୍ଦ୍ଧ୍ୱ ସମୟ ବିତିଛି । ହେଲେ ସପକ୍ଷବାଦୀଙ୍କ ନୀରବତା ଭାଙ୍ଗିନି । ଏଭଳି ସ୍ଥିତି ଲାଗି ରହିଲେ ଆଉ ୫୦ ବର୍ଷ ପରେ ବି ବୃଉଙ୍ଗ ଜଳସେଚନ ପ୍ରକଳ୍ପ କାର୍ଯ୍ୟ ଆରମ୍ଭ ହୋଇ ପାରିବନି ବୋଲି ଆଶଙ୍କା ପ୍ରକାଶ ପାଇଛି ।

ଏ ସଂକ୍ରାନ୍ତରେ ବୃଉଙ୍ଗ ଜଳସେଚନ ପ୍ରକଳ୍ପ ସାଧାରଣ ସଭା କମିଟିର ସଭାପତି ଆଇନଜୀବୀ ମନୋଜ କୁମାର ସାହୁ କୁହନ୍ତି, ବୃଉଙ୍ଗ ଜଳସେଚନ ପ୍ରକଳ୍ପ ଚାଲୁ କରିବାକୁ ଆମ ପକ୍ଷରୁ ପ୍ରୟାସ ଜାରି ରହିବ ଓ ରହିଛି । ଆମେ ଏ ଦିଗରେ ତ୍ୱରିତ ପଦକ୍ଷେପ ନେଉଛୁ । ବାଲୁଗାଁର ଚାଷୀ ରଣଜିତ୍ ଦଳବେହେରା କୁହନ୍ତି, ବୃଉଙ୍ଗ ଜଳସେଚନ ପ୍ରକଳ୍ପର କାର୍ଯ୍ୟ ଯେପରି ଶୀଘ୍ର ଶେଷ ହେବ ସେନେଇ ସବୁ ଦଳ ଏକଜୁଟ୍ ହୋଇ ପଦକ୍ଷେପ ନେବା ଜରୁରୀ । ସାମାଜିକ କର୍ମୀ ସନ୍ତୋଷ ପ୍ରଧାନ କୁହନ୍ତି, ରାଜନୀତି ଯୋଗୁ ବୃଉଙ୍ଗ ଜଳସେଚନ ପ୍ରକଳ୍ପ କାର୍ଯ୍ୟ ଆଗେଇ ପାରୁନି, ତେବେ ନୟାଗଡ଼ରେ ମେଡିକାଲ କଲେଜ, ଚିନିକଳ ଓ ବୃଉଙ୍ଗ ଜଳସେଚନ ପ୍ରକଳ୍ପ ପରି କେତେକ ଇସ୍ୟୁକୁ ନେଇ ଆମେ କେନ୍ଦ୍ର ସରକାରଙ୍କ ସହ ଆଲୋଚନା କରିବାକୁ ଯିବୁ । ଏ ଦିଗରେ ଯେପରି ସଫଳତା ମିଳିବ ସେନେଇ ପଦକ୍ଷେପ ନେବୁ । ଏନେଇ ଜଣେ ବିପକ୍ଷବାଦୀ ନେତା କହିଛନ୍ତି, ପ୍ରକଳ୍ପ ପୂର୍ବରୁ ସରକାର ବିସ୍ଥାପିତଙ୍କୁ ଥଇଥାନ କରିବା ଦରକାର । ଏଥିରେ ବ୍ୟତିକ୍ରମ ହେଲେ ଆମେ ଆନ୍ଦୋଳନକୁ ଓହ୍ଲାଇବୁ । ଏବେ ଏହି ପ୍ରକଳ୍ପ କାମ ଆରମ୍ଭ ହୋଇ ନ ଥିବାରୁ ଆମେ ଚୁପ୍ ବସିଛୁ ।

## ସଂକ୍ଷେପରେ

### ଗୁଣ୍ଡିଚା ମନ୍ଦିରରେ ଲାଗିଲା ରଥ

**ଧରାକୋଟ, ୩।୭(ଡି.ଏନ୍.ଏ.):** ପୂର୍ବ ପ୍ରଚଳିତ ପରମ୍ପରା ଅନୁଯାୟୀ ଗୁଣ୍ଡିଚା ପରଦିନ ଶନିବାର ଧରାକୋଟରେ ରଥ ଟଣା ଯାଇଥିଲା। ତିନି ଠାକୁର ବଡ଼ଦାଣ୍ଡର ମଝି ରାସ୍ତାରେ ଅଟକି ଯିବାପରେ ସନ୍ଧ୍ୟା ହେବାରୁ ରଥଟଣା ବନ୍ଦ ରହିଥିଲା। ରବିବାର ପୁଣି ରଥଟଣା ଯାଇଥିଲା। ଗୁଣ୍ଡିଚା ମନ୍ଦିର ନିକଟରେ ରଥ ପହଞ୍ଚିବା ପରେ ତିନି ଠାକୁରଙ୍କ ନିକଟରେ ସନ୍ଧ୍ୟା ଆଳତି କରାଯାଇ ଭୋଗ ସମର୍ପଣ କରାଯାଇଥିଲା। ସୋମବାରଠାରୁ ଗୁଣ୍ଡିଚା ମନ୍ଦିରରେ ହାଣ୍ଡି ଭୋଗ ଆରମ୍ଭ ହେବ। ବାହୁଡ଼ା ଦିନ ରଥାରୂଢ଼ ଠାକୁରଙ୍କ ନୀତିକାନ୍ତି ପରେ ଏକାଦଶୀ ରବିବାର ଏଠାରେ ରଥ ଟଣାଯିବ। ରଥଯାତ୍ରାକୁ ଶୃଙ୍ଖଳିତ କରିବା, ଟ୍ରାଫିକ୍ ବ୍ୟବସ୍ଥା ନିୟନ୍ତ୍ରଣ କରିବା ପାଇଁ ପୋଲିସ ତରଫରୁ ବନ୍ଦୋବସ୍ତ କରାଯାଇଥିବା ଥାନ ଅଧିକାରୀ ଉମାକାନ୍ତ ସାହୁ ସୂଚନା ଦେଇଛନ୍ତି।

### ଜବରଦଖଲ ଉଚ୍ଛେଦ ଘଟଣାକୁ ନେଇ ରାଜନୀତି ସରଗରମ

**ଗଞ୍ଜାମ,୩।୭(ଡି.ଏନ.ଏ.):** ଗଞ୍ଜାମ ସହରରେ ଦୀର୍ଘ ୭୦ ବର୍ଷରୁ ଊର୍ଦ୍ଧ୍ୱ ହେବ ରହି ଆସିଥିବା ପୂଜକ କନ୍ଧ ଶତପଥୀଙ୍କ ବାରିପଟ ଘର ସରକାରୀ ଜାଗାରେ ଥିବା ଦର୍ଶାଇ ତହସିଲ ପ୍ରଶାସନ ଉଚ୍ଛେଦ କରିବାକୁ ଚେଷ୍ଟା କରୁଥିବା ବେଳେ ତାଙ୍କ ପରିବାର ଓ ସ୍ଥାନୀୟ ଅଞ୍ଚଳବାସୀଙ୍କ ବିରୋଧ ପରେ ଏହା ସ୍ଥଗିତ ରହିଛି। ଆସନ୍ତା ୫ରେ ଉଚ୍ଛେଦ ଲାଗି ତହସିଲ ପକ୍ଷରୁ ପୁଣି ନୋଟିସ ଜାରି ହୋଇଛି। ବର୍ତ୍ତମାନ ଉକ୍ତ ଘର ଉଚ୍ଛେଦ ଘଟଣାକୁ ସ ନେଇ ସହରରେ ରାଜନୀତି ସରଗରମ ଥିବା ଜଣାପଡିଛି। ପୂଜକଙ୍କୁ ସହଯୋଗ କରୁଥିବା ଆଳରେ କେତେଜଣ କୁଚକ୍ରୀ ଗୋଷ୍ଠୀ ଏହାକୁ ନେଇ ରାଜନୀତି କରୁଥିବା ଜଣାପଡିଛି। ଏହି ଘଟଣାକୁ ରାଜନୀତୀକରଣ ନ କରି ସହରବାସୀ ସମସ୍ତେ ମିଶି ପୂଜକଙ୍କୁ ଉଚ୍ଛେଦ ଘଟଣାରେ ସହଯୋଗ କରିବାକୁ ସେଠାର ସ୍ଥାନୀୟ ବାସିନ୍ଦା ଆହ୍ୱାନ ଦେଇଛନ୍ତି।

### ଚାଲାଣ ବେଳେ ଷଣ୍ଢ ଉଦ୍ଧାର, ଅଭିଯୁକ୍ତ ଗିରଫ

**ଦିଗପହଣ୍ଡି,୩।୭(ଡି.ଏନ.ଏ)-** ଦିଗପହଣ୍ଡି ପୋଲିସ ରବିବାର ଗୋକର୍ଣ୍ଣପୁର ଗ୍ରାମର ରାଜୁ ନାଇକଙ୍କୁ ଥାନା ମାମଲା ନଂ.୨୩୯/୨୨ ଅନୁଯାୟୀ ଗିରଫ କରିଛି। ଅଭିଯୁକ୍ତ ରାଜୁ ଏକ ଡାଲା ଅଟୋରେ ଚାଙ୍ଗଡା ପଲ୍ଲୀ ଗ୍ରାମରୁ ଏକ ଷଣ୍ଢ ଚୋରି କରି ନେଉଥିବା ବେଳେ ଗୋକର୍ଣ୍ଣପୁର ଗ୍ରାମରେ କିଛି ବ୍ୟକ୍ତି ପହଞ୍ଚି ଦୃତଗତିରେ ଯାଉଥିବା ଅଟୋ କୁ ଅଟକାଇ ଦିଗପହଣ୍ଡି ପୋଲିସକୁ ଖବର କରିଥିଲେ। ପୋଲିସ ଟିମ ସେଠାରେ ପହଞ୍ଚି ଖାନ ତଲାସ କରିବାରେ ଅଟୋରେ ବନ୍ଧାଯାଇଥିବା ଅବସ୍ଥାରେ ଏକ ଷଣ୍ଢ ଥିବା ଜଣାପଡିଥିଲା। ଉକ୍ତ ଷଣ୍ଢକୁ ଅଭିଯୁକ୍ତ ରାଜୁ ଆନ୍ଧ୍ର ପ୍ରଦେଶର କାଞ୍ଚିଲି ହାଟରେ ବିକ୍ରି କରିବା ପାଇଁ ନେଉଥିଲେ ବୋଲି ପ୍ରାଥମିକ ତଦନ୍ତରୁ ଜଣାପଡିଥିବା ତଦନ୍ତକାରୀ ଅଧିକାରୀ ଆଇଆଇସି ଦୀପ୍ତି ରଞ୍ଜନ ବେହେରା କହିଛନ୍ତି। ଷଣ୍ଢକୁ ଉଦ୍ଧାର କରି ଛାଡ଼ି ଦିଆଯାଇଛି। ଷଣ୍ଢ ଚାଲାଣରେ ବ୍ୟବହୃତ ଅଟୋକୁ ଜବତ କରାଯାଇଛି ବୋଲି ଆଇଆଇସି ସୂଚନା ଦେଇଛନ୍ତି।

## ଶ୍ରୀଜୀଉଙ୍କ କଚ୍ଛପ ବେଶ ଦର୍ଶନ କଲେ ଶ୍ରଦ୍ଧାଳୁ


ମହାପ୍ରଭୁଙ୍କ କଚ୍ଛପ ବେଶ ।

**ଦଶପଲ୍ଲା,୩।୭ (ଡି.ଏନ.ଏ.)**

ରବିବାର ଦଶପଲ୍ଲା ମାଉସୀମା' ମନ୍ଦିରରେ ଶ୍ରୀଜୀଉ କଚ୍ଛପ ବେଶରେ ଶ୍ରଦ୍ଧାଳୁମାନଙ୍କୁ ଦର୍ଶନ ଦେଇଥିଲେ । ଏହି ବେଶ ଦେଖିବା ପାଇଁ ବହୁ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା । ଶ୍ରୀଜୀଉଙ୍କ ସେବକମାନେ ଅପରାହ୍ନରେ ଏହି ବେଶ କରିବା ପରେ ଶ୍ରଦ୍ଧାଳୁମାନଙ୍କୁ ଦର୍ଶନ ନିମନ୍ତେ ମନ୍ଦିର ଭିତରକୁ ପ୍ରବେଶ ପାଇଁ ଅନୁମତି ଦିଆଯାଇଥିଲା । ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ସେଠାରେ ପୋଲିସ ମୁତୟନ କରାଯାଇଥିଲା ।

## ଧର୍ମପରାୟଣା ମହିଳାଙ୍କ ପରଲୋକ

**ଖଣ୍ଡପଡ଼ା,୩।୭(ସ୍ୱ.ପ୍ର.)**

ଖଣ୍ଡପଡ଼ା ବ୍ଲକ ଅଧୀନ କୁମ୍ଭାରପଡ଼ା ଗ୍ରାମର ଧର୍ମପରାୟଣା ମହିଳା ଶାନ୍ତିଲତା ଦାଶ(୮୦)ଙ୍କ ରବିବାର ସକାଳ ୭ଟାରେ ପରଲୋକ ହୋଇଯାଇଛି । ଗତ ୭ବର୍ଷ ହେଲା ସେ ଶଯ୍ୟାଶାୟୀ ଥିଲେ । ଶାନ୍ତିଲତା ସାମାଜିକ କର୍ମୀ ଶ୍ରୀନିବାସ ଦାଶଙ୍କ ମା' ଓ ନୟାଗଡ଼ ଜିଲା ଭାଜପା ମହିଳା ମୋର୍ଚ୍ଚା ସଭାନେତ୍ରୀ ଇଂ. ଅର୍ଚ୍ଚନା ଦାଶଙ୍କ ଶାଶୁ ଅଟନ୍ତି। ସେ ଜଣେ ମେଳାପୀ, ପରୋପକାରୀ ମହିଳା ଥିଲେ । ପୁରୀ ସ୍ୱର୍ଗଦ୍ୱାରଠାରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ କରାଯାଇଛି।



## ଏନ୍‌ଏସି ପାର୍କରେ ବନ ମହୋତ୍ସବ

**ଦଶପଲ୍ଲା,୩।୭ (ଡି.ଏନ.ଏ.)**

୭୩ତମ ବନ ମହୋତ୍ସବ ପାଳନ ଅବସରରେ ରବିବାର ଦଶପଲ୍ଲା ଏନ୍‌ଏସିର ପାର୍କରେ ସବୁଜ ମହାନଦୀ ମିଶନ ଆନୁକୂଲ୍ୟରେ ବିଭିନ୍ନ ଚାରା ରୋପଣ କରାଯାଇଛି । ଏଥିରେ ଦଶପଲ୍ଲା ବିଧାୟକ ରମେଶ ଚନ୍ଦ୍ର ବେହେରା ମୁଖ୍ୟ ଅତିଥି ରୂପେ ଯୋଗ ଦେଇ ଏହି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ । ବ୍ଲକ୍ ଚେୟାରମ୍ୟାନ ସୁନନ୍ଦା ସାହୁ, ଏନ୍‌ଏସି ଚେୟାରମ୍ୟାନ ପୁନମ ପ୍ରିୟଦର୍ଶିନୀ, କାର୍ଯ୍ୟନିର୍ବାହୀ ଅଧିକାରୀ ଦେବବ୍ରତ କର, ଏସିଏଫ୍ ସ୍ୱତଲିନା ସାହୁ, ସଦର ଫରେଷ୍ଟର ଜ୍ୟୋତିରଞ୍ଜନ ମାନସିଂ, ଦଶପଲ୍ଲା ରେଞ୍ଜର ନିଖିଳେଶ ମଲ୍ଲିକ ପ୍ରମୁଖ ଯୋଗଦେଇ ବିଭିନ୍ନ କିସମର ଆମ୍ବ, ପିଜୁଳି, ଅଁଳା ଚାରା ରୋପଣ କରିଥିଲେ ।



ଅତିଥିମାନେ ଚାରା ରୋପଣ କରୁଛନ୍ତି ।

## ମଧ୍ୟଖଣ୍ଡ ହାଇସ୍କୁଲର ହୀରକ ଜୟନ୍ତୀ ପ୍ରସ୍ତୁତି


ପ୍ରସ୍ତୁତି ବୈଠକରେ ଯୋଗଦେଇଥିବା ପୁରାତନ ଛାତ୍ର ଓ ଅନ୍ୟମାନେ ।

**ଦଶପଲ୍ଲା,୩।୭ (ଡି.ଏନ.ଏ.)**

ସ୍ଥାନୀୟ ମଧ୍ୟଖଣ୍ଡ ହାଇସ୍କୁଲଠାରେ ପୁରାତନ ଛାତ୍ରଙ୍କ ଏକ ବୈଠକ ରବିବାର ଅନୁଷ୍ଠିତ ହୋଇଯାଇଛି । ଉକ୍ତ ବୈଠକରେ ପୁରାତନ ଛାତ୍ର ସଂସଦର ସଭାପତି ଡ. ଶିଶିର କୁମାର ଦାସ ସଭାପତିତ୍ୱ କରିଥିଲେ। ଚଳିତ ବର୍ଷ ଉକ୍ତ ହାଇସ୍କୁଲ ପ୍ରତିଷ୍ଠା ହେବାର ୬୦ବର୍ଷ ପୂର୍ତ୍ତି ଅବସରରେ ହୀରକ ଜୟନ୍ତୀ ପାଳନ ପାଇଁ ସ୍ଥିର କରାଯାଇଥିଲା । ଆସନ୍ତା ୧୨ରେ ସ୍କୁଲର ପ୍ରତିଷ୍ଠା ହୋଇଥିବାରୁ ସେଦିନ ହୀରକ ଜୟନ୍ତୀ ଉତ୍ସବ ଉଦ୍‌ଘାଟନ କରାଯିବାକୁ ସ୍ଥିର ହୋଇଥିଲା । ସେଦିନ ସକାଳୁ ଏକ ସାଇକେଲ ଶୋଭାଯାତ୍ରା ମଧ୍ୟଖଣ୍ଡ, ଘୋଳହଣ୍ଡି ଓ ଦିହ ଗାଁ ପରିକ୍ରମା କଲାପରେ ପୂର୍ବାହ୍ନ ୧୦ଟାରେ ଉଦ୍‌ଘାଟନ ଉତ୍ସବ ଅନୁଷ୍ଠିତ ହେବ । ଏହି ଉତ୍ସବରେ ସ୍କୁଲର ପ୍ରଥମ ବର୍ଷର ଛାତ୍ରମାନଙ୍କୁ ଏବଂ ପୁରାତନ ଶିକ୍ଷକମାନଙ୍କୁ ସମ୍ବର୍ଦ୍ଧିତ କରାଯିବ। ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯିବ । ଉଦ୍‌ଘାଟନ ଦିବସରୁ ବର୍ଷେ ବ୍ୟାପୀ ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ବର୍ଷ ଶେଷରେ ହୀରକ ଜୟନ୍ତୀର ଉଦ୍‌ଯାପନୀ ଉତ୍ସବ ମହାସମାରୋହରେ ପାଳନ କରାଯିବା ନିମନ୍ତେ ଉକ୍ତ ବୈଠକରେ ସ୍ଥିର କରାଯାଇଛି। ପ୍ରସ୍ତୁତି ବୈଠକରେ ପୁରାତନ ଛାତ୍ର ଡ. ମାଧବ ଚନ୍ଦ୍ର ମିଶ୍ର, ଆଡ୍‌ଭୋକେଟ ଦୁଃଖିଶ୍ୟାମ ଦାସ,ଆଡ୍‌ଭୋକେଟ୍ ଶରତ ଚନ୍ଦ୍ର ବେହେରା,ଇଞ୍ଜିନିୟର ବିଦିପ୍ତ ଚନ୍ଦ୍ର ରାୟ, ସଙ୍ଗୀତଜ୍ଞ ଶରତ କୁମାର ସାହୁ, ଅଧ୍ୟାପକ ସଞ୍ଜୟ କୁମାର ପଣ୍ଡା, ସରୋଜ କୁମାର ପଣ୍ଡା,ଲକ୍ଷ୍ମୀଧର ମହାରଣା, ଧୀରେନ୍ଦ୍ର ମହାରଣା, ପ୍ରଫୁଲ୍ଲ ହୋତା, ଚିତ୍ତ ରଞ୍ଜନ ମିଶ୍ର ପ୍ରମୁଖ ଶତାଧିକ ପୁରାତନ ଛାତ୍ରଙ୍କ ସମେତ ସ୍ଥାନୀୟ ବିଧାୟକ ରମେଶ ଚନ୍ଦ୍ର ବେହେରା, ଜିଲା ପରିଷଦ ସଭ୍ୟ ବସନ୍ତ କୁମାର ପ୍ରଧାନ ଏବଂ ସ୍କୁଲର ପୂର୍ବତନ ସମ୍ପାଦକ ରାଶନ୍ କୁମାର ପଣ୍ଡା ଓ ପ୍ରଧାନ ଶିକ୍ଷକ ଉପସ୍ଥିତ ରହି ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ ।

## ବାଇକ୍ ଦୁର୍ଘଟଣା, ଜଣେ ମୃତ

**ପୋଲସରା,୩।୭(ଡି.ଏନ.ଏ.)**

ପୋଲସରା ଥାନା ଅନ୍ତର୍ଗତ ପାଣ୍ଡିରିପଡ଼ା ପଞ୍ଚାୟତରେ ଏକ ବାଇକ୍ ଦୁର୍ଘଟଣାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ଜଣେ ଆହତ ହୋଇଛନ୍ତି। ମୃତକ ହେଲେ କବିସୂର୍ଯ୍ୟନଗର ଥାନା ଅନ୍ତର୍ଗତ ଦେଓଗାଁ ଗ୍ରାମର ବାପୁଜୀ ପୋଲେଇ ଓ ଆହତ ଜଣକ ସେହି ଗ୍ରାମର ନାରାୟଣ ପ୍ରଧାନ। ଉଭୟ ସିଂହାସନୀ ପୀଠରୁ ଭୋଜି ଖାଇ ଫେରୁଥିବା ବେଳେ ବଡ଼ତଇଲା ଗ୍ରାମ ନିକଟରେ ନିୟନ୍ତ୍ରଣ ହରାଇ ବାଇକଟି ଗୋଟିଏ ଗଛକୁ ଧକ୍କା ଦେଇଥିଲା। ପୋଲସରା ସ୍ୱାସ୍ଥ୍ୟ କେନ୍ଦ୍ରରେ ବାପୁଜୀଙ୍କ ମୃତ୍ୟୁ ଘଟିଥିଲା।

## ରାତିରେ କଳାକନା ବୁଲାଇଲେ ଦୁର୍ବୃତ୍ତ

**ଭାପୁର,୩।୭ (ଡି.ଏନ.ଏ.)**

- ଲକ୍ଷାଧିକ ଟଙ୍କା, ସୁନାରୁପା ଗହଣା ନେଇଗଲେ

ନୟାଗଡ଼ ଜିଲା ଫତେଗଡ଼ ଥାନା ଅନ୍ତର୍ଗତ କଇଁଫୁଲିଆ ପଞ୍ଚାୟତ ଦୁଆଡିଆ ଗ୍ରାମରେ ଦୁର୍ବୃତ୍ତମାନେ ପ୍ରମୋଦ ରାଉତଙ୍କ ଘରେ ପଶି କଳାକନା ବୁଲାଇଛନ୍ତି । ପ୍ରମୋଦଙ୍କ ପରିବାର ଲୋକମାନେ ଶୋଇଥିବା ବେଳେ ବିଳମ୍ବିତ ରାତିରେ ଏହି ଘଟଣା ଘଟିଛି । ଦୁର୍ବୃତ୍ତମାନେ ନଗଦ ଟଙ୍କା ସହିତ ଲକ୍ଷାଧିକ ଟଙ୍କାର ସୁନାରୁପା ଅଳଙ୍କାର ନେଇ ଯାଇଛନ୍ତି ବୋଲି ଥାନାରେ ଅଭିଯୋଗ କରାଯାଇଛି ।

ପ୍ରମୋଦ ନିଜ ଏତଲାରେ ଦର୍ଶାଇଛନ୍ତି, କେହି ତାଙ୍କ ବାରିପଟ କବାଟ ଭାଙ୍ଗି ଘରେ ପଶିଥିଲେ । ଗଡ୍‌ରେଜ ତାଲା ଭାଙ୍ଗି ନଗଦ ୧ ଲକ୍ଷ ୧୦ହଜାର ଟଙ୍କା, ଗୋଟିଏ ସୁନାହାର,ସୁନା ଚେନ, ସୁନାମୁଦି, ଚାରିହଳ ରୁପା ପାଉଁଜି ନେଇଯାଇଛନ୍ତି । ସକାଳୁ ଉଠି ଦେଖିଲା ବେଳକୁ ବାରିପଟ କବାଟ ଖୋଲା ରହିଛି । ତାଙ୍କ ବାରିର କିଛି ଦୂରରେ ହଳେ ଚପଲ ଓ ଆଟାଚି ପଡିଛି । ପ୍ରମୋଦଙ୍କ ଅଭିଯୋଗକୁ ଭିତ୍ତିକରି ପୋଲିସ ତଦନ୍ତ ଆରମ୍ଭ କରିଛି ।


ଭଙ୍ଗାଯାଇଥିବା ଆଟାଚିରୁ ଟଙ୍କା ଓ ସୁନାଗହଣା ଲୁଟ୍ ହୋଇଛି ।

## ଅସୁରକ୍ଷିତ ଶ୍ରେଣୀଗୃହରେ ୨୨୮ ଛାତ୍ରୀଛାତ୍ର

**ଖଣ୍ଡପଡ଼ା,୩।୭(ସ୍ୱ.ପ୍ର.)**

୫-ଟି ଯୋଜନାରେ ପୁରାତନ ଶ୍ରେଣୀଗୃହର ଉନ୍ନତି ସହିତ ଶିକ୍ଷାକ୍ଷେତ୍ରରେ ପରିବର୍ତ୍ତନ ଆଣିବା ପାଇଁ ରାଜ୍ୟ ସରକାର ପଦକ୍ଷେପ ନେଇଛନ୍ତି । ଏଥିପାଇଁ ବିଭିନ୍ନ ପର୍ଯ୍ୟାୟରେ କାମ ଚାଲିଛି । ହେଲେ ନୟାଗଡ଼ ଜିଲା ଖଣ୍ଡପଡ଼ା ବ୍ଲକ ଅଧୀନ କୁମ୍ଭାରପଡ଼ା ପଞ୍ଚାୟତର ରାମଚନ୍ଦ୍ର ୟୁପି ଏମ୍‌ଇ ସ୍କୁଲର ଅସୁରକ୍ଷିତ ଶ୍ରେଣୀଗୃହରେ ଛାତ୍ରୀଛାତ୍ରମାନେ ବସି ପାଠ ପଢୁଛନ୍ତି । ଅଭିଭାବକମାନେ ଏହାକୁ ସହଜରେ ଗ୍ରହଣ କରି ପାରୁନାହାନ୍ତି । ଘରୁ ପିଲାମାନେ ସ୍କୁଲକୁ ଆସି ନ ଫେରିବା ଯାଏ ମା'ବାପାଙ୍କ ଚିନ୍ତା କମୁନି । ଏପରି ସ୍ଥଳେ ସରକାର ଏହି ସ୍କୁଲକୁ ରୂପାନ୍ତରୀକରଣ ଯୋଜନାରେ ସାମିଲ କରିବାକୁ ସାଧାରଣରେ ଦାବି ହୋଇଛି ।

ଖଣ୍ଡପଡ଼ା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ କୁମ୍ଭାରପଡ଼ା ଗ୍ରାମରେ ରହିଛି ରାମଚନ୍ଦ୍ର ଅପର ପ୍ରାଇମେରୀ ମଧ୍ୟ ଇଂରାଜୀ ବିଦ୍ୟାଳୟ । ୧୯୬୨ରୁ ପ୍ରତିଷ୍ଠିତ ଏହି ଶିକ୍ଷାନୁଷ୍ଠାନରେ ସମ୍ପ୍ରତି ଆଜ୍‌ବେଷ୍ଟସ ଛପର ଭାଙ୍ଗି ଶ୍ରେଣୀଗୃହ ଅସୁରକ୍ଷିତ ଅବସ୍ଥାରେ ରହିଛି । ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ବାରମ୍ବାର ଅଭିଯୋଗ ପରେ ବି ସେହି ଶ୍ରେଣୀଗୃହର ମରାମତି କରାଯାଉନାହିଁ। ସ୍କୁଲ ସମ୍ମୁଖ ପାର୍ଶ୍ୱରେ ଗୋଟିଏ ଧାଡ଼ି ନଡିଆ ଗଛ ରହିଛି । ବିଭିନ୍ନ ସମୟରେ ଆଜ୍‌ବେଷ୍ଟସ ଛପର ଉପରେ ନଡ଼ିଆ ଓ ବାହୁଙ୍ଗା ପଡିବାରୁ ଏପରି ପରିସ୍ଥିତି ସୃଷ୍ଟି ହୋଇଛି । ଫଳରେ ଭଙ୍ଗା ଆଜ୍‌ବେଷ୍ଟସ ଛାତ ତଳେ ବସି ପିଲାମାନେ ପାଠ ପଢୁଛନ୍ତି। ବର୍ଷାରେ ଶ୍ରେଣୀଗୃହ ଜଳମଗ୍ନ ହେଉଛି । ଖରା ତାତିରେ ପିଲାମାନେ ସେହି ଭଙ୍ଗା ଆଜବେଷ୍ଟସ ତଳେ ବସୁଛନ୍ତି। ଏ ସଂକ୍ରାନ୍ତରେ ସ୍ଥାନୀୟ ଲୋକଙ୍କ ସହିତ ବିଦ୍ୟାଳୟ କର୍ତ୍ତୃପକ୍ଷ ଏକାଧିକ ଥର ବିଭାଗୀୟ ଅଧିକାରୀଙ୍କ ଦୃଷ୍ଟିଆକର୍ଷଣ କରି ସାରିଛନ୍ତି । ଏହା ପରେ ବି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ। ତେବେ ୨୦୧୯-୨୦ରେ ରୋଷେଇ ଘର ମରାମତି ପାଇଁ ୨ଲକ୍ଷ ଟଙ୍କାର ଅନୁଦାନ ମଞ୍ଜୁର





ଶ୍ରେଣୀଗୃହର ଆଜବେଷ୍ଟସ୍ ଛପର ଭାଙ୍ଗିଯାଇଛି ।

- ରାମଚନ୍ଦ୍ର ୟୁପି ଏମ୍‌ଇ ସ୍କୁଲରେ ଅବ୍ୟବସ୍ଥା
- ୮ଶ୍ରେଣୀ ପାଇଁ ଅଛନ୍ତି ୬ ଶିକ୍ଷକ

ହୋଇଥିଲା । ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ସେହି କାମ ଶେଷ କରାଯାଇଛି। ହେଲେ ଶ୍ରେଣୀଗୃହର ସୁରକ୍ଷା ପାଇଁ କୌଣସି ଅନୁଦାନ ରାଶି ମଞ୍ଜୁର ହୋଇ ନାହିଁ । ସମ୍ପ୍ରତି ବର୍ଷାଋତୁ ଚାଲିଥିବାରୁ ଶିକ୍ଷାଦାନରେ ବ୍ୟାଘାତ ସୃଷ୍ଟି ହେଉଛି ।

ଉକ୍ତ ସ୍କୁଲରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ୨୨୮ ଛାତ୍ରୀଛାତ୍ର ଅଧ୍ୟୟନ କରୁଛନ୍ତି। ପିଲାମାନେ ଶ୍ରେଣୀଗୃହର ବସି ପାଠ ପଢ଼ିବାକୁ ନିଜକୁ ସୁରକ୍ଷିତ ମଣୁନାହାନ୍ତି ବୋଲି ପ୍ରଧାନ ଶିକ୍ଷକ ପରିକ୍ଷିତ ନାୟକ କହିଛନ୍ତି । ଅନ୍ୟପକ୍ଷେ ଉକ୍ତ ସ୍କୁଲର ୮ଟି ଶ୍ରେଣୀରେ ପାଠ ପଢ଼ାଇବା ପାଇଁ ୬ଜଣ ଶିକ୍ଷକ ଅଛନ୍ତି । ଏଥିଯୋଗୁ ଛାତ୍ରୀଛାତ୍ରଙ୍କ ଶିକ୍ଷାଦାନରେ ବାଧା ସୃଷ୍ଟି ହୋଇଛି । ବିଦ୍ୟାଳୟର ଏପରି ଦୟନୀୟ ଅବସ୍ଥା ସମ୍ପର୍କରେ ସ୍କୁଲ ପରିଚାଳନା କମିଟି ପକ୍ଷରୁ ନୟାଗଡ଼ ଜିଲାପାଳ, ଜିଲା ଶିକ୍ଷାଧିକାରୀ, ଜିଲା ପ୍ରକଳ୍ପ ସଂଯୋଜକ, ବ୍ଲକ ଗୋଷ୍ଠୀ ଶିକ୍ଷାଧିକାରୀଙ୍କୁ ଅବଗତ କରାଯାଇଛି। ମାତ୍ର କୌଣସି ସୁଫଳ ମିଳି ନ ଥିବା ପ୍ରଧାନ ଶିକ୍ଷକ ନାୟକ କହିଛନ୍ତି । ଏ ସମ୍ପର୍କରେ କୁମ୍ଭାରପଡ଼ା ସରପଞ୍ଚ ଚିନ୍ମୟ କୁମାର ପଣ୍ଡାଙ୍କ ସହ ଯୋଗାଯୋଗ କରାଯାଇଥିଲା । ସେ କୁହନ୍ତି, ବିଦ୍ୟାଳୟ ପରିସରରେ ଥିବା ନଡ଼ିଆ ଗଛ ଯୋଗୁ ଶ୍ରେଣୀଗୃହର ଆଜ୍‌ବେଷ୍ଟସ ଛାତ ଭାଙ୍ଗି ସମସ୍ୟା ସୃଷ୍ଟି କରୁଛି । ତେଣୁ ନଡିଆ ଗଛଗୁଡିକୁ କାଟିବାର ଆବଶ୍ୟକତା ରହିଛି। ପଞ୍ଚାୟତ ପାଣ୍ଠିରୁ ଉକ୍ତ ଶ୍ରେଣୀଗୃହ ଛପର ମରାମତି ପାଇଁ ୨ଲକ୍ଷ ଟଙ୍କାର ଅନୁଦାନ ରାଶି ମଞ୍ଜୁର କରିବାକୁ ଆକ୍ସନ ପ୍ଲାନ କରାଯାଇଛି। ଆପ୍ରୋଭାଲ ପରେ ଖୁବ୍‌ଶୀଘ୍ର ଏ ଦିଗରେ ପଦକ୍ଷେପ ଗ୍ରହଣ କରାଯିବ ।

## ସଂକ୍ଷେପରେ

### ଯୁବକଙ୍କୁ ସଂଘବଦ୍ଧ ଆକ୍ରମଣ

**ବ୍ରହ୍ମପୁର ଅଫିସ,୩।୭:** ବ୍ରହ୍ମପୁର ଦେଇ ଯାଇଥିବା ୧୬ନଂ. ଜାତୀୟ ରାଜପଥ ହଳଦିଆପଦରରେ ଥିବା ଏକ ହୋଟେଲ ନିକଟରେ ସଂଘବଦ୍ଧ ଆକ୍ରମଣ କରାଯିବାରୁ ଜଣେ ଯୁବକ ଗୁରୁତର ଆହତ ହୋଇଛନ୍ତି। ସେ ହେଲେ ଗୋଷାଣିନୁଆଗାଁର ଶିଶିର ସାହୁ। ଖବରପାଇ ଗୋଷାଣିନୁଆଗାଁ ଥାନା ପୋଲିସ ସେଠାରେ ପହଞ୍ଚି ଆହତଙ୍କୁ ଉଦ୍ଧାର କରି ମେଡିକାଲ ପଠାଇଥିଲା। ଅଭିଯୋଗ ପରେ ପୋଲିସ ଏ ସଂକ୍ରାନ୍ତରେ ୧୦୯/୨୨ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି। ପ୍ରକାଶ ଯେ, ଶିଶିର କୌଣସି କାମରେ କନିଷି ଯାଇଥିଲେ। କାମ ସାରି ଅପରାହ୍ନରେ ଘରକୁ ଫେରୁଥିବା ବେଳେ ରାସ୍ତାରେ ୪ ଯୁବକ ତାଙ୍କୁ ଅଟକାଇଥିଲେ। ସେମାନେ ଶିଶିରଙ୍କ ସହ ଝଗଡା କରିଥିଲେ। ସେ ଏହାର ପ୍ରତିବାଦ କରିବାରୁ ତାଙ୍କୁ ଦୁର୍ବୃତ୍ତମାନେ ସଂଘବଦ୍ଧ ଭାବେ ବିଭିନ୍ନ ମାରଣାସ୍ତ୍ରରେ ଆକ୍ରମଣ କରିଥିଲେ। ଯାହାଫଳରେ ତାଙ୍କର ମୁଣ୍ଡ ଓ କାନମୁଣ୍ଡା ଫାଟି ଯାଇଥିଲା। ପୂର୍ବ ଶତ୍ରୁତାରୁ ଶିଶିରଙ୍କୁ ଆକ୍ରମଣ କରାଯାଇଥିବା ପୋଲିସ ପ୍ରାଥମିକ ତଦନ୍ତରୁ ଜାଣିବାକୁ ପାଇଛି। ଅନ୍ୟପଟେ ଅପରାଧୀଙ୍କୁ ଧରିବା ପାଇଁ ପୋଲିସ ବିଭିନ୍ନ ସ୍ଥାନରେ ଚଢ଼ାଉ ଜାରି ରଖିଛି।

### ସମବାୟ ସମିତି ସଭାପତି ନିର୍ବାଚନ

**ଆସିକା,୩।୭(ଡି.ଏନ୍.ଏ.):** ଆସିକା ସମବାୟ କେନ୍ଦ୍ର ବ୍ୟାଙ୍କ ସଦର ଶାଖା ଅଧିନସ୍ଥ ପାଣ୍ଡିଆପଥର ସେବା ସମବାୟ ସମିତିର ସଭାପତି ନିର୍ବାଚନ ରବିବାର ଅନୁଷ୍ଠିତ ହୋଇଯାଇଛି। ଏହି ନିର୍ବାଚନରେ ପାଣ୍ଡିଆପଥର ସରପଞ୍ଚ ନିଳାଞ୍ଚଳ ଗୌଡ ସଭାପତି ରୂପେ ନିର୍ବାଚିତ ହୋଇଛନ୍ତି। ତାଙ୍କ ସପକ୍ଷରେ ୧୦ଜଣ ସଦସ୍ୟ ମତଦାନ କରିଥିଲେ। ତେବେ ଏହି ନିର୍ବାଚନରେ ତାଙ୍କର ପ୍ରତିଦ୍ୱନ୍ଦ୍ୱୀ ରାଜଗୋପାଳ ଦୋରାଙ୍କ ସମେତ ୫ଜଣ ସଦସ୍ୟ ମତଦାନରୁ ଓହରି ଯାଇଥିଲେ। ରାମକୃଷ୍ଣ ସାହୁ ନିର୍ବାଚନ ଅଧିକାରୀ ରହିଥିଲେ। ସେହିଭଳି ଆସିକା ଏମପିସିସ ପରିସରରେ ଥିବା ଘୁମୁସର ଉପଖଣ୍ଡ ଗୃହ ନିର୍ମାଣ ସମବାୟ ସମିତିର ସଭାପତି ନିର୍ବାଚନରେ ଜିଲାପରିଷଦ ସଦସ୍ୟ ତଥା ରାଜ୍ୟ ଛାତ୍ର ବିଜେଡି ସଂପାଦକ ମନୋଜ କୁମାର ଦୋରା ଅପ୍ରତିଦ୍ୱନ୍ଦ୍ୱୀ ସଭାପତି ଭାବେ ନିର୍ବାଚିତ ହୋଇଛନ୍ତି । ପୂର୍ବରୁ ଏହି ସମିତିର ସମସ୍ତ ସଦସ୍ୟ ମଧ୍ୟ ଅପ୍ରତିଦ୍ୱନ୍ଦ୍ୱୀ ନିର୍ବାଚିତ ହୋଇଥିଲେ । ନିର୍ବାଚନ ଅଧିକାରୀ ସନାତନ ବେହେରା ନିର୍ବାଚନ କାର୍ଯ୍ୟ ପରିଚାଳନା କରିଥିଲେ ।

### କପିଳେଶ୍ୱର ସମବାୟ ସମିତି ସଭାପତି ହେଲେ ସୀମାଞ୍ଚଳ



**ପୁରୁଷୋତ୍ତମପୁର, ୩।୭ (ଡି.ଏନ.ଏ.):** ପୁରୁଷୋତ୍ତମପୁର ବ୍ଲକ ଅନ୍ତର୍ଗତ ଭୂତସରସିଙ୍ଗି କପିଳେଶ୍ୱର ସମବାୟ ସମିତି ସଭାପତି ପଦଲାଗି ନିର୍ବାଚନ ଶେଷ ହୋଇଛି। ଏଥିରେ ପଞ୍ଚମଥର ଲାଗି ବରିଷ୍ଠ ଆଇନଜୀବୀ ତଥା ଇଫ୍‌କୋର ନିର୍ଦ୍ଦେଶକ ସୀମାଞ୍ଚଳ ପାଢୀ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି। ସମିତିର ୧୨ଜଣ ନବନିର୍ବାଚିତ ଡାଇରେକ୍ଟର ଉପସ୍ଥିତ ଥିଲେ। ଏହି ଅବସରରେ ସମସ୍ତ ଚାଷୀ ଓ ଡାଇରେକ୍ଟରମାନେ ସମ୍ବର୍ଦ୍ଧିତ କରିଥିଲେ। ଏହାକୁ ନିର୍ବାଚନ ଅଧିକାରୀ ତଥା ପୁରୁଷୋତ୍ତମପୁର ପ୍ରାଣୀ ଚିକିତ୍ସକ ବୈରାଗୀ ସ୍ୱାଇଁ ପରିଚାଳନା କରିଥିଲେ।

### ଭାଲୁ ଆକ୍ରମଣରେ ଯୁବକ ଆହତ

**କୁଡ଼ୁମୁଲୁଗୁମ୍ମା,୩।୭(ଡି.ଏନ.ଏ.):** କୁଡ଼ୁମୁଲୁଗୁମ୍ମା ତହସିଲ ଅନ୍ତର୍ଗତ ଜାଙ୍ଗରିଆ ସାହି ନିକଟସ୍ଥ ଚିଲିପଦର ଜଙ୍ଗଲରେ ଭାଲୁ ଆକ୍ରମଣରେ ଜଣେ ଯୁବକ ଆହତ ହୋଇଛନ୍ତି। ସେ ହେଲେ ଗ୍ରାମର ଅର୍ଜୁନ ଛତରଲିଆ। ରବିବାର ସକାଳେ ଅର୍ଜୁନ ଘରପାଇଁ କିଛି ମେଢ଼ା କାଠ ସଂଗ୍ରହ ଲାଗି ଚିଲିପଦର ଜଙ୍ଗଲକୁ ଯାଇଥିଲେ। ଏହି ସମୟରେ ତାଙ୍କର ଏକ ଭାଲୁ ସହ ମୁହାଁମୁହିଁ ହୋଇଥିଲା। ଅର୍ଜୁନ କିଛି ଉପାୟ ନ ଧରିଥିବା ଟାଙ୍ଗିଆରେ ଭାଲୁକୁ ଏକ ଶକ୍ତ ପ୍ରହାର କରିଥିଲେ। ଭାଲୁଟି ମଧ୍ୟ ନଖରେ ଅର୍ଜୁନଙ୍କ ମୁହଁ , ଛାତି ଓ ଜଙ୍ଘକୁ ରାମ୍ପୁଡି ଦେଇଥିଲା। ଏଥିରେ ସେ ସାମାନ୍ୟ ଆଘାତ ହୋଇଛନ୍ତି। ଖବରପାଇ ସେଠାରେ ପରିବାର ଲୋକେ ପହଞ୍ଚି ତାଙ୍କୁ ଘଟଣା ସ୍ଥଳରୁ ଉଦ୍ଧାର କରି କୁଡ଼ୁମୁଲୁଗୁମ୍ମା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ।

# ଡେଙ୍ଗୁ ଲାଗି ଲୋକଙ୍କୁ କରାଯାଉଛି ସଚେତନ

**ବ୍ରହ୍ମପୁର ଅଫିସ,୩।୭**

### ଆସିଲା ବର୍ଷା

ମୌସୁମୀ ବର୍ଷା ଆରମ୍ଭ ହୋଇଯାଇଛି। ଫଳରେ ବ୍ରହ୍ମପୁରରେ ଲୋକଙ୍କୁ ଡେଙ୍ଗୁ ଭୟ ଘାରିଲାଣି। ପରିମଳ ବ୍ୟବସ୍ଥା ଠିକ୍ ନ ଥିବାରୁ ଚିନ୍ତା ଆହୁରି ବଢ଼ି ଯାଇଛି। କେଉଁଠି ନାଳ ଚୋକ୍ ହୋଇ ରହିଛି ତ ଆଉ କେଉଁଠି କୁଢ଼କୁଢ଼ ଆବର୍ଜନା ଗଦା ହୋଇଛି। ବର୍ଷା ହେବା ପରେ ବିଭିନ୍ନ ଖାଲୁଆ ସ୍ଥାନରେ ପାଣି ଜମି ରହିବ। ଫଳରେ ଡେଙ୍ଗୁ ବାହାକ 'ଏଡିସ୍' ମଶା ସୃଷ୍ଟି ହୋଇ ତାହା ରୋଗର କାରଣ ସାଜିବ। ଅବଶ୍ୟ ଚଳିତ ବର୍ଷ ଏ ପର୍ଯ୍ୟନ୍ତ ଜିଲାରେ ଡେଙ୍ଗୁ ରୋଗୀ ଚିହ୍ନଟ ହୋଇନାହାନ୍ତି। ତଥାପି ଲୋକଙ୍କୁ ଡେଙ୍ଗୁ ଡରାଇ ରଖିଛି। ଏଥିପାଇଁ ଜିଲା ସ୍ୱାସ୍ଥ୍ୟ ବିଭାଗ ସଜାଗ ରହିଛି। ବ୍ଲକଗୁଡ଼ିକରେ ଲୋକଙ୍କୁ ଡେଙ୍ଗୁ ସମ୍ପର୍କରେ ସଚେତନ କରାଯାଉଛି। କେନ୍ଦ୍ର ସରକାରଙ୍କ 'ହର୍ ଘର୍ ଦସ୍ତକ୍ ୨.୦' କାର୍ଯ୍ୟକ୍ରମ ଜରିଆରେ ସ୍ୱାସ୍ଥ୍ୟ ବିଭାଗର ଟିମ୍ ପ୍ରତ୍ୟେକ ଘରକୁ ଯାଇ ଲୋକଙ୍କୁ ସଚେତନ କରୁଛି। କୋଭିଡ୍ ଟିକା ନେବା ସହିତ ଡେଙ୍ଗୁ ଓ ମ୍ୟାଲେରିଆ ଭଳି ରୋଗ ସମ୍ପର୍କରେ ସଚେତନ କରାଯାଉଛି। ଏଥିପାଇଁ ଆଶା, ଅଙ୍ଗନୱାଡି ଓ ସ୍ୱାସ୍ଥ୍ୟକର୍ମୀଙ୍କୁ ନେଇ ଟିମ୍ ଗଠନ କରାଯାଇଥିବା ଜିଲା ମ୍ୟାଲେରିଆ ଅଧିକାରୀ ଡା. ସନ୍ତୋଷ କୁମାର ପାଢ଼ୀ ସୂଚନା ଦେଇଛନ୍ତି।

ଗଞ୍ଜାମ ଜିଲାରେ ୨୦୧୨ରେ ଡେଙ୍ଗୁ ଜ୍ୱର ବ୍ୟାପିଥିଲା। ଏହି ବର୍ଷ ମୋଟ ୫୩୩ ଜଣ ଏମ୍‌କେସିଜିର ସ୍ୱତନ୍ତ୍ର ଡେଙ୍ଗୁ ୱାର୍ଡରେ ଚିକିତ୍ସିତ ହୋଇଥିଲେ। ବର୍ଷା ଦିନରେ ସହରର ବିଭିନ୍ନ ସ୍ଥାନରେ ପଡ଼ି ରହୁଥିବା ଟାୟାର୍, ପଲିଥିନ୍, ପଇଡ଼ ଖୋଳପା, ଭଙ୍ଗା ବାଲ୍ଟି ଆଦିରେ ପାଣି ଜମା ହୋଇ ରହିଥାଏ। ସାଧାରଣତଃ ଏହା ଉପରେ ଲୋକଙ୍କ ନଜର ପଡ଼େ ନାହିଁ। ଏଭଳି ସାମଗ୍ରୀରେ ଦୀର୍ଘଦିନ ଧରି ଯେପରି ପାଣି ଜମା ହୋଇ ନ ରହିବ ସେ ଦିଗରେ ଲୋକଙ୍କୁ ସଚେତନ କରାଯାଉଛି। ଠିକ୍ ସେହିପରି ସହରରେ ଜଳ ସମସ୍ୟା ଯୋଗୁ ଲୋକେ ବଡ଼ ବାଲ୍ଟି, ଡ୍ରମରେ ପାଣି ଗଚ୍ଛିତ ରଖିଥାନ୍ତି। ତାହା ମଧ୍ୟ ଦୀର୍ଘଦିନ ଧରି ରହିଲେ ସେଥିରୁ ଏଡିସ୍ ମଶା ସୃଷ୍ଟି ହେବାର ଭୟ ରହିଛି। ଏଥିପ୍ରତି ଧ୍ୟାନ ଦେଇ ଦୀର୍ଘଦିନ ପର୍ଯ୍ୟନ୍ତ ପାଣି ଜମା କରି ନ ରଖିବାକୁ ସ୍ୱାସ୍ଥ୍ୟ ବିଭାଗ ତରଫରୁ କୁହାଯାଇଛି।



ପ୍ରକାଶଯେ, ୨୦୨୧ରେ ଗଞ୍ଜାମ ଜିଲାରେ ୩୩୩ ଡେଙ୍ଗୁ ପଜିଟିଭ୍ ଚିହ୍ନଟ ହୋଇଥିଲେ। କିନ୍ତୁ ୨୦୨୦ରେ ମାତ୍ର ୯ ପଜିଟିଭ୍ ଚିହ୍ନଟ ହୋଇଥିଲେ। ସେହିପରି ୨୦୧୯ରେ ୩୦୭ ପଜିଟିଭ୍ ଚିହ୍ନଟ ହୋଇଥିବା ବେଳେ ୨୦୧୮ରେ ୧୫୫ ପଜିଟିଭ୍ ଚିହ୍ନଟ ହୋଇଥିଲେ। ଗତବର୍ଷ ପଜିଟିଭ୍ ସଂଖ୍ୟା ୩ଶହ ଟପିଥିଲା। ଏଣୁ ଏବେ ଠାରୁ ଲୋକଙ୍କ ମଧ୍ୟରେ ଚିନ୍ତା ଆରମ୍ଭ ହେଲାଣି। ଏନେଇ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ଉମାଶଙ୍କର ମିଶ୍ର କହିଛନ୍ତି, ଜିଲାରେ ଏବେ ଲଗାଣ ବର୍ଷା ହେଉଛି। ଜ୍ୱରରେ ଆକ୍ରାନ୍ତ ହୋଇ ହସ୍ପିଟାଲ ଆସୁଥିବା ରୋଗୀଙ୍କ ଡେଙ୍ଗୁ ପରୀକ୍ଷା କରାଯାଉଛି। ଗତ ଦୁଇ ଦିନ ମଧ୍ୟରେ ୩୮ ରୋଗୀଙ୍କ ଡେଙ୍ଗୁ ପରୀକ୍ଷା କରାଯାଇଛି। ସେମାନଙ୍କ ରିପୋର୍ଟ ନେଗେଟିଭ ଆସିଛି। ଏବେ ଆଶା କର୍ମୀମାନେ ଘରକୁ ଘର ବୁଲି ଲୋକଙ୍କୁ ଏଦିଗରେ ସଚେତନ କରୁଛନ୍ତି। ସେହିପରି ରୋଗୀଙ୍କ ଚିକିତ୍ସା ପାଇଁ ଡେଙ୍ଗୁ ୱାର୍ଡ ଓ ଡାକ୍ତରୀ ଦଳ ପ୍ରସ୍ତୁତ ହୋଇ ରହିଛନ୍ତି।

### ସାପ କାମୁଡ଼ାରେ ନବବଧୂଙ୍କ ମୃତ୍ୟୁ

**ବ୍ରହ୍ମପୁର ଅଫିସ,୩।୭**

ସାପ କାମୁଡ଼ାରେ ଗୁରୁତର ହୋଇ ବ୍ରହ୍ମପୁର ବଡ଼ ମେଡିକାଲରେ ଭର୍ତ୍ତି ହୋଇଥିବା ଜଣେ ନବବଧୂଙ୍କ ଶନିବାର ବିଳମ୍ବିତ ରାତିରେ ମୃତ୍ୟୁ ଘଟିଛି। ସେ ହେଲେ ବଡ଼ଗଡ଼ ଥାନା ଅନ୍ତର୍ଗତ ଦଳପତିନଗରର ବିପଦ ନାୟକଙ୍କ ସ୍ତ୍ରୀ ପାର୍ବତୀ (୧୮)। ମେଡିକାଲ ଫାଣ୍ଡି ପୋଲିସ ରବିବାର ତାଙ୍କ ମୃତଦେହ ଜବତ କରିଛି। ଏ ନେଇ ନଂ.୩୬୫/୨୨ରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ପ୍ରକାଶ ଯେ, ଗତ ୧୦ ତାରିଖରେ ପାର୍ବତୀଙ୍କ ବାହାଘର ହୋଇଥିଲା। ଶନିବାର ରାତିରେ ସେ ନିଜ କୋଠରୀରେ ଶୋଇଥିବା ବେଳେ ହଠାତ୍ ଚିତ୍କାର କରିଥିଲେ। ପାଟି ଶୁଣି ଅନ୍ୟ ଏକ କୋଠରିରେ ଶୋଇଥିବା ପରିବାର ଲୋକେ ଉଠି ଆସିବାରେ ଉକ୍ତ ଘରେ ଏକ ସାପ ଥିବା ଦେଖିଥିଲେ। ପାର୍ବତୀଙ୍କୁ ସାପ କାମୁଡି ଦେଇଥିବା ସନ୍ଦେହ କରି ଆମ୍ବୁଲାନ୍ସ ଡକାଇ ବଡ଼ ମେଡିକାଲକୁ ନେଇଥିଲେ। ସେଠାରେ ପାର୍ବତୀଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ।

# ୩ ମହାବିଦ୍ୟାଳୟ, ୪ ବିଦ୍ୟାଳୟକୁ ଜମିପଟ୍ଟା ବଣ୍ଟନ




ଅତିଥିଙ୍କ ଦ୍ୱାରା ଜମି ପଟ୍ଟା ପ୍ରଦାନ କରାଯାଉଛି।

**ବ୍ରହ୍ମପୁର ଅଫିସ,୩।୭**

ବ୍ରହ୍ମପୁର ମହାନଗର ନିଗମ (ବିଏମସି) ନୂତନ ସମ୍ମିଳନୀ କକ୍ଷରେ ରବିବାର ସହରରେ ଥିବା ବିଦ୍ୟାଳୟ ଓ ମହାବିଦ୍ୟାଳୟକୁ ଜମି ପଟ୍ଟା ବଣ୍ଟନ କରାଯାଇଛି। ଏଥିଲାଗି ଆୟୋଜିତ କାର୍ଯ୍ୟକ୍ରମରେ ବ୍ରହ୍ମପୁର ଏମ୍‌ପି ଚନ୍ଦ୍ରଶେଖର ସାହୁ, ବିଧାୟକ ବିକ୍ରମ କୁମାର ପଣ୍ଡା, ପୂର୍ବତନ ବିଧାୟକ ଡା.ରମେଶ ଚନ୍ଦ୍ର ଚ୍ୟାଉ ପଟ୍ଟନାୟକ, ମେୟର ସଂଘମିତ୍ରା ଦଳେଇ, ଡେପୁଟି ମେୟର ଇ.ବିବେକ ରେଡ୍ଡୀ, ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଭି.କୀର୍ତ୍ତିଭାସନ, ବିଏମ୍‌ସି କମିଶନର ଜେ.ସୋନାଲ, ବ୍ରହ୍ମପୁର ତହସିଲଦାର ରବୀନ୍ଦ୍ର କୁମାର ମିଶ୍ର ପ୍ରମୁଖ ଅତିଥି ରୂପେ ଯୋଗ ଦେଇଥିଲେ। ଶିକ୍ଷା ଦୃଢ ହେଲେ ଗଣତନ୍ତ୍ର ସୁଦୃଢ଼ ହେବ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ପ୍ରଚେଷ୍ଟାରେ ରାଜ୍ୟରେ ସରକାରୀ ଅନୁଷ୍ଠାନଗୁଡିକ ପଟ୍ଟା ପାଇଛନ୍ତି। ରାଜ୍ୟରେ ଶିକ୍ଷା, ସ୍ୱାସ୍ଥ୍ୟ ଓ ମିଶନ ଶକ୍ତି ଭଳି ଶିକ୍ଷାନୁଷ୍ଠାନଗୁଡ଼ିକୁ ଜମି ପଟ୍ଟା ପ୍ରଦାନ କରିବା ଦିଗନ୍ତ ଓ ଐତିହାସିକ। କେବଳ ପଟ୍ଟା ନୁହେଁ ଶିକ୍ଷା କ୍ଷେତ୍ରରେ ଆବଶ୍ୟକ ହେଉଥିବା ସମସ୍ତ ଆନୁସଙ୍ଗିକ ବ୍ୟବସ୍ଥା ମୁଖ୍ୟମନ୍ତ୍ରୀ ପୂରଣ କରୁଛନ୍ତି ବୋଲି ଅତିଥିମାନେ କହିଥିଲେ। ଏହି ଅବସରରେ ଭି.ଭି.ଗିରି ସରକାରୀ ବାଳିକା ପ୍ରଶିକ୍ଷଣ ବିଦ୍ୟାଳୟ, ଆଙ୍କୁଲି ମ୍ୟୁନିସିପାଲିଟି ଉଚ୍ଚ ବିଦ୍ୟାଳୟ, ଲାଞ୍ଜିପଲୀ ବାଳିକା ଉଚ୍ଚ ବିଦ୍ୟାଳୟ ଓ କେ.ସି. ବାଳିକା ଉଚ୍ଚ ବିଦ୍ୟାଳୟ ସମେତ ମହାମାୟୀ ମହିଳା ମହାବିଦ୍ୟାଳୟ, ବିନାୟକ ଆଚାର୍ଯ୍ୟ ମହାବିଦ୍ୟାଳୟ, ଶଶୀଭୂଷଣ ରଥ ସରକାରୀ ମହିଳା ମହାବିଦ୍ୟାଳୟକୁ ଜମିପଟ୍ଟା ପ୍ରଦାନ କରାଯାଇଥିଲା। ମହାବିଦ୍ୟାଳୟ ଓ ବିଦ୍ୟାଳୟର ଶିକ୍ଷୟତ୍ରୀ ଶିକ୍ଷକ ଓ ଅଧ୍ୟକ୍ଷମାନେ ଅତିଥିଙ୍କଠାରୁ ପଟ୍ଟା ଗ୍ରହଣ କରିଥିଲେ। କାର୍ଯ୍ୟକ୍ରମରେ ବିଏମସିର ସମସ୍ତ ପଦାଧିକାରୀ ଓ କର୍ପୋରେଟର ଉପସ୍ଥିତ ଥିଲେ।

### ଶହୀଦ ଏସ୍.ଗୁଣାକାରଙ୍କ ଜୟନ୍ତୀ

**ପାରଳାଖେମୁଣ୍ଡି,୩।୭(ଡି.ଏନ୍.ଏ.)**

ଶହୀଦ ଏସ୍.ଗୁଣାକାର ରାଓଙ୍କ ୩୦ତମ ଜନ୍ମ ଜୟନ୍ତୀ ଅବସରରେ ତାଙ୍କୁ ପୂର୍ବତନ ସେନା କର୍ମଚାରୀ, ବିଶ୍ୱହିନ୍ଦୁ ପରିଷଦ ଓ କାବିଟି ଗ୍ରାମବାସୀଙ୍କ ପକ୍ଷରୁ ଶ୍ରଦ୍ଧାଞ୍ଜଳି ଜଣାଯାଇଛି। ପାରଳାଖେମୁଣ୍ଡି ସହର ଉପକଣ୍ଠ ଶୈବଗିରି ପାର୍ବତମାଳା ପାଦ ଦେଶରେ ସ୍ଥାପିତ ସ୍ମୃତିସ୍ତମ୍ଭଠାରେ ଶ୍ରଦ୍ଧାଞ୍ଜଳି ଜଣାଇ ପୂର୍ବତନ ସେନା ଅଧିକାରୀ ସୁବେଦାର ମେଜର ଏନ୍ ମାର୍କଣ୍ଡ ରାଓ, ଏନ୍ ସୂର୍ଯ୍ୟା ନାରାୟଣ ଏବଂ ମନୋଜ କୁମାର ଦାସ ପ୍ରମୁଖ ଉଦ୍‌ବୋଧନ ଦେଇ କହିଥିଲେ, ଗୁଣାକାର, ଜାମ୍ମୁ ଓ କାଶ୍ମୀରର କୁଲଗାଁଓଠାରେ ଭାରତୀୟ ସେନାର ରାଷ୍ଟ୍ରୀୟ ରାଇଫଲ ରେଜିମେଣ୍ଟର ଏମ୍‌ଇ ଗ୍ରୁପରେ କାର୍ଯ୍ୟରତ ଥିଲେ। ତେବେ ଗତ ୧୧/୪/୨୦୧୮ରେ କୁଲଗାଁର ପାର୍ବତ୍ୟ ଘାଟି ଅଞ୍ଚଳରେ ରାତ୍ରିକାଳିନ ପାଟ୍ରୋଲିଂ ଚାଲିଥିବା ବେଳେ ପାକିସ୍ଥାନୀ ସମର୍ଥିତ ଉଗ୍ରବାଦୀମାନେ ହଠାତ ଲୁଚିଆସି ଭାରତୀୟ ସେନା ଉପରେ ଆକ୍ରମଣ କରିଥିଲେ। ସେଥିରେ ଗୁଣାକାର ରାଓ ଗୁଳିବାଜି ଶହୀଦ ହୋଇଥିଲେ। ପାଟ୍ରୋଲିଂ ସମୟରେ ତାଙ୍କୁ ଗୁଳି ବାଜିବା ସତ୍ତ୍ୱେ ସେ ସାହାସର ସହ ପାଟ୍ରୋଲିଂ ଗାଡିକୁ ଏକ ନିଛାଟିଆ ସ୍ଥାନକୁ ନେଇ ଗାଡିକୁରଖି ଅନ୍ୟ ଯବାନମାନଙ୍କ ଜୀବନ ବଞ୍ଚାଇବାରେ ସକ୍ଷମ ହୋଇଥିଲେ।

# ବିଷପିଇ ୨ ଜଣଙ୍କ ମୃତ୍ୟୁ

**ବ୍ରହ୍ମପୁର ଅଫିସ,୩।୭**

ପୃଥକ ଘଟଣାରେ ବିଷପିଇ ଗୁରୁତର ଦୁଇ ଜଣଙ୍କର ଏମ୍‌କେସିଜି ମେଡିକାଲରେ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଛି। ମେଡିକାଲ ଫାଣ୍ଡି ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ କରାଇଛି। ଏ ନେଇ ପୃଥକ ୨ଟି ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ଦିଗପହଣ୍ଡି ଥାନା ଅନ୍ତର୍ଗତ ନରସିଂହପୁର ଗ୍ରାମର ଏସ.ସୁନୀଲ ଦୋରା କୌଣସି ଏକ କାରଣକୁ ନେଇ ଶନିବାର ବିଷପିଇ କରିଥିଲେ। ପରିବାର ଲୋକେ ଏହା ଜାଣିବା ପରେ ତାଙ୍କୁ ଉଦ୍ଧାର କରି ଏମକେସିଜି ମେଡିକାଲରେ ଭର୍ତ୍ତି କରିଥିଲେ। ଚିକିତ୍ସାଧୀନ ଅବସ୍ଥାରେ ରାତିରେ ତାଙ୍କର ମୃତ୍ୟୁ ଘଟିଥିଲା। ମେଡିକାଲ ଫାଣ୍ଡି ପୋଲିସ ରବିବାର ଯୁବକଙ୍କ ମୃତଦେହ ଜବତ କରି ନଂ.୩୬୪/୨୨ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ସେହିପରି ପୁରୁଷୋତ୍ତମପୁର ଥାନା ଅନ୍ତର୍ଗତ ରେଙ୍ଗିଡ଼ିପଲି ଗ୍ରାମର ରତନୀ ବେହେରା(୬୮) ପାରିବାରିକ ଅଶାନ୍ତିକୁ କେନ୍ଦ୍ର କରି ଶନିବାର ବିଷ ପିଇ ଦେଇଥିଲେ। ତାଙ୍କୁ ଉଦ୍ଧାର କରି ଏମକେସିଜି ମେଡିକାଲକୁ ଅଣାଯାଇଥିଲେ ମଧ୍ୟ ବିଳମ୍ବିତ ରାତିରେ ମୃତ୍ୟୁ ଘଟିଥିଲା। ଏ ନେଇ ନଂ. ୩୬୩/୨୨ରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

# କ୍ୟାନସର ପୀଡିତାଙ୍କୁ ସହାୟତା




କ୍ୟାନସର ପିଡୀତାଙ୍କୁ ସହାୟତା।

**ବ୍ରହ୍ମପୁର ଅଫିସ,୩।୭**

ବ୍ରହ୍ମପୁର ମହାନଗର ନିଗମ (ବିଏମସି) ନୂତନ ସମ୍ମିଳନୀ କକ୍ଷ ପରିସରରେ ରବିବାର ଜଣେ କ୍ୟାନସର ପୀଡିତାଙ୍କୁ ସହଯୋଗ ପ୍ରଦାନ କରାଯାଇଛି। ଏଥିରେ ବ୍ରହ୍ମପୁର ଏମପି ଚନ୍ଦ୍ରଶେଖର ସାହୁ, ବିଧାୟକ ବିକ୍ରମ କୁମାର ପଣ୍ଡା, ମେୟର ସଂଘମିତ୍ରା ଦଳେଇ, ଡେପୁଟି ମେୟର ଇ. ବିବେକ ରେଡ୍ଡୀ, ବିଏମସି କମିଶନର ଜେ.ସୋନାଲ, ତହସିଲଦାର ରବିନ୍ଦ୍ର କୁମାର ମିଶ୍ର ଉପସ୍ଥିତ ରହି ମହିଳାଙ୍କୁ ରାସନ କାର୍ଡ ସହ ଚିକିତ୍ସା ନିମନ୍ତେ ସମସ୍ତ ସହଯୋଗ ପ୍ରଦାନ କରିବା ପାଇଁ ପ୍ରତିଶ୍ରୁତି ଦେଇଥିଲେ। ସୂଚନା ଥାଉ କି, ୫ ନଂ ୱାର୍ଡ ଅନ୍ତର୍ଗତ ଜାମୁଣିଆଣୀ ସାହି ଅଞ୍ଚଳର ସଂଯୁକ୍ତା ପାଣିଗ୍ରାହୀ କ୍ୟାନସର ରୋଗରେ ପୀଡିତା ଥିବା ବେଳେ ଚିକିତ୍ସା ନିମନ୍ତେ ଅର୍ଥ ବାଧକ ସାଜିଥିଲା। ଫଳରେ ସେ ସ୍ଥାନୀୟ ବାସିନ୍ଦା ଗଣେଶ ମିଶ୍ରଙ୍କ ସହଯୋଗ କ୍ରମେ କର୍ପୋରେଟର ପଦ୍ମିନୀ ମିଶ୍ରଙ୍କୁ ଅବଗତ କରାଇଥିଲେ। ଏହାପରେ ବ୍ରହ୍ମପୁର ବିଧାୟକଙ୍କ ହସ୍ତକ୍ଷେପ ପରେ ତାଙ୍କୁ ବିଏମସି ପକ୍ଷରୁ ତୁରନ୍ତ ରାସନ କାର୍ଡ ପ୍ରଦାନ କରାଯିବା ସହ ସେ ବିଜୁ ସ୍ୱାସ୍ଥ୍ୟ କାର୍ଡ ମଧ୍ୟ ପାଇଥିଲେ। ବର୍ତ୍ତମାନ ଏହି କାର୍ଡ ମାଧ୍ୟମରେ ଚିକିତ୍ସା ହେବା ସହ ତାଙ୍କୁ ଚିକିତ୍ସା କ୍ଷେତ୍ରରେ ସମସ୍ତ ସହଯୋଗ କରାଯିବ ବୋଲି ଏମପି କହିଥିଲେ। ଏ ନେଇ ମହିଳା ଜଣକ ଏମପି, ବିଧାୟକ, ମେୟର ଓ ସ୍ଥାନୀୟ କର୍ପୋରେଟରଙ୍କୁ ସାଧୁବାଦ ଜଣାଇଛନ୍ତି।

# ଲଗାମ ଛଡ଼ା ରାୟଗଡ଼ ମଦ ଦୋକାନ ନିୟମକୁ ଫୁଁ

**ରାୟଗଡ଼(ଗଜପତି) ୩।୭(ଡି.ଏନ୍.ଏ.)**

### ରାତି ୧୨ ଯାଏ ଦୋକାନ ମେଲା

ରାୟଗଡ଼ ବ୍ଲକ ସଦର ମହକୁମାଠାରେ ଥିବା ବିଦେଶୀ ମଦ ଦୋକାନରେ କେତେବେଳେ ଚଢାଦରରେ ବିକ୍ରି ହେଉଛି ତ ଆଉ କେତେବେଳେ ଆନ୍ଧ୍ରକୁ ବେଆଇନ ମଦ ଚୋରାଚାଲାଣ କରୁଥିବା ଅଭିଯୋଗ ହେଉଛି। ହେଲେ ଏବେ ମଦ ବ୍ୟବସାୟୀ ଆଉ ଏକ ବିବାଦୀୟ ବିଷୟରେ ଛନ୍ଦି ହୋଇଥିବା ଦେଖିବାକୁ ମିଳୁଛି। ବ୍ୟବସାୟୀ ଜଣକ ସରକାରଙ୍କ ନିୟମକୁ ଫୁ କରି ମଧ୍ୟରାତ୍ର ପର୍ଯ୍ୟନ୍ତ ଦୋକାନ ଖୋଲାରଖି ବିକ୍ରି କରୁଥିବାରୁ ଗତ ଗୁରୁବାର ରାତିରେ ଥାନାଧିକାରୀ ଗୋବିନ୍ଦ ଗୌଡ଼ଙ୍କ ନିର୍ଦ୍ଦେଶ କ୍ରମେ ଏସ୍‌ଆଇ ନିରଞ୍ଜନ ପାଣିଗ୍ରାହୀ ଉକ୍ତ ଦୋକାନରେ ପହଞ୍ଚି ଦୋକାନ ବନ୍ଦ କରାଇବା ସହ ଚେତାବନୀ ଦେଇଥିବା ବିଷୟଟି ସାଧାରଣରେ ଚର୍ଚ୍ଚାର ବିଷୟ ପାଲଟିଛି। ଗ୍ରାମାଞ୍ଚଳରେ ସକାଳ ୧୦.୩୦ରୁ ରାତ୍ରି ୧୦.୩୦ମିନିଟ୍ ଯାଏ ମଦ ଦୋକାନ ଖୋଲିବା ସରକାରୀ ନିୟମ ଥିବା ବେଳେ ବ୍ୟବସାୟୀ ଜଣକ ସକାଳ ୮ଟାରୁ ମଧ୍ୟରାତ୍ରି ପର୍ଯ୍ୟନ୍ତ ଦୋକାନ ଖୋଲା ରଖିଥିବା ଅଭିଯୋଗ ହୋଇଛି। ଖୁଲମ୍‌ଖୁଲ୍ଲା ଭାବେ ସରକାରୀ ନିୟମକୁ ଉଲ୍ଲଂଘନ କରି ଲଗାମଛଡା ହୋଇଛି ରାୟଗଡ଼ ବିଦେଶୀ ମଦ ଦୋକାନ। ସରକାରୀ ନିୟମକୁ ଫୁ କରି ରାତି ୧୨.୩୦ ମିନିଟ୍ ଯାଏ ଦୋକାନ ଖୋଲା ରଖି ମଦ ବିକ୍ରି କରିବା ସହ ମଦ ଚୋରାଚାଲାଣ କରୁଥିବା ଅଭିଯୋଗ ହୋଇଛି। ଯଦ୍ୱାରା ଅସାମାଜିକ କାର୍ଯ୍ୟ ଅଞ୍ଚଳରେ ବଢିବା ଆଶଙ୍କା କରାଯାଉଛି। ବିଗତ ଦିନରେ ବିଭିନ୍ନ ପ୍ରକାରର ଚୋରି ହୋଇଥିବା ଖବର ନଜର ଥିବା ବେଳେ ବର୍ତ୍ତମାନ ରଥଯାତ୍ରା ସମୟରେ ଏପରି ହେଉଥିବାରୁ ବିଭିନ୍ନ ମହଲରୁ ଏହାକୁ ନିନ୍ଦା କରାଯାଉଛି। ଏଥିପ୍ରତି ଅବକାରୀ ବିଭାଗ ନୀରବଦ୍ରଷ୍ଟା ସାଜିଥିବାରୁ ପ୍ରଶାସନ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି। ଏ ସଂକ୍ରାନ୍ତରେ ଅବକାରୀ ଅଧୀକ୍ଷକ ପ୍ରଭାତ କୁମାର ସେଠୀଙ୍କ ସହିତ ଯୋଗାଯୋଗ କରାଯିବା ସତ୍ତ୍ୱେ ଏନେଇ କୌଣସି ପ୍ରତିକ୍ରିୟା ମିଳିପାରିନାହିଁ।

### ଘରୁ ସୁନା ଗହଣା ଚୋରି

**ହିଞ୍ଜିଳିକାଟୁ,୩।୭(ଡି.ଏନ.ଏ)**

ହିଞ୍ଜିଳି ଥାନା ରାଳବ ଗାଁରେ ଶନିବାର ରାତିରେ ରିନା ପାଣ୍ଡିଙ୍କ ବାରିପଟ କବାଟ ଭାଙ୍ଗି ଦୁର୍ବୃତ୍ତ ଘରେ ପଶି ସୁନା ଗହଣା ଓ ଟଙ୍କା ଚୋରି କରିଥିବା ଅଭିଯୋଗ ହୋଇଛି। ରିନାଙ୍କ ପରିବାର ଲୋକେ ସକାଳୁ ଉଠି ଘରୁ ଦୁର୍ବୃତ୍ତମାନେ ଗୋଟିଏ ସୁନା ଖାସୁ ମାଳି, ପତିରି ମାଳି, ମଥାମାଣି, ୨ କାନଫୁଲ, ଆଦି ପ୍ରାୟ ୭ ତୋଳା ସୁନା ଅଳଙ୍କାର ଚୋରି କରିଛନ୍ତି। ଏଥିସହିତ ୧୨୦ ଗ୍ରାମ ରୁପା ଏବଂ ନଗଦ ୯ ହଜାର ଟଙ୍କା ଚୋରି କରିଛନ୍ତି। ଦୁର୍ବୃତ୍ତମାନେ ଚୋରି ପରେ ଆଲମିରାକୁ ଘରର ପଛ ପାଖରେ ଫୋପାଡି ଦେଇଥିଲେ। ୀଲ ନେଇ ଅଭିଯୋଗ କ୍ରମେ ପୋଲିସ ନଂ. ୩୨୯/୨୨ରେ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି।

# ହାଡିକୁଳ ମହାସଂଘର ବୈଠକ

**ବ୍ରହ୍ମପୁର ଅଫିସ,୩।୭**

ବ୍ରହ୍ମପୁର ମହାନଗର ହାଡିକୁଳ ମହାସଂଘର ଏକ ବୈଠକ ରବିବାର ନୂତନ କମିଟି ଗଠନ ନିମନ୍ତେ ଏକ ପ୍ରସ୍ତୁତି ବୈଠକ ଆସିକା ରୋଡ ଧାନମେରା ସାହି ସ୍ଥିତ ଗାନ୍ଧୀ ମଣ୍ଡପଠାରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ୭ ଜଣିଆ କମିଟି ଗଠନ କରାଯାଇଥିଲା। ଏହି କମିଟିରେ ସୋରାଜ ନାୟକ, ପଦ୍ମ ଚରଣ ନାୟକ, ଅଶୋକ ନିମାଇଁ, ଜନାର୍ଦ୍ଦନ ଘଡେଇ, ତ୍ରିନାଥ ନାୟକ, ବାଦଲ ନାୟକ, ରୋହିତ ନାୟକ, ରାକେଶ କୁମାର ନାୟକ ରହିଛନ୍ତି। ପ୍ରଶାନ୍ତ କୁମାର ନାୟକଙ୍କୁ ନିର୍ବାଚନ ଅଧିକାରୀ ଦାୟିତ୍ୱ ପ୍ରଦାନ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ କର୍ପୋରେଟର ଅନୀଲ ନାୟକ, କାର୍ଯ୍ୟକାରୀ ସଭାପତି ଦେବେନ୍ଦ୍ର ଘଡେଇ, ସଭାପତି ସୁକାନ୍ତ ମୁଖୀ ଓ ସଂପାଦକ ଚିନ୍ତାମଣି ନାୟକ ପ୍ରମୁଖ ଉପସ୍ଥିତ ଥିଲେ।




ବୈଠକରେ ଉପସ୍ଥିତ ସଂଘର ସଦସ୍ୟ ବୃନ୍ଦ।

# ଉନ୍ନୟନମୂଳକ କାର୍ଯ୍ୟ ବୁଲି ଦେଖିଲେ ପ୍ରକଳ୍ପ ନିର୍ଦ୍ଦେଶକ

**ଫୁଲବାଣୀ ଅଫିସ, ୩।୭**

କନ୍ଧମାଳ ଜିଲା କ.ନୂଆଗାଁ ବ୍ଲକରେ ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟ ଅଗ୍ରଗତିକୁ ଜିଲା ଗ୍ରାମ ଉନ୍ନୟନ ସଂସ୍ଥା ପ୍ରକଳ୍ପ ନିର୍ଦ୍ଦେଶକ ବିଶ୍ୱ ରଞ୍ଜନ ନାୟକ ବୁଲି ଦେଖିଛନ୍ତି । ଏଥିସହ ପଞ୍ଚାୟତରେ ଚାଲିଥିବା କାର୍ଯ୍ୟ ଉପରେ ମଧ୍ୟ ସମୀକ୍ଷା କରିଛନ୍ତି। କାମେଣ୍ଡି ପଞ୍ଚାୟତରେ ଚାଲିଥିବା ଅମୃତ ସରୋବର ପୋଖରୀର ଉନ୍ନତି ଓ ସୌନ୍ଦର୍ଯ୍ୟକରଣ କାର୍ଯ୍ୟକୁ ମଧ୍ୟ ବୁଲି ଦେଖିଛନ୍ତି। ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ଶ୍ରମିକମାନଙ୍କୁ ଅଧିକରୁ ଅଧିକ ଯୋଡ଼ିବା ସହିତ ଏହି କାର୍ଯ୍ୟକୁ ମାସେ ଭିତରେ ସାରିବା ସହ ପୋଖରୀର ଆଲୋକ ସାଜସଜ୍ଜା, ମହିଳା ଗାଧୁଆ ଗୃହ, ସିମେଣ୍ଟ ଚେୟାର କରିବା ପାଇଁ ପରାମର୍ଶ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ବିଡିଓ ଶରତ କୁମାର ପାତ୍ର, ସହକାରୀ ନିର୍ବାହୀ ଯନ୍ତ୍ରୀ ଶୋଭିତ ମହାପାତ୍ର, ସହକାରୀ ଯନ୍ତ୍ରୀ ସିଦ୍ଧେଶ୍ୱର ପାଣିଗ୍ରାହୀଙ୍କ ସମେତ ଅନ୍ୟ ଅଧିକାରୀମାନେ ସାମିଲ ଥିଲେ ।



ପିଡି ଡିଆର୍‌ଡିଏଙ୍କ ସହ ଅନ୍ୟ ଅଧିକାରୀ ।

## ସଂକ୍ଷେପରେ

### ବାସୁଦେବ ପାଟିକୋଟା ସମବାୟ ସମିତିର ସଭାପତି

**ପାରଳାଖେମୁଣ୍ଡି,୩।୭(ଡି.ଏନ୍.ଏ.):** ଗୋଷାଣୀ ବ୍ଲକରବ୍ଲକର ପାଟିକୋଟା ସମବାୟ ସମିତିର ସଭାପତି ପଦବୀ ପାଇଁ ରବିବାର ନିର୍ବାଚନ ହୋଇଛି। ୧୫ ଜଣ ସଦସ୍ୟ ବିଶିଷ୍ଟ ସମିତି ମଧ୍ୟରେ ୮ ଭୋଟ ପାଇ ଭି. ବାସୁଦେବ ରାଓ ସଭାପତି ଭାବେ ବିଜୟୀ ହୋଇଥିବା ବେଳେ ମାତ୍ର ୬ ଭୋଟ ପାଇ ପରାଜିତ ହୋଇଛନ୍ତି ଏସ୍. ଲିଙ୍ଗରାଜୁ । ଗୋଟିଏ ଭୋଟ ରଦ୍ଦ ହୋଇଥିବା ଜଣାପଡିଛି। ଗୋଷାଣୀ ବ୍ଲକର ପାଟିକୋଟା ଗ୍ରାମର ଏହି ସମବାୟ ସମିତି ଅନ୍ୟ ସମବାୟ ସମିତି ତୁଳନାରେ ଅଧିକ ଗୁରୁତ୍ୱପୂର୍ଣ୍ଣ ରହିଛି। ଏହା ଅଧୀନରେ ବହୁ ପରିମାଣରେ ଚାଷୀ ଓ ଚାଷଜମି ରହିଥିବା ବେଳେ ଏହି ସମବାୟ ସମିତି ଉପରେ ବହୁ ଚାଷୀ ନିର୍ଭରଶୀଳ। ବିଡ଼ମ୍ବନାର ବିଷୟ ହେଉଛି ଏଠିକାର ସଭାପତି ପଦବୀ ପାଇଁ ବିଜେଡିର ଜିଲା ଯୁବ ସଭାପତି ଏସ୍.ଲିଙ୍ଗରାଜୁ ନିଜେ ନାମାଙ୍କନ ପତ୍ର ଦାଖଲ କରି ପ୍ରତିଦ୍ୱନ୍ଦ୍ୱିତା କରିଥିଲେ, କିନ୍ତୁ ନିଜ ଗାଁ ସମବାୟ ସମିତିରେ ମାତ୍ର ୧୫ ଜଣକ ମଧ୍ୟରେ ହେଉଥିବା ପ୍ରତିଦ୍ୱନ୍ଦ୍ୱିତାରେ ସେ ପରାଜୟ ହୋଇଛନ୍ତି।

### ୩ ବର୍ଷରେ ହେବ ଜଗାର ଖପୁରି ପ୍ରତିରୋପଣ

**ଫୁଲବାଣୀ ଅଫିସ, ୩।୭:** ବହୁଚର୍ଚ୍ଚିତ ଯୋଡ଼ାମୁଣ୍ଡ ଶିଶୁ ଜଗାର ଖପୁରି ପ୍ରତିରୋପଣ ଆଉ ୩ ବର୍ଷ ପରେ ହେବ ବୋଲି ଦିଲ୍ଲୀ ଏମ୍ସ ଡାକ୍ତର ସ୍ପଷ୍ଟ କରିଛନ୍ତି। ଜଗା ଏବେ ସ୍ୱାଭାବିକ ଭାବେ ଚଲାବୁଲା କରିପାରୁଛି । ତାର ସ୍ୱାସ୍ଥ୍ୟାବସ୍ଥା ଭଲ ରହିଛି ବୋଲି ନିୟମିତ ବ୍ୟବଧାନରେ ସ୍ୱାସ୍ଥ୍ୟ ଯାଞ୍ଚ କରୁଥିବା ଦିଲ୍ଲୀ ଏମ୍ସର ନ୍ୟୁରୋ ସର୍ଜରୀ ବିଭାଗ ଡାକ୍ତର ଦୀପକ ଗୁପ୍ତା ପ୍ରକାଶ କରିଛନ୍ତି। ଗତ ମାସ ୧୮ ତାରିଖରେ କଟକ ବଡ଼ ମେଡିକାଲରେ ଜଗାର ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା । ସେଠାକୁ ଡାକ୍ତର ଗୁପ୍ତା ଆସି ପରୀକ୍ଷାନିରୀକ୍ଷା କରିଥିଲେ। ଚେକ୍‌ଅପ ବେଳେ ଜଗା ସମ୍ପୂର୍ଣ୍ଣ ସୁସ୍ଥ ଥିଲା । ବିଶେଷକରି ତାର ଖପୁରି ପ୍ରତିରୋପଣ ପାଇଁ ଡାକ୍ତର ଟିମ ମଧ୍ୟରେ ଆଲୋଚନା ହୋଇଥିଲା । ପରିସ୍ଥିତିକୁ ଅନୁଧାନ କରି ୩ ବର୍ଷରେ ଖପୁରି ପ୍ରତିରୋପଣ କରିବାକୁ ନିଷ୍ପତ୍ତି ନିଆଯାଇଥିଲା । ଜଗାର ବାପା ଭୂୟାଁ କହଁର ଏହି ସୂଚନା ଦେବା ସହ ଖୁସି ବ୍ୟକ୍ତ କରିଛନ୍ତି। ପୁଅ ଶୀଘ୍ର ଭଲ ହୋଇ ଘରକୁ ଫେରିବ । ୫ ବର୍ଷରୁ ଊର୍ଦ୍ଧ୍ୱ ହେଲାଣି ଘରକୁ ଯାଇପାରୁନୁ । ଖପୁରି ପ୍ରତିରୋପଣ ହେବା ପରେ ଜଗା ସ୍ୱାଭାବିକ ଜୀବନ ବିତାଇବ ବୋଲି ଭୂୟାଁ କହିଛନ୍ତି। ସୂଚନାଯୋଗ୍ୟ, ଫିରିଙ୍ଗିଆ ବ୍ଲକ ଡିମିରିଗୁଡା ପଞ୍ଚାୟତ ବିଲୁପଦର ଗ୍ରାମର ଭୂୟାଁ କହଁରଙ୍କ ସ୍ତ୍ରୀ ପୁଷ୍ପାଞ୍ଜଳୀ ଫିରିଙ୍ଗିଆ ମେଡିକାଲରେ ଯୋଡ଼ାମୁଣ୍ଡ

### ପ୍ରୀତିଧାରା ସାମଲଙ୍କୁ କାଦମ୍ବିନୀ କବିତା ସମ୍ମାନ

କୋରାପୁଟ,୩।୭(ସ୍ୱ.ପ୍ର.)- ପ୍ରତିଷ୍ଠିତ ମାସିକ ସାହିତ୍ୟ ପତ୍ରିକା କାଦମ୍ବିନୀର ସ୍ୱନକ୍ଷତ୍ର ଦିବସ ଭୁବନେଶ୍ୱରସ୍ଥିତ ରବୀନ୍ଦ୍ର ମଣ୍ଡପଠାରେ ଶନିବାର ଅନୁଷ୍ଠିତ ହୋଇଛି। ଏହି ଉତ୍ସବରେ କବୟିତ୍ରୀ ଡ. ପ୍ରୀତିଧାରା ସାମଲଙ୍କୁ ଚଳିତ ବର୍ଷର କାଦମ୍ବିନୀ କବିତା ସମ୍ମାନ ପ୍ରଦାନ କରାଯାଇଛି । ଭୁବନେଶ୍ୱର ରବୀନ୍ଦ୍ରମଣ୍ଡପଠାରେ ଆୟୋଜିତ ଉତ୍ସବରେ କିସ୍ ବିଶ୍ୱବିଦ୍ୟାଳୟର କୁଳାଧିପତି ସତ୍ୟ. ଏସ ତ୍ରିପାଠୀ ଅଧ୍ୟକ୍ଷତା କରିଥିଲେ। ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ମୁଖ୍ୟ ଅତିଥି, ସମ୍ମାନିତ ଅତିଥିଭାବେ ଏମ୍‌ପି ତଥା କାଦମ୍ବିନୀର ପ୍ରତିଷ୍ଠାତା ଡ. ଅଚ୍ୟୁତ ସାମନ୍ତ, ସମ୍ପାଦିକା ଇତିରାଣୀ ସାମଲ, ସମାଜର ପ୍ରକାଶକ ନିରଞ୍ଜନ ରଥ, କଣ୍ଠଶିଳ୍ପୀ ପ୍ରଣବ ପଟ୍ଟନାୟକ ଉପସ୍ଥିତ ଥିଲେ।

### ଲଜ୍‌ରୁ ବ୍ୟବସାୟୀଙ୍କ ମୃତଦେହ ଜବତ

ଜୟପୁର, ୩।୭ (ନି.ପ୍ର.)- ଏମଜି ରୋଡରେ ଥିବା ଉତଲାଣ୍ଡ ଲଜ୍‌ରୁ ଜଣେ ବ୍ୟବସାୟୀଙ୍କ ମୃତଦେହକୁ ରବିବାର ଟାଉନଥାନା ପୋଲିସ ଜବତ କରିଛି। ମାଲକାନଗିରି ଜିଲା ଖଇରପୁଟର ଗତିକୃଷ୍ଣ ପୁଷ୍ଟି (୪୮) ବଣିଆ ଭାବେ କାର୍ଯ୍ୟ କରୁଥିଲେ ସେ ଜୟପୁର ଆସି ଏହି ଲଜ୍‌ରେ ରହୁଥିଲେ । ସକାଳେ ସେ ରହୁଥିବା ୧୦୮ ନମ୍ବର ରୁମ୍‌ରେ ପାଇପ ଖୋଲାଥିବା ଦେଖି ଲଜ୍ କର୍ମଚାରୀ କବାଟ ଖଡଖଡ କରି ତାଙ୍କୁ ଡାକିଥିଲେ। ମାତ୍ର ଗତିକୃଷ୍ଣ କବାଟ ଖୋଲି ନ ଥିଲେ । ଏନେଇ ସନ୍ଦେହ ହେବାରୁ ଲଜ୍ ମାଲିକ ଟାଉନଥାନାକୁ ଜଣାଇଥିଲେ। ପୋଲିସ ପହଞ୍ଚି କବାଟ ଭାଙ୍ଗି ଦେଖିବା ବେଳକୁ ଗତିକୃଷ୍ଣଙ୍କ ମୃତ୍ୟୁ ହୋଇଥିବା ଜଣାପଡିଥିଲା। ୨୦/୨୨ ଏକ ଅପମୃତ୍ୟୁ ମାମଲା ରୁଜୁ କରି ପୋଲସ ତଦନ୍ତ ଜାରି ରଖିଛି । ଜିଲା ଚିକିତ୍ସାଳୟରେ ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ରବିବାର ହସ୍ତାନ୍ତର କରାଯାଇଛି।

# ବନ୍ଦହେବ ଜଗମୋହନ କଂସାରି ଶାଳ

**ଧରାକୋଟ,୩।୭(ଡି.ଏନ୍.ଏ.)**

ଗଞ୍ଜାମ ଜିଲା ତଥା ବାହାର ଜିଲାରେ ମଧ୍ୟ ଧରାକୋଟ ବ୍ଲକର ଜଗମୋହନ ଗ୍ରାମର କଂସା, ପିତଳ କାମର ବେଶ୍ ଚାହିଦା ରହିଛି। ଗ୍ରାମରେ ବସବାସ କରୁଥିବା ୪୫୦ ବିଭିନ୍ନ ସମ୍ପ୍ରଦାୟର ଲୋକଙ୍କ ମଧ୍ୟରୁ ୧୫୦ ପରିବାର କଂସାରି ସମ୍ପ୍ରଦାୟର। ଗ୍ରାମରେ ୧୦୦ ପଞ୍ଜୀକୃତ ଶାଳ ମଧ୍ୟରୁ ବର୍ତ୍ତମାନ କଞ୍ଚାମାଲ ଅଭାବରୁ ୩୫ ଶାଳ ବନ୍ଦ ହୋଇ ୬୫ଟି ଶାଳ ଚାଲୁଛି। ଏଣୁ ଏହି ସମ୍ପ୍ରଦାୟର ଅଧିକାଂଶ ପରିବାର କୌଳିକ ବୃତ୍ତିକୁ ଆପଣାଇ ଥିବାବେଳେ ଅନ୍ୟମାନେ କୃଷି, ବ୍ୟବସାୟ ଏବଂ ଦାଦନ ଖଟି ପରିବାର ଚଳାଉଛନ୍ତି। ଗତ ୧୯୬୪ରୁ ୧୯୭୩ ମସିହା ପର୍ଯ୍ୟନ୍ତ ସରକାର ସୁଲଭ ମୂଲ୍ୟରେ କଞ୍ଚାମାଲ ଯୋଗାଇ ଦେଉଥିଲେ। ଏଣୁ ଅଧିକାଂଶ ପରିବାର ଭଲ ରୋଜଗାରକ୍ଷମ ହୋଇ ପରିବାର ପ୍ରତିପୋଷଣ କରୁଥିଲେ। ହେଲେ କଞ୍ଚାମାଲ ଯୋଗାଣ ବନ୍ଦ



କଂସା ବାସନ ତିଆରି ଚାଲିଛି।

## କଞ୍ଚାମାଲ ଅଭାବ

ହୋଇଯିବାରୁ ଏବେ ବ୍ରହ୍ମପୁର, ବେଲଗୁଣ୍ଠା, ଭଞ୍ଜନଗର, ବଲକାଟି ଓ ରଥିଯେମାର ମହାଜନଠାରୁ ଅଧିକ ମୂଲ୍ୟ ଦେଇ କଞ୍ଚାମାଲ ଆଣିବାକୁ ପଡୁଛି। ଏଣୁ ନିର୍ମାଣ ସାମଗ୍ରୀର ମୂଲ୍ୟବୃଦ୍ଧି ହେବାସହ ଗ୍ରାହକ ସଂଖ୍ୟା କମୁଛି। ଫଳରେ ୧୫ଦିନ ଶାଳ ଚାଲିଲେ ୧୫ ଦିନ ବନ୍ଦ ରହୁଛି। ୨୬୦ ଟଙ୍କାରୁ ୪୫୦ ପର୍ଯ୍ୟନ୍ତ ଜଣେ ବ୍ୟକ୍ତି ଶାଳରେ କାମକରି ପାଇଥାଏ। ସବୁଦିନ କାମ ନ ମିଳିବାରୁ କେତେକ ଶାଳ ବନ୍ଦ ରହିଥିବାବେଳେ କେତେକ ପରିବାର ଏହି କଂସାରି କାମ ଛାଡି ଅନ୍ୟ ବୃତ୍ତିକୁ ଆପଣାଇ ଚାଲିଛନ୍ତି। ଏଠାକାର କଂସାରି ଶାଳରେ ହାଣ୍ଡି, ମାଠିଆ, ଥାଳି, ଗିନା, ଫୁଲତୋଡ଼ା, ଖଟୁଲି ସହ ଠାକୁରଙ୍କ ନାଗ, ପ୍ରଭା, ସିଂହାସନ, ହାତ, ଗୋଡ଼, ଶଙ୍ଖ, ଚକ୍ର, ଗଦା, ପଦ୍ମ ଭଳି ସାମଗ୍ରୀ ତିଆରି ହେଉଛି । ଏସବୁ ବ୍ରହ୍ମପୁର, ଆସିକା, କବିସୂର୍ଯ୍ୟ ନଗର, ଭଞ୍ଜନଗର ବଜାରକୁ ବିକ୍ରି ପାଇଁ ପଠାଯାଉଛି। ଅନ୍ୟାନ୍ୟ ଗ୍ରାମରୁ ଆସୁଥିବା ଠାକୁରଙ୍କ ପାଇଁ ସାମଗ୍ରୀ ଅର୍ଡର ଅନୁସାରେ ଯୋଗାଇ ଦିଆଯାଉଛି। ହେଲେ କଞ୍ଚାମାଲ ନ ମିଳିବାରୁ ଗାଁ, ଗାଁରୁ ପୁରୁଣା ବାସନକୁସନ କିଣି ଶାଳ ଚଳାଇବାକୁ ପଡୁଛି । ଶ୍ରମିକଙ୍କୁ ଉପଯୁକ୍ତ କାମ ମିଳୁନି। ଶାଳ ସଂଖ୍ୟା ଦିନକୁ ଦିନ କମୁଛି। ଏଣୁ ସରକାର ଏ ଦିଗରେ ଦୃଷ୍ଟିଦେଇ କଞ୍ଚାମାଲ ଯୋଗାଇ ଦେବାକୁ ଗ୍ରାମର ପ୍ରକାଶ ସାହୁ, ପ୍ରଫୁଲ୍ଲ ମହାରଣା,ଜୟ କୃଷ୍ଣ ମହାରଣା ଓ ଭାସ୍କର ସାହୁ ପ୍ରମୁଖ ସରକାରଙ୍କ ନିକଟରେ ଦାବି କରିଛନ୍ତି।

## ଭାଜପାରେ ମିଶିଲେ ଶତାଧିକ ଆଦିବାସୀ

**ପାତ୍ରପୁର,୩।୭ (ଡି.ଏନ.ଏ.)**

ଚିକିଟି ନିର୍ବାଚନ ମଣ୍ଡଳୀ ପାତ୍ରପୁର ବ୍ଲକ ଆଙ୍କୁଲି ପଞ୍ଚାୟତର ତସରଙ୍ଗ, ତରମୁଣ୍ଡା, ସାନଗାଁ, ଜ୍ରୁରୁସିଙ୍ଗି, ତରାସିଙ୍ଗି ଓ ତବଲାସାହି ଗ୍ରାମର ଦୁଇ ଶହରୁ ଊର୍ଦ୍ଧ୍ୱ ଆଦିବାସୀ ରବିବାର ଭାଜପାରେ ଯୋଗ ଦେଇଛନ୍ତି। ଗ୍ରାମର ଆଦିବାସୀମାନେ ୱାର୍ଡ ସଭ୍ୟ ଜାଗିଲି ଗମାଙ୍ଗଙ୍କ ନେତୃତ୍ୱରେ ତସରଙ୍ଗଠାରେ ଏକ ସଭା କରି ଦୀର୍ଘ ବର୍ଷ ହେଲା ଗ୍ରାମର କିଛି ଉନ୍ନତି ହୋଇନି, ପାନୀୟ ଜଳ, ଭତ୍ତା, ରାଶନ କାର୍ଡ ରାସ୍ତା, ଅଙ୍ଗନୱାଡି କେନ୍ଦ୍ର, ଶିକ୍ଷା ଭଳି ମୌଳିକ ସମସ୍ୟା ମିଳୁ ନଥିବାରୁ ବିଜେଡି ଛାଡ଼ି ଭାଜପାରେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ଭାଜପା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ମନୋରଞ୍ଜନ ଦ୍ୟାନ ସାମନ୍ତରା, ଭାଜପାର ଗଞ୍ଜାମ ଜିଲା ଉପସଭାପତି ଓାଇ ମୋହନ ରାଓ, ସରପଞ୍ଚ ନମିତା ନାୟକ, କିଶୋରୀ ନାୟକ, ସନ୍ତୋଷ ପାତ୍ର, ଆପନା ପ୍ରଧାନ, ଲଳିତା ପ୍ରଧାନ, ଲକ୍ଷ୍ମୀକାନ୍ତ ବିଷୋଇଙ୍କ ସହ ବହୁ ଆଦିବାସୀ ସାମିଲ ହୋଇଥିଲେ।

## କାର୍ଯ୍ୟକ୍ଷମ ହେଲା ସୋଲାର ଜଳ ପ୍ରକଳ୍ପ

**ବୁଗୁଡ଼ା,୩।୭(ଡି.ଏନ.ଏ.)**

ଧରିତ୍ରୀରେ ଖବର ପ୍ରକାଶନ ପରେ ବୁଗୁଡ଼ା ବ୍ଲକ ଖୋଲଖାଲି ପଞ୍ଚାୟତ ଗ୍ରାମ ଅନ୍ତର୍ଗତ ଲକ୍ଷ୍ମୀପୁର ଗ୍ରାମରେ ଥିବା ସୋଲାର ପାନୀୟ ଜଳ ପ୍ରକଳ୍ପ କାର୍ଯ୍ୟକ୍ଷମ ହୋଇଛି। ଫଳରେ ଗ୍ରାମବାସୀଙ୍କ ମନରେ ଖୁସି ଦେଖାଦେଇଛି। ଲକ୍ଷ୍ମୀପୁର ଗ୍ରାମରେ ବର୍ଷେରୁ ଊର୍ଦ୍ଧ୍ୱ ସମୟ ଧରି ସୋଲାର ଜଳ ପ୍ରକଳ୍ପ ନିର୍ମାଣ ହୋଇଥିଲେ ମଧ୍ୟ ତାହା ଲୋକଙ୍କ କାମରେ ଆସୁନଥିଲା। ଫଳରେ ଉକ୍ତ ଗ୍ରାମର ୫୦ ପରିବାରର ପ୍ରାୟ ୩୦୦ ଗ୍ରାମବାସୀ ଜଳ ନ ପାଇ ଅସୁବିଧାର ସମ୍ମୁଖୀନ ହେଉଥିଲେ। ଏନେଇ ସେଠାକାର ଜନ ପ୍ରତିନିଧି ଏବଂ ବିଭାଗୀୟ ପ୍ରଶାସନକୁ ବାରମ୍ବାର ଅଭିଯୋଗ କଲେ ମଧ୍ୟ ଏହାର କୌଣସି ସୁଫଳ ମିଳୁ ନ ଥିଲା। ଶେଷରେ ଏନେଇ ଗ୍ରାମବାସୀଙ୍କ ଅଭିଯୋଗକ୍ରମେ ଜୁନ ୯ରେ ‘କାମରେ ଆସୁନି ସୋଲାର ପ୍ରକଳ୍ପ, ପାଣି ପାଇଁ ଲୋକେ ହଟହଟା’ ଶୀର୍ଷକ ଏକ ଖବର ଧରିତ୍ରୀରେ ପ୍ରକାଶିତ ହୋଇଥିଲା। ଖବର ପ୍ରକାଶିତ ହେବା ପରେ ବିଭାଗୀୟ ପ୍ରଶାସନ ତତ୍ପରତା ଦେଖାଇ ଏହାକୁ କାର୍ଯ୍ୟକ୍ଷମ କରାଇଥିଲେ। ଫଳରେ ଏହି ପ୍ରକଳ୍ପରୁ ଜଳ ଯୋଗାଣ ସ୍ୱାଭାବିକ ହୋଇଛି।



କାର୍ଯ୍ୟକ୍ଷମ ହୋଇଥିବା ସୋଲାର ପ୍ରକଳ୍ପ।

## ଅବସରପ୍ରାପ୍ତ ଶିକ୍ଷକଙ୍କ ଘରୁ ସୁନା ଚୋରି ଅଭିଯୋଗ

### ସାଇଣ୍ଟିଫିକ ଟିମର ତଦନ୍ତ ଜାରି

**ଦିଗପହଣ୍ଡି,୩।୭(ଡି.ଏନ.ଏ.)**

ଦିଗପହଣ୍ଡି ବ୍ଲକ କରପଡା ଗ୍ରାମଠାକୁରାଣୀ ସାହିରୁ ଜଣେ ଅବସରପ୍ରାପ୍ତ ଶିକ୍ଷକଙ୍କ ଘରୁ ଚୋରି ହୋଇଥିବା ବେଳେ ଦୁର୍ବୃତ୍ତମାନେ ନଗଦ ଲକ୍ଷାଧିକ ଟଙ୍କା ସମେତ ବହୁ ସୁନା, ରୁପା ଅଳଙ୍କାର ଚୋରି କରିଥିବା ଅଭିଯୋଗ ହୋଇଛି। ଅବସରପ୍ରାପ୍ତ କ୍ରୀଡା ଶିକ୍ଷକ ଯୋଗେନ୍ଦ୍ର ପ୍ରଧାନ କଟକରେ ରହୁଥିବା ଭଉଣୀଙ୍କ ଘର ପ୍ରତିଷ୍ଠା ଉତ୍ସବରେ ଯୋଗଦେବା ପାଇଁ ଶୁକ୍ରବାର ଘରେ ତାଲା ପକାଇ ସପରିବାର କଟକ ଯାଇଥିଲେ। ଏହାର ସୁଯୋଗ ନେଇ ଦୁର୍ବୃତ୍ତମାନେ କବାଟ ଭାଙ୍ଗି ଘର ଭିତରେ ପଶି ଆଲମାରି ତାଡି ସୁନାର ରାଣୀହାର, ୩ହାର, ୪ ହଳ ସୁନାଚୁଡ଼ି, କାନଫୁଲ ୬ଟି ପ୍ରାୟ ୧୬ ଭରି ଓଜନର ବିଭିନ୍ନ ସୁନା ଅଳଙ୍କାର ଏବଂ ୯ ଶହ ଗ୍ରାମ ଓଜନର ବିଭିନ୍ନ ରୁପା ଅଳଙ୍କାର ସମେତ ନଗଦ ୧ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ସମେତ ପାଟଲୁଗା ଆଦି ଚୋରି କରି ନେଇଥିବା ନେଇ ସେ ଶନିବାର କଟକରୁ ଫେରି ଥାନାରେ ଏତଲା ଦେଇଛନ୍ତି। ପୋଲିସ ନଂ.୨୩୩/୨୨ ଅନୁଯାୟୀ ମକଦ୍ଦମା ରୁଜୁ କରିଛି। ପୋଲିସ ଟିମ୍ ଗ୍ରାମରେ ପହଞ୍ଚି ତନାଘନା କରିବା ସହ ସାଇଣ୍ଟିଫିକ ଟିମ୍ ପହଞ୍ଚି ଅନୁସନ୍ଧାନୀ କୁକୁର ସହାୟତାରେ ଘଟଣାର ତଦନ୍ତ କରିଥିଲେ ମଧ୍ୟ କୌଣସି ସୁରାକ ମିଳିପାରିନାହିଁ।



ପ୍ରଭୁ ବଳଭଦ୍ରଙ୍କ କଚ୍ଛପ ବେଶ ଓ ଶ୍ରୀଜଗନ୍ନାଥଙ୍କ ମତ୍ସ୍ୟ ଅବତାର।

## ମତ୍ସ୍ୟ, କଚ୍ଛପ ଅବତାର ବେଶ ଦେଖିବାକୁ ଭିଡ଼

**ପାରଳାଖେମୁଣ୍ଡି,୩।୭(ଡି.ଏନ୍.ଏ.)**

ପାରଳାଖେମୁଣ୍ଡିରେ ପବିତ୍ର ରଥଯାତ୍ରାର ତୃତୀୟ ଦିନ ରବିବାର ଗୁଣ୍ଡିଚା ମନ୍ଦିରରେ ମହାପ୍ରଭୁଙ୍କ ମତ୍ସ୍ୟ ଓ କଚ୍ଛପ ଅବତାର ବେଶ ଦେଖିବାକୁ ଶ୍ରଦ୍ଧାଳୁମାନେ ଭିଡ଼ ଜମାଇଥିଲେ। ବଳଭଦ୍ରଙ୍କ କଚ୍ଛପ ଅବତାର ଓ ଶ୍ରୀ ଜଗନ୍ନାଥଙ୍କ ମତ୍ସ୍ୟ ଅବତାର ବେଶ ଶ୍ରଦ୍ଧାଳୁଙ୍କୁ ମନ୍ଦିରକୁ ଟାଣି ଆଣିଥିଲା। ସୁନ୍ଦର ଭାବେ ଏହି ଦୁଇ ଅବତାରକୁ ବିଭିନ୍ନ ମୂଲ୍ୟବାନ ଅଳଙ୍କାର ଓ ବସ୍ତ୍ର ପାଟ ଆଦିରେ ବିଭୂଷିତ କରାଯାଇ ସର୍ବ ସାଧାରଣଙ୍କ ଦର୍ଶନ ପାଇଁ ବ୍ୟବସ୍ଥା କରାଯାଇଛି । ପାଗ ଶୁଖିଲା ଥିବାରୁ ପାରଳାଖେମୁଣ୍ଡି ସହର ସମେତ ଆଖପାଖ ଗ୍ରାମରୁ ହଜାର ହଜାର ସଂଖ୍ୟାରେ ଭକ୍ତ ବେଶ ଦେଖିବାକୁ ଆସିଥିଲେ ।

## ୮୦ ୟୁନିଟ ରକ୍ତ ସଂଗୃହୀତ

**କବିସୂର୍ଯ୍ୟନଗର, ୩।୭ (ଡି.ଏନ.ଏ.)**

କବିସୂର୍ଯ୍ୟନଗର ବ୍ଲକ ବୁଢ଼ାମ୍ବ ଗ୍ରାମ ପଞ୍ଚାୟତର ପ୍ରାଥମିକ ବିଦ୍ୟାଳୟରେ ସ୍ୱର୍ଗତ ରାଧାଚରଣ ପଣ୍ଡାଙ୍କ ୧୩ ତମ ଶ୍ରଦ୍ଧା ବାର୍ଷିକ ସ୍ମୃତି ଉପଲକ୍ଷେ ମେଗା ରକ୍ତଦାନ ଶିବିର ଓ ଚକ୍ଷୁ ପରୀକ୍ଷା ଶିବିର କାର୍ଯ୍ୟକ୍ରମ ଅୟୋଜନ ହୋଇଥିଲା। ଶିବିରକୁ ଆସ୍କା ଏମ୍‌ପି ପ୍ରମିଳା ବିଷୋୟୀ ଉଦ୍‌ଘାଟନ କରିଥିଲେ। ମୁଖ୍ୟ ଅତିଥି ରୂପେ କବିସୂର୍ଯ୍ୟନଗର ବିଡ଼ିଓ ବାସୁଦେବ ନାୟକ, ଆଇଆଇସି ପ୍ରଭାତ କୁମାର ସାହୁ, ଜୀବନ ବିନ୍ଦୁ କୋ ଅଡିନେଟର ସୁବାସ ମହାରଣା, ବୁଢ଼ାମ୍ବ ସରପଞ୍ଚ , ଜିଲା ପରିଷଦ ସଭ୍ୟ ସନ୍ତୋଷ କୁମାର ପାଢ଼ୀ, ବଡ଼ମହୁରୀ ସରପଞ୍ଚ, ବଡମହୁରୀ ସମିତି ସଭ୍ୟ ଟି. ବଜେନ୍ଦ୍ର ରେଡ୍ଡି, ଖଜାପଲ୍ଲୀ ସରପଞ୍ଚ ପ୍ରତିନିଧି ହୃଦାନନ୍ଦ ପ୍ରଧାନ, ବୁଢ଼ାମ୍ବ ବଜାର ସଭାପତି ରବୀନ୍ଦ୍ର ପ୍ରଧାନ, ଗୌରହରି ଜେନା, ପର୍ଶୁରାମ ଜେନା, ନିରନନ୍ଦ ସାହୁ, ପିର ଖାଁ, ସତ୍ୟବାଦୀ ବେହେରା ପ୍ରମୁଖ ଯୋଗଦାନ ଦେଇଥିଲେ। ବୁଢ଼ାମ୍ବ ସରପଞ୍ଚ ପ୍ରତିନିଧି ଓ ଗ୍ରାମବାସୀ ଏହି ମେଗା ରକ୍ତଦାନ ଶିବିର ଆୟୋଜନ କରିଥିଲେ। ଏହି ଶିବିରରେ ମୋଟ ୮୦ ୟୁନିଟ ରକ୍ତ ସଂଗ୍ରହ ହେଇଥିଲା।

## ବରିଷ୍ଠ ନାଗରିକ ମଞ୍ଚର ବୈଠକ



ବୈଠକରେ ଉପସ୍ଥିତ କର୍ମକର୍ତ୍ତା।

**ଭଞ୍ଜନଗର,୩।୭(ଡି ଏନ ଏ)**

ଘୁମୁସର ବରିଷ୍ଠ ନାଗରିକ ମଞ୍ଚର ଜୁଲାଇ ମାସ ବୈଠକ ରବିବାର ସ୍ଥାନୀୟ ନାୟକ ଭବନଠାରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ସଭାପତି ସୋମନାଥ ନାୟକ ସଭାପତିତ୍ୱ କରିଥିଲେ। ସମ୍ପାଦକ ରବୀନ୍ଦ୍ର ନାଥ ଆଚାର୍ଯ୍ୟ ବିବରଣୀ ପଠନ କରିଥିଲେ। ମନ୍ତ୍ରୀ ଅଶୋକ କୁମାର ପଣ୍ଡା ଭୁବନେଶ୍ୱର କର୍ପୋରେଶନର ପ୍ରତ୍ୟେକ ୱାର୍ଡରେ ବରିଷ୍ଠ ନାଗରିକମାନଙ୍କ ପାଇଁ ଚିତ୍ତବିନୋଦନ କେନ୍ଦ୍ର ଖୋଲିବାକୁ ଘୋଷଣା କରଛନ୍ତି । ଉକ୍ତ ନିଷ୍ପତ୍ତିକୁ ବୈଠକରେ ସ୍ୱାଗତ କରାଯାଇଥିଲା। ଏଥିସହ ପ୍ରତ୍ୟେକ ପୌରାଞ୍ଚଳରେ ମଧ୍ୟ ଏହିଭଳି ଚିତ୍ତବିନୋଦନ କେନ୍ଦ୍ର ଖୋଲିବା ପାଇଁ ମନ୍ତ୍ରୀଙ୍କୁ ଅନୁରୋଧ କରିବାକୁ ବୈଠକରେ ପ୍ରସ୍ତାବ ଗ୍ରହଣ କରାଯାଇଥିଲା। ଡ. କମ୍ବୁପାଣି ସାମନ୍ତ, ପଣ୍ଡିତ ବିପ୍ରଚରଣ ସାହୁ, ବାଳକୃଷ୍ଣ ବେହେରା, ଅଭିମନ୍ୟୁ ଭୂୟାଁ, ବାଳକୃଷ୍ଣ ପାଢ଼ୀ, ସନ୍ତୋଷ କୁମାର ମିଶ୍ର, ରବିନାରାୟଣ ସାମନ୍ତ, ଗୋବିନ୍ଦ ଚନ୍ଦ୍ର ଲେଙ୍କା, ଲଡୁକିଶୋର ପ୍ରଧାନ, ବିପିନ କୁମାର ବେହେରା, ମାଗୁଣି ମିଶ୍ର, ଶିବ ପ୍ରସାଦ ସୁବୁଦ୍ଧି, ପ୍ରତାପ ଚନ୍ଦ୍ର ସାହୁ, ସୀମାଞ୍ଚଳ କର, ହୃଷୀକେଶ ଲେଙ୍କା ପ୍ରମୁଖ ଆଲୋଚନାରେ ଭାଗ ନେଇଥିଲେ। କୋଷାଧ୍ୟକ୍ଷ ବ୍ରଜ ଗୋପାଳ ମହାରଣା ଧନ୍ୟବାଦ ପ୍ରଦାନ କରିଥିଲେ ।

## ଗାଡ଼ି ଧକ୍କାରେ ଯୁବକ ମୃତ

**ଫୁଲନଖରା, ୩।୭(ଡି.ଏନ୍.ଏ.)**

ପାହାଳ ଥାନା ଅନ୍ତର୍ଗତ ପଞ୍ଚବଟୀ ବଜାରଠାରେ ଥିବା ପେଟ୍ରୋଲ ପମ୍ପ ନିକଟରେ ରବିବାର ଦୁର୍ଘଟଣାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ତାଙ୍କ ଘର ଗଞ୍ଜାମ ଜିଲା ଖଲ୍ଲିକୋଟ ଅଞ୍ଚଳରେ ହୋଇଥିବାବେଳେ ସେ ପଞ୍ଚବଟୀ ବଜାର ଅଞ୍ଚଳରେ ରହୁଥିଲେ। ସେ ଜଣେ ଜେସିବି ଚାଳକ। ରାତି ପ୍ରାୟ ୯ଟାରେ ସେ ପେଟ୍ରୋଲ ନେବା ପାଇଁ ଉକ୍ତ ପେଟ୍ରୋଲ ପମ୍ପକୁ ବାଇକ୍‌ରେ ଆସୁଥିବାବେଳେ ଏକ ଗାଡ଼ି ଧକ୍କା ଦେଇ ପଳାଇ ଯାଇଥିଲା। ଗୁରୁତର ଅବସ୍ଥାରେ ତାଙ୍କୁ ସ୍ଥାନୀୟ ମହୀଧରପଡା ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବରପାଇ ପୋଲିସ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି ମୃତଦେହ ଜବତ କରି ତଦନ୍ତ ଚଳାଇଛି।

## ମଡେଲ ବସ୍‌ଷ୍ଟାଣ୍ଡ ପରିସର ବୃଦ୍ଧି ପାଇଁ ଦାବି

**ଆର.ଉଦୟଗିରି,୩।୭(ଡି.ଏନ.ଏ.)**

ଆର.ଉଦୟଗିରି ମଡେଲ ବସ୍‌ଷ୍ଟାଣ୍ଡ ନିର୍ମାଣ ପାଇଁ ଏହି ସ୍ଥାନରେ ଥିବା ବର୍ତ୍ତମାନର ବସ୍‌ଷ୍ଟାଣ୍ଡକୁ ଭଙ୍ଗା ଯାଉଛି। କିଛିଦିନ ଧରି ଏହି କାର୍ଯ୍ୟ ଆରମ୍ଭ ହୋଇଛି। ୧୦ ବର୍ଷ ତଳେ ୫୦ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ବ୍ୟୟରେ ନିର୍ମିତ ବସ୍‌ଷ୍ଟାଣ୍ଡର ନୂତନ ଦୋକାନ ଗୃହ, ନୂତନ ଯାତ୍ରୀ ଅପେକ୍ଷା ଗୃହ ସବୁକିଛି ଭାଙ୍ଗି ଦିଆଯାଇଛି। ଓଏସ୍‌ଆରଟିସିକୁ ହସ୍ତାନ୍ତର ପରେ ଏବେ ୧ କୋଟି ୪୦ ଲକ୍ଷରୁ ଅଧିକ ଟଙ୍କା ବ୍ୟୟରେ ମଡେଲ ବସ୍‌ଷ୍ଟାଣ୍ଡ ନିର୍ମାଣ ହେବ। ତେବେ ପୂର୍ବରୁ ଯେତିକି ପରିସର ମଧ୍ୟରେ ନୂତନ ବସ୍‌ଷ୍ଟାଣ୍ଡ ଠିଆ ହୋଇଥିଲା ସେତିକି ପରିସରରେ ହିଁ ମଡେଲ ବସ୍‌ଷ୍ଟାଣ୍ଡ ନିର୍ମାଣ ହେବା, କମ୍ ପରିସୀମାରେ ରହିଥିବା ବସ୍‌ଷ୍ଟାଣ୍ଡ ପରିସର ବୃଦ୍ଧି ନ କରିବାକୁ ନେଇ ଗ୍ରାମବାସୀଙ୍କ ମଧ୍ୟରେ ଏବେ ଅସନ୍ତୋଷ ପ୍ରକାଶ ପାଇଛି। ବସ୍‌ଷ୍ଟାଣ୍ଡ ପଛପଟେ ଥିବା ତହସିଲ କ୍ୱାର୍ଟରକୁ ଭାଙ୍ଗିବାକୁ ଲୋକେ ଦାବି କରିଛନ୍ତି। ତହସିଲ ଗୃହକୁ ଭଙ୍ଗାଗଲେ ଆଉ କିଛି ଜାଗା ମିଳିବା ସହ ବସ୍‌ଷ୍ଟାଣ୍ଡ ଆକୃତି ବଡ ହୋଇପାରନ୍ତା। ଏପଟେ ପୁରୁଣା କ୍ୟାମ୍ପସ୍ ଅଞ୍ଚଳ ମଧ୍ୟ ପରିତ୍ୟକ୍ତ ଭାବେ ପଡିରହିଛି। ତହସିଲର ୩ଟି ଘର ଭଙ୍ଗା ନ ଯିବା ପ୍ରତିବାଦରେ ଗ୍ରାମବାସୀ ଲିଖିତ ଏକ ଦାବିପତ୍ର ସ୍ଥାନୀୟ ତହସିଲଦାର, ବିଡିଓ ଓ ଜିଲାପାଳଙ୍କୁ ପ୍ରଦାନ କରିଛନ୍ତି। ତହସିଲ ଗୃହ ଭଙ୍ଗା ନ ଗଲେ ଏହାର ପ୍ରତିବାଦରେ ଆସନ୍ତା ୧୨ରେ ରାସ୍ତାରୋକୋ କରାଯିବ ବୋଲି ଚେତାବନୀ ଦିଆଯାଇଛି। ଏନେଇ ତହସିଲଦାର ନାରାୟଣ ବେହେରାଙ୍କୁ ଯୋଗାଯୋଗ କରିବାରୁ ରାଜସ୍ୱ ବିଭାଗ କର୍ମଚାରୀଙ୍କ ପାଇଁ କ୍ୱାର୍ଟର୍ସ ଅଭାବ ରହିଥିବାରୁ ଗୋଟିଏ ଗୋଟିଏ ରୁମ୍‌ରେ ୩ଜଣ ଲେଖାଏ ରହୁଛନ୍ତି। ଏମିତିରେ କ୍ୱାର୍ଟର୍ସ ଭାଙ୍ଗିବା ସମ୍ଭବ ନୁହେଁ ବୋଲି କହିଛନ୍ତି।



ବସ୍‌ଷ୍ଟାଣ୍ଡର ନୂତନ ଦୋକାନ ଗୃହ ଉଚ୍ଛେଦ କରାଯାଉଛି।

# ଖାଦ୍ୟ ସାରଣୀ ଅନୁସାରେ ଦିଆଯାଉନି ଖାଦ୍ୟ

**ରାୟଗଡ଼(ଗଜପତି),୩।୭(ଡି.ଏନ୍.ଏ.)**

‘ସଭିଏଁ ବଢ଼ନ୍ତୁ ସଭିଏଁ ପଢନ୍ତୁ’ ନୀତିରେ ସରକାର ବିଭିନ୍ନ ପଦକ୍ଷେପ ନେଇ ପିଲା କେମିତି ଭଲ ପାଠ ପଢିବେ ସେନେଇ ତୃଣମୂଳ ସ୍ତରରେ ଶିକ୍ଷା ବ୍ୟବସ୍ଥାକୁ ମଜଭୁତ କରିବା ପାଇଁ ୫-ଟିରେ ସମ୍ପୃକ୍ତ କରିଛନ୍ତି। ସରକାରୀ ସ୍କୁଲରେ ପିଲା କେମିତି ଭଲ ପଢ଼ିବେ, ଭଲ ଖାଇବେ ସେନେଇ ପିଲାଙ୍କ ପାଇଁ ସବୁବେଳେ ପ୍ରୟାସ କରୁଥିବା ବେଳେ ଏଠାରେ ପୂରା ଚିତ୍ର ଓଲଟା ଦେଖିବାକୁ ମିଳିଛି। ଏ ନେଇ ଜୁନ୍ ୨୮ ସମିତି ବୈଠକରେ ପ୍ରତିନିଧିମାନେ ଉଦ୍‌ବେଗ ପ୍ରକାଶ କରିଥିଲେ ମଧ୍ୟ ବିଭାଗୀୟ ଅଧିକାରୀ ଓ ଶିକ୍ଷକମାନେ ଖାତିର କରୁ ନ ଥିବା ସାଧାରଣରେ ଚର୍ଚ୍ଚାର ବିଷୟ ପାଲଟିଛି। ଏପରି ଘଟିଛି ଓଡିଶା- ଆନ୍ଧ୍ର ସୀମାନ୍ତ ଗଜପତି ଜିଲା ରାୟଗଡ଼ ବ୍ଲକ ଅଧୀନ ଗଙ୍ଗାବାଡ଼ ପଞ୍ଚାୟତର ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟଠାରେ। ଏହି ସ୍କୁଲ୍‌କୁ ଠିକ୍ ଭାବେ ଶିକ୍ଷକ ଆସୁ ନ ଥିବା ବେଳେ ଭଲ ପାଠ ପଢା ହେଉ ନ ଥିବା ଏବଂ ନିମ୍ନମାନର ଖାଦ୍ୟ ଦିଆଯିବା ସହ ଖାଦ୍ୟ ସାରଣୀ ଅନୁସାରେ ଖାଇବା ଦିଆଯାଉ ନଥିବା ସେଠାକାର ଛାତ୍ରୀଛାତ୍ରମାନେ ଅଭିଯୋଗ କରିଛନ୍ତି। ଏ ନେଇ ଏକ ଭିଡିଓ ସୋସିଆଲ ମିଡିଆରେ ଭାଇରାଲ୍ ହୋଇଛି। ଏହି ଖବର ଗତ ଗୁରୁବାର ଘଟିଥିବା ବେଳେ ଶିକ୍ଷା ବିଭାଗ ଘଟଣାକୁ ଘଷ୍ଟ ଘୋଡାଇ ସମ୍ପୃକ୍ତ ଶିକ୍ଷକ ଉପରେ ଏଯାଏ କୌଣସି ପଦକ୍ଷେପ ନ ନେଇ ନୀରବ ଥିବାରୁ ସାଧାରଣରେ ଅସନ୍ତୋଷ ଦେଖାଦେଇଛି। ଉକ୍ତ ଦିନ ବିଦ୍ୟାଳୟକୁ କୌଣସି ଶିକ୍ଷକ ଆସିନଥିବା ବେଳେ ସେଠାରେ ରହି ପାଠ ପଢୁଥିବା ୪୦ ଜଣ ଅନ୍ତେବାସୀଙ୍କ ସମେତ ୬୮ ଜଣ ଛାତ୍ରୀଛାତ୍ର ଅଧ୍ୟୟନ କରୁଥିବା ବେଳେ ତିନି ଜଣ ଶିକ୍ଷକ ଅଛନ୍ତି। ଗତ ବୁଧବାର ଓ ଗୁରୁବାର ଦୁଇ ଦିନ ବିଦ୍ୟାଳୟକୁ ପିଲା ଯାଇଥିବା ବେଳେ କୌଣସି ଶିକ୍ଷକ ଯାଇ ନ ଥିଲେ। ପିଲାମାନେ ବାହାରେ ଖେଳାଖେଳି, ବୁଲାବୁଲି କରୁଥିବା ବେଳେ ଗ୍ରାମର ଜଣେ ଯୁବକ ଭିଡିଓ କରିଛନ୍ତି। ମଧ୍ୟାହ୍ନଭୋଜନରେ ସାରଣୀରେ ଅଣ୍ଡା ଦେବା ପାଇଁ ଥିବା ବେଳେ ପିଲାଙ୍କୁ ଅଣ୍ଡା ଦିଆଯାଇନଥିଲା। ମଧ୍ୟାହ୍ନଭୋଜନରେ



ବିଦ୍ୟାଳୟରେ ଶିକ୍ଷକ ନ ଥିବା ବେଳେ ଛାତ୍ରୀଛାତ୍ର ବସି ରହିଛନ୍ତି।



ନିମ୍ନମାନର ମଧ୍ୟାହ୍ନ ଭୋଜନ।

## ଗଙ୍ଗାବାଡ଼ ପଞ୍ଚାୟତର ସରକାରୀ ଉଚ୍ଚ ବିଦ୍ୟାଳୟ

ମଧ୍ୟ ଅତି ନିମ୍ନମାନର ଖାଦ୍ୟ ଦିଆଯାଇଥିବା ସ୍ଥାନୀୟ ସରପଞ୍ଚ ହରିବନ୍ଧୁ କାର୍ଯୀ ଅଭିଯୋଗ କରିଛନ୍ତି। ଜଣେ ରୋଷେୟାଙ୍କ ଦାୟିତ୍ୱରେ ଛାଡ଼ିଦେଇ ଚାଲିଯାଇଥିବା ଦେଖିବାକୁ ମିଳିଥିଲା। ପଞ୍ଚାୟତ ପ୍ରତିନିଧିମାନେ ଏଭଳି ଅବ୍ୟବସ୍ଥାକୁ ଦେଖି ଏପ୍ରକାର ଦାୟିତ୍ୱହୀନ ଶିକ୍ଷକ ଓ ଦାୟିତ୍ୱରେ ଥିବା ସିଆରସିଙ୍କ ପ୍ରତି ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ଦାବି କରିଛନ୍ତି। ଉକ୍ତ ଅଭିଯୋଗକୁ ଖଣ୍ଡନ କରି ପ୍ରଧାନ ଶିକ୍ଷକ ହନୁମନ୍ତ ରାମରାଓ କହିଛନ୍ତି ଯେ, ଦୁଇଦିନ ନୁହେଁ ଗୋଟେ ଦିନ ଅନୁପସ୍ଥିତ ଥିବା ସ୍ୱୀକାର କରିଥିଲେ। ଏ ସମ୍ପର୍କରେ ଏବିଇଓ ଏସ୍ ପାପା ରାଓ ଘଟଣାକୁ ସ୍ୱୀକାର କରି ଏହାର ତଦନ୍ତ କରି ଡିଇଓଙ୍କୁ ଜଣାଇ ଦିଆଯିବ ବୋଲି କହିଛନ୍ତି।

## ଚାରା ବିତରଣ କେନ୍ଦ୍ର ଉଦ୍‌ଘାଟିତ

**ଫୁଲବାଣୀ ଅଫିସ, ୩।୭**

ଫୁଲବାଣୀ ରେଞ୍ଜ୍ ଅଫିସ ସମ୍ମୁଖରେ ଏକ ଚାରା ବିତରଣ କେନ୍ଦ୍ର ରବିବାର ଖୋଲାଯାଇଛି। ଏହାକୁ ବାଲିଗୁଡ଼ା ଡିଏଫ୍‌ଓ ବିଶ୍ୱରାଜ ପଣ୍ଡା ଉଦ୍‌ଘାଟନ କରିଛନ୍ତି। ଏହି ଚାରା ବିତରଣ କେନ୍ଦ୍ରରେ ୧ଟଙ୍କା ମୂଲ୍ୟରେ ଚାରା ଲୋକଙ୍କୁ ଦିଆଯାଉଛି। ଦେଢ ଲକ୍ଷରୁ ଊର୍ଦ୍ଧ୍ୱ ଚାରା ବିତରଣ କରାଯିବ ବୋଲି ବନ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି । ଏହି ଅବସରରେ ଫୁଲବାଣୀ ବ୍ଲକ ଡୁଡ଼ିପାଜୁ ପଞ୍ଚାୟତ ଗରଡ଼ପଡ଼ାଠାରେ ଚାରା ରୋପଣ କରାଯାଇଛି। ଡିଏଫ୍‌ଓ ପ୍ରଥମେ ଏକ ନିମ ଗଛ ଲଗାଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ୬୦ ହେକ୍ଟର ପରିମିତ ଜଙ୍ଗଲ ଜମିରେ ଚାରା ରୋପଣ କରାଯିବ କୁହାଯାଇଛି। ସଂରକ୍ଷିତ ଜଙ୍ଗଲରେ ବିଭିନ୍ନ ଔଷଧୀୟ ବୃକ୍ଷ, ମୂଲ୍ୟବାନ ବୃକ୍ଷ ଏବଂ ଜଙ୍ଗଲ ଜୀବଜନ୍ତୁଙ୍କ ପାଇଁ ଫଳମୂଳ ଚାରା ଆଦି ରୋପଣ କରାଯାଉଛି। ବିଶେଷକରି ଅଁଳା, କରଞ୍ଜ, ବାଲିସିସ୍, ପାହାଡିସିସି, ପଣସ, ଜାମୁ, ଶିରିଶ, କୁସୁମ ଆଦି ଗଛ ଲଗା ଯିବାକୁ ପ୍ରସ୍ତୁତ କରାଯାଉଛି।